# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୫/୨୦୨୩ (୨୦ ପୃଷ୍ଠା) | Bhubaneswar, Tuesday, December 5/2023 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 12 | ମୂଲ୍ୟ ₹୭/-





KP
GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP
GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
You Tube

ଧରିତ୍ରୀ
DHARITRI
ଧରିତ୍ରୀ DHARITRI 50 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୫/୨୦୨୩ | Bhubaneswar, Tuesday, December 5/2023 | ପୃଷ୍ଠା-୧

# ନାରୀ ନିର୍ଯାତନାରେ ଓଡ଼ିଶା ୪ର୍ଥ

ଭୁବନେଶ୍ୱର,୪।୧୨
(ସତ୍ୟଜିତ୍ ରାଉତ)

## ଏନ୍‌ସିଆର୍‌ବି ରିପୋର୍ଟ ୨୦୨୨

- ୧ମରେ ମହାରାଷ୍ଟ୍ର, ୨ୟରେ ଉତ୍ତରପ୍ରଦେଶ ଓ ୩ୟରେ ରାଜସ୍ଥାନ
- ଦେଶରେ ମହିଳା, ଶିଶୁ ବିରୋଧୀ ଅପରାଧ ବୃଦ୍ଧି
- ଶିଶୁ ବିରୋଧୀ ମାମଲାରେ ଓଡ଼ିଶା ଷଷ୍ଠ, ଅପହରଣରେ ସର୍ବାଧିକ

ଦେଶବ୍ୟାପୀ ମହିଳା ଓ ଶିଶୁ ବିରୋଧୀ ହିଂସା, ଅପରାଧ ବୃଦ୍ଧି ଚିନ୍ତାଜନକ ରହିଛି। ଅଧିକାଂଶ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି। ଦେଶରେ ମହିଳା ବିରୋଧୀ ଅପରାଧ ମାମଲା ୨୦୨୧ ତୁଳନାରେ ୨୦୨୨ରେ ୪% ବଢ଼ିଥିବାବେଳେ ଶିଶୁ ବିରୋଧୀ ଅପରାଧ ୮ % ବୃଦ୍ଧି ପାଇଛି। ତେବେ ଓଡ଼ିଶାରେ ମହିଳା ବିରୋଧୀ ଅପରାଧ ହ୍ରାସ ପାଇଥିଲେ ମଧ୍ୟ ଶିଶୁ ବିରୋଧୀ ଅପରାଧ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ନାରୀ ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଥିବା ସଦ୍ୟ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ସ୍ପଷ୍ଟ ହୋଇଛି। ୨୦୨୨ରେ ଓଡ଼ିଶାରେ ନାରୀ ନିର୍ଯାତନା ସମ୍ପର୍କିତ ମୋଟ ୭ ହଜାର ୩୨୭ ମାମଲା ରୁଜୁ ହୋଇଛି। ☞ପୃଷ୍ଠା-୨

## ଦେଶରେ ପ୍ରତି ଘଣ୍ଟାରେ ୫୧ ଏତଲା

**ନୂଆଦିଲ୍ଲୀ,୪।୧୨(ପି.ଟି.):** ସାରା ଭାରତରେ ଗତବର୍ଷ ମୋଟ ୪,୪୫,୨୫୬ ମହିଳା ବିରୋଧୀ ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ପ୍ରତି ଘଣ୍ଟାରେ ୫୧ ଏତଲା ଦାଏର ହେଉଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି। ୨୦୨୦ରେ ମହିଳା ବିରୋଧୀ ଅପରାଧ ସଂଖ୍ୟା ୩,୭୩,୫୦୩ ଥିବାବେଳେ ୨୦୨୧ରେ ୪,୨୮,୨୭୮ ରହିଥିଲା। ପ୍ରତି ଲକ୍ଷେ ଜନସଂଖ୍ୟାରେ ମହିଳା ବିରୋଧୀ ଅପରାଧ ହାର ୬୬.୪ ରହିଥିବାବେଳେ ଏଭଳି ମାମଲାରେ ଚାର୍ଜଶିଟ୍ ଦାଖଲ ହାର ୭୫.୮ ବୋଲି ଏନ୍‌ସିଆର୍‌ବି ☞ପୃଷ୍ଠା-୨

# ଜେଡ୍‌ପିଏମ୍‌କୁ ବହୁମତ

- ମିଜୋରାମରେ ଜୋରାମଥାଙ୍ଗା ଗାଦିଚ୍ୟୁତ
- ଏମ୍‌ଏନ୍‌ଏଫ୍ ୧୦ ଆସନରେ ସୀମିତ

ଆଇଜଲ,୪।୧୨




ମିଜୋରାମରେ ଶାସକ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)କୁ ଶକ୍ତ ଝଟ୍‌କା ଲାଗିଛି। ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗାଙ୍କ ନେତୃତ୍ୱାଧୀନ ଦଳ ୪୦ ଆସନରୁ ମାତ୍ର ୧୦ଟିରେ ସୀମିତ ହୋଇଯାଇଛି। ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ୨୭ ଆସନ ଦଖଲ କରି ସ୍ପଷ୍ଟ ବହୁମତ ଲାଭ କରିବା ସହ ତାଙ୍କ ହାତରୁ ଶାସନ କ୍ଷମତା ଛଡ଼ାଇନେଇଛି। ଫଳରେ ଜେଡ୍‌ପିଏମ୍‌ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଲାଲଦୁହୋମାଙ୍କ ପାଇଁ କ୍ଷମତା ଦଖଲ ପଥ ପରିଷ୍କାର ହୋଇଛି।

ନଭେମ୍ବର ୭ରେ ଅନୁଷ୍ଠିତ ମିଜୋରାମ ବିଧାନସଭା ନିର୍ବାଚନରେ ୧୮ ମହିଳାଙ୍କ ସମେତ ୧୭୪ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ୮୦%ରୁ ଊର୍ଦ୍ଧ୍ୱ ମତଦାନ ରାଜ୍ୟରେ କ୍ଷମତା ପରିବର୍ତ୍ତନର ସଙ୍କେତ ଦେଇଥିଲା। ଏକ୍‌ଜିଟ୍ ପୋଲ୍ ମଧ୍ୟ ଜେଡ୍‌ପିଏମ୍ ବିଜୟୀ ହେବା ନେଇ ଭବିଷ୍ୟବାଣୀ କରିଥିଲା। କିନ୍ତୁ ଏତେ ଆସନ ଦଖଲ କରିବ ବୋଲି କେହି କଳ୍ପନା କରି ନ ଥିଲେ। ସୋମବାର ସକାଳ ୮ଟାରେ ୧୩ଟି କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଗଣତି ଶେଷ ହେବା ପରେ ଚୂଡ଼ାନ୍ତ ଫଳ ଆସିଛି। ଜେଡ୍‌ପିଏମ୍ ୨୭, ଏମ୍‌ଏନ୍‌ଏଫ୍ ୧୦ ଆସନରେ ଜିତିଥିବାବେଳେ ଭାଜପା ୨ ଆସନରେ ବିଜୟୀ ହୋଇଛି। ଭାଜପା ହାତକୁ ଯାଇଥିବା ୨ ଆସନ ହେଲା ପଲକ ଓ ସାଇହା। ସେହିପରି ଲଙ୍ଗ୍‌ଟଲାଇ ୱେଷ୍ଟ ଆସନକୁ କଂଗ୍ରେସ ଦଖଲ କରିଛି। ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ଆଇଜଲ ଇଷ୍ଟ ୧ ଆସନରେ ଜେଡ୍‌ପିଏମ୍‌ର ଲାଲଥାଙ୍ଗସଙ୍ଗାଙ୍କଠାରୁ ୨,୧୦୧ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ତୱ୍‌ନଲୁଇଆ ତୁଇଚାଙ୍ଗ୍ ନିର୍ବାଚନମଣ୍ଡଳୀରେ ଜେପିଏମ୍ ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଛନ୍ତି। ଜୋରାମଥାଙ୍ଗା କ୍ୟାବିନେଟ୍‌ର ☞ପୃଷ୍ଠା-୨

## ଆଜି ଉପକୂଳରେ ମାଡ଼ିହେବ 'ମିଗ୍‌ଜୋମ୍'

### ଓଡ଼ିଶାର ୫ ଜିଲାରେ ପ୍ରବଳ ବର୍ଷା ହୋଇପାରେ

ଭୁବନେଶ୍ୱର, ୪।୧୨
(ଅନିଲଦାସ)

ପଶ୍ଚିମ କେନ୍ଦ୍ରୀୟ ଏବଂ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଦକ୍ଷିଣ ଆନ୍ଧ୍ର ଓ ତାମିଲନାଡୁ ଉପକୂଳରେ କେନ୍ଦ୍ରୀଭୂତ ହୋଇଥିବା ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ' ଭୟଙ୍କର ରୂପ ନେଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଘଣ୍ଟା ପ୍ରତି ୮କି.ମି. ବେଗରେ ଗତି କରୁଛି। ବାତ୍ୟା ପୂର୍ବ ଉତ୍ତର ପୂର୍ବ ଚେନ୍ନାଇଠାରୁ ୯୦ କି.ମି., ପୁଡୁଚେରୀଠାରୁ ୧୮୦ କି.ମି., ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

କଥା ବେଶି, କାମ କମ୍









## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠିକିଲା ନାରୀ,**
**ଘର କରି ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହ ଜଡ଼ିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ । ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ । ଯିଏ ନିଜ ଭୁଲ୍‌ରୁ ଶିକ୍ଷାଲାଭ କରେ ବା ନିଜ ଭୁଲ୍‌କୁ ସଂଶୋଧନ କରି ନିଜକୁ ସଜାଡ଼ିନିଏ ସିଏ ହିଁ ସବୁଥିରେ ସଫଳ ହୋଇଥାଏ । ବାସ୍ତବପକ୍ଷେ ଏପରି ନାରୀ ହିଁ ଘର ପରିବାର ଚଳେଇବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଠିଠେଇ ଘଇତା ଘନଶ୍ୟାମ**
**ପେଟ ପୂରିଲେ ରାମ ରାମ ।**

ପେଟୁଆ ବ୍ୟକ୍ତି ସାଧାରଣତଃ ଖାଦ୍ୟଲୋଭୀ ହୋଇଥାନ୍ତି । ଏପରି ସ୍ଥିତିରେ ସଦାସର୍ବଦା ନିଜର ପେଟ ଚିନ୍ତା କରୁଥିବା ସ୍ୱାର୍ଥପର ଗୃହସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପାରିବାରିକ କଳହ ପରେ ଘରେ ସ୍ୱାମୀଙ୍କ ମୃତଦେହ

## ଥାନାରେ ଅଭିଯୋଗ କଲେ ସ୍ତ୍ରୀ, ପୋଲିସର ପଚରାଉଚରା

**ଜଗନ୍ନାଥପ୍ରସାଦ,୪।୧୨(ବିଭୂପ୍ରସାଦ ପଟ୍ଟନାୟକ)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ତାଙ୍କ ଘରୁ ଜବତ କରାଯାଇଛି । ମୃତକ ହେଲେ କପିଳା ବେହେରା । ସ୍ୱାମୀ ମଦ ପିଇବାକୁ ଟଙ୍କା ମାଗିବାରୁ ତାଙ୍କ ସହ ଝଗଡ଼ା ହୋଇଥିଲା, କିଛି ସମୟ ପରେ ଘରେ ତାଙ୍କ ମୃତଦେହ ପଡ଼ିଥିବା ସ୍ତ୍ରୀ ଅହଲ୍ୟା ବେହେରା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତାଙ୍କୁ ତଦନ୍ତ ପରିସରକୁ ଆଣି ପଚରାଉଚରା କରିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

ସୂଚନା ଅନୁଯାୟୀ, ଛାମୁଣ୍ଡା ବାରିସାହି ବସ୍ତିର କପିଳା ଓ ତାଙ୍କ ସ୍ତ୍ରୀ ଅହଲ୍ୟା ବାହାର ରାଜ୍ୟରେ ରହି ଦାଦନ ଖଟୁଥିଲେ । ଗତ ଦୁଇଦିନ ହେଲା ସେମାନେ ଘରକୁ ଫେରିଥିଲେ । ଶୁକ୍ରବାର ସକାଳେ ସ୍ୱାମୀ ମଦ ପିଇବାକୁ ଟଙ୍କା ମାଗିବାରୁ ତାଙ୍କ ସହ ବଚସା ହୋଇଥିଲା । ପରେ ସେ 'ତତେ ମାରିବି ନଚେତ ମୁଁ ମରିବି' କହି ଘରେ ପଶି ଭିତରୁ କବାଟ ବନ୍ଦ କରିଦେବାରୁ ଅହଲ୍ୟା ବାହାରକୁ ପଳାଇଥିଲେ । କିଛି ସମୟ ପରେ ଘରକୁ ଆସିବାରେ ସ୍ୱାମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖିଥିଲେ ବୋଲି ଅହଲ୍ୟା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି । ଏ ନେଇ ନଂ. ୨୧/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

ପ୍ରଥମ ପୃଷ୍ଠାରୁ...

## ନାରୀ ନିର୍ଯାତନାରେ...

୧୧ହଜାର ୫୧୨ ମାମଲା ସହ ମହାରାଷ୍ଟ୍ର ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟରେ ଉତ୍ତରପ୍ରଦେଶ (୧୦,୫୪୮), ତୃତୀୟରେ ରାଜସ୍ଥାନ (୮,୫୦୮) ଓ ପଞ୍ଚମରେ କର୍ଣ୍ଣାଟକ (୬,୨୦୧) ରହିଛି । ମହିଳା ବିରୋଧୀ ଅପରାଧ ମାମଲାରେ ଓଡ଼ିଶା ସପ୍ତମ ସ୍ଥାନକୁ ଖସି ଆସିଥିବାବେଳେ ଶିଶୁ ବିରୋଧୀ ମାମଲାରେ ଦେଶରେ ଷଷ୍ଠ ସ୍ଥାନରେ ରହିଛି । ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ, ୨୦୨୧ରେ ଓଡ଼ିଶାରେ ମହିଳା ବିରୋଧୀ ଅପରାଧ ମାମଲା ୩୧ ହଜାର ୩୫୨ ଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୨୩ ହଜାର ୬୪୮କୁ ଖସିଆସିଛି । ହେଲେ ଶିଶୁ ବିରୋଧୀ ଅପରାଧ ବୃଦ୍ଧି ପାଇଥିବାରୁ ଏହା ବେଶ୍ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଛି । ୨୦୨୨ରେ ରାଜ୍ୟର ବିଭିନ୍ନ ଥାନାରେ ଶିଶୁ ବିରୋଧୀ ଅପରାଧ ମାମଲା ୮ ହଜାର ୨୪୦ ରହିଛି । ଏହି ସଂଖ୍ୟା ୨୦୨୧ରେ ୭ ହଜାର ୨୯୯ ଏବଂ ୨୦୨୦ରେ ୬ ହଜାର ୩୩୦ ସହ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଥିଲା । ଶିଶୁ ବିରୋଧୀ ଅପରାଧ ତାଲିକାରେ ୨୦୭୬୨ ମାମଲା ସହ ପ୍ରଥମେ ମହାରାଷ୍ଟ୍ର, ଦ୍ୱିତୀୟରେ ମଧ୍ୟପ୍ରଦେଶ (୨୦୪୧୫), ତୃତୀୟରେ ଉତ୍ତରପ୍ରଦେଶ (୧୮୬୮୨), ଚତୁର୍ଥରେ ରାଜସ୍ଥାନ (୯୩୭୦) ଏବଂ ପଞ୍ଚମରେ ପଶ୍ଚିମବଙ୍ଗ (୮୯୫୦) ରହିଛି । ତେବେ ଓଡ଼ିଶାରେ ଶିଶୁ ବିରୋଧୀ ଅପରାଧ ମାମଲା ମଧ୍ୟରୁ ସର୍ବାଧିକ ୫ ହଜାର ୬୦୬ ଅପହରଣ ମାମଲା ରହିଥିବା ଏନ୍‌ସିଆର୍‌ବି ରିପୋର୍ଟରେ ଉଲ୍ଲେଖ ରହିଛି ।

## ଦେଶରେ ପ୍ରତି...

ବାର୍ଷିକ ଅପରାଧ ରିପୋର୍ଟରୁ ଜଣାପଡ଼ିଛି । ମହିଳା ବିରୋଧୀ ଅପରାଧ ମଧ୍ୟରୁ ଅଧିକାଂଶ ସେମାନଙ୍କ ସ୍ୱାମୀ କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁରତା (୩୧.୪%) ହୋଇଥିବାବେଳେ ଏହା ପଛକୁ ରହିଛି ମହିଳା ଅପହରଣ (୧୯.୨%) । ସେହିପରି ଅଶ୍ଳୀଳ ଆଚରଣ ମାମଲା ସଂଖ୍ୟା ୧୮.୭ ପ୍ରତିଶତ ରହିଥିବାବେଳେ ବଳାତ୍କାର ମାମଲା ସଂଖ୍ୟା ୭.୧ ପ୍ରତିଶତ ରହିଥିବା ଏନ୍‌ସିଆର୍‌ବି କହିଛି । ୨୦୨୨ରେ ଦିଲ୍ଲୀରେ ମହିଳା ବିରୋଧୀ ଅପରାଧ ହାର ସର୍ବାଧିକ । ସେଠାରେ ୧୪,୨୪୭ ମାମଲା ପଞ୍ଜୀକୃତ ହୋଇଛି । ଦେଶରେ ମହିଳା ବିରୋଧୀ ଅପରାଧ ହାର ୬୬.୪ ଥିବାବେଳେ ଦିଲ୍ଲୀରେ ଏହି ହାର ୧୪୪.୪ ରହିଛି । ହରିୟାଣାରେ ଅପରାଧ ହାର ୧୧୮.୭% ଥିବାବେଳେ ତେଲଙ୍ଗାନାରେ ୧୧୭%, ରାଜସ୍ଥାନରେ ୧୧୫.୧% ଏବଂ ଓଡ଼ିଶାରେ ୧୦୩ % ରହିଛି । କିନ୍ତୁ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଉତ୍ତରପ୍ରଦେଶରେ ସର୍ବାଧିକ ୬୫,୭୪୩ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଥିବାବେଳେ ଏହା ପଛକୁ ମହାରାଷ୍ଟ୍ର (୪୫,୩୩୧), ରାଜସ୍ଥାନ (୪୫,୦୫୮), ପଶ୍ଚିମବଙ୍ଗ (୩୪,୭୩୮) ଏବଂ ମଧ୍ୟପ୍ରଦେଶ (୩୨,୭୬୫) ରହିଛି । ଏହି ୫ ରାଜ୍ୟର ଗତବର୍ଷ ମୋଟ ମହିଳା ବିରୋଧୀ ଅପରାଧ ସଂଖ୍ୟା ୨,୨୩,୬୩୫ (୫୦.୨ ପ୍ରତିଶତ) ଥିଲା । ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅପରାଧ ହାର ଜାତୀୟ ହାରଠାରୁ ଅଧିକ ରହିଛି ।

## ଜେଡ୍‌ପିଏମ୍‌କୁ ବହୁମତ...

୧୧ ମନ୍ତ୍ରୀଙ୍କ ମଧ୍ୟରୁ ୯ ଜଣ ଶୋଚନୀୟ ପରାଜୟ ବରଣ କରିଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ । ଜୋରାମଥାଙ୍ଗା ସନ୍ଧ୍ୟାରେ ରାଜଭବନରେ ରାଜ୍ୟପାଳ ହରି ବାବୁ କମ୍ଭାମ୍‌ପତିଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ଜେଡ୍‌ପିଏମ୍‌ର ନବନିର୍ବାଚିତ ବିଧାୟକ ଦଳ ଏବଂ ପାର୍ଟିର ନିଷ୍ପତ୍ତି ଗ୍ରହଣକାରୀ ଭାଲ୍ ଉପା କାଉନ୍‌ସିଲର ମିଳିତ ବୈଠକରେ ଜେଡ୍‌ପିଏମ୍ ମୁଖ୍ୟ ଲାଲ୍‌ଦୁହୋମାଙ୍କୁ ନେତା ଚୟନ କରାଯିବ । ସେ ମଙ୍ଗଳବାର ରାଜ୍ୟପାଳଙ୍କ ନିକଟରେ ସରକାର ଗଠନ ନିମନ୍ତେ ଦାବି ଜଣାଇବେ ବୋଲି ଜଣାପଡ଼ିଛି ।

## ଆଜି ଉପକୂଳରେ...

ନେଲୋରଠାରୁ ୫୦୦ କି.ମି. ଏବଂ ମଛଲିପଟନମ୍‌ଠାରୁ ୩୦୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି । ଏହା ଆହୁରି ବଳଗୋଟାଇ ମଙ୍ଗଳବାର ପୂର୍ବାହ୍ନରେ ଦକ୍ଷିଣ ଆନ୍ଧ୍ର ଉପକୂଳ ନେଲୋର ଏବଂ ମଛଲିପଟନମ୍ ଦେଇ ସ୍ଥଳଭାଗ ଅତିକ୍ରମ କରିବ । ସ୍ଥଳ ଭାଗ ଛୁଇଁବା ବେଳକୁ ବାତ୍ୟାର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କି.ମି. ଓ ବେଳେବେଳେ ୧୧୦ କି.ମି. ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ଆସନ୍ତା ୨ଦିନ ଦକ୍ଷିଣ, ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ । ଆସନ୍ତା ୫ ତାରିଖରେ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାରେ ପ୍ରବଳ (୭ରୁ ୨୦ ସି.ଏମ.) ବର୍ଷା ସମ୍ଭାବନା ରହିଛି । ଏହି ସବୁ ଜିଲାପାଇଁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହିତ ନବରଙ୍ଗପୁର, ନୟାଗଡ, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାରେ ମଧ୍ୟ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ ବୋଲି ଅନୁମାନ କରାଯାଇଛି । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୬ ତାରିଖରେ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାରେ ପ୍ରବଳ ବର୍ଷା ହେବ । ଏହି ସବୁ ଜିଲାପାଇଁ ଅରେଞ୍ଜୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହିତ ଗଞ୍ଜାମ, ଗଜପତି, ପୁରୀ, ନୟାଗଡ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି ଏବଂ ରାୟଗଡା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲାପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି ।

ବାତ୍ୟା ଯୋଗୁ ଓଡ଼ିଶା ଉପକୂଳରେ ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବନ୍ଦରରେ ୨ ନମ୍ବର ବିପଦସଙ୍କେତ ଦିଆଯାଇଛି । ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ବାତ୍ୟାଜନିତ ବର୍ଷା ଯୋଗୁ କେତେକ ସ୍ଥାନରେ କୃତ୍ରିମ ବନ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି । କଚାଘର ନଷ୍ଟ ହେବା ସହ ପନିପରିବା, ବିରି, ମୁଗ, ମାଣ୍ଡିଆ, ରାଶି, କପା ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର କୃଷି ଅଧିକାରୀମାନଙ୍କ ଛୁଟି ବାତିଲ କରାଯାଇଥିବା ବେଳେ ଜିଲାପାଳଙ୍କୁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି ।




# ରିପୋର୍ଟ ଦାଖଲ କଲେ ଆମିକସ୍ କ୍ୟୁରି

**କଟକ,୪।୧୨ (କାର୍ତ୍ତିକ ସାହୁ)**

### ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲା
## ୧୮ରେ ପରବର୍ତ୍ତୀ ଶୁଣାଣି

ପୁରୀ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାର୍ଯ୍ୟର ରିପୋର୍ଟ ଆମିକସ୍ କ୍ୟୁରି ସୋମବାର ହାଇକୋର୍ଟରେ ଦାଖଲ କରିଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗତ ନଭେମ୍ବର ୧୭ରୁ ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଆମିକସ୍ କ୍ୟୁରି ଉକ୍ତ ରିପୋର୍ଟରେ ଦର୍ଶାଇଛନ୍ତି । ତେବେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ(ଏଏସ୍‌ଆଇ), ଶ୍ରୀମନ୍ଦିର ପ୍ରଶାସନ ଏବଂ ଆମିକସ୍ କ୍ୟୁରି ନାଟମଣ୍ଡପ ମରାମତି କାର୍ଯ୍ୟର ରିପୋର୍ଟ ଦାଖଲ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପୂର୍ବ ଶୁଣାଣି ଅନୁଯାୟୀ ୧୨୦ ଦିନ ମଧ୍ୟରେ ନାଟମଣ୍ଡପ ମରାମତି ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ଡିସେମ୍ବର ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି ।

ସୂଚନା ଅନୁଯାୟୀ, ଏଏସ୍‌ଆଇ ପୁରୀ ସର୍କଲ୍‌ର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକ ହାଇକୋର୍ଟରେ ବିସ୍ତୃତ ସତ୍ୟପାଠ ଦାଖଲ କରି ଆଗାମୀ ଜାନୁୟାରୀ ୨୪ରୁ ନାଟମଣ୍ଡପ ମରାମତି କାର୍ଯ୍ୟ କରିବା ନିମନ୍ତେ ଅବଗତ କରିଥିଲେ । ପୁରୀରେ ହବିଷିଆଳିଙ୍କ ସମେତ ଭକ୍ତମାନେ ଦର୍ଶନ ପାଇଁ ଭିଡ଼ ଜମାଉଛନ୍ତି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ କେତେକ ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲୁରହିଛି । ସେଥିପାଇଁ ଏବେ ନାଟମଣ୍ଡପ ମରାମତି ସମ୍ଭବ ନୁହେଁ ବୋଲି ଏଏସ୍‌ଆଇ ସତ୍ୟପାଠରେ ଦର୍ଶାଇଥିଲେ । ଏହାକୁ ନେଇ ହାଇକୋର୍ଟ ଗତ ନଭେମ୍ବର ୧୫ ତାରିଖ ଶୁଣାଣିରେ ବିରକ୍ତ ପ୍ରକାଶ କରିଥିଲେ । ନାଟମଣ୍ଡପ ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ହାଇକୋର୍ଟ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମରାମତି କାର୍ଯ୍ୟ ଦିନକୁ ୬ ଘଣ୍ଟା ଲେଖାଏ କରି ୧୨୦ ଦିନରେ ଶେଷ କରିବାକୁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ । ଆମିକସ୍ କ୍ୟୁରି ଏହି କାମର ଅନୁଧ୍ୟାନ କରି ପ୍ରତି ୧୫ ଦିନରେ ହାଇକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିବେ । ଶ୍ରୀମନ୍ଦିର ପ୍ରଶାସନ ଏଏସ୍‌ଆଇକୁ ଏଥିପାଇଁ ସହଯୋଗ ଯୋଗାଇଦେବ । ଏଥିସହ ଶ୍ରଦ୍ଧାଳୁମାନେ ଯେପରି ଦିଅଁ ଦର୍ଶନ କରିବା ନେଇ ଅସୁବିଧାରେ ନ ପଡ଼ନ୍ତି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିବ । ନାଟମଣ୍ଡପ ମରାମତି ଓ ଶ୍ରଦ୍ଧାଳୁ ଦର୍ଶନ ଉଭୟ କାର୍ଯ୍ୟ ଠିକ ଭାବେ ହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଉଭୟ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ ।

ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲାରେ ଏଏସ୍‌ଆଇ ଗତ ୮ ତାରିଖରେ ଦାଖଲ କରିଥିବା ସତ୍ୟପାଠକୁ ଅସମ୍ପୂର୍ଣ୍ଣ କହି ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ । ୨୦୧୭ରୁ ଦୀର୍ଘ ୫ ବର୍ଷ ଧରି ନାଟମଣ୍ଡପ ଓ ଜଗମୋହନ ମରାମତି କାର୍ଯ୍ୟ ଏଏସ୍‌ଆଇ କରୁଥିଲେ ବି ତାହା ସରୁ ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ । ଫଳରେ ଏଏସ୍‌ଆଇ ଉକ୍ତ ସତ୍ୟପାଠକୁ ଫେରସ୍ତ ନେଇ ସାନି ବିସ୍ତୃତ ସତ୍ୟପାଠ ଗତ ନଭେମ୍ବର ୧୫ ତାରିଖରେ ଦାଖଲ କରିଥିଲେ । କଟକର ଅଭିଷେକ ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର ପରିଚାଳନା କରୁଛନ୍ତି ।

# ୨୧ ବର୍ଷ ପରେ ତତ୍କାଳୀନ ପୋଲିସ ଇନ୍ସପେକ୍ଟରଙ୍କୁ ଜେଲ

**ବ୍ରହ୍ମପୁର, ୪।୧୨ (ସୁବାସ ଚନ୍ଦ୍ର ପାଢ଼ୀ)**

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

୨୧ ବର୍ଷ ପରେ ଏକ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ସୋମବାର ଉକ୍ତ ମାମଲାର ଶୁଣାଣି କରି ତତ୍କାଳୀନ ପୋଲିସ ଇନ୍ସପେକ୍ଟର ତପନ କୁମାର ପାଢୀଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ଅଧିକ ୧ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ତପନ ୧୯୮୧ରେ ପୋଲିସ ସବ୍‌ଇନ୍ସପେକ୍ଟର ଭାବେ କାମ ଆରମ୍ଭ କରିଥିଲେ । ୨୦୦୨ ଏପ୍ରିଲ ୧୬ତାରିଖରେ ଗଞ୍ଜାମ ପୋଲିସ ଜିଲାର ଡିସିଆରବିରେ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ଟିମ ତାଙ୍କର ବ୍ରହ୍ମପୁର ବାସଭବନ ସମେତ ୩ଟି ସ୍ଥାନରେ ଚଢ଼ାଉ କରିଥିଲା । ସେହି ସମୟରେ ତପନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୭ ଲକ୍ଷ ୨୮ ହଜାର ୦୪୫ ଟଙ୍କା ଆକଳନ କରାଯାଇଥିଲା । ସେଥିମଧ୍ୟରୁ ୧୪ ଲକ୍ଷ ୭୮ହଜାର ୧୫୫ ଟଙ୍କା ତାଙ୍କର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା । ଯାହାର ହିସାବ ଭିଜିଲାନ୍ସ ନିକଟରେ ସେ ଦାଖଲ କରିପାରି ନ ଥିଲେ । ତାଙ୍କ ବିରୋଧରେ ୧୭/୦୨ରେ ଏକ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦ୍ୱିବେଦୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ । ମାମଲାର ବିଚାର ବେଳେ କୋର୍ଟରେ ୨୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଏହାକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମାମଲା ପରିଚାଳନା କରିଥିଲେ ।

# ଟ୍ରାକ୍ଟର ଓଲଟି ୨ ମୃତ

**ରେଙ୍ଗାଲି,୪।୧୨(ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ ସର୍ଗିପାଲିଠାରେ ରବିବାର ରାତିରେ ଏକ ଟ୍ରାକ୍ଟର ଓଲଟି ୨ ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ଅନ୍ୟ ୪ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ଦ୍ୱୟ ହେଲେ ସର୍ଗିପାଲିର ଅଜିତ କିଷାନ ଓ ରାମପ୍ରସାଦ ଭଇଁଷା । ଦୁର୍ଘଟଣାରେ ଆହତ ହୋଇଥିବା ସର୍ଗିପାଲିର ପ୍ରସାଦ ମିର୍ଦ୍ଧା, ସନୁ ମିର୍ଦ୍ଧା, ସୁଶାନ୍ତ ମିର୍ଦ୍ଧା ଓ ଭାସ୍କର ମିର୍ଦ୍ଧାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ରବିବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଧାନ ବୋଝେଇ କରି ଫେରୁଥିବାବେଳେ ବାଟରେ ଖରାପ ହୋଇଥିଲା । ପରେ ଓଡି୧୫ଜି-୭୦୬୧ନଂ. ବିଶିଷ୍ଟ ଅନ୍ୟ ଏକ ଟ୍ରାକ୍ଟର ଉକ୍ତ ଧାନ ବୋଝେଇ କରି ଫେରୁଥିବାବେଳେ ସର୍ଗିପାଲି ବୁଲାଣିରେ ଭାରସାମ୍ୟ ହରାଇ ଓଲଟିପଡିଥିଲା ।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ସମୟୋଚିତ ଦୃଢ଼ ପଦକ୍ଷେପ ନେଲେ କୃତକାର୍ଯ୍ୟ ହେବେ । ଅଫିସ୍ କାମରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ । ବହୁ ଆଲୋଚନା ଶେଷରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ । ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ।

**ବୃଷ** – ପାରିବାରିକ କ୍ଷେତ୍ରରେ ଭଉଣୀଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ଆଶ୍ୱସ୍ତି ଲାଭ କରିବେ । ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରନ୍ତି । ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ । ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ ।

**ମିଥୁନ** – ଜଣେ ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ । ବାଧବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି । ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ । ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେବା ଆଶଙ୍କାର ସୂଚନା ପାଇବେ ।

**କର୍କଟ** – ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠିତ ହେବ । ଭାବପ୍ରବଣବଶତଃ ବିରକ୍ତିକର କଥାବାର୍ତ୍ତାକରି ଅପଦସ୍ଥ ହୋଇପାରନ୍ତି । କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ୍ ମାର୍ଗର ଅନୁସରଣ କରିବେ । ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି ।

**ସିଂହ** – ମାନସିକ ଅବସାଦ ବଢ଼ିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ । କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ । ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ । ବ୍ୟବସାୟରେ ସନ୍ତୋଷଜନକ ଫଳ ପାଇପାରନ୍ତି ।

**କନ୍ୟା** – ହାତକୁ ନେଇଥିବା କାମଗୁଡ଼ିକ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ । ସରକାରୀ କାମରେ ହଠାତ୍ ବିଶ୍ୱସ୍ତ ସୂତ୍ରରୁ ଶୁଭ ଖବର ଶୁଣି ଖୁସି ହେବେ । ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଶତ୍ରୁତା ଅର୍ଜନ କରିବେ । ଉପରିସ୍ଥ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ ।

**ତୁଳା** – ପାରିବାରିକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟାକରିବେ । ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସବ୍ୟସନରେ ସମୟ ଅତିବାହିତ କରିପାରନ୍ତି । ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣକରି ସମସ୍ୟାକୁ ବଢ଼ାଇଦେଇପାରନ୍ତି । ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ।

**ବିଛା** – ବନ୍ଧୁଙ୍କ କାର୍ଯ୍ୟକଳାପରେ ଅତିଷ୍ଠହେବା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟିହେବ । ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ମନସ୍ତାପ ମଧ୍ୟ କରିବେ । ସାମାଜିକ ପ୍ରତିଷ୍ଠା ବଢ଼ିବା ସହ ଦୀର୍ଘଦିନରୁ ଚିନ୍ତାକରିଥିବା କାମଟି ହଠାତ୍ ହୋଇଯିବ । କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ ।

**ଧନୁ** – ହାତରୁ ଖର୍ଚ୍ଚକରି ବନ୍ଧୁଙ୍କୁ ସାହାଯ୍ୟ କରି ଆତ୍ମତୃପ୍ତି ଲାଭକରିବେ । ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ, ଫଳରେ ପ୍ରତାରିତ ହେବା ବହୁ ସମ୍ଭାବନା ରହିଛି । ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ । ଦୀର୍ଘଦିନରୁ ମଉଳିଯାଇଥିବା ଆଶା ପୁଣି କଅଁଳି ଉଠିବ ।

**ମକର** – ବିବାଦୀୟ ପରିସ୍ଥିତି ସୃଷ୍ଟିହେବାର ସୂଚନାକୁ ଅଣଦେଖା କରିବା ଠିକ୍ ହେବନାହିଁ । ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ । ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମକରି ମଧ୍ୟ ନିନ୍ଦା ଶୁଣିବେ । ପାରିବାରିକ ସମସ୍ୟା କେତେକାଂଶରେ ନିୟନ୍ତ୍ରିତ ରହିବ ।

**କୁମ୍ଭ** – ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ । ପରକଥାରେ ମୁଣ୍ଡ ପୂରାଇ ଭୁଲ୍‌ମାର୍ଗରେ ଗତିକରିପାରନ୍ତି । ଶିଳ୍ପ, ବାଣିଜ୍ୟ, ଶେୟାରବଜାରରେ କ୍ଷତି ଆଶଙ୍କା ରହିଛି , ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ । ଭ୍ରାତୃ ସମ୍ପର୍କରେ ଅବନତି ଘଟିବ, ପ୍ରିୟକଥା କହି ସମସ୍ୟା ସୁଧାରିନେବେ ।

**ମୀନ** – ଗତକାଲିର ଆଲୋଚନା ଅନୁଯାୟୀ ଆଜି କାମରେ ଲାଗି ପଡ଼ିବେ, ତଥାପି ଜଣେ ବ୍ୟକ୍ତି ହଠାତ୍ ଅସହଯୋଗ କରିପାରନ୍ତି । ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ । ମାଲିମକଦ୍ଦମାରୁ ଚିନ୍ତା ବଢ଼ିଯିବ, କିନ୍ତୁ ତୁଳନାତ୍ମକ ବିଚାରକରି କିଛିଟା ଆଶ୍ୱସ୍ତି ଲାଭକରିବେ । ଶିଳ୍ପ, ବାଣିଜ୍ୟ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ ।

ଆଜି ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ମଙ୍ଗଳବାର, ଡିସେମ୍ବର ୫ ତାରିଖ, ପୋଡୁଆଁ ଅଷ୍ଟମୀ, ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ଏବଂ ଲିଙ୍ଗରାଜ ମନ୍ଦିରରେ ଯାତ୍ରା, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ । ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ । ସକାଳ ଘ.୦୬।୧୦ ମି. ଗତେ, ଘ.୦୬।୫୪ ମଧ୍ୟେ, ଘ.୦୮।୫୩ ଗତେ, ଘ.୧୧।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୨।୨୦ ମି. ଗତେ, ଘ.୦୩।୪୧ ମି. ମଧ୍ୟେ ରାହୁକାଳ ।




# କୋଇଲା ଖଣି ପ୍ରଦୂଷଣକୁ ନେଇ ଉଦ୍‌ବେଗ

**ମାନସ ମଙ୍ଗରାଜଙ୍କ ପ୍ରଶ୍ନ**

**ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର**



■ **କେନ୍ଦ୍ର ମାର୍ଗଦର୍ଶନ ଅନୁପାଳନ ଯାଞ୍ଚ କରୁଛନ୍ତି କୋଇଲା ପିଏସ୍‌ୟୁ : କେନ୍ଦ୍ରମନ୍ତ୍ରୀ**

ଭୁବନେଶ୍ୱର,୪।୧୨ (ଅନିଲଦାସ)

କୋଇଲା ଖଣି ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣକୁ ନେଇ ବିଜେଡି ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋଇଲା ଖଣି ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣକୁ ରୋକିବାକୁ କେନ୍ଦ୍ର ସରକାର କି ପଦକ୍ଷେପ ନେଇଛନ୍ତି। ଯଦି ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ଉଲ୍ଲେଖ କରିବେ କି। ଯଦି ନେଇ ନାହାନ୍ତି ତେବେ ଏହାର କାରଣ କ'ଣ। କେନ୍ଦ୍ର ସରକାର କୋଇଲା ଖଣିଗୁଡ଼ିକ ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସହିତ ମିଳିତ ଭାବେ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ କରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଉତ୍ତରରେ କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, କେନ୍ଦ୍ର ସରକାର ସାରା ଦେଶର କୋଇଲା ଖଣିରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ୩ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ୨୦୦୬ ବିଜ୍ଞପ୍ତି ଅନୁଯାୟୀ ପ୍ରକଳ୍ପ ପ୍ରସ୍ତାବକଙ୍କୁ ପରିବେଶର ପ୍ରଭାବ ଅଧ୍ୟୟନ କରି ସୁରକ୍ଷା ପାଇଁ ଦୀର୍ଘକାଳୀନ ପରିବେଶ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବାକୁ ହେବ। ସେହିପରି ୨୦୦୦ ସେପ୍ଟେମ୍ବର ୨୫ ତାରିଖରେ ପ୍ରକାଶିତ କୋଇଲା ଖଣି ମାନକ ବିଜ୍ଞପ୍ତି ଅନୁଯାୟୀ ପୁରୁଣା ଓ ନୂଆ ଖଣିଗୁଡ଼ିକ କୋର୍ ଏରିଆରେ ପ୍ରଦୂଷଣ ରୋକିବା ପାଇଁ କି ପଦକ୍ଷେପ ଗ୍ରହଣ କରିବା ଉଚିତ ସେ ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ନ୍ୟାଶନାଲ୍ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡସ-୨୦୦୯ ବିଜ୍ଞପ୍ତି ଅନୁଯାୟୀ ଖଣିଗୁଡ଼ିକ ଚାରିପାଖରେ ଥିବା ବଫର୍ ଜୋନ୍‌ରେ ରକ୍ଷଣାବେକ୍ଷଣ ପାଇଁ ପରାମର୍ଶ ଦିଆଯାଇଛି। ଖଣି ଖନନ ଓ ବିକାଶ ସମୟରେ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାର ଅନୁପାଳନ କରାଯାଉଛି କି ନାହିଁ ତାହା କେନ୍ଦ୍ରୀୟ କୋଇଲା ପିଏସ୍‌ୟୁଗୁଡ଼ିକ ଯାଞ୍ଚ କରିଥାନ୍ତି। ଖଣି ଲିଜ୍‌ଧାରୀମାନେ ମଧ ପ୍ରତି ୬ ମାସରେ କେନ୍ଦ୍ର ସରକାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ରିପୋର୍ଟ ଦେଇଥାନ୍ତି। ଖଣି ଅଞ୍ଚଳରେ ଶିଳ୍ପାୟନ ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ମଧ କ୍ଷମତା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

**୩ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ**


ନବୀନ ପଟ୍ଟନାୟକ

ଭୁବନେଶ୍ୱର,୪।୧୨ (ଅନିଲଦାସ)

ମଧ୍ୟପ୍ରଦେଶ, ଛତିଶଗଡ ଓ ରାଜସ୍ଥାନ ପାଇଁ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ହୋଇଛି। ଏହି ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସକାଳେ ଟେଲିଫୋନ ଯୋଗେ କଥା ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ତାଳଚେରରେ ହେବ ମେଡିକାଲ କଲେଜ

ଭୁବନେଶ୍ୱର, ୪।୧୨ (ଅସମାପିକା ସାହୁ)

ତାଳଚେରରେ ନୂଆ ମେଡିକାଲ କଲେଜ ହେବ। ଏହାର ନାମ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ରହିବ। ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଳଚେରରେ ବର୍ତ୍ତମାନ ମେଡିକାଲ କଲେଜ କରିବା ପାଇଁ ଏମ୍‌ସିଏଲ୍‌ର ନେହେରୁ ଶତାବ୍ଦୀ ହସ୍ପିଟାଲକୁ ରାଜ୍ୟ ସରକାର ନିଜ ଅଧୀନକୁ ନେଇଯାଇଛନ୍ତି। ଏଥିସହ ଏହି ହସ୍ପିଟାଲର ନାମ ପବିତ୍ର ମୋହନ ସରକାରୀ ହସ୍ପିଟାଲ ଭାବେ ନାମକରଣ କରିଛନ୍ତି। ଏହି ହସ୍ପିଟାଲ ଆଗକୁ ଟିଚିଂ ହସ୍ପିଟାଲ ଭାବେ କାର୍ଯ୍ୟ କରିବ। ତେଣୁ ଏହାର ନାମ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଆଉ ଗୋଟିଏ ଦିନ ବଢ଼ିଲା କଟକ ବାଲିଯାତ୍ରା

ଭୁବନେଶ୍ୱର,୪।୧୨(ଅନିଲଦାସ)

କଟକର ଐତିହାସିକ ବାଲିଯାତ୍ରାକୁ ଆଉ ଗୋଟିଏ ଦିନ ବଢ଼ାଯାଇଛି। ଜନସାଧାରଣଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ଦିନ ପାଇଁ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ତ୍ତିକ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ବାଲିଯାତ୍ରା ସୋମବାର ଶେଷ ହୋଇଥାନ୍ତା। ହେଲେ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବାଲିଯାତ୍ରାର ଅବଧି ଆଉ ଦିନେ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବାଲିଯାତ୍ରା ଲୋକଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇଛି। ପ୍ରତ୍ୟେକ ଦିନ ଏଥିରେ ବିପୁଳ ଜନ ସମାଗମ ହେଉଛି। ଉପର ଏବଂ ତଳ ବାଲିଯାତ୍ରା ପଡ଼ିଆରେ ଲୋକଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଘରକରଣା ସାମଗ୍ରୀ ସହ ବିଭିନ୍ନ କିସମର ଜିନିଷ କିଣିବାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକ ଭିଡ଼ ଜମାଉଛନ୍ତି।







# ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**

ବଲାଙ୍ଗୀର, ୪।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ଶେଷବର୍ଷ ଡାକ୍ତରୀ ଛାତ୍ର ଶ୍ରୀକାନ୍ତ ମହାନନ୍ଦିଆ(୨୪)ଙ୍କ ସୋମବାର ମୃତ୍ୟୁ ଘଟିଛି। ସେ କଲେଜ ହଷ୍ଟେଲରେ ରହୁଥିଲେ। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ମୃତ ଛାତ୍ର ଜଣକ ଅନୁଗୋଳ ଜିଲା ମାଧପୁରର ବୋଲି ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ ରବିବାର ରାତିରେ ମେଡିକାଲ କଲେଜ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୋଜିର ବ୍ୟବସ୍ଥା ହୋଇଥିଲା। ସେଠାରେ ଖାଇସାରିବା ପରେ ଶ୍ରୀକାନ୍ତ ନିଜ ରୁମ୍‌କୁ ଫେରିଥିଲେ। ତେବେ ରାତିରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ବାନ୍ତି କରିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତେବେ ଡାକ୍ତର ଚିକିତ୍ସା ଆରମ୍ଭ କରିଥିଲେ ମଧ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଯାଇଥିବା କୁହାଯାଇଛି। ପରିବାର ଲୋକେ ସୋମବାର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆସିଥିଲେ ମଧ ଶ୍ରୀକାନ୍ତଙ୍କ ମୃତ୍ୟୁକୁ ନେଇ ମୁହଁ ଖୋଲିନାହାନ୍ତି। ଏଭଳିକି ଶ୍ରୀକାନ୍ତଙ୍କ ସହପାଠୀ ଛାତ୍ରମାନେ ମଧ କିଛି କହିନାହାନ୍ତି। ଏ ନେଇ ବଲାଙ୍ଗୀର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(୧୪୦/୨୩) ରୁଜୁ ହୋଇଛି। ଅପରାହ୍ନରେ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।



ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# କଥା ବେଶି, କାମ କମ୍

ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ଦୁବାଇରେ ୩୦ ନଭେମ୍ବରରୁ ଜାତିସଂଘ ଜଳବାୟୁ ସମ୍ମିଳନୀ କପ୍ ୨୮ ଆରମ୍ଭ ହୋଇଛି। ଏଥିରେ ସଦସ୍ୟ ଦେଶର ନେତା, ଜଳବାୟୁ କର୍ମକର୍ତ୍ତା ଓ ବିଭିନ୍ନ ସଂଗଠନ ଯୋଗଦେଇଛନ୍ତି। ଚଳିତ ବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀରେ ଅକ୍ଷୟ ଶକ୍ତି ଉତ୍ପାଦନ ବଢ଼ାଇବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିବାବେଳେ ଏବେ କପ୍୨୮ରେ ଏହାର ବ୍ୟତିକ୍ରମ ଦେଖାଇଛି। ୨୦୩୦ ସୁଦ୍ଧା ଅକ୍ଷୟଶକ୍ତି ୩ ଗୁଣ ବୃଦ୍ଧି ଲକ୍ଷ୍ୟରେ କୋଇଲା ବ୍ୟବହାର ପର୍ଯ୍ୟାୟକ୍ରମେ ହ୍ରାସ କରିବା ଲାଗି କପ୍୨୮ରେ ଅଣାଯାଇଥିବା ସଙ୍କଳ୍ପପତ୍ରରେ ଭାରତ ସ୍ୱାକ୍ଷର କରିବାରୁ ଦୂରେଇ ଯାଇଛି। ଚାଇନା ମଧ୍ୟ ସମାନ ପ୍ରକାର ପଦକ୍ଷେପ ନେଇଛି। ଏଠାରେ ସୂଚିତ କରାଯାଇପାରେ ଯେ, ବିଶ୍ୱ ଅଙ୍ଗାରକ ନିର୍ଗମନ ହାରରେ ଆମେରିକା ଓ ଚାଇନା ପଛକୁ ଭାରତ ଅଛି। ଏହି ତିନି ଦେଶ ସହ ରୁଷିଆ, ଜାପାନ ଓ ଜର୍ମାନୀ ବିଶ୍ୱରେ ୬୦ ପ୍ରତିଶତରୁ ଅଧିକ ଅଙ୍ଗାରକ ନିର୍ଗମନ କରୁଛନ୍ତି। ଅନ୍ୟପକ୍ଷରେ ୟୁରୋପୀୟ ସଂଘ, ଆମେରିକା ଓ ୟୁଏଇ ସମେତ ୧୧୭ ଦେଶ ପର୍ଯ୍ୟାୟ କ୍ରମେ କୋଇଲା ବ୍ୟବହାର ହ୍ରାସ ଲାଗି ବୁଝାମଣା କରୁଛନ୍ତି। ଏହିସବୁ ପ୍ରତିଶ୍ରୁତି କେତେ ଫଳପ୍ରଦ ହେବ ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପୂର୍ବରୁ ଅନୁଷ୍ଠିତ ୨୭ଟି ଜଳବାୟୁ ସମ୍ପର୍କିତ ସମ୍ମିଳନୀରୁ କେତେ ଲାଭ ମିଳିଛି ତାହା ବିଶ୍ୱ ନେତୃବର୍ଗ ଭଲ ଭାବେ ଅବଗତ।

ସମସ୍ତେ ଜାଣନ୍ତି, ଚାଇନା ସର୍ବାଧିକ କୋଇଲାଭିତ୍ତିକ ଶକ୍ତି ଉତ୍ପାଦନକାରୀ ରାଷ୍ଟ୍ର। ବିଶ୍ୱରେ ବ୍ୟବହୃତ କୋଇଲା ମଧ୍ୟରୁ ଚାଇନା ୫୦.୫ ପ୍ରତିଶତ ବ୍ୟବହାର କରୁଥିବା ବେଳେ ଭାରତର ଭାଗ ରହିଛି ୧୧.୩ ପ୍ରତିଶତ। ସେହିପରି ଆମେରିକା ୮.୫ ପ୍ରତିଶତ ଏବଂ ଜର୍ମାନୀ ୩ ପ୍ରତିଶତ କୋଇଲା ବ୍ୟବହାର କରୁଛନ୍ତି। ଭାରତ ପରିପ୍ରେକ୍ଷୀରେ ଦେଖିଲେ ତା' ଚାହିଦାର ୭୩ ଭାଗ ଶକ୍ତି କୋଇଲାରୁ ପାଉଛି। ତେଣୁ କପ୍୨୮ରେ କୋଇଲାକୁ ପର୍ଯ୍ୟାୟ କ୍ରମେ ହ୍ରାସ କରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯେଉଁ ଡାକରା ଦିଆଯାଇଛି, ସେଥିରେ ଭାରତ ସହମତ ହୋଇପାରି ନାହିଁ। ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା ପର୍ଯ୍ୟାୟକ୍ରମେ କୋଇଲା ଉପଯୋଗକୁ ହ୍ରାସ କରିବା ଦୂରର କଥା, ଭାରତ ୬୫.୩ ଗିଗାୱାଟ କୋଇଲାଭିତ୍ତିକ ଶକ୍ତି ଉତ୍ପାଦନ ଲାଗି ଆଗକୁ ଯୋଜନା ରଖିଛି। ଯେପର୍ଯ୍ୟନ୍ତ ଉନ୍ନତ ଟେକ୍ନୋଲୋଜି ବ୍ୟବହାର କରି ଭାରତ ପାରମ୍ପରିକ ଉତ୍ସରୁ ଅଧିକ ସବୁଜ ଶକ୍ତି ଉତ୍ପାଦନ ନ କରିଛି, ସେଯାଏ କୋଇଲା ଭିତରେ ଘାଣ୍ଟି ହେଉଥିବ। କୋଇଲା କେଡ଼େ ମାରାତ୍ମକ ତାହା ଉତ୍ପାଦନ ହେଉଥିବା ଅଞ୍ଚଳର ବାସିନ୍ଦା ଅଙ୍ଗେ ନିଭାଉଛନ୍ତି। ଓଡ଼ିଶା ସମେତ ଦେଶରେ କୋଇଲାଭିତ୍ତିକ ପ୍ରଦୂଷଣ ଓ ନିର୍ଗମନର କୁପ୍ରଭାବ ଜନସାଧାରଣ ବିଶେଷକରି ଏହା ସ୍ଥାନୀୟ ଲୋକଙ୍କୁ ଅତିଷ୍ଠ କରୁଛି। କୋଇଲାରୁ ସର୍ବାଧିକ ଅଙ୍ଗାରକ ନିର୍ଗମନ ହେଉଛି। ଏଥିସହିତ କୋଇଲାଭିତ୍ତିକ କଳକାରଖାନାରୁ ଉତ୍ପନ୍ନ ଫ୍ଲାଏ ଆଶ୍ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣକୁ ବଢ଼ାଇ ଦେଉଛି। ଏଭଳି ସ୍ଥଳେ ଯେଉଁ ଘରୋଇ ସଂସ୍ଥାଗୁଡ଼ିକ କୋଇଲା ବ୍ୟବହାର ଉପରେ ଅଧିକ ନିର୍ଭରଶୀଳ ରହୁଛନ୍ତି, ସେଗୁଡ଼ିକ ବିକଳ୍ପ ସବୁଜ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ଦେବା କଥା। ଏଥିସହିତ ସରକାର ମଧ୍ୟ ସେହି ବଡ଼ କମ୍ପାନୀଗୁଡ଼ିକ ଉପରେ ଏହି ଦିଗରେ କାର୍ଯ୍ୟ କରିବାକୁ ଚାପ ପକାଇବା ଦରକାର। କୌତୂହଳର ବିଷୟ ହେଲା, କପ୍ ୨୬ରେ ଭାରତ କହିଥିଲା ଯେ ୨୦୭୦ ସୁଦ୍ଧା ଦେଶକୁ ଶୂନ୍ୟ ନିର୍ଗମନ ସ୍ତରରେ ନେଇ ପହଞ୍ଚାଇବ। ହେଲେ କପ୍୨୮ ସଙ୍କଳ୍ପପତ୍ରରେ ଉଲ୍ଲିଖିତ ପର୍ଯ୍ୟାୟକ୍ରମେ କୋଇଲା ବ୍ୟବହାର ହ୍ରାସ ଦିଗରେ ଏବେ ଭାରତ ଅମଙ୍ଗ ହେବା ଉପରଲିଖିତ ଲକ୍ଷ୍ୟରୁ ବିଚ୍ୟୁତ ହୋଇଛି ବୋଲି କୁହାଯାଇପାରେ। ଯଦିଓ ଚାଇନା ଏହି ଚୁକ୍ତିରେ ସ୍ୱାକ୍ଷର କରିନାହିଁ, ତଥାପି ଏହା ସବୁଜ ଶକ୍ତି ଉତ୍ସ ଉପରେ ଗବେଷଣା କରି ନୂତନ ପଦକ୍ଷେପ ନେବାରେ ଲାଗିଲାଣି। ଭାରତ କେବଳ କଥାରେ କହିଲେ ହେବ ନାହିଁ। ଏବେଠାରୁ ବିଧିବଦ୍ଧ ଭାବେ ନୂଆ ଜ୍ଞାନକୌଶଳ ବ୍ୟବହାର କରି ଭାରତ ବିଶ୍ୱତାପନକୁ ଅଧିକ ଇନ୍ଧନ ନ ଯୋଗାଇବା ଲାଗି ଚେଷ୍ଟା କରିବା ଦରକାର। ଏଥିସହିତ ସବୁଜ ଶକ୍ତି ଉତ୍ସ ଉପରେ ପର୍ଯ୍ୟାପ୍ତ ପାଣ୍ଠି ସୃଷ୍ଟି କରି ସାଧାରଣରେ ତାହା ପ୍ରକାଶ କରିବା ଆବଶ୍ୟକ।

ବିଶ୍ୱତାପନ ସମ୍ପର୍କରେ ସବୁଠୁ ଉଦ୍‌ବେଗଜନକ ରିପୋର୍ଟ ପ୍ରକାଶ କରିଛି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି। ଏହା ସ୍ପଷ୍ଟ କରିଛି ଯେ, ଜୀବାଶ୍ମ ଇନ୍ଧନ ଯଥା କୋଇଲା, ତୈଳ ଏବଂ ଗ୍ୟାସର ଅତ୍ୟଧିକ ବ୍ୟବହାର ଯୋଗୁ ଚଳିତ ଶତାବ୍ଦୀ ଶେଷସୁଦ୍ଧା ବିଶ୍ୱତାପନ ୧.୫ ଡିଗ୍ରୀ ସେଲସିୟସକୁ ଟପିଯିବ। ଏହାର ପରିଣାମ ସ୍ୱରୂପ, ବିଶ୍ୱ ଜନସଂଖ୍ୟାର ଏକ ତୃତୀୟାଂଶ ଜଳ ପାଇପାରିବେ ନାହିଁ, ଖାଦ୍ୟ ଶୃଙ୍ଖଳ ବିଗିଡ଼ି ଯିବ, କେତେକ ଭୂଭାଗ ଜଳପ୍ଲାବିତ ହୋଇଯିବ ଓ ଅଧିକ ଲୋକ ବିସ୍ଥାପିତ ହେବେ। ତେଣୁ ଜଳବାୟୁ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଧନୀ ଏବଂ ଉଚ୍ଚ ବିକାଶଶୀଳ ଦେଶର ଅବହେଳାକୁ ଏଥିପାଇଁ ଦାୟୀ କରାଯାଇପାରେ। ଉଦାହରଣ ସ୍ୱରୂପ, କପ୍୧୫ରେ ଚୁକ୍ତି ମୁତାବକ ଧନୀ ଦେଶଗୁଡ଼ିକ ୨୦୨୦ ସୁଦ୍ଧା ପ୍ରତିବର୍ଷ ୧୦୦ ବିଲିୟନ ଆମେରିକୀୟ ଡଲାର ନିମ୍ନ ଆୟବର୍ଗ ଓ ବିକାଶଶୀଳ ଦେଶଗୁଡ଼ିକୁ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେମାନେ ଏହାକୁ ଏଯାବତ ପାଳନ କରିପାରିନାହାନ୍ତି। ସେମାନଙ୍କ ଅପାରଗତାକୁ ଲକ୍ଷ୍ୟ କରି ଆଫ୍ରିକୀୟ ଦେଶଗୁଡ଼ିକ ପ୍ରତିବର୍ଷ ଆଫ୍ରିକା ଜଳବାୟୁ ସପ୍ତାହ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏଥିରେ ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ର, ନାଗରିକ ସମାଜ ଓ ଅନ୍ତଃରାଷ୍ଟ୍ରୀୟ ସଂଗଠନଗୁଡ଼ିକ ଯୋଗ ଦେଉଛନ୍ତି। ବିଶେଷକରି ଚଳିତ ବର୍ଷ ସେପ୍ଟେମ୍ବରରେ କେନିଆରେ ଆୟୋଜିତ ଆଫ୍ରିକା ଜଳବାୟୁ ସମ୍ମିଳନୀ ଗୁରୁତ୍ୱବହନ କରିଛି। ଏହାବ୍ୟତୀତ ବ୍ରାଜିଲ ସ୍ୱତନ୍ତ୍ର ଭାବେ ଜଳବାୟୁ ସମ୍ମିଳନୀ ଆୟୋଜନ କରି ଏକ କାର୍ବନମୁକ୍ତ ଅର୍ଥବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଆସୁଛି। ଏହା ପରିବହନ କ୍ଷେତ୍ରରେ ଶତ ପ୍ରତିଶତ ଇଥାନଲ ବ୍ୟବହାର କରି ବିଶ୍ୱ ସମ୍ମୁଖରେ ଉଦାହରଣ ସୃଷ୍ଟି କରିଛି। କିନ୍ତୁ ଭାରତ ଏ କ୍ଷେତ୍ରରେ ବହୁ ପଛରେ ରହିଛି।

ବିଶ୍ୱ ନେତାମାନେ ଉଡ଼ାଜାହାଜରେ ଉଡ଼ି, ପଞ୍ଚତାରକା ହୋଟେଲରେ ରହି ଓ ଶୀତତାପ ନିୟନ୍ତ୍ରିତ ସମ୍ମିଳନୀରେ ସେଲ୍‌ଫି ଉଠାଇଲେ ଜଳବାୟୁ ସଙ୍କଟର ସମାଧାନ ହୋଇପାରିବ ନାହିଁ। ଏଥିଲାଗି ଲୋଡ଼ା ଦୃଢ଼ କାର୍ଯ୍ୟାନ୍ୱୟନ ପଦକ୍ଷେପ।



# ଅନେକ କଥା ଓ ବ୍ୟଥା

ବୃହସ୍ପତି ସାମଲ

ପରିବାରବାଦ ବିଷୟରେ ଆଲୋଚନା କରିବା ପୂର୍ବରୁ ସଦ୍ୟ ସମାପ୍ତ ଏସିଆନ ଗେମ୍ସର ପଦକ ବିଜେତା ହରମିଲନ ବେନ୍ସଙ୍କ କଥା ମନକୁ ଆସେ। ସେ ୮୦୦ ଓ ୧୫୦୦ ମିଟର ଦୌଡ଼ରେ ରୌପ୍ୟପଦକ ଜିତି ଭାରତ ପାଇଁ ଗୌରବ ଆଣିଛନ୍ତି। ୨୦୦୨ ଏସିଆନ ଗେମ୍ସରେ ୮୦୦ ମିଟର ଦୌଡ଼ର ରୌପ୍ୟପଦକ ବିଜେତା ମାଧୁରୀ ସାକ୍ସେନା ଓ ସାଉଥ ଏସିଆନ ଗେମ୍ସ ପଦକ ବିଜେତା ଅମନଦୀପ ସିଂ ବେନ୍ସଙ୍କ ୨୫ ବର୍ଷୀୟା କନ୍ୟା ହେଲେ ହରମିଲନ । ୫୦୦୦ ମିଟର ଜାତୀୟ ରେକର୍ଡର ଅଧିକାରିଣୀ ହୋଇ ୧୯୯୬ରୁ ପଞ୍ଜାବ ରାଜ୍ୟ ବିଦ୍ୟୁତ୍ ବୋର୍ଡରେ କାମ କରୁଥିବା ବେଳେ ଏକ ଅଭିଯୋଗର ଶିକାର ହୋଇ ୩ ମାସର ଗର୍ଭବତୀ ଥିବା ମାଧୁରୀ ନିଜକୁ ପ୍ରମାଣିତ କରିବା ପାଇଁ ଦୌଡ଼ିଥିଲେ। ତେଣୁ ମାଧୁରୀ କହନ୍ତି, ହରମିଲନଙ୍କ ପ୍ରଶିକ୍ଷଣ ଗର୍ଭାବସ୍ଥାରେ ଆରମ୍ଭ ହେଇଥିଲା ଯାହା ଆଜି ତାକୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ଅଧିକନ୍ତୁ, ତାଙ୍କର ୧୭ ବର୍ଷର ପୁଅ ସନ୍ଦୀପ ସିଂ ବେନ୍ସ ୧୦ ମିଟର ରାଇଫଲ ଶୁଟିଂ ପାଇଁ ଏବେ ଅଭ୍ୟାସରତ ଥିବାରୁ ତାଙ୍କର ପୂରା ପରିବାର ଖେଳ ପାଇଁ ଉତ୍ସର୍ଗୀକୃତ। ଅତଏବ, ଜଣକର ପାରିବାରିକ ପୃଷ୍ଠଭୂମି ତା'ର ଭବିଷ୍ୟତ ଗଢ଼ିବାରେ ଯେ ଯଥେଷ୍ଟ ମହତ୍ତ୍ୱ ରଖେ, ଏଥିରେ ସନ୍ଦେହ ନାହିଁ ଯାହା ହରମିଲନଙ୍କ ସଫଳତାରୁ ପ୍ରମାଣିତ।

ହରମିଲନଙ୍କ ସଫଳତାରୁ ମହାଭାରତର ଅଭିମନ୍ୟୁଙ୍କ ଜନ୍ମବୃତ୍ତାନ୍ତ ମନେପଡ଼େ। ଶ୍ରେଷ୍ଠ ଧନୁର୍ଦ୍ଧର ମହାଯୋଦ୍ଧା ତୃତୀୟ ପାଣ୍ଡବ ଅର୍ଜୁନ ଏବଂ ଶ୍ରୀକୃଷ୍ଣଙ୍କ ଭଗିନୀ ବୀରାଙ୍ଗନା ସୁଭଦ୍ରାଙ୍କ ସୁପୁତ୍ର ଅଭିମନ୍ୟୁ ମାତୃଗର୍ଭରୁ ଚକ୍ରବ୍ୟୂହ ଭେଦ ବିଦ୍ୟା ଶିଖିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ। ଏହାସହ ମାମୁ କୃଷ୍ଣ ବଳରାମ ଓ ଯାଦବ ସେନାଙ୍କଠାରୁ ଯୁଦ୍ଧବିଦ୍ୟା ଆହରଣ କରିଥିଲେ ବୋଲି ମହାଭାରତରେ ଉଲ୍ଲେଖ ଅଛି । ଯିଏ ଯେଉଁ ପରିବେଶରେ ବଢ଼ିବ, ପଢ଼ିବ, ତା'ର ଚରିତ୍ର ଓ ଭବିଷ୍ୟତ ସେହିଭଳି ଗଢ଼ିହେବ। ତେଣୁ ଯୋଦ୍ଧାର ସନ୍ତାନ ଯୋଦ୍ଧା ହେବାରେ କିଛି ଅସ୍ୱାଭାବିକତା ନାହିଁ। ଯାହା ବାପ ଘୋଡ଼ାଚଢ଼ା, ତା'ର ପୁଅ ଥୋଡ଼ା ଥୋଡ଼ା। ପିତାମାତା, ଗୁରୁ, ଗୁରୁଜନଙ୍କ ଭଳି ଆଖପାଖରେ ଥିବା ଶ୍ରେଷ୍ଠ ପୁରୁଷମାନେ ଯେଉଁ ଆଚରଣ କରନ୍ତି ବା ଯାହା କିଛି ପ୍ରମାଣ କରନ୍ତି, ଲୋକେ ତାକୁ ଅନୁସରଣ କରନ୍ତି। ଶ୍ରୀମଦ୍‌ଭଗବଦ୍ ଗୀତା (୩/୨୧) କହନ୍ତି, "ଯଦ୍ୟଦା ଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ, ସ ଯ୍ୟ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ।" ଅତଏବ, ଖେଳାଳିଙ୍କ ପିଲାମାନେ ଖେଳାଳି ହେବାରେ, ଚିତ୍ରଶିଳ୍ପୀଙ୍କ ପିଲାମାନେ ଚିତ୍ରଶିଳ୍ପୀ ହେବାରେ, ମନୋରଞ୍ଜନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପିଲାମାନେ ସେହି କ୍ଷେତ୍ରକୁ ଆପଣେଇବାରେ, ଡାକ୍ତରୀ, ଇଞ୍ଜିନିୟରିଂ, ଅଧ୍ୟାପନା କ୍ଷେତ୍ରରେ



ଥିବା ବ୍ୟକ୍ତିବିଶେଷଙ୍କ ପିଲାମାନେ ସେହିସବୁ ନିର୍ଦ୍ଦିଷ୍ଟ ବୃତ୍ତିରେ ରୁଚି ରଖିବାରେ, ବ୍ୟବସାୟୀଙ୍କର ପିଲାମାନେ ଭବିଷ୍ୟତରେ ନିଜ ପାରିବାରିକ ବ୍ୟବସାୟର ଦାୟିତ୍ୱ ସମ୍ଭାଳିବାରେ ଏବଂ ସର୍ବୋପରି ରାଜନେତାମାନଙ୍କ ପିଲାମାନେ ରାଜନୀତିକୁ ନିଜର ପେସା କରିବା ନିହାତି ସ୍ୱାଭାବିକ। କାରଣ, ପରିବାର ହିଁ ଗୋଟେ ଶିଶୁର ପ୍ରାରମ୍ଭିକ ଶିକ୍ଷାକ୍ଷେତ୍ର ଓ ମାତାପିତା ପ୍ରଥମ ସାଙ୍ଗସାଥୀ ହୋଇଥିବାରୁ ନିଜ ପରିବାରର ରୀତିନୀତି, ଚାଲିଚଳନ, କାମଧନ୍ଦା ସବୁ କିଛି ତା'ର ରୁଚିକୁ ଯଥେଷ୍ଟ ପ୍ରଭାବିତ କରିଥାଏ। କିନ୍ତୁ ସ୍ୱତଃପ୍ରବୃତ୍ତ ଭାବେ ପାରିବାରିକ ବୃତ୍ତି ବା ପେସାକୁ ଆପଣେଇ ଆଗକୁ ବଢ଼ିଲେ ତାକୁ ପରିବାରବାଦର ଆଖ୍ୟା ଦେବା ସମୀଚୀନ ନୁହେଁ। ଅବଶ୍ୟ ଏ କଥାରେ ଆଦୌ ଦ୍ୱିମତ ନାହିଁ ଯେ କୌଣସି ନିର୍ଦ୍ଦିଷ୍ଟ ପେସା ବା ବୃତ୍ତିରେ ଥାଇ ଯୋଗ୍ୟତା ଓ ରୁଚି ନ ଥିବା ନିଜର ସମ୍ପର୍କୀୟମାନଙ୍କୁ ଅପ୍ରତ୍ୟାଶିତ ଭାବେ ସେହି କ୍ଷେତ୍ରରେ ପ୍ରୋତ୍ସାହିତ କରି ବିଭିନ୍ନ ସୁବିଧାସୁଯୋଗ ଓ ପଦପଦବୀ ପ୍ରଦାନ ପୂର୍ବକ ଲାଭଦାୟୀ କରେଇବା ହିଁ ପରିବାରବାଦ ବା ବଂଶବାଦର ଅସଲ ପରିଭାଷା।

ହରମିଲନଙ୍କ ସଫଳତାକୁ ପରିବାରବାଦର ଆଖ୍ୟା ଦେବା ସମ୍ପୂର୍ଣ୍ଣ ଭୁଲ୍। ୭୫ଟି ପରିବାର ବିଶିଷ୍ଟ ଉତ୍ତରପ୍ରଦେଶର ଏକ ଛୋଟ ଗାଁ ମାଧୋପଟ୍ଟିରୁ କେନ୍ଦ୍ର ଲୋକ ସେବା ଆୟୋଗ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଏ ଯାବତ ୪୭ ଜଣ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଓ ଆଇଆର୍‌ଏସ୍ ଅଧିକାରୀ ଭାବେ କାର୍ଯ୍ୟରତ। କେବଳ ବିନୟ ସିଂ(ବିହାରର ପୂର୍ବତନ ମୁଖ୍ୟ ଶାସନ ସଚିବ)ଙ୍କ ପରିବାରର ୫ ଭାଇ ଏହି ବିରଳ ସଫଳତାର ଅଧିକାରୀ। ପ୍ରଥମ ମହିଳା ଆଇଏଏସ୍ ଟପ୍ପର (୨୦୦୩) ଓଡ଼ିଶାର ରୂପା ମିଶ୍ର ମଧ୍ୟ ସେହିଭଳି ଏକ ପରିବାରରେ ଜନ୍ମ। ସେହିପରି ସୁନୀଲ ଗାଭାସ୍କର କିମ୍ବା ସଚିନ ତେନ୍ଦୁଲକରଙ୍କ ପିଲାମାନେ କ୍ରିକେଟ ଖେଳିବା, ସମ୍ପୂର୍ଣ୍ଣ କପୁର ଖାନ୍‌ଦାନ ସହ ଧର୍ମେନ୍ଦ୍ର, ଜିତେନ୍ଦ୍ରଙ୍କ ଭଳି ଅନେକ ପରିବାର ଚଳଚ୍ଚିତ୍ର ଓ ମନୋରଞ୍ଜନ ଶିଳ୍ପରେ ରାଜ୍ କରିବା, ବିର୍ଲା, ଅମ୍ବାନୀଙ୍କ ଭଳି ଅନେକ ପ୍ରତିଷ୍ଠିତ ଶିଳ୍ପପତି ଓ ବ୍ୟବସାୟୀ ବଂଶାନୁକ୍ରମିକ ଭାବେ ସେମାନଙ୍କର ବ୍ୟବସାୟକୁ ଆଗକୁ ବଢ଼ାଇବାକୁ କେହି ପରିବାରବାଦର ଆଖ୍ୟା ଦେଇ ସମାଲୋଚନା କରୁନାହାନ୍ତି।

ଭାରତ ବ୍ୟତୀତ ପରିବାରବାଦର ଚେର ଇଣ୍ଡୋନେସିଆ, ମରିସସ୍, ମାଲେସିଆ, ରୋମାନିଆ, ସିଙ୍ଗାପୁର, ଶ୍ରୀଲଙ୍କା, ସ୍ପେନ୍, ୟୁକେ, ଆମେରିକା, ଭେନେଜୁଏଲା ଓ ଜିମ୍ବାୱେ ଭଳି ବହୁ ରାଷ୍ଟ୍ରରେ କାୟାବିସ୍ତାର କରିଛି। କିନ୍ତୁ ବର୍ତ୍ତମାନ ଭାରତବର୍ଷର ରାଜନୈତିକ କ୍ଷେତ୍ରରେ ପରିବାରବାଦକୁ ନେଇ ଏକ ଦୁର୍ଭାଗ୍ୟପୂର୍ଣ୍ଣ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ରାଜନୈତିକ ବାତାବରଣ ଏବେ ବ୍ୟକ୍ତିକୈନ୍ଦ୍ରିକ ଆରୋପ ପ୍ରତ୍ୟାରୋପରେ ଭରପୂର ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଉଦାହରଣ ସ୍ୱରୂପ, ଏକ ରାଜନୈତିକ ପରିବାରରୁ ଆସିଥିବା ରାହୁଲ ଗାନ୍ଧୀ ରାଜନୀତିରେ ଆଗକୁ ବଢ଼ିବା ପରିବାରବାଦ ବୋଲି ଜୋର୍‌ଦାର ଅପପ୍ରଚାର କରାଯାଉଛି, ଯାହା ନିଶ୍ଚିତ ଭାବେ ଅଶୋଭନୀୟ । ଏଠି କହି ରଖିବା ଉଚିତ ହେବ ଯେ ଏ ଲେଖକ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ରାଜନୈତିକ ଦଳର ସମର୍ଥକ ନୁହନ୍ତି। କହିବାର କଥା, ପରିବାରବାଦ ରାଜନୀତିଠୁ ଆରମ୍ଭକରି, ଖେଳକୁଦ, ମନୋରଞ୍ଜନ, ଅଧ୍ୟାପନା, ବ୍ୟବସାୟ, ନ୍ୟାୟପାଳିକା, ସାଙ୍ଗଠନିକ, ନିଯୁକ୍ତି ଓ ଧର୍ମୀୟ କ୍ଷେତ୍ରାଦିରେ ଦୃଷ୍ଟିଗୋଚର ହେଉଛି।

ଭାରତରେ ପରିବାରବାଦର ଯେଉଁ ନୂଆ ପରିଭାଷା ସୃଷ୍ଟି କରାଯାଉଛି, ତାହା ଅଧିକାଂଶ ଜନସାଧାରଣଙ୍କୁ ବ୍ୟଥିତ କରିବା ସହ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାର ବିରୋଧାଭାସ କରୁଛି। 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି' ନ୍ୟାୟରେ କିଛି ନିର୍ଦ୍ଦିଷ୍ଟ ଦଳର ଅନେକ ନେତାଙ୍କ ପୁଅ ପୁତୁରା, ଜ୍ଞାତିକୁଟୁମ୍ବ ପଛ ଦରଜାରେ ରାଜନୀତି ତଥା ଅନ୍ୟାନ୍ୟ କ୍ଷେତ୍ରରେ ପ୍ରବେଶକରି ବହୁ ଲାଭଦାୟକ ପଦପଦବୀରେ ଅବସ୍ଥାପିତ। ଯୋଗ୍ୟତା ନ ଥାଇ ସେମାନେ ଅଖଣ୍ଡ କ୍ଷମତାର ଅଧିକାରୀ । ଶେଷରେ କହିରଖିବା ଉଚିତ ହେବ ଯେ କେବଳ କେତୋଟି ଜାତୀୟ ଦଳ ନୁହନ୍ତି, ରାଷ୍ଟ୍ରୀୟ ଜନତା ଦଳ, ରାଷ୍ଟ୍ରୀୟ ଲୋକଦଳ, ସମାଜବାଦୀ ପାର୍ଟି, ଶିବସେନା, ତେଲଙ୍ଗାନା ରାଷ୍ଟ୍ର ସମିତି, ଶିରୋମଣି ଅକାଳି ଦଳ, ଡିଏମ୍‌କେ, ଜନତା ଦଳ(ସେକୁଲାର), ଜେଏମ୍‌ଏମ୍, ଏନ୍‌ସିପି, ଏନ୍‌ପିପି, ଜମ୍ମୁ କଶ୍ମୀର ନ୍ୟାଶନାଲ କନ୍‌ଫରେନ୍ସ, ଜମ୍ମୁ କଶ୍ମୀର ପିପୁଲ୍ସ ଡେମୋକ୍ରାଟିକ ପାର୍ଟି ଓ ଇଣ୍ଡିଆନ ନ୍ୟାଶନାଲ ଲୋକଦଳ ଭଳି ଅନେକ ଆଞ୍ଚଳିକ ରାଜନୈତିକ ଦଳ ବଂଶବାଦର ରାଜନୀତିରେ ନିପୁଣ। ତେଣୁ ପରିବାରବାଦ ଆଳରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନିଶାଣ କରା ନ ଯାଉ କିମ୍ବା ଭାରତର ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାକୁ କଳୁଷିତ କରା ନ ଯାଉ। ଯୋଗ୍ୟ ବ୍ୟକ୍ତି ପାଇଁ ପରିବାରବାଦର କଳଙ୍କ ମୂଲ୍ୟହୀନ। କେବଳ ରାଜନୀତି ନୁହେଁ, ସବୁ କ୍ଷେତ୍ରରେ ଯୋଗ୍ୟତାର ସୁସ୍ୱାଗତ ହେବା ବିଧେୟ।

**ପଦ୍ମପୁର, କେନ୍ଦୁଝର**
**ମୋ:୯୪୩୭୦୨୨୬୬୯**



# କେହି ନାହିଁ କିଛି ନାହିଁ

ଶୁଭନାରାୟଣ ଶତପଥୀ

ପ୍ରାଚୀନଠାରୁ ବର୍ତ୍ତମାନ, ପୁରାଣଠାରୁ ବିଜ୍ଞାନ, ଗର୍ଭଠାରୁ ସ୍ୱର୍ଗ, ପ୍ରତି ମଣିଷ ହିଁ ଏକାକୀ ବୋଲି ପ୍ରମାଣିତ। ଏଠି ଗୋଷ୍ଠୀ, କୁଟୁମ୍ବ, ଗ୍ରାମ ଏକ ମାଧ୍ୟମ। ମାୟାର ଆୟାମ। ସାମାଜିକ, ଅର୍ଥନୈତିକ ଚଳଣିକୁ ନେଇ ମଣିଷ ସବୁ କିଛି ପାଏ ବୋଲି ଉପଲବ୍ଧିକରେ। ସେହି ଆଶାକୁ ତା'ର ଉତ୍ତରପିଢ଼ି ବଜାୟ ରଖନ୍ତି। ଚାରିପାଖରେ ଥିବା ପରିବେଶ, ଲୋକ, ଚାରିତ୍ର, ବ୍ୟବହାର, ସହଯୋଗ, ମଣିଷର ଏକାକିତ୍ୱକୁ ଅନୁଭବ କରିବାକୁ ଦିଏନା। ଏକ ସାମାଜିକ ପ୍ରାଣୀ ଭାବରେ ଏପରି ଅନୁଭବ କରିବା ଓ ଅଭିଜ୍ଞତା ରହିବା ସ୍ୱାଭାବିକ। ତେବେ ଯେତେବେଳେ ଏକ ପରିସ୍ଥିତିରେ ମଣିଷ ଆଉ ଗୋଟିଏ ମଣିଷକୁ ନିଜର ଭାବିନିଏ ଓ ସେହି ମଣିଷ ଦ୍ୱୟ କୌଣସି କାରଣରୁ ପରସ୍ପରଠାରୁ ଦୂରେଇଯାଆନ୍ତି ସେତେବେଳେ ଏକାକୀପଣର ଅନୁଭବ ହୁଏ। ସେହି ଏକକୀପଣ ମଣିଷକୁ ଅସୁଖୀ ବା ଉଦାସ କରିପାରେ। ତେବେ ଏହା ଜରୁରୀ ନୁହେଁ ଯେ, ଜଣେ ଏକାକୀପଣରେ ନିଜକୁ ବଦଳାଇଦିଏ। କହିବାକୁ ଗଲେ ଏକାକୀପଣ ଏମିତି ଏକ ଅବସ୍ଥା ଯେତେବେଳେ କାହାରି ସହଯୋଗ, ସଙ୍ଗ ଖୋଜିଥାଉ କିନ୍ତୁ ମିଳି ନ ଥାଏ। ଆଉ ଏକାନ୍ତ ହେଉଛି ନିଜର ଅନ୍ତରାତ୍ମା ଉପରେ ଦୃଷ୍ଟି ନିକ୍ଷେପ କରିବା। ଏହାକୁ ବୁଝିବାକୁ ହେଲେ ବାସ୍ତବରେ କେଉଁ ଜିନିଷ ବା ଆବଶ୍ୟକତା ମଣିଷ ପାଇଁ ମୂଲ୍ୟବାନ୍ ତାହାର ମୂଲ୍ୟାଙ୍କନକରି ସେହି ଅନୁସାରେ ନିଜର ଦୈନିକ ଗତିବିଧିକୁ ବ୍ୟବସ୍ଥିତ କରିବା ଜରୁରୀ। ଏଣୁ ଶ୍ରୀମଦ୍ ଭାଗବଦ୍ ଗୀତାରେ କୁହାଯାଇଛି ଯେ, ଏକାନ୍ତ ହେଉଛି ଜ୍ଞାନର ଏକ ବିଶେଷଣ। ଏକାନ୍ତ ଆମକୁ ସେହି ଜୀବନପାଠର ନିକଟତର ହେବାକୁ ଶିଖାଏ ଯାହା ଭିତରେ ଆମର ଦୈନନ୍ଦିନ ଅନୁଭବ ଲୁଚି ରହିଥାଏ। ଏହି ପାଠ ନିକଟରେ ଆମେ ସେତେବେଳେ ପହଞ୍ଚିପାରିବା, ଯେତେବେଳେ ଆତ୍ମାନୁଭବ କରିବାକୁ ଚେଷ୍ଟା କରିବା। ଏହା କଲେ ନିଜକୁ ନିରନ୍ତର ପାରିପାର୍ଶ୍ୱିକ, ସାମାଜିକ ଯୋଗାଯୋଗ ଓ କଥାବାର୍ତ୍ତାରୁ ଛୁଟି ମିଳିବ।

ଅପରପକ୍ଷରେ ଅଭିଜ୍ଞତା କୁହେ ସୁଖ ବେଳେ ସାଥୀ ବେଶି, ଦୁଃଖ ବେଳେ କେହି ନାହିଁ କିଛି ନାହିଁ। ଦୁଃଖର ସହଭାଗୀ ଯେ ପ୍ରକୃତ ସାଥୀ ଏକଥା ସୁଖବେଳରେ ମଣିଷ ଭୁଲିଯାଇଥାଏ। ଦୁଃଖସୁଖର ସାଥୀକୁ ନେଇ ମଣିଷ ଭୌତିକ ଜୀବନରେ ସାମାଜିକ ପ୍ରାଣୀ ଭାବରେ ବଞ୍ଚିବାର ବାଟକୁ ବାଛିନିଏ ସତ, ବାସ୍ତବରେ ଦୁଃଖବେଳେ ସେହି ସାଥୀ, ସାଙ୍ଗରେ ରହିବ କି ନା ତା'ର ନିଶ୍ଚିତ ପୂର୍ବରୁ କରିବା କଷ୍ଟକର ବ୍ୟାପାର। ମଣିଷର ପରିବାର ହେଉଛି ତା'ର ଆପଣାର ସ୍ଥାନ ଏବଂ ସେଠାରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ତା'ର ଆତ୍ମୀୟ। ସମ୍ପ୍ରତି ମଣିଷ ଏକକ ପରିବାରକୁ ସୁବିଧାଜନକ କହି ଯୌଥ ପରିବାରକୁ ଖଣ୍ଡବିଖଣ୍ଡ କରୁଛି। ପରିଣତ ବୟସରେ ବୃଦ୍ଧାବୃଦ୍ଧଙ୍କ ହାତ ଛାଡ଼ି ଦେଉଛନ୍ତି ଅଧିକାଂଶ ପୁଅଝିଅ କିମ୍ବା ପରିବେଶ ପରିସ୍ଥିତି ସହିତ ଖାପ ନ ଖୁଆଇ ଏକାକୀ ରହିବାକୁ ପସନ୍ଦ କରୁଛନ୍ତି। ପସନ୍ଦ ଅନୁସାରେ କାର୍ଯ୍ୟ କରୁଥିବା ମଣିଷ କେବେ ନିଜର ଦିବ୍ୟାଙ୍ଗ ଶିଶୁ, ଅବିବାହିତ ମାତୃତ୍ୱର ସନ୍ତକକୁ ପରିତ୍ୟକ୍ତ କରୁଛି ତ ଆଉ କେବେ ଜନ୍ମ ଦେଇଥିବା ନିଜର ବୃଦ୍ଧ ପିତାମାତାଙ୍କୁ।



ଦେଖାଯାଏ ପାଖରେ ସର୍ବବିଧ ସୁବିଧା ଥାଇ ମଧ୍ୟ ପରମ୍ପରାର ବା ସେବା ଆବଶ୍ୟକତାର ସୁଯୋଗ ନେଇ ଛଳନାତ୍ମକ ଭାବେ ତୀର୍ଥସ୍ଥାନରେ କିମ୍ବା ଡାକ୍ତରଖାନାରେ ଛାଡ଼ିଦେଇଆସନ୍ତି ଏମାନଙ୍କୁ। ତା'ଛଡ଼ା ସାଙ୍ଗସାଥୀ ନାଁରେ ଧୋକାର ଖବର ପୃଷ୍ଠାମଣ୍ଡନ କରୁଛି ଖବରକାଗଜ। ଏ ଘଟଣା ସବୁ ଗୋଷ୍ଠୀର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସ୍ୱାର୍ଥ ପାଇଁ ଲଢ଼େଇ କରିବାକୁ ଯାଇ ଏମିତିକା ପଥକୁ ଅନୁସରଣ କରୁଛି ମଣିଷ। ସ୍ୱାମୀ ସ୍ତ୍ରୀ, ପିତାମାତା ସନ୍ତାନ ଆଦି ସ୍ୱର୍ଗୀୟ ସମ୍ପର୍କକୁ ଭୁଲିଯାଉଛି। ଭୁଲିଯାଉଛି ସହଯୋଗକୁ, ଉପକାରକୁ, ବନ୍ଧୁତ୍ୱକୁ ଓ ବସୁଧୈବ କୁଟୁମ୍ବକମ୍‌ର ପରିଭାଷାକୁ। ରକ୍ତଗତ ସମ୍ପର୍କକୁ ପରିତ୍ୟକ୍ତ କରୁଥିବା ବ୍ୟକ୍ତି କେବେ କାହାର ହୋଇପାରେନା। ସେ ବିପରୀତ ପରିସ୍ଥିତିରେ ଆଗରୁ ଏକାକୀ ଥିଲା ଆଉ ଆଜିବି ଏକାକୀ। କିଛି ନାହିଁ କେହି ନାହିଁ।

ମାଉସୀ ଜଣକ ସେଦିନ ମିଡିଆବାଲାଙ୍କ ପ୍ରଶ୍ନର ଉତ୍ତର ଦେଉଦେଉ କହିପକାଇଲେ, ଆମ ପାଇଁ କେହି ନାହିଁ କିଛି ନାହିଁ। ତା'ପରେ ମାଉସୀଙ୍କ ଏହି ଖଣ୍ଡ ବାକ୍ୟ ହେଲା ଭାଇରାଲ। ବିଜୁଳିବେଗରେ ସାମାଜିକ ଗଣମାଧ୍ୟମରେ ଘୂରିବୁଲିଲା ରାପ୍ ସଙ୍ଗୀତର ରୂପ ନେଇ। ଏହି ଅଭିମାନ ଆପ୍ତବାକ୍ୟର ସାରମର୍ମକୁ କିଛି ଲୋକ ବୁଝନ୍ତୁ ବା ନ ବୁଝନ୍ତୁ ଏବେ ବ୍ୟବହାର କରିବାରେ ଲାଗିପଡ଼ିଛନ୍ତି। ଆଉ କେହି କେହି ସେହି ଭାଇରାଲ ହେଉଥିବା ଭିଡିଓଟିର ମଜା ନେଉଛନ୍ତି ଓ ତାହାକୁ ବିଭିନ୍ନ ଢଙ୍ଗରେ ପରିବେଷଣ କରୁଛନ୍ତି। ବାସ୍ତବରେ ମାଉସୀ କହିଥିବା ଏହି ପଦକ କଥାରେ ଜୀବନ ଦର୍ଶନ ଭରି ହୋଇରହିଛି। ବିଭିନ୍ନ ପ୍ରଲୋଭନ, ଆଶା ଦେଇ ବାନ୍ଧି ରଖୁଥିବା ମଣିଷ ସମ୍ପର୍କର ଭାଷା ବୁଝେନା। ସମସ୍ତେ ଜାଣନ୍ତି ଏହି ପ୍ରକ୍ରିୟା ସାମୟିକ। ସେହି ସାମୟିକ ଫାଇଦା ହିଁ ତା' ପାଇଁ ସମ୍ପର୍କର ମୂଲ୍ୟବୋଧ। ସେମାନେ ସ୍ୱାର୍ଥ ପାଇଁ ଅଭିନୟ କରନ୍ତି। ଏଣୁ ଏ ମାନସିକତାସମ୍ପନ୍ନ ଲୋକଙ୍କର କେହି ନିଜର ନୁହନ୍ତି। ତାଙ୍କ ପାଇ କୌଣସି ଜିନିଷର କିଛି ମୂଲ୍ୟ ନାହିଁ। ଏପରି ସମ୍ପର୍କ ସହ ଜଡ଼ିତ ବ୍ୟକ୍ତି ଶେଷରେ କହିଥାଏ, ମୁଁ କାହାରି ନୁହେଁ କି ମୋର କେହି ନାହାନ୍ତି। ମନେପଡ଼େ ମଧୁସୂଦନ ରାଓଙ୍କ କାବ୍ୟୋକ୍ତି 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ'। ବାସ୍ତବ ଜୀବନର ଏ ହେଉଛି ସମ୍ପର୍କ ମାୟାଜାଲ। ଏ ମାୟାଜାଲରେ ଛନ୍ଦିହୋଇଥିବା ପ୍ରତ୍ୟେକ ମଣିଷ ଜଣେ ଜଣେ ଅଭିନେତା। ତା' ଭିତରେ ପୁଣି ଛଳନା ହେଉଛି ହାସ୍ୟାସ୍ପଦ। କ୍ଷମତା, ଶକ୍ତି, ପ୍ରତିପତି ସାମୟିକ। କାଳର ଗତିରେ କବଳିତ ମଣିଷ କାଳକୁ ନିୟନ୍ତ୍ରଣ କରିବା ଏକ ବୃଥା ପ୍ରୟାସ। ଏଣୁ ଯଥାର୍ଥରେ କୁହାଯାଇଛି 'ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ ଡୋରି, ନିଜ ଭାଗ୍ୟ ଡୋରି କାଳ ହସ୍ତେ ବନ୍ଧା ପକାନ୍ତି ହେଲେ ପାସୋରି'। କାଳର ଗତିରେ ପ୍ରତ୍ୟେକ ମଣିଷ ସାମାଜିକ ସନ୍ତୁଳନ, ଆତ୍ମିକ ଅନୁଶୀଳନ କରିବା ଜରୁରୀ। ସ୍ଥିର ଚିତ୍ତରେ ଅନ୍ତରର ଶତ୍ରୁ ସହ ଲଢ଼ିଲେ ନିଜ ଉପରେ ନିୟନ୍ତ୍ରଣ ପ୍ରାପ୍ତି ହେବ ଓ ଦିବ୍ୟ ଅନୁଭୂତି ପ୍ରାପ୍ତହେବ। ଅଭିମାନ ଛାଡ଼ି ସ୍ୱାଭିମାନକୁ ଆପଣାଇଲେ ମଣିଷ ବୁଝିପାରିବ ବାସ୍ତବରେ 'କେହି ନାହିଁ କିଛି ନାହିଁ'ର ସାରମର୍ମକୁ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ–୯୪୩୮୪୩୨୦୨୩**

## ଏଇ ଭାରତରେ

ଅସହାୟଙ୍କ ଓଠରେ ହସ ଖେଳାଇବା ଲାଗି ନିଜ ଆୟର ଅଧାରୁ ଅଧିକ ଖର୍ଚ୍ଚ କରୁଛନ୍ତି ପଶ୍ଚିମବଙ୍ଗର ଅର୍ପଣ ବାନାର୍ଜୀ। ୨୨ ବର୍ଷ ହେଲା ସେ ଏହା କରିଆସୁଛନ୍ତି। ଅର୍ପଣ ୭ ଅନାଥାଶ୍ରମ ଓ ୫ଟି ବୃଦ୍ଧାଶ୍ରମରେ ଅସହାୟଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ବୁଝୁଛନ୍ତି। ସେମାନଙ୍କ ପାଇଁ ସମୟ ଦେଇ ଏକ୍ଲାପଣ ଦୂର କରିବା ସହ ସେମାନଙ୍କୁ ଉପହାର ଓ ପୋଷାକ ଯୋଗାଇ ଦେଉଛନ୍ତି। ପିଲାବେଳେ ସେ ଦୁଷ୍ଟ ଥିବାରୁ ତାଙ୍କୁ ପଢ଼ିବା ଲାଗି ଏକ ଆଶ୍ରମ ସ୍କୁଲରେ ମାତାପିତା ଛାଡ଼ିଦେଇଥିଲେ। ସେଠାରେ ରହିବା ସମୟରେ ନିକଟରେ ଥିବା ଏକ ଅନାଥ ଆଶ୍ରମର ପିଲାଙ୍କୁ ଦେଖି ଭବିଷ୍ୟତରେ ଏଭଳି ପିଲାଙ୍କୁ ସାହାଯ୍ୟ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ତାଙ୍କ ପାଖରେ ଅର୍ଥ ନ ଥିବାରୁ ସେ ସେମାନଙ୍କ ପାଇଁ ରକ୍ତ ଦାନ କରିବା ଆରମ୍ଭ କରିଥିଲେ। ପରେ ଏକ ପ୍ରପର୍ଟି ପ୍ରୋଜେକ୍ଟରେ କାମ କଲେ ଓ ଯାହା ରୋଜଗାର ହେଲା ତାହାକୁ ନେଇ ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ଯାଇ ସେବା କରିବାକୁ ଲଗିଲେ। ଏବେ ଏହି କାର୍ଯ୍ୟରେ ତାଙ୍କର କେତେଜଣ ବନ୍ଧୁ ସାହାଯ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଡିସେମ୍ବର ୧୯୭୪

- ଓଡ଼ିଆ ଭାଷାରେ ସୀତାକାନ୍ତ ମହାପାତ୍ରଙ୍କ କବିତା ସଙ୍କଳନ 'ଶବ୍ଦର ଆକାଶ' ସମେତ ଭାରତୀୟ ଭାଷାର ୧୭ଟି ପୁସ୍ତକକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର।
- ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ବିହାର ଓ ରାଜସ୍ଥାନର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ୍ ଶକ୍ତି ଯୋଗାଇବା ପାଇଁ ୫ଟି ପ୍ରକଳ୍ପ ସମ୍ପ୍ରତି ଗ୍ରାମ୍ୟ ବିଦ୍ୟୁତୀକରଣ କର୍ପୋରେସନ ଦ୍ୱାରା ମଞ୍ଜୁର ହୋଇଛି।
- ଭାରତ ଓ ଜେକୋସ୍ଲାଭାକିଆ ମଧ୍ୟରେ ଥିବା ସହଯୋଗକୁ ଅଧିକ ବ୍ୟାପକ ଓ ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ ଉଭୟ ଦେଶ ମଧ୍ୟରେ ୫ଟି ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

କମାଣରୁ ବଳି ତତାଇଲେ ଯେହୁ ଛାତି
ମତାଇଲେ ଏହି ମରଣାପନ୍ନ ଜାତି
ଡାକିଲେ ଆସରେ ଆସ ମୋର ଦେଶ
ମୃତ୍ୟୁ ନୁହେ ତ ଜୀବନର ଶେଷ।
ଜୀବନ ମରଣ ଲୁଚକାଳି ଖେଳ ଖେଳିବା
ଆସରେ ସାଥି
ଡାକିଲେ ଉଠରେ ମରଣାପନ୍ନ ଜାତି!
–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku

Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 7 | 5 | | 1 | | | | | |
| | | 9 | | 4 | | | | 2 |
| | | | | 9 | | 4 | | |
| 6 | 8 | | | 1 | | | | |
| | | 2 | 8 | | | 5 | | |
| 4 | | | | | | | 3 | 1 |
| | | | 3 | | | | 6 | |
| | | | | | | | 7 | |
| | 1 | 3 | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 3 | 2 | 5 | 1 | 9 | 7 | 6 |
| 1 | 2 | 6 | 4 | 7 | 9 | 5 | 8 | 3 |
| 9 | 5 | 7 | 8 | 6 | 3 | 2 | 1 | 4 |
| 8 | 4 | 2 | 3 | 1 | 5 | 7 | 6 | 9 |
| 3 | 6 | 9 | 7 | 8 | 2 | 4 | 5 | 1 |
| 7 | 1 | 5 | 6 | 9 | 4 | 8 | 3 | 2 |
| 6 | 3 | 4 | 5 | 2 | 7 | 1 | 9 | 8 |
| 2 | 7 | 1 | 9 | 3 | 8 | 6 | 4 | 5 |
| 5 | 9 | 8 | 1 | 4 | 6 | 3 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠଙ୍କୁ ମେଡିକାଲ ଭତ୍ତା ଦିଆଯାଉ

ମହାଶୟ,

ଜୀବନର ବାର୍ଦ୍ଧକ୍ୟ ଅବସ୍ଥାରେ ବିଭିନ୍ନ ପ୍ରକାର ରୋଗ ମାଡ଼ିଆସିଥାଏ। ବୃଦ୍ଧାବୃଦ୍ଧ ପୁଅବୋହୂ ବା ଝିଅଜ୍ୱାଇଁଙ୍କଠାରୁ ବହୁ ଦୂରରେ ରହନ୍ତି। ଆଜିକାଲିର ଅଧିକାଂଶ ପୁଅବୋହୂ ସେମାନଙ୍କୁ ହତାଦର କରୁଛନ୍ତି। ଔଷଧପତ୍ରର ଦାମ୍ ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇଗଲାଣି। ଡାକ୍ତରଖାନାକୁ ଯିବା ଆସିବା ଲାଗି ଅଟୋଭଡ଼ା ମଧ୍ୟ କମ୍ ପଡୁନାହିଁ। ଖଟି ଖାଇବା ପାଇଁ ମଧ୍ୟ ସେମାନଙ୍କ ଶରୀରରେ ଶକ୍ତି ନ ଥାଏ। ଅନେକ ସ୍ଥଳରେ ଦେଖାଯାଉଛି, ବୁଢ଼ାବୁଢ଼ୀ ରୋଗରେ ପଡ଼ି ପଡ଼ି ମରିଯାଉଛନ୍ତି। ଜୀବିତ ଅବସ୍ଥାରେ ଥିଲେ ମଧ୍ୟ ଭିକ୍ଷାବୃତ୍ତିକୁ ଆପଣେଇ ନେଇଛନ୍ତି। ଦୁରାରୋଗ୍ୟ ହେଲେ ଘୋଷାରି ହୋଇ ମରିବାଟା ସାର। ଯେଉଁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଯେତିକି ପେନ୍‌ସନ ପାଉଛନ୍ତି, ତାହାର ସିଂହଭାଗ ଔଷଧ ଖର୍ଚ୍ଚରେ ଯାଉଛି। ତେଣୁ ସରକାର ବରିଷ୍ଠ ନାଗରିକ ଏବଂ ପେନ୍‌ସନଧାରୀଙ୍କୁ ମେଡିକାଲ ଭତ୍ତା ଯୋଗାଇଦେବା ଆବଶ୍ୟକ।

**–ସୁରେଶ କୁମାର ସାହୁ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଅପର୍ତ୍ତିବିନ୍ଧା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




କନ୍ଧମାଳ, କେନ୍ଦୁଝର, ଗଞ୍ଜାମ ଓ ଜଗତ୍‌ସିଂହପୁର ପୌର ଉପନିର୍ବାଚନରେ ବିଜୟୀ ପ୍ରାର୍ଥୀମାନେ ସୋମବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। ନବୀନ ନିବାସଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟିଥିବା ବ୍ୟକ୍ତିବିଶେଷ।

# ମହାପ୍ରଭୁଙ୍କ ପାଇଁ ଆସିଲା ପୋଢୁଆଁ ଭାର

ପୁରୀ/ନିଆଳି,୪।୧୨(ଅଜିତ ମହାନ୍ତି/ସୁକାନ୍ତ କୁମାର ସିଂ)

ଶ୍ରୀମନ୍ଦିରରେ ମଙ୍ଗଳବାର ପରମ୍ପରା ଅନୁଯାୟୀ, ପ୍ରଥମାଷ୍ଟମୀ ନୀତି ପାଳନ ସହ ଶ୍ରୀବିଗ୍ରହମାନଙ୍କୁ ପୋଢୁଆଁ କରାଯିବ। ତେଣୁ ସୋମବାର ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ପାଇଁ ନିଆଳିର ମାଧବାନନ୍ଦ ଜୀଉଙ୍କ ପୀଠରୁ ମାଧବାନନ୍ଦ ଜୀଉ ବିକାଶ ପରିଷଦ ପକ୍ଷରୁ ଭାର ଆସିଛି। ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଶୁଦ୍ଧ ଘିଅ, ଚନ୍ଦନ କାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ, ନୂଆ ଲୁଗା, ଖଣ୍ଡୁଆ ପାଟବସ୍ତ୍ର, ଫଳମୂଳ, ତୁଳସୀ ଓ ପଦ୍ମଫୁଲ ମାଳ ରହିଛି। ଭାର ସହ ନିଆଳିରୁ ପ୍ରଭୁ ମାଧବାନନ୍ଦ ଜୀଉଙ୍କ ସେବାୟତ, ଜଗନ୍ନାଥପ୍ରେମୀ ଏବଂ ପରିଷଦର ସଦସ୍ୟମାନେ ଆସି ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରୁ ବିରାଟ ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ, ନୃତ୍ୟ, ପାଇକ ଆଖଡ଼ା, ଲଉଡ଼ି, ସଂକୀର୍ତ୍ତନରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଏହି ପୋଢୁଆଁ ଭାରକୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦିଆଯାଇଥିଲା।



ପୋଢୁଆଁ ଭାର ଆସିବାବେଳେ ଗୋପ ସମେତ ବିଭିନ୍ନ ସ୍ଥାନରେ ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ମୁଣ୍ଡିଆ ମାରୁଥିବା ଦେଖିବାକୁ ମିଳିଥିଲା। ନାଗା, ଘୋଡ଼ାନାଚ ଓ ସଂକୀର୍ତ୍ତନ ସହିତ ଜଗନ୍ନାଥପ୍ରେମୀଙ୍କ ନୃତ୍ୟ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ମଙ୍ଗଳା ପୁରାଣରେ ମହାପ୍ରଭୁଙ୍କ ମାମୁଘର ନିଆଳିର ମାଧବାନନ୍ଦ ଜୀଉ ପୀଠ ବୋଲି ଉଲ୍ଲେଖ ଥିବା ପରିଷଦ ପକ୍ଷରୁ କୁହାଯାଇଛି। ପୂର୍ବରୁ ପୋଢୁଆଁ ଭାର ଆସୁଥିଲା। ତେବେ କେତେକ ସମସ୍ୟା ଯୋଗୁ କିଛି ବର୍ଷ ଧରି ଏହା ବନ୍ଦ ରହିଥିଲା। ୨୦୧୯ରେ ସ୍ଥାନୀୟ ଲୋକେ ଏକାଠି ହୋଇ ପୁଣି ଏହି ପରମ୍ପରା ଆରମ୍ଭ କରିଥିଲେ। ସେବେଠାରୁ ପ୍ରତିବର୍ଷ ପୋଢୁଆଁ ଭାର ଅଣାଯାଉଛି। ଚଳିତବର୍ଷ ଏହା ପଞ୍ଚମ ବର୍ଷରେ ପଦାର୍ପଣ କରିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଏହି ପୋଢୁଆଁ ଭାର ସମ୍ପର୍କରେ ଠିକ୍ ତଥ୍ୟ ପ୍ରଶାସନ ନିକଟରେ ନାହିଁ। ତଥ୍ୟକୁ ଅନୁଧ୍ୟାନ କରାଯିବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ।

# ମଣ୍ଡିରୁ ଧାନ ଖାଉଛି ବୁଲା ଗୋରୁ

**୧୦ ବସ୍ତା ଧାନ ଚୋରି ଗୁଜବ**

ନୂଆପଡ଼ା,୪।୧୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ତରବୋଡ ପାକ୍ସ ଅଧୀନସ୍ଥ ଗଣ୍ଡାମେରା ମଣ୍ଡିରୁ ଧାନ ଚୋରି ହୋଇଥିବା ଅଭିଯୋଗ ହେଉଛି। ତରବୋଡ ପାକ୍ସ ଅଧୀନ ଗଣ୍ଡାମେରା ମଣ୍ଡିରେ ଗତ ୧ ତାରିଖରେ ୩୦୪୩ ବସ୍ତା, ୨ରେ ୧୨୫୧, ୩ରେ ୭୭୫ ଓ ୪ରେ ୭୫ ବସ୍ତା ମୋଟ ୪୧୪୪ ବସ୍ତା ଧାନ ପଡିଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ମଣ୍ଡିରୁ ସବୁ ଧାନ ଉଠି ସାରିଛି। ହେଲେ ମଣ୍ଡିରେ ୧୦ ବସ୍ତା ଧାନ ଚୋରି ହୋଇଛି ବୋଲି ଗୁଜବ ହେଉଛି। ବର୍ତ୍ତମାନ ସୁଦ୍ଧା ପାକ୍ସ କର୍ମଚାରୀ କିମ୍ବା ଥାନାରେ ଅଭିଯୋଗ ହୋଇନାହିଁ। ଗାଁ ଲୋକଙ୍କୁ ପଚାରିବାରୁ ଲୋକେ ଅଯଥାରେ ପ୍ରଚାର କରୁଛନ୍ତି। ଗଣ୍ଡାମେରା ମଣ୍ଡିରୁ ଅନ୍ୟତ୍ର ନେବା ପାଇଁ ଏପରି ପ୍ରଚାର କରୁଛନ୍ତି। କୌଣସି ଚାଷୀଙ୍କ ଧାନ ଚୋରି ହୋଇ ନାହିଁ ବୋଲି କହିଥିଲେ। ଏ ସଂକ୍ରାନ୍ତରେ ତରବୋଡ ପାକ୍ସ ସହ ସମ୍ପାଦକ ହେମ ସାଗର ସାହୁଙ୍କୁ ପଚାରିବାରୁ ମଣ୍ଡିରେ ୪ ଦିନରେ ୪୧୪୪ ବସ୍ତା ଧାନ ପଡିଥିଲା। ସବୁ ଧାନ ଉଠି ଯାଇଛି। ମଣ୍ଡିରେ ଆଉ ଧାନ ନାହିଁ। ଧାନ ଚୋରି ହେବା ଅଭିଯୋଗ ଆମ ପାଖରେ ଆସି ନାହିଁ। ହେଲେ କିଛି ଲୋକ ସୁରକ୍ଷା ବ୍ୟବସ୍ଥା ଠିକ ନାହିଁ, ଧାନକୁ ଗୋରୁ ଖାଇଯାଉଛି ବୋଲି କହିଥିଲେ ବୋଲି ପ୍ରକାଶ କରିଥିଲେ।

# ନାରୀଶିକ୍ଷାକୁ ନେଇ ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ



ବିଦ୍ୟାର୍ଥୀମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

ଖପ୍ରାଖୋଲ, ୪।୧୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲିଠାରେ ପାଟଣାଗଡ଼ ପାଟଣେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ନାରୀ ଶିକ୍ଷା ଉପରେ ସଭା, ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ବିଦ୍ୟାଳୟ ଅଧକ୍ଷା ଭଗ୍ୟଲତା ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ମୁଖ୍ୟବକ୍ତା ଆଇନଜୀବୀ ଶଙ୍କର ପ୍ରସାଦ ପ୍ରଧାନ, ସମ୍ମାନୀତ ଅତିଥି ବ୍ଲକ ଉପାଧକ୍ଷା ସୁଖିରାମ ସାଣ୍ଡ, ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା, ଏମବିକେ ଲୋଭାବତି ଧରୁଆ, ସାମାଜିକ କାର୍ଯ୍ୟକ୍ରମ ମୁଖ୍ୟ ସୁମିତ ମିଶ୍ର, ସଂଯୋଜିକା ସୁନୀତା ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ନାରୀଶିକ୍ଷା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ପରେ ଛାତ୍ରୀମାନଙ୍କ ଦାରା ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସାଇକୃପା ପରିଚାଳନା କରିଥିଲେ। ଅବନ୍ତି ପ୍ରଧାନ, ସସ୍ମିତା ମହାପାତ୍ର, ଗଜାନନ ପୁରୋହିତ, ଦିନେଶ ସାହୁ, ଖୁସିରାମ ରଣା, ଅନୁପ ବେହେରା, ଶିବ ପ୍ରସାଦ ପାଢ଼ୀ, ଆକାଶ ସୁନା, ଈଶ୍ୱର ନାଏକଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ୨ ଚାଷୀଙ୍କୁ ଦଳି ମାରିଦେଲା ହାତୀ

ଟାଙ୍ଗୀ,୪।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ଦିନକୁଦିନ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ଏପରିକି ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ରବିବାର ରାତିରେ ଦୁଇଜଣ ଚାଷୀ ବିଲରେ ଧାନ ଫସଲ ଜଗିଥିବା ବେଳେ ହାତୀ ଦଳିଦେବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଟାଙ୍ଗୀ ବନାଞ୍ଚଳ ଅଧୀନ ବରିକୋ ଗ୍ରାମର ଲକ୍ଷ୍ମୀଧର ବେହେରା ଏବଂ ଜରିଟାପୁ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ। ସୂଚନା ମୁତାବକ, ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଧାନ ଫସଲକୁ ସୁରକ୍ଷା ଦେବା ଏବଂ ହାତୀ ଘଉଡ଼ାଇବା ପାଇଁ ଲକ୍ଷ୍ମୀଧର ଓ କୃଷ୍ଣଚନ୍ଦ୍ର ରବିବାର ରାତିରେ ବିଲକୁ ଯାଇଥିଲେ। ଏହି ସମୟରେ କୁଶପଲା ଅଞ୍ଚଳରୁ ଆସିଥିବା ହାତୀପଲ ଧାନ ଫସଲ ଖାଇବାକୁ ବିଲରେ ପଶିଥିଲେ। ଫଳରେ ଚାଷଜମି ନିକଟରେ ବସିଥିବା ଲକ୍ଷ୍ମୀଧର ଓ କୃଷ୍ଣଚନ୍ଦ୍ର ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀଧର ଓ କୃଷ୍ଣଚନ୍ଦ୍ର ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଓ ସ୍ଥାନୀୟ ଗ୍ରାମବାସୀ ସେମାନଙ୍କୁ ଖୋଜାଖୋଜି କରିଥିଲେ। ସୋମବାର ସକାଳେ ଉଭୟଙ୍କର ମୃତଦେହ ବିଲରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ହାତୀ ଆକ୍ରମଣରେ ଚାଷୀଦ୍ୱୟଙ୍କ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ଖବରପାଇ ଟାଙ୍ଗୀ ଥାନା ପୋଲିସ ଏବଂ ବନବିଭାଗ କର୍ମଚାରୀ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଅଭିଯୋଗ ପରେ ଟାଙ୍ଗୀ ଥାନାରେ ପୃଥକ୍‌ଭାବେ ଦୁଇଟି ଅପମୃତ୍ୟୁ ମାମଲା (୪୩, ୪୪/୨୩) ରୁଜୁ ହୋଇଛି। ଏ ସମ୍ପର୍କରେ ଟାଙ୍ଗୀ ବନ ବିଭାଗ ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି, ବନ ବିଭାଗ ପକ୍ଷରୁ ଉଭୟ ପରିବାରର ଉତ୍ତରାଧିକାରୀଙ୍କୁ ୬୦ହଜାର ଟଙ୍କା ଲେଖାଏ ମଙ୍ଗଳବାର ପ୍ରଦାନ କରାଯିବ। ତଦନ୍ତ ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଉ ୫ ଲକ୍ଷ ୪୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ନକଲି ପଲିସିଂ ସାମଗ୍ରୀ ଠାବ, ୨ ଗିରଫ

ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ବାନ୍ଧୁଟିକ୍ରା ଭିଏସ୍‌ଏସ୍ ନଗରର ଏକ ଗୋଦାମରେ କାର୍, ବାଇକ୍ ପାଇଁ ନକଲି ପଲିସିଂ ସାମଗ୍ରୀ ପ୍ରସ୍ତୁତ ହେଉଥିବା ଏକ ଆଡ୍ଡା ଟାଉନ ଥାନା ପୋଲିସ ଠାବ କରିଛି। ସେଠାରୁ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ପ୍ରେମ ଚୋପ୍ରା ଏବଂ ନୀଳାମ୍ବର ନାଏକ। ପୋଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି।



ପୋଲିସ ଚଢ଼ାଉ କରୁଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com



@ ଆଲୋକ ନାଏକ



@ ଦିଲୀପ କୁମାର ସାହୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜେଲରୁ ମୁକୁଳିବେ ଅର୍ଚ୍ଚନା ନାଗ

**ଇଡି ମାମଲାରେ ହାଇକୋର୍ଟରୁ ମିଳିଲା ଜାମିନ**

ଭୁବନେଶ୍ୱର,୪।୧୨ (ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଗିରଫ ହୋଇଥିବା ଅର୍ଚ୍ଚନା ନାଗ ଖୁବ୍‌ଶୀଘ୍ର ଝାରପଡ଼ା ଜେଲରୁ ମୁକୁଳିବେ। ପୂର୍ବରୁ ୨ଟି ମାମଲାରେ ତାଙ୍କୁ ଜାମିନ ମିଳିଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ହୋଇଥିବା ବେଆଇନ ଅର୍ଥ କାରବାର ମାମଲାରେ ସୋମବାର ଅର୍ଚ୍ଚନାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୨ ଲକ୍ଷ ଟଙ୍କାର ଦୁଇଟି ଜାମିନଦାର ବଦଳରେ ଅର୍ଚ୍ଚନା ଜେଲରୁ ବାହାରିବେ। ଅର୍ଚ୍ଚନାଙ୍କ ପକ୍ଷରୁ ହୋଇଥିବା ବେଲ୍ ପିଟିଶନ୍‌ର ପରିଚାଳନା ଆଇନଜୀବି ଜୟଦୀପ ପାଲ କରୁଥିବାବେଳେ ବିଚାରପତି ଗୌରୀଶଙ୍କର ଶତପଥୀ ଏହାର ଶୁଣାଣି କରିଛନ୍ତି। ତେବେ ଅର୍ଚ୍ଚନାଙ୍କ ପାଇଁ ହାଇକୋର୍ଟ କେତେକ ସର୍ତ୍ତ ରଖିଛନ୍ତି। ଅର୍ଚ୍ଚନା ତଦନ୍ତରେ ସହଯୋଗ କରିବେ, ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ, ଇଡି ଅଧିକାରୀଙ୍କୁ ମୋବାଇଲ ନଂ. ଏବଂ ଠିକଣା ପ୍ରଦାନ କରିବେ, ପ୍ରତି



ତାରିଖରେ କୋର୍ଟରେ ବ୍ୟକ୍ତିଗତ ହାଜର ହେବେ, ପାସପୋର୍ଟ ଦାଖଲ କରିବେ ଆଦି ସର୍ତ୍ତ ରଖାଯାଇଛି। ଏହାପୂର୍ବରୁ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ କରିବା ନେଇ ନୟାପଲ୍ଲୀ ଥାନାରେ ରୁଜୁ ମାମଲାରେ ଏପ୍ରିଲ ୧୧ରେ ଏବଂ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ବ୍ଲାକମେଲ୍ କରି ହନିଟ୍ରାପ୍‌ରେ ଲଗାଇବା ନେଇ ଖଣ୍ଡଗିରି ଥାନାରେ ହୋଇଥିବା ମାମଲାରେ ଅଗଷ୍ଟ ୨ରେ ହାଇକୋର୍ଟ ଅର୍ଚ୍ଚନାଙ୍କୁ ଜାମିନ ଦେଇଥିଲେ। ଏଥିସହ ପୂର୍ବରୁ ମଧ୍ୟ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଜାମିନ ପାଇ ଜେଲରୁ ମୁକୁଳିଛନ୍ତି। ଏଭଳିସ୍ଥିତିରେ କୋର୍ଟ ପ୍ରକ୍ରିୟା ସରିବା ପରେ ବୁଧବାର ଅର୍ଚ୍ଚନା ଜେଲରୁ ବାହାରିବେ ବୋଲି ସୂଚନା ମିଳିଛି। ପ୍ରଯୋଜକ ଅକ୍ଷୟ ପରିଜାଙ୍କ ଅଭିଯୋଗ ଆଧାରରେ ଗତବର୍ଷ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା ରୁଜୁ କରି ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ନଗ୍ନ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ବଡ଼ବଡ଼ିଆଙ୍କୁ ହନିଟ୍ରାପରେ ଫସାଇବାକୁ ବାଧ୍ୟ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅଭିଯୋଗ କରିଥିଲେ। ପୋଲିସ ଅକ୍ଟୋବର ୬ରେ ଅର୍ଚ୍ଚନା ଓ ପରେ ସ୍ୱାମୀ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ସେହିପରି ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ନଭେମ୍ବର ୧୧ରେ ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନାଙ୍କୁ ଡିସେମ୍ବର ୧୩ ଓ ଜଗବନ୍ଧୁଙ୍କୁ ଡିସେମ୍ବର ୨୩ରେ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା।

# ଏଟିଏମ୍ ଭାଙ୍ଗି ଟଙ୍କା ନେଇଗଲେ ଦୁର୍ବୃତ୍ତ

ଖଡ଼ିଆଳ,୪।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ମିଶନ ହସ୍ପିଟାଲ ନିକଟରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଖଡ଼ିଆଳ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ଖଡ଼ିଆଳ ମିଶନ ନିକଟରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌କୁ ଦୁର୍ବୃତ୍ତମାନେ ଗ୍ୟାସ କଟର ମାଧ୍ୟମରେ କାଟି ଉଠାଇ ନେଇଯାଇଛନ୍ତି। ଏଟିଏମ ଭିତରେ ୧୪ ଲକ୍ଷ ୮୦ ହଜାର ୫ ଶହ ଟଙ୍କା ରହିଥିବା ଖଡ଼ିଆଳ ଷ୍ଟେଟ ବ୍ୟାଙ୍କ ଚିଫ୍ ମ୍ୟାନେଜର ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଏ ନେଇ ଖଡ଼ିଆଳ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ନୂଆପଡା ଆରକ୍ଷୀ ଅଧୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଖଡ଼ିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

**ଏଟିଏମ୍‌ରେ ଥିଲା ୧୫ ଲକ୍ଷ ୮୦ ହଜାରରୁ ଅଧିକ ଟଙ୍କା**

# ଗ୍ରାହକଙ୍କ ଆକ୍ରମଣ, ମଦଦୋକାନ କର୍ମଚାରୀ ମୃତ



ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ।

**୩ ଗିରଫ**

ଖପ୍ରାଖୋଲ, ୪।୧୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲରେ ଥିବା ସରକାରୀ ଠିପି ବନ୍ଦ ବିଦେଶୀ ମଦଦୋକାନରେ ମଦ ଦର ଓ ପଇସା ନେଣଦେଣକୁ ନେଇ ଗ୍ରାହକ ଓ ମଦ ଦୋକାନ କର୍ମଚାରୀଙ୍କ ମଧ୍ୟରେ ରବିବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟିଥିଲା। ଗ୍ରାହକଙ୍କ ଲାଠିମାଡ଼ରେ ମଦଦୋକାନ କର୍ମଚାରୀ ବିହାର ରାଜ୍ୟ ଔରଙ୍ଗାବାଦର ଗୋପାଳ ପ୍ରସାଦ (୩୩) ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣାଗଡ ଡାକ୍ତରଖାନା ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ଗୋପାଳଙ୍କର ମୃତ୍ୟୁ ଘଟିଛି। ଏନେଇ ଖପ୍ରାଖୋଲ ଥାନାରେ ବିଭିନ୍ନ ଦଫାରେ ଏକ ମାମଲା(୨୬୦/୨୩)ରୁଜୁ କରି ପୋଲିସ ବେଲପଡ଼ା ଥାନା ଖରଖରା ଗାଁର ଲଛମନ ଦାସ (୩୧), ବୁଢାଭଟାର ଯୋଗିନ୍ଦ୍ର ବରିହା (୨୯) ଓ ବିଶ୍ୱନାଥ ନିଆଲ(୩୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ସୂଚନା ଅନୁସାରେ ଅଭିଯୁକ୍ତମାନେ ପାଖ ଗାଁକୁ କ୍ରିକେଟ ଖେଳିବାକୁ ଆସିଥିଲେ। ଖେଳରେ ହାରିଯିବା ପରେ ମ୍ରିୟମାଣ ହୋଇ ଖପ୍ରାଖୋଲ ମଦ ଦୋକାନକୁ ଆସିଥିଲେ। ଧାର୍ଯ୍ୟ ଦରଠାରୁ ଅଧିକ ୧୦ ଟଙ୍କା ନେଉଛ କହି ସେମାନେ ମଦ ଦୋକାନୀ କର୍ମଚାରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଯୁବକମାନେ ଉତ୍ତ୍ୟକ୍ତ ହୋଇ ଏକ ଲାଠିରେ ମଦ ଦୋକାନ କର୍ମଚାରୀ ଗୋପାଳଙ୍କୁ ମାଡ଼ ମାରିଥିବା ମଦଦୋକାନ ମ୍ୟାନେଜର ଥାନାରେ ଅଭିଯୋଗ କରିଥିଲେ।

# ମିଗ୍‌ଜୋମ୍: ତାମିଲନାଡୁ ଜଳାର୍ଣ୍ଣବ


ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ଚେନ୍ନାଇ ରାସ୍ତା ଜଳମଗ୍ନ ହୋଇଯାଇଥିବାରୁ ଯାତାୟାତରେ ଅସୁବିଧା ହେଉଛି।


ଦକ୍ଷିଣ ଚେନ୍ନାଇର ନାରାୟଣପୁରମ୍ ରାସ୍ତାରେ ପାଣିଘେରରେ ଫସିଥିବା ଲୋକଙ୍କୁ ଏନ୍‌ଡିଆର୍‌ଏଫ୍ ଯବାନମାନେ ଉଦ୍ଧାର କରୁଛନ୍ତି।

## ଚେନ୍ନାଇରେ ୭ ମୃତ
## ଆଜି ସ୍କୁଲ୍, ଅଫିସ ଛୁଟି

ଚେନ୍ନାଇ,୪।୧୨

ବାତ୍ୟା ମିଗ୍‌ଜୋମ୍ ସ୍ଥଳଭାଗ ଛୁଇଁ ନ ଥିଲେ ମଧ୍ୟ ଏହାର ପ୍ରଭାବରେ ସୋମବାର ତାମିଲନାଡୁର ଅନେକ ଜିଲାରେ ପ୍ରବଳ ବର୍ଷା ଜାରି ରହିଛି। ବର୍ଷାରେ ଚେନ୍ନାଇ ମହାନଗର ଉବୁଟୁବୁ ହେଉଥିବାବେଳେ ଉତ୍ତର ତାମିଲନାଡୁରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ବର୍ଷା ବିପ୍ରାତରେ ଚେନ୍ନାଇରେ ୭ ଜଣଙ୍କ ମୃତ୍ୟୁ ଘଟିଲାଣି। ୨୦୧୫ ବର୍ଷାବିପ୍ରାତର ପୁନରାବୃତ୍ତି ହେବା ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ବାତ୍ୟା ହେବାକୁ ଥିବାରୁ ଲୋକେ ପାନୀୟ ଜଳ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ପରେ ବାତ୍ୟା ମିଗ୍‌ଜୋମ୍ ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବାକୁ ଥିବାବେଳେ ୯୦ରୁ ୧୦୦ କିଲୋମିଟର ବେଗରେ ପବନ ବହିବ। ରବିବାରଠାରୁ ଚେନ୍ନାଇ ଏବଂ ପଣ୍ଡିଚେରିରେ ପ୍ରବଳ ବର୍ଷା ଜାରି ରହିଛି। ସେଥିପାଇଁ ମଙ୍ଗଳବାର ତାମିଲନାଡୁରେ ସମସ୍ତ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅଫିସକୁ ଛୁଟି ଘୋଷଣା କରାଯାଇଛି। ତାମିଲନାଡୁ, ଆନ୍ଧ୍ର ଏବଂ ୟାନମ୍‌ରେ ରେଡ୍ ଆଲର୍ଟ ଜାରି ହୋଇଛି।

ଚେନ୍ନାଇ ବିମାନବନ୍ଦରର ରନ୍‌ୱେ ବର୍ଷାପାଣିରେ ବୁଡ଼ିଯାଇଥିବାରୁ ରାତି ୧୧ଟା ପର୍ଯ୍ୟନ୍ତ ୭୦ଟି ବିମାନକୁ ବାତିଲ କିମ୍ବା ଦିଗ ପରିବର୍ତ୍ତନ କରିଦିଆଯାଇଛି। କେତେକ ବିମାନକୁ ଅନ୍ୟ ବିମାନବନ୍ଦରରେ ଅବତରଣ ସୁଯୋଗ ଦିଆଯାଇଛି। ସେହିପରି ଅନେକ ସ୍ଥାନରେ ମେଟ୍ରୋ ଷ୍ଟେଶନ ଏବଂ ରେଳ ଧାରଣା ବୁଡ଼ିଥିବାରୁ ୬୦ଟି ଟ୍ରେନ୍ ବାତିଲ ହୋଇଛି। ସେଣ୍ଟ ଥୋମାସ୍ ମେଟ୍ରୋ ଷ୍ଟେଶନରେ ୪ ଫୁଟ୍ ଉଚ୍ଚର ପାଣି ହୋଇଥିବାରୁ ଏହା ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ପ୍ରବଳ ବର୍ଷା ଯୋଗୁ ଖାଲୁଆ ଅଞ୍ଚଳଗୁଡ଼ିକ ବୁଡ଼ିଯାଇଛି। ରାସ୍ତା ଉପରେ କୁମ୍ଭୀର ଚଲାବୁଲା କରୁଥିବା ଦେଖାଯାଇଛି। ଚେନ୍ନାଇର କାନାଥୁର୍‌ରେ ପ୍ରବଳ ବର୍ଷା ଓ ପବନ ଯୋଗୁ ଏକ ନବନିର୍ମିତ ପାଚେରି ଭାଙ୍ଗି ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଜଣେ ଆହତ ହୋଇଛନ୍ତି। ବୈଦ୍ୟନାଥନ ଫ୍ଲାଇଓଭର ନିକଟ ପ୍ଲାଟ୍‌ଫର୍ମରେ ଜଣେ ୭୦ ବର୍ଷୀୟଙ୍କ ମୃତଦେହ ମିଳିଛି। ସେହିପରି ଫୋର୍‌ଶୋର ଇଷ୍ଟେଟ୍ ବସ୍ ଡିପୋରେ ଜଣେ ୬୦ ବର୍ଷୀୟ ବୃଦ୍ଧା ପ୍ରାଣ ହରାଇଛନ୍ତି। ଡିଣ୍ଡିଗୁଲ୍ ଏବଂ ପାଣ୍ଡିୟାନ ନଗରରେ ବିଦ୍ୟୁତ୍ ସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ରାଜଧାନୀ ଚେନ୍ନାଇ ଏବଂ ନିକଟବର୍ତ୍ତୀ ଜିଲା କାଞ୍ଚିପୁରମ୍, ଚେଙ୍ଗାଲପାଟ୍ଟୁ ଏବଂ ତିରୁଭାଲ୍ଲୁର ବର୍ଷାପାଣିରେ ଉବୁଟୁବୁ ହେଉଥିବାବେଳେ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ସରକାରୀ କଳକୁ ନିୟୋଜିତ କରାଯାଇଛି।

## ୭୦ ବିମାନ, ୬୦ ଟ୍ରେନ୍ ବାତିଲ


ଜଳମଗ୍ନ ଚେନ୍ନାଇ ଏୟାରପୋର୍ଟର ଦୃଶ୍ୟ।

## ସଂକ୍ଷେପରେ

### ବର୍ଷା, ଭୂସ୍ଖଳନରେ ୪୭ ମୃତ

**ନାଇରୋବି,୪।୧୨:** ଉତ୍ତର ତାଞ୍ଜାନିଆରେ ପ୍ରବଳ ବର୍ଷାଜନିତ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ୪୭ ଜଣଙ୍କ ମୃତ୍ୟୁ ଘଟିବା ସହ ୮୫ ଆହତ ହୋଇଛନ୍ତି। ବନ୍ୟାପାଣି ଘେରରେ ଥିବା ଶହ ଶହ ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ସେନାକୁ ନିୟୋଜିତ କରାଯାଇଛି। ମାଉଣ୍ଟ ହାନାଙ୍ଗ ନିକଟରେ ବନ୍ୟା ଯୋଗୁ ବହୁ ଘର ଭାଙ୍ଗିବା ସହ ରାସ୍ତା ଓ ବ୍ରିଜ୍ ନଷ୍ଟ ହୋଇଥିବାରୁ ଉଦ୍ଧାର କାର୍ଯ୍ୟ କଷ୍ଟକର ହୋଇଛି। ଜାତିସଂଘ ଜଳବାୟୁ ସମ୍ମିଳନୀରେ ଯୋଗଦେବା ପାଇଁ ଦୁବାଇରେ ଥିବା ତାଞ୍ଜାନିଆ ରାଷ୍ଟ୍ରପତି ସାମିଆ ସୁଲୁହୁ ହାସନ ତାଙ୍କ ଗସ୍ତ କାଟଛାଣ୍ଟ କରି ସ୍ୱଦେଶ ଫେରିଆସିଛନ୍ତି।

### ରୁଷିଆ ସେନା ପାଇଁ ଲଢୁଥିବା ୬ ନେପାଳୀ ନିହତ

**କାଠମାଣ୍ଡୁ,୪।୧୨(ପି.ଟି.):** ୟୁକ୍ରେନ୍ ବିରୋଧରେ ରୁଷିଆ ସେନାରେ ଲଢୁଥିବା ୬ ନେପାଳୀ ସୈନ୍ୟ ନିହତ ହୋଇଥିବା ସରକାରଙ୍କ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ସେନାରେ ନେପାଳୀଙ୍କୁ ନିଯୁକ୍ତି ନ ଦେବାକୁ ନେପାଳ ବହିର୍ବ୍ୟାର ମନ୍ତ୍ରଣାଳୟ ମସ୍କୋକୁ କହିଛି। ଯୁଦ୍ଧରେ ପ୍ରାଣ ହରାଇଥିବା ନେପାଳୀ ସୈନ୍ୟଙ୍କ ମୃତଦେହ ଫେରାଇ ଦେବାକୁ ମନ୍ତ୍ରଣାଳୟ ରୁଷିଆକୁ ନିବେଦନ କରିଛି।

### ଲାଭା ଉଦ୍‌ଗିରଣ ପରେ ୧୧ ମୃତଦେହ ଠାବ
#### ମାରାପିରେ ୧୨ ନିଖୋଜ

**ପାଡ଼ାଙ୍ଗ(ଇଣ୍ଡୋନେସିଆ),୪।୧୨:** ଇଣ୍ଡୋନେସିଆର ମାଉଣ୍ଟ ମାରାପି ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ପରେ ସୋମବାର ସେଠାରୁ ୧୧ ପର୍ବତାରୋହୀଙ୍କ ମୃତଦେହ ମିଳିଥିବାବେଳେ ଅନ୍ୟ ୧୨ ଜଣ ନିଖୋଜ ଅଛନ୍ତି। ଉଦ୍ଧାରକାରୀମାନେ ସେମାନଙ୍କ ତଲାସି ଜାରି ରଖିଛନ୍ତି। ୨୦୧୧ରୁ ମାରାପି ତୃତୀୟ ସର୍ବାଧିକ ସତର୍କତା ସ୍ତରରେ ରହିଛି। ଏଠାରେ ଲାଭା ଉଦ୍‌ଗିରଣ ସକ୍ରିୟତା ସ୍ୱାଭାବିକଠାରୁ ଅଧିକ। ସେଥିପାଇଁ ଏହାର ଶୃଙ୍ଗଠାରୁ ୩ କିଲୋମିଟର ପରିଧି ମଧ୍ୟରେ ପର୍ବତାରୋହୀ ଏବଂ ଗାଁ ଲୋକଙ୍କ ପ୍ରବେଶକୁ ବାରଣ କରାଯାଇଥିବା ସେଣ୍ଟର ଫର୍ ଭଲ୍କାନୋଲୋଜି ଆଣ୍ଡ୍ ଜିଓଲୋଜିକାଲ ଡିଜାଷ୍ଟର ମିଟିଗେଶନ୍‌ର ମୁଖ୍ୟ ହେଣ୍ଡ୍ରା ଗୁନାଓ୍ୱନ କହିଛନ୍ତି। ପର୍ବତାରୋହୀଙ୍କୁ କେବଳ ବିପଜ୍ଜନକ ଜୋନ୍ ବାହାରେ ଆରୋହଣ ପାଇଁ ଅନୁମତି ମିଳିଥାଏ। ତେବେ ଅଧିକାଂଶ ସମୟରେ ଅଧିକାଂଶ ଆରୋହୀ ସେମାନଙ୍କ ପର୍ବତାରୋହଣ ତୃଷ୍ଟି ପୂରଣ ପାଇଁ ନିୟମ ଉଲ୍ଲଂଘନ କରିଥାନ୍ତି ବୋଲି ଗୁନାଓ୍ୱନ କହିଛନ୍ତି। ଶନିବାର ପ୍ରାୟ ୭୫ ଜଣ ପର୍ବତାରୋହୀ ପାଖାପାଖି ୨,୯୦୦ ମିଟର ଉଚ୍ଚ ମାରାପି ଶୃଙ୍ଗ ଚଢ଼ିବା ଆରମ୍ଭ କରିଥିଲେ। ଲାଭା ଉଦ୍‌ଗିରଣ ଯୋଗୁ ସେମାନେ ଆଗକୁ ବଢ଼ିପାରି ନ ଥିଲେ। ରବିବାର ୮ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାରାପିରେ ଲାଭା ଉଦ୍‌ଗିରଣ ଫଳରେ ଧଳା ଓ ଧୂସର ରଙ୍ଗର ପାଉଁଶ କୁଣ୍ଡଳୀ ୩,୦୦୦ ମିଟର ଉଚ୍ଚକୁ ବ୍ୟାପିଯାଇଛି।

## ମଣିପୁରରେ ସାନି ହିଂସା: ୧୩ ମୃତ

ଇମ୍ଫାଲ,୪।୧୨

ମଣିପୁରର ଟେଙ୍ଗନୌପାଲ ଜିଲାରେ ସୋମବାର ଅପରାହ୍ନରେ ସାନି ହିଂସାକାଣ୍ଡ ଘଟି ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଜିଲାର ସାଇବଲ୍ ନିକଟବର୍ତ୍ତୀ ଲେଇଥୁ ଗ୍ରାମରେ ଦୁଇ ଗୋଷ୍ଠୀ ଉଗ୍ରପନ୍ଥୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଥିବା ନେଇ ମଧ୍ୟାହ୍ନ ସମୟରେ ପୋଲିସକୁ ଖବର ମିଳିଥିଲା। ଏନ୍‌କାଉଣ୍ଟର ସ୍ଥଳଠାରୁ ସୁରକ୍ଷା କର୍ମୀ ପ୍ରାୟ ୧୦ କିଲୋମିଟର ଦୂରରେ ଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଲେଇଥୁ ଗ୍ରାମରୁ ୧୩ ମୃତଦେହ ମିଳିଥିଲା। ତେବେ ସେଠାରୁ କୌଣସି ଅସ୍ତ୍ରଶସ୍ତ୍ର ଜବତ ହୋଇନାହିଁ। ସୁରକ୍ଷା ଅଧିକାରୀଙ୍କ କହିବା ଅନୁଯାୟୀ ମୃତକମାନେ ଲେଇଥୁ ଅଞ୍ଚଳର ନୁହନ୍ତି। ସେମାନେ ବାହାରୁ ଆସିଥିବାବେଳେ ଅନ୍ୟ ଏକ ଉଗ୍ରପନ୍ଥୀ ଗୋଷ୍ଠୀ ସହ ସେମାନଙ୍କର ଗୁଳି ବିନିମୟ ହୋଇଥିଲା। ମୃତକମାନଙ୍କ ପରିଚୟ ମିଳିପାରି ନାହିଁ। ମଣିପୁରରେ ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଗତ ମେ’ ୩ରୁ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ୧୮୨ ଜଣଙ୍କ ଜୀବନ ଯିବା ସହ ୫୦ ହଜାର ଲୋକ ବାସହରା ହୋଇଛନ୍ତି। ହିଂସା ଆରମ୍ଭ ହେବାର ଦୀର୍ଘ ୭ ମାସ ପରେ ଗତ ରବିବାର ସରକାର ହିଂସା ପ୍ରବଣ ଅଞ୍ଚଳରୁ ମୋବାଇଲ ଇଣ୍ଟରନେଟ୍ ନିଷେଧାଦେଶ ହଟାଇଥିଲେ। ନୂଆଦିଲ୍ଲୀରେ କେନ୍ଦ୍ର ସରକାର, ମଣିପୁର ସରକାର ଏବଂ ୟୁଏନ୍‌ଏଲ୍‌ଏଫ୍ ମଧ୍ୟରେ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

## ବାୟୁସେନା ବିମାନ ଦୁର୍ଘଟଣା: ୨ ପାଇଲଟ୍‌ଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୪।୧୨

ତେଲଙ୍ଗାନାର ମେଡକ ଜିଲା ଅନ୍ତର୍ଗତ ତୁପ୍ରାନ୍‌ଠାରେ ସୋମବାର ସକାଳେ ବାୟୁସେନାର ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ପିଲାଟସ୍ ପିସି-୭ ଏମ୍‌କେ୨ ବିମାନଟି ଡୁଣ୍ଡିଗାଲ ଏୟାରଫୋର୍ସ ଏକାଡେମିରୁ ଉଡ଼ାଣ ଆରମ୍ଭ କରିବା ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ୨ ପାଇଲଟ୍‌ଙ୍କ ମଧ୍ୟରୁ ଜଣେ ଇନ୍‌ଷ୍ଟ୍ରକ୍ଟର ହୋଇଥିବାବେଳେ ଅନ୍ୟ ଜଣକ କ୍ୟାଡେଟ୍ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ଦୁର୍ଘଟଣାରେ ସାଧାରଣ ଧନଜୀବନ କ୍ଷୟକ୍ଷତି ହୋଇନାହିଁ। ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି।

## ମହୁଆଙ୍କୁ ବହିଷ୍କାର ନିଷ୍ପତ୍ତି ପୂର୍ବରୁ ଆଲୋଚନା ହେଉ

### ବିରୋଧୀଙ୍କ ଦାବି

ନୂଆଦିଲ୍ଲୀ,୪।୧୨(ପି.ଟି.)

ପ୍ରଶ୍ନ ପାଇଁ ଲାଞ୍ଚ ମାମଲାରେ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କୁ ଲୋକ ସଭାରୁ ବହିଷ୍କାର କରିବା ଲାଗି ଏଥିକ୍ସ କମିଟି ସୁପାରିସ୍ କରିଥିଲା। ଉକ୍ତ ରିପୋର୍ଟ ଉପରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଗୃହରେ ଆଲୋଚନା କରିବା ନିମନ୍ତେ ବିରୋଧୀ ସଦସ୍ୟମାନେ ସୋମବାର ଦାବି କରିଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ବିଜ୍‌ନେସ ଆଡଭାଇଜରୀ କମିଟି ବୈଠକ ଚାଲିଥିବାବେଳେ ବିରୋଧୀ ସଦସ୍ୟ ଉପରୋକ୍ତ ଦାବି ଉଠାଇଥିଲେ। ମହୁଆଙ୍କ ଉପରେ ଏଥିକ୍ସ କମିଟି ରିପୋର୍ଟ ମଙ୍ଗଳବାର ଲୋକ ସଭାରେ ଉପସ୍ଥାପନ ହେବା ଆଶା କରାଯାଉଛି। ଉପନିବେଶ ସମୟର ଅପରାଧ ଆଇନ ସ୍ଥାନରେ ଅଣାଯାଇଥିବା ୩ ବିଲ୍ ଉପରେ ଆଲୋଚନା ପାଇଁ ୧୨ ଘଣ୍ଟା ସମୟ ଦେବାକୁ ଆଡଭାଇଜରି କମିଟି ନିଷ୍ପତ୍ତି ନେଇଛି। ସେହିପରି ମୁଖ୍ୟ ନିର୍ବାଚନ କମିଶନ ଏବଂ ଅନ୍ୟ ନିର୍ବାଚନ କମିଶନଙ୍କ (ନିଯୁକ୍ତି, ସେବା ନିୟମ ଓ ସର୍ତ୍ତାବଳୀ) ବିଲ୍ ଉପରେ ୩ ଘଣ୍ଟା ଆଲୋଚନା କରିବାକୁ ସ୍ଥିର ହୋଇଛି। ଭାଜପା ଏମ୍‌ପି ବିନୋଦ ସୋଙ୍କରଙ୍କ ଅଧ୍ୟକ୍ଷତାରେ ଗଠିତ ଲୋକ ସଭା ଏଥିକ୍ସ କମିଟି ରିପୋର୍ଟ ନଭେମ୍ବର ୯ରେ ଗୃହୀତ ହୋଇଥିଲା। କ୍ୟାଶ୍ ଫର୍ କ୍ୱେରି ଅଭିଯୋଗରେ ମହୁଆଙ୍କୁ ନିମ୍ନ ସଦନରୁ ବହିଷ୍କାର କରିବା ପାଇଁ ଏଥିରେ ସୁପାରିସ କରାଯାଇଛି। ଉକ୍ତ ରିପୋର୍ଟ ସପକ୍ଷରେ ଗୃହ ଭୋଟ ଦେଲେ ମହୁଆଙ୍କୁ ବହିଷ୍କାର କରାଯିବ।


ଶୀତ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟ ପରିସରରେ ମହୁଆ ମୋଇତ୍ର।

# ଲାଲଦୁହୋମା ହେବେ ମିଜୋରାମ ମୁଖ୍ୟମନ୍ତ୍ରୀ

## ଇନ୍ଦିରା ଗାନ୍ଧୀଙ୍କୁ ସୁରକ୍ଷା ଦେଉଥିଲେ

ଆଇଜଲ,୪।୧୨

ଦଳବଦଳ ନିରୋଧୀ ଆଇନ ବଳରେ ସର୍ବପ୍ରଥମେ ପାର୍ଲାମେଣ୍ଟ ସଦସ୍ୟତା ହରାଇଥିବା ୭୩ ବର୍ଷୀୟ ଲାଲଦୁହୋମା ଉତ୍ତର-ପୂର୍ବ ରାଜ୍ୟ ମିଜୋରାମର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ନେତା ଲାଲଦୁହୋମାଙ୍କ ରାଜନୈତିକ ଯାତ୍ରା ଓ କ୍ଷମତାର ଶୀର୍ଷରେ ପହଞ୍ଚିବା ଅନେକଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି।

ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ୩ ଦଶନ୍ଧି ଧରି କଂଗ୍ରେସର ଲାଲ ଥନ୍‌ହୱଲା ଏବଂ ଏମ୍‌ଏନ୍‌ଏଫ୍‌ର ଜୋରାମଥାଙ୍ଗାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଥିଲା। ଲାଲଦୁହୋମା ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଥିବାବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ। ସେ ୧୯୮୪ରେ କଂଗ୍ରେସ ଦଳରୁ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ିଥିଲେ। କିନ୍ତୁ ପିପୁଲ୍ସ କନ୍‌ଫରେନ୍ସ ପାର୍ଟି ପ୍ରାର୍ଥୀ ଲାଲହମିଙ୍ଗ୍‌ଥାଙ୍ଗାଙ୍କଠାରୁ ୮୪୬ ମାର୍ଜିନରେ ହାରିଯାଇଥିଲେ। ସେହିବର୍ଷ ଲୋକ ସଭା ନିର୍ବାଚନରେ କଂଗ୍ରେସ ଟିକେଟ ପାଇ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ତେବେ ୧୯୮୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଲାଲ ଥନ୍‌ହୱଲା ଓ କେତେଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ ଆସିବା ପରେ ରାଜ୍ୟ କଂଗ୍ରେସ ସଭାପତି ତଥା ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିଲେ। ୧୯୮୮ରେ ଦଳବଦଳ ନିରୋଧୀ ଆଇନ ବଳରେ କଂଗ୍ରେସ ଏମ୍‌ପି ପଦରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ୨୦୨୦ରେ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)ର ୧୨ ବିଧାୟକ ଲାଲଦୁହୋମାଙ୍କ ବିରୋଧରେ ବିଧାନସଭା ବାଚସ୍ପତିଙ୍କ ନିକଟରେ ଫେରାଦ ହେବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଦଳବଦଳ ଆଇନ ବଳରେ ମିଜୋରାମରେ ବିଧାୟକ ପଦ ହରାଇବାରେ ମଧ୍ୟ ସେ ପ୍ରଥମ। କିନ୍ତୁ ୨୦୨୧ ଉପନିର୍ବାଚନରେ ପୁଣି ଜିତିବାରେ ସକ୍ଷମ ହୋଇଥିଲେ। ସଦ୍ୟ ନିର୍ବାଚନରେ ଲାଲଦୁହୋମା ସର୍ଛିପ୍ ଆସନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)ର ଜେ. ମଲସାଓ୍ୱମ୍‌ଜୁଆଲା ବନଛାଓ୍ୱଙ୍ଗଙ୍କୁ ୨,୯୮୨ ଭୋଟ ବ୍ୟବଧାନରେ ହରାଇଛନ୍ତି।



## ମୁଖ୍ୟ ଦାବିଦାର ରେଭନ୍ତ ରେଡ୍ଡୀ

**ତେଲଙ୍ଗାନା ବିଧାନସଭା ଭଙ୍ଗ, କଂଗ୍ରେସ ଗଢ଼ିବ ପ୍ରଥମ ସରକାର**

ହାଇଦ୍ରାବାଦ,୪।୧୨

ତେଲଙ୍ଗାନାର ଦ୍ୱିତୀୟ ବିଧାନସଭାର କାର୍ଯ୍ୟକାଳ ଶେଷ ହେବା ପରେ ତୃତୀୟ ବିଧାନସଭା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍ ସୋମବାର ବିଧାନସଭାକୁ ଭଙ୍ଗ କରିଛନ୍ତି। ନଭେମ୍ବର ୩୦ରେ ରାଜ୍ୟର ୧୧୯ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। କଂଗ୍ରେସକୁ ୬୪ ଆସନରେ ସଫଳତା ମିଳିଥିବାରୁ ସର୍ବପୁରାତନ ଦଳ ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ ପ୍ରଥମ ଥର ପାଇଁ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ତେବେ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ୩ ନେତା ପ୍ରମୁଖ ଦାବିଦାର ଥିବା କୁହାଯାଉଛି।

ତେଲଙ୍ଗାନା କଂଗ୍ରେସ ସଭାପତି ରୂପେ ୫୪ ବର୍ଷୀୟ ଏ. ରେଭନ୍ତ ରେଡ୍ଡୀଙ୍କ ସାଙ୍ଗଠନିକ ଦକ୍ଷତା ଓ ନିଆରା କାର୍ଯ୍ୟଶୈଳୀ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଦୁର୍ଗର ପତନ ଘଟାଇବାରେ ସକ୍ଷମ ହୋଇଛି। କଂଗ୍ରେସ ତାଙ୍କୁ ବିଆର୍‌ଏସ୍ ମୁଖ୍ୟ ତଥା ବିଦାୟୀ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କ ବିରୋଧରେ ପ୍ରାର୍ଥୀ କରିଥିଲା। କାମାରେଡ୍ଡୀ ଆସନରେ ଉଭୟ କେସିଆର୍ ଏବଂ ରେଭନ୍ତ ଭାଜପାର ଭେଙ୍କଟ ରମଣ ରେଡ୍ଡୀଙ୍କଠାରୁ ହାରିଯାଇଛନ୍ତି। ଏହା ସତ୍ତ୍ୱେ ରେଭନ୍ତ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ସେହିପରି ବରିଷ୍ଠ ବିଧାୟକ ମାଲ୍ଲୁ ଭଟ୍ଟି ବିକ୍ରମାର୍କ(୬୨) ଓ ପୂର୍ବତନ ପିସିସି ସଭାପତି ଉତ୍ତମ କୁମାର ରେଡ୍ଡୀଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। କଂଗ୍ରେସ ହାଇକମାଣ୍ଡ ଖୁବ୍‌ଶୀଘ୍ର ଜଣଙ୍କ ନାମରେ ମୋହର ଲଗାଇବେ ବୋଲି କୁହାଯାଉଛି।


ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍‌ଙ୍କୁ ସରକାର ଗଠନ ପାଇଁ ଦାବିପତ୍ର ପ୍ରଦାନ କରୁଛନ୍ତି ପିସିସି ସଭାପତି ଏ. ରେଭନ୍ତ ରେଡ୍ଡୀ ଓ ଦଳୀୟ ନେତା।

## ୪ ବିଧାନସଭା: ମହିଳାଙ୍କ ପ୍ରତିନିଧିତ୍ୱ ନଗଣ୍ୟ

ନୂଆଦିଲ୍ଲୀ,୪।୧୨(ପି.ଟି.)

ନବପ୍ରଣୀତ ମହିଳା ସଂରକ୍ଷଣ ଆଇନ ଅନୁସାରେ ନିର୍ବାଚନରେ ମହିଳାମାନଙ୍କୁ ଏକ-ତୃତୀୟାଂଶ ପ୍ରତିନିଧିତ୍ୱ ସୁଯୋଗ ମିଳିବାକୁ ଥିବାବେଳେ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ତେଲଙ୍ଗାନା ବିଧାନସଭାକୁ ସେହି ତୁଳନାରେ କମ୍ ନିର୍ବାଚିତ ହୋଇଛନ୍ତି। ଛତିଶଗଡ଼, ତେଲଙ୍ଗାନା ଓ ମଧ୍ୟପ୍ରଦେଶ ବିଧାନସଭାରେ ମହିଳା ବିଧାୟକଙ୍କ ସଂଖ୍ୟା ସାମାନ୍ୟ ଅଧିକ ଥିବାବେଳେ ରାଜସ୍ଥାନରେ ନଗଣ୍ୟ ରହିଛି। ଛତିଶଗଡ଼ ବିଧାନସଭାକୁ ସର୍ବାଧିକ ୨୧% ନବନିର୍ବାଚିତ ବିଧାୟିକା ଯାଇଛନ୍ତି। ୨୦୧୮ରେ ୧୩ ମହିଳା (୧୪%) ନିର୍ବାଚିତ ହୋଇଥିଲେ। ଏଥର ୧୯ ମହିଳା ନିର୍ବାଚିତ ହୋଇଛନ୍ତି। ତେଲଙ୍ଗାନା ଭୋଟର ୨୦୧୮ରେ ୮ ଜଣ (୧୦%) ମହିଳାଙ୍କୁ ବିଧାନସଭାକୁ ପଠାଇଥିବାବେଳେ ଏଥର ଏହି ସଂଖ୍ୟା ୬କୁ ଖସିଛି। ରାଜସ୍ଥାନ ବିଧାନସଭାରେ ୨୪ ମହିଳା ଏମ୍‌ଏଲ୍‌ଏ ଥିଲେ। ଏଥର ସେମାନଙ୍କ ସଂଖ୍ୟା ୨୦କୁ ଖସିଛି। ରାଜ୍ୟର ବିଧାନସଭାରେ କୌଣସି ଥର ୧୫%ରୁ ଅଧିକ ମହିଳା ପ୍ରତିନିଧିତ୍ୱ ସୁଯୋଗ ପାଇନାହାନ୍ତି। ଏମ୍‌ପି ବିଧାନସଭାକୁ ୨୦୧୩ରେ ୩୦ ଓ ୨୦୧୮ରେ ସଂଖ୍ୟା ୨୧ ମହିଳା ଯାଇଥିଲେ। ଏଥର ୨୭ ବିଧାୟିକା ନିର୍ବାଚିତ ହୋଇଛନ୍ତି।

## ସଂକ୍ଷେପରେ

### ଗୋ ଚାଲାଣ ପିକ୍‌ଅପ ଦୁର୍ଘଟଣାଗ୍ରସ୍ତ

**ଦେଓଗାଁ,୪।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଚନ୍ଦ୍ରପୁର ନିକଟ ଆଦର୍ଶ ବିଦ୍ୟାଳୟ ନିକଟରେ ଗୋ ଚାଲାଣ ହେଉଥିବା ଏକ ପିକଅପ ଭ୍ୟାନ (ନଂ ଓଡି୦୩ ଡବ୍ଲୁ୭୬୨୫) ଦୁର୍ଘଟଣାଗ୍ରସ୍ତ ହୋଇଛି। ପିକ୍‌ଅପରେ ଥିବା ୫ଟି ବଳଦ ଓ ଗାଈ ଗୁରୁତର ହୋଇଛନ୍ତି। ଖବରପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିଛି । ଦୁର୍ଘଟଣାଗ୍ରସ୍ତ ଗାଡିକୁ ଥାନାକୁ ଅଣାଯାଇଛି। ସ୍ଥାନୀୟ ବଜରଙ୍ଗଦଳର କର୍ମକର୍ତ୍ତା ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଗୋ ଚାଲାଣକାରୀଙ୍କ ବିରୋଧରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

### ବେଲପଡା କଲେଜ କ୍ରୀଡା ପ୍ରତିଯୋଗିତା

**ବେଲପଡ଼ା, ୩।୧୨(ମନୋଜ ମିଶ୍ର)** ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ସୁଦାମ ଚରଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ର ୬ଶହ ଛାତ୍ରୀଛାତ୍ର ୩୬ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ କ୍ରୀଡା ପ୍ରତିଯୋଗିତାର ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି କୁମୁଦ ମହାଖୁଡ, ବାଗଦୋର ସରପଞ୍ଚ ପ୍ରଦୀପ କୁମାର ବେହେରା, ବିଜେଡି ନେତା ମୁନା ମେହେର, ରବିନ୍ଦ୍ର ମେହେର, ପଦ୍ମନାଭ ମେହେର, କୁନା ମହାଖୁଡ ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କ ରକ୍ତ ଚିହ୍ନଟ ପରୀକ୍ଷା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୪।୧୨(ଗୁରୁଦୟାଲ ହଂସ)** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚଟୁଅନକା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୋମବାର ଛାତ୍ରୀଛାତ୍ରଙ୍କ ରକ୍ତ ଚିହ୍ନଟ ପରୀକ୍ଷା ହୋଇଥିଲା ଏହି କାର୍ଯ୍ୟକ୍ରମରେ ମୋଟ ୩୩୦ ଛାତ୍ରୀଛାତ୍ର ରକ୍ତ ପରୀକ୍ଷା କରିଥିଲେ। ମୁଖ୍ୟ ଅତିଥିଭାବେ ହିଆଲ ସିଆରସିସି ଅମରେନ୍ଦ୍ର ବାଗ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ତ୍ରିପାଠୀ, ସତ୍ୟନାରାୟଣ ନର୍ସିଂ ତାଲିମକେନ୍ଦ୍ର କୁର୍ଲି କଣ୍ଟାବାଞ୍ଜିର ଅଧ୍ୟାପକ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଲୋଇସିଂହା,୪।୧୨(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ତଥା ଭରସୁଜା ପଞ୍ଚାୟତର ପୂର୍ବତନ ସରପଞ୍ଚ ପରକ୍ଷିତ ସାହୁଙ୍କ ରବିବାର ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ବୟସ ହେଉଥିଲା । ଖବର ପାଇ



ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ବ୍ଲକ କଂଗ୍ରେସ ସଭାପତି ମନମୋହନ ପଟେଲ ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସୋମବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡପୁଅ ଅଶୋକ ସାହୁ ମୁଖାଗ୍ନି ଦେଇଥିଲେ । ସାନପୁଅ ଅକ୍ଷୟ ସାହୁ, ଭରସୁଜାର ପୂର୍ବତନ ସରପଞ୍ଚ ତଥା ନାତି ଗଣେଶ ସାହୁ ଏହି ଅବସରରେ ଉପସ୍ଥିତ ଥିଲେ। ସ୍ୱର୍ଗତ ସାହୁ ୧୯୮୪ରୁ ଲଗାତାର ୩ଥର ଭରସୁଜା ପଞ୍ଚାୟତର ସରପଞ୍ଚ ନିର୍ବାଚିତ ହୋଇଥିଲେ। ୧୯୯୯ ମସିହାରେ ସେ ଆଗଲପୁର ବ୍ଲକ କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇଥିଲେ। ଭରସୁଜା ଜଳନ୍ଧର ମହାବିଦ୍ୟାଳୟ, ଛେଲିଆପାଟ ହାଇସ୍କୁଲ ପ୍ରତିଷ୍ଠାରେ ତାଙ୍କର ଯୋଗଦାନ ଥିଲା । ଏହାବାଦ ବ୍ଲକ ଅଧୀନ ରୋତ ମହାବିଦ୍ୟାଳୟର ସେ ପ୍ରତିଷ୍ଠାତା ସଭ୍ୟ ଥିଲେ । ସ୍ୱର୍ଗତ ସାହୁଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ଆରଓଆର, ପିଇବା ପାଣି ଯୋଗାଅ

**ବଲାଙ୍ଗୀର, ୪।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**



ଜିଲାପାଳ ଅଫିସରେ ମୁନସୀନଗରର ମହିଳା ଓ ପୁରୁଷ ଅଭିଯୋଗ କରିବାକୁ ଆସିଛନ୍ତି।

ବଲାଙ୍ଗୀର ସଦର ବ୍ଲକ ଖୁଜେନପାଲି ଗ୍ରାମପଞ୍ଚାୟତର ମୁନ୍‌ସୀନଗରଠାରେ ବାସ କରୁଥିବା ୪୦ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେଠାରେ ପିଇବା ପାଣି ସୁବିଧା ନାହିଁ। ଗୋଟିଏ ମାତ୍ର ନଳକୂପ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନରେ ମହିଳାମାନେ ୫ କିଲୋମିଟର ଦୂରକୁ ଯାଇ ପାଣି ଆଣିଥାନ୍ତି। ପିଇବା ପାଣି ପାଇଁ ଲୋକେ ଡହକ ବିକଳ ହେବା ପରିସ୍ଥିତି ସୃଷ୍ଟି ହେଉଛି। ସୋମବାର ମୁନ୍‌ସୀନଗରର ମହିଳା ଓ ପୁରୁଷ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ତାଙ୍କ ଗାଁରେ ଆଉ ୩ଟି ନଳକୂପ ଏବଂ ଏକ ସୌରଚାଳିତ ପାଣି ଯୋଗାଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହି ଗ୍ରାମବାସୀ ପିଇବା ପାଣି ଯୋଗାଣ ବ୍ୟବସ୍ଥା ସହ ସେମାନେ ରହୁଥିବା ସ୍ଥାନର ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି।

ସେମାନେ ଜଣାଇଛନ୍ତି ଯେ, ଦୀର୍ଘ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

୩୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏହି ସ୍ଥାନରେ ସେମାନେ ସରକାରୀ ଜମିରେ ଘର କରି ରହିଛନ୍ତି। ତେବେ ସେମାନଙ୍କର ଘରଡିହ ପଟ୍ଟା ନଥିବାରୁ ଘରଖଣ୍ଡେ କରିପାରୁନାହାନ୍ତି। ଏହି ପଡାର ପ୍ରାୟ ସମସ୍ତ ବ୍ଯକ୍ତି ଗରିବ ଶ୍ରେଣୀର। ସେମାନେ ବିଭିନ୍ନ ସ୍ଥାନରେ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ବହୁ ଗରିବ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ଘର ପାଇଛନ୍ତି। ସରକାରୀ ଘର ମଞ୍ଜୁରୀ ଥିଲେ ମଧ୍ୟ ସେମାନଙ୍କ ପାଖରେ ଘରଡିହ ଆରଓଆର ନ ଥିବାରୁ ଆବାସ ଯୋଜନାର ଘର ତିଆରି କରିପାରୁନାହାନ୍ତି। ମୁନସୀନଗରର ମହିଳା ଓ ପୁରୁଷମାନେ ଜିଲାପାଳ ଅଫିସକୁ ଆସି ଘରଡିହ ପଟ୍ଟା ବା ଆରଓଆର ଯୋଗାଇ ଦେବାକୁ ଦାବି କରିଥିଲେ। ସେମାନଙ୍କୁ ଯେତେଶୀଘ୍ର ଜମିପଟ୍ଟା ଯୋଗାଇ ଦିଆଯିବ ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ତିଆରି କରିବେ ବୋଲି କହିଛନ୍ତି। ଏହା ସହିତ ମୁନସୀନଗରରେ ତୁରନ୍ତ ନଳକୂପ ଖନନ ସହ ସୌରଚାଳିତ ପାଣି ଯୋଗାଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ୫-ଟି ଅନୁଦାନ ଖର୍ଚ୍ଚ ଦାବି କଲା ଦେବାଳୟ ସୁରକ୍ଷା କମିଟି

**ବଲାଙ୍ଗୀର, ୪।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

**ମନ୍ଦିର ଉନ୍ନତୀକରଣ ପ୍ରସଙ୍ଗ**

ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିର ଉନ୍ନତୀକରଣ ପାଇଁ ୫-ଟି ଅନୁଦାନ ମଞ୍ଜୁର ହୋଇଛି। ଏହି ଅନୁଦାନ ଖର୍ଚ୍ଚ ହୋଇ ନ ଥିବାରୁ ଦେବାଳୟଗୁଡିକର ଉନ୍ନତି ହେଉନାହିଁ। ପୂର୍ବରୁ ଦେବାଳୟ ସୁରକ୍ଷା କମିଟି ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ ମଧ୍ୟ କିଛି କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଇତିମଧ୍ୟରେ ଜିଲା ପ୍ରଶାସନ ଦୁଇଥର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ୍ୟ କେହି ଟେଣ୍ଡର ନେଇନାହାନ୍ତି । ଭକ୍ତମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ସୋମବାର ଦେବାଳୟ ସୁରକ୍ଷା କମିଟି ବଲାଙ୍ଗୀର ସହରର ବୁଦ୍ଧିଜୀବୀ ସହ ମା' ପାଟଣେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିର ଉନ୍ନତିକରଣ ପାଇଁ ପ୍ରଶାସନକୁ ଦାବି କରିଛନ୍ତି । ପାଟଣେଶ୍ୱରୀ ମନ୍ଦିର ମୁଖ୍ୟ ପୂଜକ ମଳୟ ଦିଶ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ଦେବାଳୟ ସୁରକ୍ଷା କମିଟିର ମନରଞ୍ଜନ ପୁରୋହିତ, ସୁରେନ୍ଦ୍ର ନେଗୀ, ନରେନ୍ଦ୍ର କବାଟ, ମଧୁସୂଦନ ନାୟକ, ଅଙ୍କୁଶ ପାଣ୍ଡିଆ, ଶମ୍ଭୁ ପ୍ରସାଦ ଶତପଥି, ବାଲୁକେଶ୍ୱର ନନ୍ଦ, ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ । କମିଟି ଆଗାମୀ ଦିନରେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କୁହାଯାଇଛି।

## ପୁରସ୍କୃତ ହେଲେ ଛାତ୍ରୀଛାତ୍ର



ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**କଣ୍ଟାବାଞ୍ଜି, ୪।୧୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକସ୍ଥିତ ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଷଷ୍ଠ ଦିବସ ସୋମବାର ପୂର୍ବତନ ବିଧାୟକ ଅୟୁବ ଖାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଫିସର ଶ୍ରଦ୍ଧାଦେବ ବଡମାଲି, ସାମାଜିକ କର୍ମୀ ଉନ୍ନି ନାୟାର ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭଲିବଲ, ବ୍ୟାଡମିଣ୍ଟନ, ଲମ୍ଫଡିଆଁ, ଉଚ୍ଚଡିଆଁ ଖେଳକୁ ମୁଖ୍ୟ ଅତିଥି ଖାନ ଉଦ୍‌ଘାଟନ କରିଥିଲେ। ଏଥିସହ ବିଭିନ୍ନ ଦିନରେ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ମେହେର, ରୁଦ୍ରମଣି ମେହେର, ଯୁଗଳ ପୁଟେଲ, ଘନଶ୍ୟାମ ଶବର, ବେଣୁପାଣି କୁମ୍ଭାର, ସଞ୍ଜୟ ପାଣିଗ୍ରାହୀ, ସନ୍ତୋଷ ଛତ୍ରିଆ, ଅଧ୍ୟାପିକା ଶ୍ରାବଣୀ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ନୋଡାଲ ଅଫିସର ମାନସ କୁମାର ନାଗ ଧନ୍ୟବାଦ ଦେଇଥିଲେ।

## ଉନ୍ନତୀକରଣ କାମ ଦେଖିଲେ ଡିଆରଡିଏ ପ୍ରତିନିଧି

**ଦେଓଗାଁ,୪।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**



ଟେପ୍ରେନରେ ଡିଆରଡିଏ ପ୍ରତିନିଧି ଦଳ କାମର ତଦାରଖ କରୁଛନ୍ତି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ଟେପ୍ରେନ ଧବଳେଶ୍ୱର କଟାର ମାଟି ଉନ୍ନତୀକରଣ ଓ ବୁଡାବାହାଲରୁ ଟେପ୍ରେନ ରାସ୍ତା ଉନ୍ନତୀକରଣ କାମର ତଦାରଖ କରିଛନ୍ତି ଡିଆରଡିଏ ପ୍ରତିନିଧିଦଳ। ଗତ ମେ ମାସରୁ ରାସ୍ତା କାମ ସରିଛି। ତେବେ କାମକୁ ନେଇ ଅଭିଯୋଗ ପରେ ଧବଳେଶ୍ୱର କଟା ଉନ୍ନତୀକରଣ କାମ ଅଧାରୁ ବନ୍ଦ ହୋଇପଡିଛି । ସୂଚନାନୁସାରେ ବ୍ଲକରୁ ପ୍ରାୟ ୧୦ଲକ୍ଷ ଟଙ୍କାରେ ଏହି କଟାର ଉନ୍ନତୀକରଣ କାମ ଆରମ୍ଭ ହୋଇଥିଲା। ପରେ ସ୍ଥାନୀୟ ସମିତି ସଭ୍ୟ କାନ୍ତେଶ୍ୱର ପଧାନ ଓ ଅନ୍ୟମାନେ କାମରେ ଅନିୟମିତତା ହୋଇଥିବା ନେଇ ବିଡିଓ, ଜିଲା ପରିଷଦ ସିଇଓ, ଜିଲାପାଳ ଓ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କୁ ଫେରାଦ ହୋଇଥିଲେ। ଏ ନେଇ ବିଧାୟକ ମିଶ୍ର ନଭେମ୍ବର ୭ ତାରିଖରେ ଜିଲା ପରିଷଦ ସିଡିଓଙ୍କୁ ଉକ୍ତ କାମର ତଦାରଖ କରି ବିହିତ ପଦକ୍ଷେପ ନେବାପାଇଁ ପତ୍ର ମାଧ୍ୟମରେ ଜଣାଇଥିଲେ। ସେହି ଦିନଠାରୁ ଉକ୍ତ କାମର ବିଲ୍ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ଟଙ୍କା ପଇଠ କରି ନ ଥିଲା । ସୋମବାର ଡିଆରଡିଏର ତିନିଜଣିଆ ପ୍ରତିନିଧିଦଳ ବ୍ଲକ ପ୍ରଶାସନ ସହ ମିଶି ଉକ୍ତ କାର୍ଯ୍ୟର ତଦାରଖ କରିଥିଲେ । ଡିଆରଡିଏ ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁ, ଏପିଡି ତଥା ଏଷ୍ଟିମେଟର ତରଣୀସେନ ସୁନା, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରାଚୀ ପରମିତା ସାବତ, ସମ୍ପୃକ୍ତ ଯନ୍ତ୍ରୀ ପ୍ରଶାନ୍ତ କୁମାର ନାଏକ, ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉଭୟ କାମର ତଦାରଖ କରିଥିଲେ।

## ଭିନ୍ନକ୍ଷମ ଦିବସ ସଚେତନତା ସଭା

**ଟିଟିଲାଗଡ, ୪।୧୨(ଶରତ ମିଶ୍ର)** ଅତିରିକ୍ତ ଜିଲା ଦୌରାଜଜ ତଥା ଅଧ୍ୟକ୍ଷ, ତାଲୁକ ଆଇନ ସେବା କମିଟି ଟିଟିଲାଗଡ ସନ୍ଦୀପ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସସି ସତନ୍ତ୍ର ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଅନ୍ତେବାସୀ, ଶିକ୍ଷକ ଓ କର୍ମଚାରୀଙ୍କ ଗହଣରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଏସ.ଶାଶ୍ୱତୀ ମହାପାତ୍ର, ଆଇନଜୀବୀ କାର୍ତ୍ତିକେଶ୍ୱର ଛତର, ସମାଜସେବିକା ଅଞ୍ଜଳି ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ଯୋଗଦେଇଥିଲେ। ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ପଟ୍ଟନାୟକ ଅନ୍ତେବାସୀ ରହୁଥିବା ହଷ୍ଟେଲ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ଦୈନନ୍ଦିନ ବିଷୟରେ ଶିକ୍ଷକମାନଙ୍କଠାରୁ ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କମିଟର ଜୀବର୍ଦ୍ଧନ ଛତ୍ରିଆ, ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

## ଦେବସ୍ଥଳୀ ପାଇଁ ତହସିଲଦାରଙ୍କୁ ଦାବିପତ୍ର

**ମୁରିବାହାଲ, ୪।୧୨(ଶ୍ରୀବତ୍ସ ବେହେରା)** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ତେନ୍ତୁଲିଖୁଣ୍ଟି ଗ୍ରାମ ପଞ୍ଚାୟତ ସଦର ମହୁକୁମାରେ ଦେବସ୍ଥଳୀ ନିର୍ମାଣ ପାଇଁ ଜମି ଚିହ୍ନଟ କରିବା ପାଇଁ ସୋମବାର ଗ୍ରାମବାସୀ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଗ୍ରାମବାସୀ ଜଣାଇଛନ୍ତି ଯେ, ଖାତା ନଂ ୧୬୮ରେ ଓ ୧୬୯ରେ ୧୦ଡିସିମିଲ ଜମି ବିଭିନ୍ନ ଦେବାଦେବୀଙ୍କ ପାଇଁ ନିରୂପିତ ଥିଲା। କିନ୍ତୁ କେତେକ ବ୍ୟକ୍ତି ଉକ୍ତ ଜମିକୁ ମାଡି ବସିଛନ୍ତି। ଏଥିଯୋଗୁ ସମ୍ପୃକ୍ତ ସ୍ଥଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ପାରୁନାହିଁ। ଦେବସ୍ଥଳୀ ସେମିତି ଆଧାପନ୍ତରିଆ ପଡ଼ିରହିଛି। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ତହସିଲଦାର ଆୟୁବ ମଣ୍ଡଳଙ୍କୁ ଫେରାଦ ହୋଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡସଭ୍ୟ ମିଥିଳା ବେହେରା, ପୀତବାସ ସାହୁ, ପୁଲସ୍ତି ବେହେରା, କରୁଣାକର ବେହେରା, ମନଦେବ ମହାନ୍ତି, ହେମରାଜ ପଟନାୟକ, କୈବଲ୍ୟ ବେହେରା, ପତରଙ୍ଗୀ ମାଝି, ଲମ୍ବୋଦର ରଣା, ଦଶରଥ ନିଆଲ, ଡମ୍ବରୁଧର ବନଛୋର, ଗିରିଧାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ମୁରିବାହାଲ, ୪।୧୨(ଶ୍ରୀବତ୍ସ ବେହେରା)**



ଅତିଥିଙ୍କ ସହ ମୁରିବାହାଲ ଜୁନିୟର କଲେଜ ଛାତ୍ରୀଛାତ୍ର।

ବଲାଙ୍ଗୀର ଜିଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମୀ ସୋମବାର ଥିଲା ୪ର୍ଥ ଦିବସ। ଅଧ୍ୟକ୍ଷ ସରୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା, ସାଂସ୍କୃତିକ ଓ ବିଭିନ୍ନ ସାମାଜିକ ସମନ୍ୱିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅଧ୍ୟାପକ ଦିଲୀପ କୁମାର ପଶାୟତ, ସୋମେଶଦତ୍ତ ହୋତା ପରିଚାଳନା କରିଥିଲେ। କିଶୋର ରଣା, ଗୁଣସାଗର ମେହେର, ପୂର୍ଣ୍ଣଚନ୍ଦ୍ର ପଧାନ, ଭିଙ୍ଗରାଜ ରଣା, ଶରତ ପଧାନ, ଫାଲଗୁନି ଦାସ, ପ୍ରେମଚନ୍ଦ୍ର ତାଣ୍ଡି, କ୍ଷମାଚରଣ ଖୁଣ୍ଟିଆ, ଲଳିତ କୁମାର ବଘାର, ମିରାବାଇ ଗଡ଼ତିଆ, ଶୈଳିକା ନାୟକ, ସରିତା ରଣା, ଯଶ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଘନଶ୍ୟାମ ଖମାରି ଧନ୍ୟବାଦ ଅର୍ପଣ କରିଥିଲେ। ଓଡିଶା ସରକାରଙ୍କ ଯୁବ ଓ କ୍ରୀଡା ବ୍ୟାପର ବିଭାଗ ତରଫରୁ ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରେ ଶୁକ୍ରବାର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ସେହିପରି ମୁରିବାହାଲ ଜୁନିୟର କଲେଜରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡାବିତ ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଫେଶନ ଶୋ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଭବାନୀ ପୋଡ଼, ପୂଜା ରାଣୀ ରଥ, ସ୍ନିଗ୍ଧା ପ୍ରାଧନୀ କାର୍ଯ୍ୟ ତୁଲାଇ ଥିଲେ। ନୋଡାଲ ଅଧିକାରୀ ବିକ୍ରମ ତାଣ୍ଡି ହୃଦାନନ୍ଦ ପ୍ରଧାଣ, ମମତା ସାହୁ, ନରେଶ ସତନମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀ

**ଲୋଇସିଂହା,୪।୧୨(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ପ୍ରଥମ ପର୍ଯ୍ୟାୟ ଅଭିଭବାକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକ ଯୋଗଦେଇଥିଲେ। ଏଥିରେ ପରିଚାଳନା ସମିତି କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା ଯୋଗଦେଇ ଶିଶୁଙ୍କ ଶୈକ୍ଷିକ ବିକାଶରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଧାନ ଅଚାର୍ଯ୍ୟ ଶିବପ୍ରସାଦ ବାରିକ ବୈଠକର ଉଦ୍ଦେଶ୍ୟ କଥନ କରିଥିଲେ। ବିଜୟ କୁମାର ସରାଫ ଅତିଥି କାର୍ଯ୍ୟକ୍ରମ ପରିଚାଳନା କରିଥରଲେ। ରସାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁମା ପଦ୍ମିନୀ ମିଶ୍ର, ସୁନୀତା କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବୁର୍ଡା ପାକ୍ସରେ ଧାନକିଣାର ଶୁଭାରମ୍ଭ

**ଲୋଇସିଂହା,୪।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପାକ୍ସରେ ସୋମବାର ଧାନକ୍ରୟର ଶୁଭାରମ୍ଭ ହୋଇଛି। ପାକ୍ସ ସମ୍ପାଦକ ଘନଶ୍ୟାମ ପୁଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ପାକ୍ସ ବୋର୍ଡ ସଭାପତି ବାଳଗୋପାଳ ସାହୁ ପୂଜାର୍ଚ୍ଚନା କରି ଧାନକ୍ରୟର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବୋର୍ଡର ସମସ୍ତ ସଭ୍ୟ ଏବଂ ପାକ୍ସ କର୍ମଚାରୀ ଉପସ୍ଥିତ ଥିଲେ ।

ବୁର୍ଡା, ବାଞ୍ଜିପାଲି, ସିଆଲବାହାଲି, ବୁଢୀପଦର, ଲୁହରାପାଲି, ପନେସରା, ଗୋପାଳପୁର, ବାରଡୋଲ, ଟେଭାଡୁଙ୍ଗରୀ, ଢୋଲମହୁଲ ଆଦି ୧୩ ଖଣ୍ଡ ଗାଁକୁ ନେଇ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ଗଠିତ । ୨୦୨୩-୨୪ ଆର୍ଥିକ ବର୍ଷରେ ୪୬୮ ଜଣ ଚାଷୀ ଧାନବିକ୍ରି ସକାଶେ ପାକ୍ସରେ ପଞ୍ଜୀକୃତ ହୋଇଛନ୍ତି। ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତୀକରଣ ଫଳରେ ଯାନବାହାନ ପରିବହନରେ ସମସ୍ୟା ଦେଖାଦେବା ଆଶଙ୍କା କରି ଚଳିତବର୍ଷ ପାକ୍ସ ପରିସରରେ ଧାନ କ୍ରୟ ନ କରି ବାଞ୍ଜିପାଲି ରାସ୍ତା କାଳସୀଯାତ୍ର ପଡିଆରେ ଧାନକ୍ରୟ କରିବାକୁ ସମବାୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନୂତନ କ୍ରୟ ସ୍ଥାନରେ ଉଭୟ ପଟରେ ରାସ୍ତା ଥିବାରୁ ସୁବିଧାରେ ମଣ୍ଡିକୁ ଚାଷୀଧାନ ଆଣି ପାରିବେ ଏବଂ ମିଲର୍ସ ପରିବହନ କରିପାରିବେ ବୋଲି ପାକ୍ସ ସମ୍ପାଦକ ପୁଟା କହିଛନ୍ତି।



ଧାନକ୍ରୟ ଶୁଭାରମ୍ଭ ଅବସରରେ ବୋର୍ଡସଭ୍ୟ ଏବଂ କର୍ମଚାରୀ।

## ଶୃଙ୍ଖଳାର ମହତ୍ତ୍ୱ ଉପଲବ୍ଧ କରିବା କଥା

**ଦେଓଗାଁ,୪।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

**ଜରାସିଂହା, କୁତୁର୍ଲା କଲେଜରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ**




ଜରାସିଂହା ଡିଗ୍ରୀ କଲେଜରେ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଛାତ୍ରୀମାନେ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ୨ ଓ କୁତୁର୍ଲା ଧୃବାନନ୍ଦ ଯୁକ୍ତ ୨ କଲେଜରେ ସୋମବାର ନବୀନ ଓଡ଼ିଶା ନୂଆ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । କଲେଜ ଛାତ୍ରୀଛାତ୍ର ସ୍ଥାନୀୟ ପାଟଖଣ୍ଡା ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି କଲେଜରେ ପହଞ୍ଚିଥିଲେ । ପରେ ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ଶୃଙ୍ଖଳାର ମହତ୍ତ୍ୱକୁ ଉପଲବ୍ଧ କରିବା ପାଇଁ କହିଥିଲେ। କଲେଜ ଅଧ୍ୟକ୍ଷ ବସନ୍ତ କୁମାର ମନହୀରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନୋଡାଲ ଅଧିକାରୀ ପ୍ରାଧ୍ୟାପକ ଗୋବିନ୍ଦ ମେହେର, ସମ୍ମାନୀତ ଅତିଥିଭାବେ ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ପ୍ରାଧ୍ୟାପକ ଧୋବେଇ ଚରଣ ପଟେଲ ଯୋଗଦେଇଥିଲେ। ପ୍ରାଧ୍ୟାପକ ଦୂର୍ବାଦଳ ଘିବେଲା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ଗୀତ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ।

ସେହିପରି ଶାଶ୍ୱତ ଡିଗ୍ରୀ କଲେଜରେ ଚତୁର୍ଥ ଦିବସରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକକ ଓ ଦଳଗତ ନୃତ୍ୟ ତଥା ପାରମ୍ପରିକ କଷ୍ଟ୍ୟୁମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର ସଭାପତିତ୍ୱ କରିଥିବା ବେଳେ ବିଷ୍ଣୁ ଚରଣ ସାହୁ ସଭା ପରିଚାଳନା କରିଥିଲେ । ବିଚାରକଭାବେ ଡ. ସୁଧାଂଶୁଭୂଷଣ ମେହେର ଯୋଗଦେଇଥିଲେ । କୁତୁର୍ଲା ଧୃବାନନ୍ଦ କଲେଜରେ ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଖମାରୀ ଯୋଗଦେଇଥିଲେ। ସମ୍ମାନୀତ କସରତ ହରପାଲ, ବିଜୟ କୁମାର ଜାଲ, ହେମନ୍ତ କୁମାର ସାହୁ, ମଙ୍ଗଳ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ନୋଡାଲ ଅଧିକାରୀ ବଳରାମ ପଧାନ ସଭା ସଂଯୋଜନା କରିଥିଲେ ।

## ସଂକ୍ଷେପରେ

### ଟ୍ରେନରେ କଟି ବୃଦ୍ଧ ମୃତ

**ରାଉରକେଲା, ୪।୧୨(ସଙ୍ଗୀତା ଜେନା):** ରାଉରକେଲା ଜିଆର୍‌ପି ଥାନା ଅନ୍ତର୍ଗତ ପ୍ରଧାନପାଲ୍ଲୀସ୍ଥିତ ରେଳଧାରଣାରେ ଟ୍ରେନ ଧକ୍କାରେ ଜଣେ ବୃଦ୍ଧ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଉଛନ୍ତି ପ୍ରଧାନପାଲ୍ଲୀ ଗ୍ରାମର ଏତୁଆ ଏକ୍କା(୫୪)। ସୋମବାର ଏ ନେଇ ଥାନା ପୋଲିସ ଏକ ମାମଲା(ନଂ.୮୧/୨୩) ରୁଜୁ କରିଛି। ଏତୁଆ ରବିବାର ସନ୍ଧ୍ୟାରେ ଘରକୁ ଫେରି ନ ଥିଲେ। ସକାଳୁ ତାଙ୍କ ମୃତଦେହ ରେଳଧାରଣାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଛି ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

### ଆର୍‌ଏସ୍‌ପି ଭିତରେ ଲକ୍ଷାଧିକ ଟଙ୍କାର କପର ଚୋରି, ଜଣେ ଗିରଫ

**ରାଉରକେଲା, ୪।୧୨(ସଙ୍ଗୀତା ଜେନା):** ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଏନ୍‌ଏସ୍‌ପିସିଏଲ୍ ଭିତରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକ ପଶି ୪୫ ମିଟର କପର ତାର ଚୋରି କରୁଥିଲେ। ତାଙ୍କୁ ସୁରକ୍ଷାକର୍ମୀମାନେ କାବୁ କରି ଥାନାକୁ ହସ୍ତାନ୍ତର କରିଥିଲେ। ଗିରଫ ଅଭିଯୁକ୍ତ ହେଉଛନ୍ତି ଫଟାପାଇପ୍ ଅଞ୍ଚଳର କାର୍ତ୍ତିକ ରାଉତିଆ(୨୭)। ତାଙ୍କ ଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଯାହାର ଆନୁମାନିକ ବଜାର ଦର ପ୍ରାୟ ୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ସୋମବାର ଏ ନେଇ ପୋଲିସ ଏକ ମାମଲା (ନଂ.୧୮୭/୨୩) ରୁଜୁ ସହ ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ଆର୍‌ଜିଏଚ୍‌ରେ ଅନ୍ଧାରରେ ରୋଗୀ ସେବା ତୁଲାଉଛନ୍ତି ସେବିକା

**ରାଉରକେଲା,୪।୧୨(ବିପ୍ଳବରଞ୍ଜନ ଦାଶ):** ରାଉରକେଲା ସରକାରୀ ଡାକ୍ତରଖାନା ଅନ୍ତର୍ବିଭାଗ ଚତୁଃପାର୍ଶ୍ୱ ରବିବାର ସକାଳ ପ୍ରାୟ ୧୧ଟାରୁ ଦୀର୍ଘ ଘଣ୍ଟା ଅନ୍ଧାରମୟ ରହିଥିଲା। ଏଥିସହ ଅନ୍ତର୍ବିଭାଗର ବିଭିନ୍ନ ବିଭାଗରେ ଭର୍ତ୍ତି ହୋଇଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ବିଦ୍ୟୁତ୍ ବ୍ୟାଘାତ ଯୋଗୁ ଘୋର ଅସୁବିଧା ଭୋଗୁଥିବାର ଦେଖିବାକୁ ମିଳିଥିଲା। ଏପରିକି ବିଭାଗରେ କାର୍ଯ୍ୟରତ ନର୍ସମାନଙ୍କ ହଲ ତଥା ସେବିକାମାନଙ୍କ କକ୍ଷ ମଧ୍ୟ ଅନ୍ଧାରମୟ ରହିଥିଲା। ସେବିକାମାନେ ନିଜର ବ୍ୟକ୍ତିଗତ ଫୋନର ଲାଇଟ ଜାଳି ରୋଗୀମାନଙ୍କ ରିପୋର୍ଟ ପ୍ରସ୍ତୁତ କାର୍ଯ୍ୟ ଚଳାଉଥିବାର ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଅନ୍ୟପଟେ ବିଭାଗରେ କାର୍ଯ୍ୟରତ ମେଡିକାଲ ଷ୍ଟାଫ୍ ବିନା ବିଦ୍ୟୁତ୍‌ରେ ଅନ୍ଧାର ବଳୟରେ ସ୍ୱାସ୍ଥ୍ୟ ଜନିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟମାନ ସମ୍ପାଦନ କରୁଥିବା ବିଷୟ ମେଡିକାଲରେ ରୋଗୀମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟଜନିତ ସେବା ଉପରେ ସନ୍ଦେହ ସୃଷ୍ଟି କରୁଛି। ଏଦିଗରେ ମେଡିକାଲ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଗୋଚର କରି ତୁରନ୍ତ ବିହିତ ପଦକ୍ଷେପ ନେବାକୁ ସହରର ସାଧାରଣ ରୋଗୀ ମହଲରେ ଦାବି ହେବା ସହିତ ତୁରନ୍ତ ମେଡିକାଲରେ ଜରୁରୀକାଳୀନ ବିଦ୍ୟୁତ୍ ସେବା ପ୍ରଦାନ ବ୍ୟବସ୍ଥା କରାଯିବା ଦାବି ହେଉଛି। ଏନେଇ ଆରଜିଏଚ ନିର୍ଦ୍ଦେଶକ ଡାକ୍ତର ଗଣେଶ ପ୍ରସାଦ ଦାସଙ୍କୁ ପଚାରିବାରୁ ଆରଜିଏଚରେ ଏବେ ଯୋଗ ଦେଇଛି। ବିଦ୍ୟୁତ୍ ସଂକ୍ରାନ୍ତୀୟ ସମସ୍ୟା ବିଷୟରେ ଅବଗତ ହୋଇ ତୁରନ୍ତ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଭେଣ୍ଡିଂଜୋନରେ ଦୋକାନ ପ୍ରଦାନ କରିବା ଦାବିରେ ବ୍ୟବସାୟୀମାନେ ରାଉରକେଲା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ରାଉରକେଲା,୪।୧୨(ଦିନେଶ ମିଶ୍ର)**

**ଭେଣ୍ଡିଂଜୋନ ଦୋକାନ ପାଇଁ ବ୍ୟବସାୟୀଙ୍କ ଦାବି**

ଆଇଡିସି ଅଞ୍ଚଳରେ ଦୀର୍ଘ ୩୦ ବର୍ଷଧରି ବିଭିନ୍ନ ବ୍ୟବସାୟ କରି ଚଳୁଥିବା ବ୍ୟବସାୟୀମାନଙ୍କୁ ଥଇଥାନ କରିବା ଓ ସେମାନଙ୍କୁ ଭେଣ୍ଡିଂଜୋନରେ ଦୋକାନ ପ୍ରଦାନ କରିବା ଦାବିରେ ସେମାନେ ଏକତ୍ରିତ ହୋଇ ଉଦିତନଗରସ୍ଥିତ ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ କୁଲୁଙ୍ଗା ଆଇଡିସିର ଶତାଧିକ ବ୍ୟବସାୟୀ ଯୋଗଦେଇ ସେମାନଙ୍କୁ ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ କରିବାକୁ ଦାବି କରିଥିଲେ। ଆଇଡିସି ସ' ମିଲ ଛକଠାରୁ ସେକ୍ଟର ବି ଆରଆଇଟି କଲେଜ ପର୍ଯ୍ୟନ୍ତ ଲମ୍ବିଥିବା ଉଭୟ ପାଖ ରାସ୍ତାକୁ ସମ୍ପ୍ରସାରଣ କରାଯିବ ବୋଲି ଇଡକୋ ପକ୍ଷରୁ ଘୋଷଣା କରାଯାଇଥିଲା। ଏନେଇ ଚଳିତ ମାସ ୨ ତାରିଖରେ ଆଇଡିସିର ରାସ୍ତା କଡରେ ଥିବା ବିଭିନ୍ନ ଦୋକାନ ବଜାରଗୁଡିକୁ ଆସନ୍ତା ୭ ଦିନ ଭିତରେ ଉଚ୍ଛେଦ କରିବା ପାଇଁ ମାଇକି ଯୋଗେ ପ୍ରଚାର କରାଯାଇଥିଲା। ଫଳରେ ଉଭୟ ରାସ୍ତା ପାର୍ଶ୍ୱରେ ଆଜିକୁ ଦୀର୍ଘ ବର୍ଷ ଧରି ବ୍ୟବସାୟ କରୁଥିବା ଦୋକାନୀଙ୍କ ମଧ୍ୟରେ ଛନକା ପଶିଥିଲା। ଏହି ବ୍ୟବସାୟୀମାନେ ବହୁ ଦିନ ଧରି ରାସ୍ତାକଡରେ ବ୍ୟବସାୟ କରୁଥିବାବେଳେ ସେମାନଙ୍କୁ କୌଣସି ନୋଟିସ ନ କରି ଏଭଳି ହଠାତ ଉଚ୍ଛେଦ କରିବା କଥାକୁ ନେଇ ବିଭିନ୍ନ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଏହି ବ୍ୟବସାୟୀଙ୍କ ପାଇଁ ଅନ୍ୟ କିଛି ପନ୍ଥା ନ ଥିବାରୁ ସେମାନେ କିଭଳି ଆଗାମୀ ଦିନରେ ଥଇଥାନ ହୋଇପାରିବେ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଖଣ୍ଡେ ଭେଣ୍ଡିଂଜୋନ ଦୋକାନ ପାଇପାରିବେ ସେନେଇ ବିଭିନ୍ନ ବ୍ୟବସାୟୀ ଏକତିତ୍ର ହୋଇ ବୈଠକ କରିଥିଲେ। ପରେ ଆଇଡିସିର ସମସ୍ତ ବ୍ୟବସାୟୀ ଏକତିତ୍ର ହୋଇ ସେମାନଙ୍କୁ ଦୋକାନ ଉଚ୍ଛେଦ ପୂର୍ବରୁ ଥଇଥାନ ପାଇଁ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲକପି ରାଜ୍ୟଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ପାନପୋଷ ଉପଜିଲାପାଳ ଓ ଇଡକୋ ବିଭାଗକୁ ପଠାଇଛନ୍ତି। ଏଥିରେ ଆଇଡିସି ବ୍ୟବସାୟୀ ସଂଘ ପକ୍ଷରୁ ବଙ୍କବିହାରୀ ରାଜ, ମନୋଜ କୁମାର ଚୌଧୁରୀ, ବେଣୁ ବିଶ୍ୱାଳ, ନିମାଇଁ ବିଶ୍ୱାଳ, ପ୍ରଭାତ ଜେନା, ପିତାମ୍ବର ସାହୁ, ବିନ୍ଦେଶ୍ୱର ସାହୁ, ରବୀନ୍ଦ୍ର ବାରିକ, ରମେଶ ଦାସ, ଅନୀଲ ସାହୁଙ୍କ ସହ ବହୁ ଦୋକାନୀ ଉପସ୍ଥିତ ଥିଲେ।

# ଶୂନ୍ ଦୁର୍ଘଟଣା ସ୍ଲୋଗାନକୁ ନେଇ ସଚେତନତା ରାଲି

**ରାଉରକେଲା,୪।୧୨(ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ହୃଷିକେଶ ରାୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୂନ୍ ଦୁର୍ଘଟଣା ସ୍ଲୋଗାନକୁ ନେଇ ସୋମବାର ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଛି। ଏହି ରାଲିରେ ଛେଣ୍ଡର ପୂର୍ବତନ କାଉନସିଲର ଜର୍ଜ ଆନନ୍ଦ, ସୁଶାନ୍ତ ରାଉତ, କାବୁଲି ପଡିହାରୀ, ଅଭିକ କୁମାର ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ରାଲି ଛେଣ୍ଡ ହୃଷିକେଷ ରାୟ ମହାବିଦ୍ୟାଳୟ ପରିସରରୁ ବାହାରି ଡିଏଭି ଛକ ରିଙ୍ଗରୋଡ ହୋଇ ଯାତ୍ରା କରିଥିଲା। ରାଉରକେଲା ଟ୍ରାଫିକ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହକୁ ନେଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଏହା ସହ ଗାଡି ଚାଳକମାନଙ୍କୁ ହେଲମେଣ୍ଟ ବ୍ୟବହାର କରିବା, ସିଟ୍ ବେଲଟ ବାନ୍ଧିବା, ମଦ୍ୟପାନ କରି ଗାଡି ଚାଳନା ନ କରିବା, ଗାଡି ଚାଳନାବେଳେ ମୋବାଇଲରେ କଥାବାର୍ତ୍ତା ନ ହେବା ଭଳି ବିଭିନ୍ନ ସଚେତନତା ବାର୍ତ୍ତା ପଥଚାରୀମାନଙ୍କୁ ବାଣ୍ଟିଥିଲେ। ରାଲିରେ ବହୁ ଛାତ୍ରୀଛାତ୍ର ଯୋଗଦେଇ ସଡକ ସୁରକ୍ଷା ସଚେତନତା ଉପରେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ବାଟୋଇଙ୍କୁ ଅବଗତ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ପାଣିଗ୍ରାହୀ, ସାଗରିକା ନାୟକ, କହ୍ନେୟାଲାଲ ଅଗ୍ରୱାଲ, ଶ୍ରୀକାନ୍ତ ହରିଚନ୍ଦନ, ରାଜଲକ୍ଷ୍ମୀ ଦାସ, ସ୍ୱାତି ସାହୁ, ନାଲନ୍ଦି ରାଉତରାୟ, ପୂଜା ପାରିକ, ନମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଭି ପବ୍ଲିକ ସ୍କୁଲରେ ମାଗଣା ସ୍ୱାସ୍ଥ୍ୟ ଶିବିର


ଡିଏଭି ପବ୍ଲିକ ସ୍କୁଲ ପରିସରରେ ପିଲାଙ୍କ ଦାନ୍ତ ପରୀକ୍ଷା ହେଉଛି।

**ରାଉରକେଲା,୪।୧୨(ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଅଧ୍ୟକ୍ଷା ଜସବିନ୍ଦର କୌରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧ମରୁ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ରାଉରକେଲା ହାଇଟେକ ମେଡିକାଲ କଲେଜର ଔଷଧ ବିଭାଗର ପ୍ରଫେସର ଡାକ୍ତର ଲଲାଟେନ୍ଦୁ ଆଚାର୍ଯ୍ୟ, ଡାକ୍ତର ଚିନ୍ମୟ ସାହୁ, ଗୀତାଞ୍ଜଳୀ ଆଚାର୍ଯ୍ୟ ଓ ଆର୍‌ଜିଏଚ୍‌ର ଦନ୍ତ ଚିକିତ୍ସକ ଡାକ୍ତର ଆଞ୍ଚଳ କୋଠାରୀ ଏବଂ ପୂଜା ପତିଙ୍କ ଦ୍ୱାରା ହୋଇଥିଲା। ପିଲାମାନଙ୍କ ଦାନ୍ତ ପରୀକ୍ଷା ସହ ବିଭିନ୍ନ ସ୍ୱାସ୍ଥ୍ୟପରୀକ୍ଷା ହୋଇଥିଲା। ଶିବିର ରୋଟାରିଆନ ପି.କେ ପତି, ଅସୀମା ମିତ୍ର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିତା ମିଶ୍ରଙ୍କ ପରିଚାଳନା କ୍ରମେ ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ ରୋଟାରୀ କ୍ଲବ ରାଉରକେଲା ଷ୍ଟିଲସିଟି ଆନୁକୂଲ୍ୟରେ ପରିଚାଳିତ ବିଦ୍ୟାଳୟର ଇଣ୍ଟରଆକ୍ଟ କ୍ଲବର ସମସ୍ତ ସଦସ୍ୟ ଓ କ୍ଲବ ସଭାପତି ଅର୍ଚ୍ଚନା ମହାନ୍ତି ପ୍ରମୁଖ ସହଯୋଗୀ ରହିଥିଲେ।


ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନେ ସାନ୍ତାଳୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଯୁବଶକ୍ତି ହିଁ ଦେଶର ମେରୁଦଣ୍ଡ

**ରାଉରକେଲା,୪।୧୨(ବିପ୍ଳବରଞ୍ଜନ ଦାଶ)**

**ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଏବଂ କ୍ଷୁଦ୍ର ନାଟକ ପ୍ରତିଯୋଗିତା**

ରାଜ୍ୟ ସରକାରଙ୍କ ଦ୍ୱାରା କ୍ରୀଡା ଏବଂ ଯୁବସେବା ବିଭାଗ ସହାୟତାରେ ରାଉରକେଲା ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଏବଂ କ୍ଷୁଦ୍ର ନାଟକ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆଧାରିତ ନୃତ୍ୟ ନାଟକ ଭିତ୍ତିକ ପ୍ରତିଯୋଗିତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ମୁଳତା ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ପ୍ରତିଯୋଗିତା ସଭା କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ସମର ମୁଦାଲି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯୁବଶକ୍ତି ହେଉଛନ୍ତି ଦେଶର ମେରୁଦଣ୍ଡ। ଛାତ୍ର ସମାଜ ପ୍ରକୋଷ୍ଠ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ଏବଂ ବିକଶିତ ଦେଶ ଗଠନରେ ପ୍ରମୁଖ ସେନାନୀ ଭାବେ ନିଜର ଗୁରୁଦାୟିତ୍ୱ ତୁଲାଇବା ଆବଶ୍ୟକ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଉରକେଲାର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସେଠୀ, ବରିଷ୍ଠ ଶିକ୍ଷାବିତ ବ୍ରଜେଶ ଚନ୍ଦ୍ର ପାଠକ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନର ଅଧ୍ୟାପକ ପ୍ରଦୀପ କୁମାର ଗିରି। ଅତିଥିମାନଙ୍କର ପରିଚୟ ଏବଂ ଧନ୍ୟବାଦ ଜ୍ଞାପନ କରିଥିଲେ ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତି। ପ୍ରତିଯୋଗିତାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଆ ନୃତ୍ୟଗୀତ ସହିତ ସାନ୍ତାଳି, ଆଦିବାସୀ, ସମ୍ବଲପୁରୀ ଆଦି ନୃତ୍ୟଗୀତ, ସାଂସ୍କୃତିକ ନୃତ୍ୟ ପରିବେଷଣ ହୋଇଥିଲା। ଏଥିସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ମହିଳା ଶସକ୍ତିକରଣ ଓ ପରିମଳ ଭିତ୍ତିକ ସଚେତନତା ଭରା କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ପ୍ରତିଯୋଗିତାରେ କୃତୀତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଆସନ୍ତା ସପ୍ତାହରେ ମାନପତ୍ର ସହିତ ପୁରସ୍କୃତ କରାଯିବା ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଧାର୍ଯ୍ୟ ହୋଇଛି।

# ମୋବାଇଲ ଦୋକାନରୁ ଲୁଟ୍

- ୨୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି
- ସିସିଟିଭି ଫୁଟେଜରେ ଲୁଟ୍‌ର ଦୃଶ୍ୟ

**ରାଉରକେଲା,୪।୧୨(ସଙ୍ଗୀତା ଜେନା)**

ଝିରପାଣି ଥାନା ଅନ୍ତର୍ଗତ ମେନରୋଡ଼ରେ ଥିବା ଏକ ପ୍ରତିଷ୍ଠିତ ମୋବାଇଲ୍ ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ୨ ଜଣ ଦୁର୍ବୃତ୍ତ ପଶି ୨୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ମୋବାଇଲ ଫୋନ୍ ଚୋରି କରିନେଇ ଫେରାର ହୋଇଯାଇଥିଲେ। ରବିବାର ସକାଳେ ଦୋକାନ ଖୋଲିବା ପରେ ଏ ସମ୍ପର୍କରେ ଜଣାପଡ଼ିଥିଲା। ଏ ନେଇ ସ୍ଥାନୀୟ ଥାନାରେ ଏତଲା କରାଯାଇଥିଲା। ପୋଲିସ ଏକ ମାମଲା (ନଂ. ୧୨୨/୨୩) ରୁଜୁ କରି ତଦନ୍ତ କରୁଛି। ଏତଲା ପରେ ପୋଲିସ ସହ ଫୋରେନସିକ୍ ଟିମ, ଅନୁସନ୍ଧାନୀ କୁକୁର ତଦନ୍ତ କରିଥିଲେ। ସୂଚନାଯୋଗ୍ୟ, ଅଭିଯୋଗକାରୀ ଚନ୍ଦନ ଝା(୩୩) ବାସନ୍ତୀ କଲୋନୀରେ ରୁହନ୍ତି। ପ୍ରାୟ ଏକ ମାସ ପୂର୍ବେ ଝିରପାଣି ମେନରୋଡ଼ରେ ଏକ ନୂତନ ମୋବାଇଲ ଦୋକାନ ଖୋଲିଥିଲେ। ଶନିବାର ରାତିରେ ଦୋକାନ ବନ୍ଦ କରାଯିବା ପରେ ୨ଜଣ ଦୁର୍ବୃତ୍ତ ଦୋକାନର ଫ୍ୟାନ ବାଟକୁ କାଟି ସେଥିରେ ପଶିଥିଲେ। ସେମାନେ ପ୍ରାୟ ୮୫ଟି ଆଇଫୋନ୍ ଓ ଅନ୍ୟ ଦାମୀ ମୋବାଇଲ ଫୋନ୍ ଚୋରି କରିନେଇଥିଲେ। ଯାହାର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଝିରପାଣି ଥାନା ଅଧିକାରୀ ରବୀନ୍ଦ୍ର ସାହୁ ଘଟଣାର ତଦନ୍ତ କରୁଛନ୍ତି।

# ବିଭିନ୍ନ ଅଞ୍ଚଳରେ ପ୍ରକଳ୍ପ ଶୁଭାରମ୍ଭ କଲେ ଶ୍ରମମନ୍ତ୍ରୀ


ଜଗଦାଠାରେ ଏକ ରୋଡର ଶୁଭାରମ୍ଭ କରାଯାଉଛି।

**ରାଉରକେଲା,୪।୧୨(ସଙ୍ଗୀତା ଜେନା)**

ସୋମବାର ରାଉରକେଲା ମହାନଗରନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା) ଜରିଆରେ କୋଏଲନଗର, ଶକ୍ତିନଗର, ଜଗଦା ଅଞ୍ଚଳରେ ନୂତନ ରାସ୍ତା, ନାଳ, କମ୍ୟୁନିଟି ସେଣ୍ଟର, ଶୌଚାଳୟ ଆଦିର ବିଭିନ୍ନ ପ୍ରକଳ୍ପ ୧ କୋଟି ୬୪ ଲକ୍ଷ ୫୨ ହଜାର ଟଙ୍କାର ଶୁଭାରମ୍ଭ କରିଥିଲେ ରାଜ୍ୟ ଶ୍ରମ ମନ୍ତ୍ରୀ ଶାରଦା ନାୟକ। ଆର୍‌ଏମ୍‌ସି କନିଷ୍ଠ ଯନ୍ତ୍ରୀ ସୁକାନ୍ତ ବେହେରା, ପ୍ରଜ୍ଞା ପାରମିତା ସାହୁଙ୍କ ସମେତ ବିଜେଡି ନଗର ସଭାପତି ଗଗନ ପଣ୍ଡା, ପ୍ରଫେସର ସମର ମୁଦୁଲି, ଆଇନଜୀବୀ କୈଳାଶ ପ୍ରଧାନ, ସୁଦାମ ପ୍ରଧାନ, ଗୋପାଳ ଦାସ, ଅଗଣୀ ଦାସ, ସୋମେଶ ସିଂ, ମାୟା ପାତ୍ର ଓ ଶତାଧିକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

# ଧର୍ମାନ୍ଧତାର କରୁଣ ଚିତ୍ର ଦେଖାଇଲା ନାଟକ ଈଶ୍ୱର ଆଲ୍ଲା

**ରାଉରକେଲା, ୪।୧୨(ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ଶିଳ୍ପାଞ୍ଚଳସ୍ଥିତ ସୁପ୍ରସିଦ୍ଧ ପ୍ରେକ୍ଷାଳୟ ସିଭିକ ସେଣ୍ଟରଠାରେ ଏକତ୍ର ପ୍ରାୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବ ୨୦୨୩ର ଚତୁର୍ଥ ରଜନୀରେ ନାଟ୍ୟାନୁଷ୍ଠାନ ଉପହାର ପକ୍ଷରୁ ନାଟକ ଈଶ୍ୱର ଆଲ୍ଲା ତେରେ ନାମ ସୋମବାର ମଞ୍ଚସ୍ଥ ହୋଇଯାଇଛି। ନାଟକକୁ ସୂର୍ଯ୍ୟକାନ୍ତ ସାହୁ ରଚନା କରିଥିବା ବେଳେ ସୂର୍ଯ୍ୟ ନାରାୟଣଙ୍କ ଦ୍ୱାରା ନିର୍ଦ୍ଦେଶିତ ଥିଲା। ନାଟକଟି ଧର୍ମାନ୍ଧତା ଆଧାରିତ ଥିଲା। ନାଟକରେ ଭିନ୍ନ ସମ୍ପ୍ରଦାୟର ୨ଜଣ ତରୁଣୀ ସୀମା ଏବଂ ସବନମ ଭିନ୍ନ ସମ୍ପ୍ରଦାୟ ଦୁଇଜଣ ତରୁଣଙ୍କ ସହ ଜୀବନ ବିତାଇବାର ସ୍ୱପ୍ନ ଦେଖନ୍ତି। ମାତ୍ର ଉଭୟଙ୍କ ସ୍ୱପ୍ନ କିଭଳି ଧର୍ମ ଓ ଜାତି ରୂପକ ଧର୍ମାନ୍ଧତା ଜୁଇରେ ଜଳିପୋଡି ଛାରଖାର ହୋଇଯାଏ ସେ ଉପରେ ଆଧାରିତ ଥିଲା ନାଟକ ଈଶ୍ୱର ଆଲ୍ଲା ତେରେ ନାମ। ନାଟ୍ୟ ମହୋତ୍ସବର ଚତୁର୍ଥ ରଜନୀରେ ପ୍ରଳୟ ଶତପଥି ମଞ୍ଚ ପରିଚାଳନା କରିଥିବା ବେଳେ ଭାସ୍କର ପୁହାଣ ଓ ଅଜୟ ପାଣି ନାଟକର ସଙ୍ଗୀତ ସଂଯୋଜନା କରିଥିଲେ। ଚତୁର୍ଥ ରଜନୀରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁନୀଲ କୟାଲ ଏବଂ ସହର ସେବା ପ୍ରଶାସନ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନାଟକରେ ବିଭିନ୍ନ ଭୂମିକାରେ ସୁମିତ, ମନୋଜ, କମଲି, ରାଜଲକ୍ଷ୍ମୀ, ସ୍ନେହା, ବୀଣାପାଣି, ପ୍ରଫୁଲ୍ଲ, ସୁନୀଲ, ସନ୍ତୋଷ, ଚିନ୍ମୟ, ଅନୀଲ ପ୍ରମୁଖ କଳାକାର ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।


ଈଶ୍ୱର ଆଲ୍ଲା ତେରେ ନାମ ନାଟକର ଏକ ଦୃଶ୍ୟ।

# ଇସ୍ପାତ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ

**ରାଉରକେଲା,୪।୧୨(ଦିନେଶ ମିଶ୍ର)**

ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ ଓ ବ୍ୟଙ୍ଗ କବିତା ଆସର ସଭାପତି ବଜେନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ସେକ୍ଟର-୭ ସ୍ଥିତ ସଂସଦ ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସନ୍ତୀ ପାଠାଗାରର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍ଗ ସାହିତ୍ୟର ଉପାଦେୟତା ଓ ସମାଜ ସୁଧାର ପାଇଁ ଏହାର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ସଂସଦର ଉପଦେଷ୍ଟା ହରମୋହନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଇସ୍ପାତ ସାହିତ୍ୟ ଅନୁଷ୍ଠାନର ଇତିହାସ ଓ କ୍ରମବିକାଶ ସମ୍ପର୍କରେ ଆଲୋକପାତ କରି ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ଓ କର୍ମକର୍ତ୍ତାମାନେ ଫତୁରାନନ୍ଦଙ୍କ ଚିତ୍ରରେ ପୁଷ୍ପମାଲ୍ୟ ସହ



ଇସ୍ପାତ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି, କବି।

**ବ୍ୟଙ୍ଗ କବିତା ଆସର**

ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ପଣ୍ଡିତ ନିଶିକାନ୍ତ ମିଶ୍ର ବେଦମନ୍ତ୍ର ଉଚ୍ଚାରଣ କରିଥିଲେ। ପରେ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସଂସଦର ପୁରାତନ ସଦସ୍ୟ ଅନୀଲ ଦାଶଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ନୃସିଂହଚରଣ ବିଶ୍ୱାଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟା କିଶୋରୀ ଦାଶ ଗଙ୍ଗାଧର ମେହେର କଲେଜରେ ଉଚ୍ଚତର ଗବେଷଣା ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ ଦେଇ ନିଜର ମହାନୁଭବତା ପ୍ରଦର୍ଶନ କରିଥିବାରୁ ସଂସଦ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟଙ୍ଗ କବିତା ଆସର ହୋଇଥିଲା। ବ୍ୟଙ୍ଗ କବି ବ୍ରଜ ବିହାରୀ ଦାଶଙ୍କ ଅଧ୍ୟକ୍ଷତାରେ ଉର୍ବଶ୍ରୀ ଦାସ ଓ ଅଜୟ କୁମାର ମହାନ୍ତିଙ୍କ ସଂଯୋଜନାରେ ବହୁ କବି ନିଜସ୍ୱ ରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭୂ ନାୟକ, ଲକ୍ଷ୍ମଣନାଥ ଦାସ, ଗୀତାରାଣୀ ବେହେରା, ଜ୍ଞାନେନ୍ଦ୍ର ସାହୁ, ଅର୍ଚ୍ଚନା ପାତ୍ର, ସଞ୍ଜୀବ ଭୋଇ, ସୁସ୍ମିତା ପ୍ରଧାନ, କୁଞ୍ଜବିହାରୀ ରାଉତ, କନକଲତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହସାଧାରଣ ସମ୍ପାଦକ ଗୌତମ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଉପେନ୍ଦ୍ର କୁମାର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଶ୍ରୀମନ୍ଦିର ଚାରିଦୁଆର ଓ ରତ୍ନଭଣ୍ଡାର ଖୋଲିବା ଦାବିରେ ଜଗନ୍ନାଥ ସେନାର ବୈଠକ, ବ୍ରହ୍ମପୁରା, ଝାଡୁଆପଡା, ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ କୃଷି ମେଳା ୨୦୨୩, ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ଭାର ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ଲଳିତକଳା ଏକାଡେମୀ ପରିସରସ୍ଥ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟା।
- ମହିଳା ଜନସଂଘର୍ଷ ସମିତି ପକ୍ଷରୁ ବିହନ ବଣ୍ଟନ କାର୍ଯ୍ୟକ୍ରମ, ସାମ୍ବାଦିକ ଭବନ, ମଧ୍ୟାହ୍ନ ସାଢେ ୧୨ଟା।

## ମଦ ଜବତ, ଯୁବକ ଗିରଫ

**ପଡିଆବାହାଲ,୪।୧୨(ରାଧାମୋହନ ଷଡ଼ଙ୍ଗୀ):** ସମ୍ବଲପୁର ସଦର ଥାନା ପୋଲିସ ରବିବାର ପାଟ୍ରୋଲିଂ ବେଳେ କେନଘାଟି ରାସ୍ତାରୁ ବିକ୍ରି ପାଇଁ ନେଉଥିବା ଜଣେ ଯୁବକଙ୍କଠାରୁ ୫ଲିଟର (୨୫ ପାଉଚ) ମଦ ଜବତ କରିଛି। ଏଥିସହ ସମ୍ପୃକ୍ତ ଯୁବକ ପଣ୍ଡୁପାଲି ଗାଁର ସିଦ୍ଧାର୍ଥ ଧରୁଆ (୩୪)ଙ୍କୁ ଗିରଫ କରିଛି। ଅବକାରୀ ଆଇନ ଅନୁସାରେ ପୋଲିସ ଏକ ମାମଲା (ନଂ.୩୧୭/୨୩) ରୁଜୁକରି ସିଦ୍ଧାର୍ଥଙ୍କୁ କୋର୍ଟ ଚାଲାଣ କରିଛି।

## ବାଇକ୍ ଜବତ, ଚାଳକ ଗିରଫ

**ପଡିଆବାହାଲ,୪।୧୨(ରାଧାମୋହନ ଷଡ଼ଙ୍ଗୀ):** ନିଶାଶକ୍ତ ଅବସ୍ଥାରେ ବାଇକ୍ ଚାଳନା ଅଭିଯୋଗରେ ସମ୍ବଲପୁର ସଦର ଥାନା ପୋଲିସ ସିନ୍ଦୂରପଙ୍କ ଛକରୁ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଦେଦର ନୂଆପାଲି ଗ୍ରାମର ସୁଧୁ ରୋହିଦାସ (୪୨)। ତାଙ୍କଠାରୁ ବାଇକ୍ (ଓଆର୍୨୩ଏଫ୍-୨୩୦୨) ଜବତ କରାଯାଇଛି। ମୋଟରଯାନ ଆଇନ ଅନୁସାରେ ସଦର ଥାନାରେ ଏକ ମାମଲା (ନଂ.୨୭୯/୨୩) ରୁଜୁ କରାଯାଇ ସୁଧୁଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନାଟ୍ୟୋତ୍ସବ ୨୦୨୩ ଉଦ୍‌ଯାପିତ

**ସମ୍ବଲପୁର,୪।୧୨ (ଭବାନୀ ଶଙ୍କର ଭୋଇ):** ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'କଖଗ' ପକ୍ଷରୁ ୩ଦିନିଆ ନାଟ୍ୟୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ସୁକାନ୍ତ ତ୍ରିପାଠୀ ମୁଖ୍ୟ ଅତିଥି ଓ ନାଟ୍ୟକର୍ମୀ ହୃଷୀକେଶ ପୂଜାରୀ, ଅଧ୍ୟାପକ ମୋହନ ସାହୁ, ବିଜୟ ପ୍ରଧାନ, ନାଟ୍ୟକାର ଚୂଡାମଣି ରଥ, ରାଜଶ୍ରୀ ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସମ୍ବଲପୁରୀ ହାସ୍ୟରସାତ୍ମକ ନାଟକ ଚୁଗଲି ପ୍ରଦର୍ଶିତ ହୋଇଥିଲା। ବ୍ରଜେନ୍ଦ୍ର ନାୟକଙ୍କ ରଚିତ ତଥା ନିର୍ଦ୍ଦେଶିତ ଏହି ନାଟକରେ ମନୋଜ ବେହେରା, ସୌମେନ୍ଦ୍ର ପୂଜାରୀ, ଶ୍ୟାମସୁନ୍ଦର ଧର, ସନ୍ତୋଷ ମିଶ୍ର, ସୁଶିଲ ଦାସ, ମହେଶ ତ୍ରିପାଠୀ, ମମତା ସାହୁ, ମୀନାକ୍ଷୀ ସୁପକାର, ପ୍ରିତିନନ୍ଦା ମିଶ୍ର, ପ୍ରକୃତି ପଣ୍ଡା ପ୍ରମୁଖ ଅଭିନୟ କରିଥିଲେ।

## ରାମକୃଷ୍ଣ ବିବେକାନନ୍ଦ ସେବା ସଂଘର ସେବା କାର୍ଯ୍ୟ

**ସମ୍ବଲପୁର,୪।୧୨(ବି.ଶଙ୍କର):** ରାମକୃଷ୍ଣ ବିବେକାନନ୍ଦ ସେବା ସଂଘ ସମ୍ବଲପୁର ଶାଖା ପକ୍ଷରୁ ରବିବାର ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ସଂଘ କର୍ମକର୍ତ୍ତାମାନେ ଜମନକିରା ବ୍ଲକର କୁମକାପାଲି, କୁରୁରୁଟୁଆଁ, ଖଇରମାଳ ପ୍ରଭୃତି ଗ୍ରାମର ଆଦିବାସୀ, ଦୁଃସ୍ଥ, ବିଧବା, ବୃଦ୍ଧ ମହିଳା ଓ ପୁରୁଷଙ୍କୁ ୧୦୦ଟି କମ୍ବଳ ବିତରଣ କରାଯାଇଥିଲା। ସଂଘ ସଭାପତି ସୁବିର କୁମାର ସେନଗୁପ୍ତ, ସମ୍ପାଦକ ଅଶୋକ କୁମାର ହୋତା, କାଳୀପ୍ରସାଦ ସିହ୍ନା, ବିଶ୍ୱନାଥ ପ୍ରଧାନ, ଗୌଡ଼ପାଲି ଥାନା ଅଧିକାରୀ ସୁଧୀର କୁମାର ମହାକୁଡ଼, ସମିତି ସଭ୍ୟ ସୁଶୀଳ ମିର୍ଦ୍ଧା ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

## ଜିଆର୍‌ଏସ୍ ପ୍ରଦ୍ୟୁମ୍ନ ଦାଶ ହତ୍ୟା ମାମଲା



ଶିବମନ୍ଦିର ନିକଟରେ ରାସ୍ତାରୋକୋ କରାଯାଇଛି।

**ନାକଟିଦେଉଳ,୪।୧୨(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ଘୋଷରାମାଲ ପଞ୍ଚାୟତର ଜିଆର୍‌ଏସ୍ ପ୍ରଦ୍ୟୁମ୍ନ ଦାଶ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ସ୍ଥାନୀୟ କନକେଶ୍ୱର ଶିବ ମନ୍ଦିରଠାରେ ରାସ୍ତାରୋକୋ କରାଯାଇଥିଲା। ଏହାକୁ ସମର୍ଥନ କରି ନାକଟିଦେଉଳ ଓ ଗୋଧିଡ଼ିପଠାରେ ଦୋକାନବଜାର ବନ୍ଦ ରହିଥିଲା। ଆନ୍ଦୋଳନକାରୀ ପିକେଟିଂ କରି ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ବନ୍ଦ ବନ୍ଦ କରିଥିଲେ। ରାସ୍ତାରୋକୋ ଯୋଗୁ ରେଢାଖୋଲ-ଦେବଗଡ଼ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ିମୋଟର ଅଟକି ରହିଥିଲା।

ସୂଚନା ଅନୁସାରେ ଗତ ୨୨ତାରିଖରେ ଜିଆର୍‌ଏସ୍ ପ୍ରଦ୍ୟୁମ୍ନଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ରେଢାଖୋଲ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିରେ ମୃତକଙ୍କ ପରିବାର ଲୋକଙ୍କ ସମେତ ୩ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ସାମିଲ ହୋଇଥିଲେ। ମୃତକଙ୍କ ସ୍ତ୍ରୀଙ୍କୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ, ସରକାରୀ ଭାବେ ଥଇଥାନ ଓ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରି ନାରାବାଜି ଦେଇଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ବରିଷ୍ଠ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାଁ, ଭାଜପା ନାକଟିଦେଉଳ ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁ ଏବଂ ନାକଟିଦେଉଳ ବ୍ଲକ ମହିଳା ମହାସଂଘର ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଏବଂ ଘୋଷରାମାଲ ସରପଞ୍ଚ ପ୍ରେମଶୀଳା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଖବର ପାଇ ରେଢାଖୋଲ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ବିଡ଼ିଓ ଦନାଇ ଚରଣ ଟୁଡୁ ଓ ତହସିଲଦାର ଅମର ଡୁଙ୍ଗଡୁଙ୍ଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତକଙ୍କ ବିଧବା ସ୍ତ୍ରୀଙ୍କୁ ୧୦ ଦିନ ଭିତରେ କ୍ଷତିପୂରଣ ପ୍ରଦାନ ସହ ମୃତକଙ୍କ ସ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ଭିତ୍ତିକରି ସରକାରୀ ଭାବେ ଥଇଥାନ ବ୍ୟବସ୍ଥା ଓ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତିନିଦିନ ଭିତରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଅମର ଡୁଙ୍ଗଡୁଙ୍ଗ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରତିଶ୍ରୁତି ପାଳନ ନ ହେଲେ ଅନ୍ଦୋଳନ ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ୧୦ରୁ ଜାତୀୟ ନାଟ୍ୟ ମହୋତ୍ସବ



ଖବରଦାତା ସମ୍ମିଳନୀରେ ନାଟ୍ୟ ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

**ସମ୍ବଲପୁର,୪।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଆସନ୍ତା ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ୪ ଦିନଧରି ଆୟୋଜିତ ହେବ ଜାତୀୟ ନାଟ୍ୟୋତ୍ସବ 'ଶ୍ରୀ ରଙ୍ଗ ସମାଗମ'। ସମ୍ବଲପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ କଲଚରାଲ ଆସୋସିଏଶନ ଆନୁକୂଲ୍ୟରେ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗ ଓ ଏମ୍‌ସିଏଲ୍ ସହଯୋଗରେ ଏହା ଆୟୋଜିତ ହେବ।

ସ୍ଥାନୀୟ ସାମ୍ବାଦିକ ଭବନରେ ରବିବାର ଶ୍ରୀ କଲଚରାଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଡିସେମ୍ବର ୧୦ରେ ନାଟକ ଆରମ୍ଭ ହେବା ପୂର୍ବରୁ ଏକ ସଂକ୍ଷିପ୍ତ ସଭା ଓ ୧୧ରେ ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ କଳା ବିଭାଗ ସଭାଗୃହରେ 'ନାଟ୍ୟ ପ୍ରସ୍ତୁତି ଏକ ପ୍ରକ୍ରିୟା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ଶ୍ରୀ କଲଚରାଲ ଆସୋସିଏଶନର ଆଶିଷ କୁମାର ସେନାପତିଙ୍କ ରଚିତ ଓ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ତ୍ରିଶଙ୍କୁ' ମଞ୍ଚସ୍ଥ ହେବ। ଦ୍ୱିତୀୟ ସନ୍ଧ୍ୟାରେ ପ୍ରଦର୍ଶିତ ହେବ କୋଲକାତା ବାଲିଗଞ୍ଜି ସ୍ୱପ୍ନ ସୂଚନା ଅନୁଷ୍ଠାନର ବଙ୍ଗଳା ନାଟକ 'ତିନ୍ ନମ୍ବର୍ ଚୋଖ୍'। ୧୨ରେ ପାରାଦୀପର କାନମାସ ପକ୍ଷରୁ ପ୍ରସ୍ତୁତ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶନାରେ ସଞ୍ଜୟ ହାତୀଙ୍କ ଦ୍ୱାରା ପରେଶ ପଟ୍ଟନାୟକଙ୍କ ରଚିତ ମୂଳଗଳ୍ପର ନାଟ୍ୟ ରୂପାନ୍ତର ଓଡ଼ିଆ ନାଟକ 'ମିଥ୍ୟାବାଦୀ ଜିନ୍ଦାବାଦ' ଓ ଉଦ୍‌ଯାପନୀ ସନ୍ଧ୍ୟାରେ ଶ୍ରୀ କଲଚରାଲ ଆସୋସିଏଶନ୍ ଦ୍ୱାରା ପ୍ରସ୍ତୁତ ଆଶିଷ କୁମାର ସୋନାରଙ୍କ ରଚିତ ଓ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'କେଡ଼ା' ପରିବେଷିତ ହେବ। ନାଟ୍ୟୋତ୍ସବ ପରିପ୍ରେକ୍ଷୀରେ ମଞ୍ଚକଳାରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଡ. ବିଜୟ ପ୍ରଧାନ, ଡ. ଶ୍ୟାମସୁନ୍ଦର ଧର ଓ ପ୍ରଫୁଲ୍ଲ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ।

# ଦିବ୍ୟାଙ୍ଗ ସମାଜର ଅବିଚ୍ଛେଦ୍ୟ ଅଙ୍ଗ

## ଜିଲାସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ

**ସମ୍ବଲପୁର,୪।୧୨ (ଭବାନୀ ଶଙ୍କର ଭୋଇ)**





କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଗଙ୍ଗାଧର ମଣ୍ଡପଠାରେ ରବିବାର ଜିଲାସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଚେରି ଶହୀଦ ସ୍ତମ୍ଭଠାରୁ ବାହାରିଥିବା ସଚେତନତା ଶୋଭାଯାତ୍ରାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗଙ୍ଗାଧର ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଦିବ୍ୟାଙ୍ଗ ସାମିଲ ହୋଇଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଅର୍କକୁମାର ଦାସମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିବ୍ୟାଙ୍ଗମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ଓ ସେମାନଙ୍କ ଯୋଗଦାନ ସମାଜ ଗଠନ ଦିଗରେ ଗୁରୁତ୍ୱ ରଖିଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଦିବ୍ୟାଙ୍ଗଙ୍କ ଆତ୍ମନିର୍ଭରଶୀଳ ହେବା ପାଇଁ ସମସ୍ତଙ୍କ ସହଯୋଗ ରହିବା ଜରୁରୀ ବୋଲି କହିଥିଲେ। ଏହାସହ ଜିଲାରେ କିଭଳି ଭିନ୍ନକ୍ଷମ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ସେ ବିଷୟରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଆବିନସ କେରକେଟା, ପ୍ରଫେସର ଶଙ୍କର ପ୍ରସାଦ ପତି, ଲୋକଗୀତ ଗାୟିକା ପଦ୍ମିନୀ ଦୋରା, ଜିଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରକ୍ତଦାନ ଓ ଭିନ୍ନକ୍ଷମ ଉଦ୍ଧାର କାର୍ଯ୍ୟପାଇଁ ସମ୍ବଲ ଏବଂ ପରିଚୟ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସେହିପରି ମେଡିକାଲ କ୍ଷେତ୍ରରେ ସହଯୋଗ ପାଇଁ ରେଡକ୍ରସର ପାଟ୍ରନ ନିହାଲ ସିଂହ ଓ ମାନେଶ୍ୱର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭାଗ୍ୟଶ୍ରୀ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ୭ଟି ଶ୍ରବଣ ଯନ୍ତ୍ର,୨ଟି ଦୃଷ୍ଟିହୀନ ଯନ୍ତ୍ର ଓ ୨ଟି ହୁଇଲଚେୟାର ବଣ୍ଟନ କରାଯାଇଥିଲା। ଶେଷରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଞ୍ଚଳିକ ଭିନ୍ନକ୍ଷମ ଅଧିକାରୀ ରବୀନ୍ଦ୍ର କୁମାର ଶତପଥି ପରିଚାଳନା କରିଥିଲେ।

# ନନ୍ଦନକାନନରୁ ସମ୍ବଲପୁରକୁ ଗଲେ ୮ କୃଷ୍ଣସାର ମୃଗ

**ବାରଙ୍ଗ,୪।୧୨(ଲିଙ୍ଗରାଜ ରାଉତ)**

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ରହୁଥିବା ଜୀବଜନ୍ତୁଙ୍କ ରକ୍ତସମ୍ପର୍କ ମିଳନରେ ଜନ୍ମଗ୍ରହଣ କରୁଥିବା ଶାବକ ରୁଗ୍ଣ ସହ ତାଙ୍କର କମ୍ ବୟସରେ ମୃତ୍ୟୁ ହେଉଥିବାରୁ ନୂତନ ଜୀବଜନ୍ତୁଙ୍କୁ ଆଣି ନୂଆ ରକ୍ତସମ୍ପର୍କ ସ୍ଥାପନ କରିବା ନେଇ ନନ୍ଦନକାନନ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ଏଥିନିମନ୍ତେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ମାଧ୍ୟମରେ ବିଭିନ୍ନ ଚିଡିଆଖାନାରୁ ନନ୍ଦନକାନନ ନୂଆ ପଶୁପକ୍ଷୀଙ୍କୁ ଆଣିବାର ବ୍ୟବସ୍ଥା କରୁଛି। ଏହି ଆଧାରରେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ ସମ୍ବଲପୁର ଓ ନନ୍ଦନକାନନ ମଧ୍ୟରେ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଚିଡିଆଖାନାକୁ ସୋମବାର ୪ ଅଣ୍ଡିରା ଓ ୪ ମାଈକୁ ମିଶାଇ ୮ଟି କୃଷ୍ଣସାର ମୃଗ ପ୍ରଦାନ କରାଯାଇଛି। ଏହା ବଦଳରେ ସେଠାରୁ ୫ ମାଈ ଓ ୨ଅଣ୍ଡିରା ମିଶାଇ ୭ ଚଉଶିଙ୍ଗା ଆସିବ। ଉଭୟ ଚିଡିଆଖାନାର ନିଷ୍ପତ୍ତି ମୁତାବକ, ମଙ୍ଗଳବାର ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟରେ ୮ଟି ନୀଳଗାଈ ଓ ୮ଟି କୁଜି ହରିଣ ସମ୍ବଲପୁରକୁ ଦେଇ ସେଠାରୁ ନନ୍ଦନକାନନ ୩ ମାଈ ଓ ୨ଅଣ୍ଡିରା ମିଶାଇ ୫ ସମ୍ବର ଆଣିବ। ଏନେଇ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ଦେଶୀ ଚାଷ ପାଇଁ ବଜାର ବ୍ୟବସ୍ଥା ହେଉ

## ଦେଶୀ ବିହନ ଓ ଖାଦ୍ୟ ମେଳାରେ ଦାବି



ମୁଖ୍ୟ ଅତିଥି ଦିଲିପ ତିର୍କୀ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

**ସମ୍ବଲପୁର,୪।୧୨ (ଭବାନୀ ଶଙ୍କର ଭୋଇ)**

ଦେଶୀ ବିହନ ସୁରକ୍ଷା ମଞ୍ଚ ଓଡ଼ିଶା ଏବଂ ସ୍ଥାନୀୟ ଆୟୋଜକ ଭିତ୍ତିଭୂମି ଓ ପତଙ୍ଗ ତରଫରୁ ସମ୍ବଲପୁର ତପସ୍ୱିନୀ ହଲରେ ଦଶମ ଦେଶୀ ବିହନ ଓ ଖାଦ୍ୟ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀମାନେ ଦେଶୀ ଚାଷପାଇଁ ବଜାର ବ୍ୟବସ୍ଥା ହେଉ ବୋଲି ଦାବି କରିଥିଲେ। ପରେ ସେମାନେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ପଦ୍ମଶ୍ରୀ ଡ. ଦିଲିପ ତିର୍କୀଙ୍କ ଜରିଆରେ ୧୨ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାରମ୍ପରିକ କୃଷିକୁ ଗୁରୁତ୍ୱ ଦେଉଥିବା ବେଳେ ଚାଷୀମାନଙ୍କ ଆଗରେ ରହିଥିବା ସମସ୍ୟା ସମାଧାନ ଜରୁରୀ ବୋଲି ମତପ୍ରକାଶ ପାଇଥିଲା। କେନ୍ଦ୍ର ସରକାର 'ପରମ୍ପରାଗତ କୃଷି ବିକାଶ ଅଭିଯାନ' ଓ ରାଜ୍ୟ ସରକାର 'ମିଲେଟସ୍ ମିଶନ'ରେ ଜୈବିକ ପଦ୍ଧତି ଓ ଦେଶୀ ବିହନକୁ ବାଧ୍ୟତାମୂଳକ କରିବା, ମିଲେଟସ୍‌ର ସବୁ ଦ୍ରବ୍ୟ ଉପରୁ ଜିଏସ୍‌ଟି ଛାଡ, ପ୍ରତି ପଞ୍ଚାୟତରେ ଜୈବିକ ସାର ଔଷଧ ନିର୍ମାଣ ୟୁନିଟ୍ ପ୍ରତିଷ୍ଠା, ଦେଶୀ ବିହନ ବ୍ୟାଙ୍କ ଭିତ୍ତିଭୂମିର ସୁବିଧା ନେଇ ଆଲୋଚନା ହୋଇଥିଲା। ଭାରତ ବୀଜ ସ୍ୱରାଜ ମଞ୍ଚର ଆବାହକ ଜେକବ, ସୌମିକ ବ୍ୟାନାର୍ଜୀ, ଆକ୍ସନଆଡ୍‌ର ଦେବବ୍ରତ ପାତ୍ର, ଘାସିରାମ ପଣ୍ଡା, କୃଷକ ସଂଗଠନର ବ୍ୟୋମକେଶ ଠାକୁର, ଅଶୋକ ସାହୁ, ମମତା ପାତ୍ର ପ୍ରମୁଖ କୃଷିନୀତି ଓ ତାଞ୍ଚା ଗତ ବ୍ୟବସ୍ଥା ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇଥିଲେ। ମଧ୍ୟ ପ୍ରଦେଶର ସୌମିକ ବାନାର୍ଜୀଙ୍କୁ ଡ. ରିଚାରିୟ ସମ୍ମାନ, ସମ୍ବଲପୁରର ଅଜୟ ଡାଙ୍ଗଙ୍କୁ ତାପସ ନାୟକ ଗୋ-ଆଧାରିତ ସମ୍ମାନ, ବାମରାର ସନ୍ଦୀପ ଖଣ୍ଡେଲୱାଲଙ୍କୁ ଭବାନୀ ଦାଶ ଯୁବ ଚାଷୀ ସମ୍ମାନ ଦିଆଯାଇଥିବା ବେଳେ ୨୦ ଜିଲାର ୪୦ ଜଣଙ୍କୁ ସଫଳ ଜୈବିକ ଚାଷୀ ଭାବେ ସମ୍ମାନିତ କରାଯାଇଥିଲା।

# କୁଚିଣ୍ଡାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**କୁଚିଣ୍ଡା,୪।୧୨(ବିରଞ୍ଚି ଦର୍ଜୀ)**



ଶିବିରରେ ଉପସ୍ଥିତ ଅଧିକାରୀମାନେ।

କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କ ଅନୁପସ୍ଥିତରେ ଏଡିଏମ୍ ପ୍ରଦୀପ କୁମାର ସାହୁ, ସିଡ଼ିଓ ତଥା ଇଓ ଧର୍ମେନ୍ଦ୍ର ମଲ୍ଲିକ, କୁଚିଣ୍ଡା ଉପଜିଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଏସ୍‌ପି ଆଲବିନସ କେର୍କେଟା, ଏସ୍‌ଡିପିଓ ଅମିତାଭ ପଣ୍ଡା, ବିଡ଼ିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ,ଏବିଡିଓ ସହଦେବ ନନ୍ଦଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୨୩ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରୁ ୫ଟି ଗୋଷ୍ଠୀଗତ ୧୮ଟି ବ୍ୟକ୍ତିଗତ ଅଭିଯୋଗ ପଞ୍ଜୀକୃତ ହେଇଥିଲା। ଏହି କାର୍ଯ୍ୟକ୍ରମକୁ କୁଚିଣ୍ଡା ବ୍ଲକ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶାଳ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜିଏମ୍‌ୟୁରେ ଜାତୀୟ କର୍ମଶାଳା

**ସମ୍ବଲପୁର,୪।୧୨(ବି.ଶଙ୍କର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗରେ ସୋମବାର ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ୍ ସମ୍ବଲପୁରର ଗ୍ରନ୍ଥାଗାରିକ ଡ. ଏସ୍ କାନନ ମୁଖ୍ୟ ଅତିଥି, ରାଉରକେଲା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ସହ-ଗ୍ରନ୍ଥାଗାରିକ ବିନୋଦ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କର୍ମଶାଳାକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗାରାଜୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଜୟେନ୍ଦ୍ର କୁମାର ସିଂ ଓ ଅଧ୍ୟାପିକା ଡ. ରୋଜାଲିନ ରାଉତ ସଂଯୋଜନା କରିଥିଲେ। ଏଥିରେ ପ୍ରାୟ ୮୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇ ଆଇଏଲ୍‌ଏମ୍‌ଏସ୍‌ର ବ୍ୟବହାର ସମ୍ପର୍କରେ ଜ୍ଞାନ ଅର୍ଜନ କରିଥିଲେ। କୋହା ସଫ୍ଟୱେରକୁ ବ୍ୟବହାର କରି କିପରି ଲାଇବ୍ରେରିର ହାଉସକିପିଂ ଅପରେଶନକୁ ଅଟୋମେଟ କରିହେବ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଶେଷରେ ଅଧ୍ୟାପକ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

**ଜମନକିରା,୪।୧୨ (ରବୀନ୍ଦ୍ର ପ୍ରସାଦ ଦାନି)**





ଅତିଥିଙ୍କ ଗହଣରେ ଟ୍ରଫି ସହ ବିଜେତା ଦଳ।

ଜମନକିରା ବ୍ଲକ ତୁଲୁବ ବୀର ସୁରେନ୍ଦ୍ର ସାଏ କ୍ଲବ ଆନୁକୂଲ୍ୟରେ ଦୁଇ ଦିବସୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଅବସରପ୍ରାପ୍ତ ସୈନିକ ବେଣୁଧର ନାଏକ, ଅଜୟ ଝଙ୍କାର, ସଞ୍ଜୟ କୁମାର ନାଏକ ଅତିଥି ରୂପେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିବା ବେଳେ ଦିତୀୟ ଦିନରେ ହକି ତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାଏକ ସମ୍ମାନିତ ଅତିଥି ଥିଲେ। ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ୮ ଦଳ ଭାଗ ନେଇଥିବା ବେଳେ ସୁନ୍ଦରଗଡ଼ ଦଳ ବିଜେତା ଓ ବଞ୍ଚାରିବାହାଲ ଦଳ ଉପବିଜେତା ହୋଇଥିଲେ। ଉପ ବିଜେତା ଦଳକୁ ଟ୍ରଫି ସହ ୪୦ହଜାର ଟଙ୍କା ଶ୍ରୀ ନାଏକ ଙ୍କ କରକମଳରେ ପ୍ରଦାନ କରାଯାଇଥିବା ବେଳେ ବିଜେତା ଦଳକୁ ପଦ୍ମଶ୍ରୀ ତିର୍କୀ ଟ୍ରଫି ସହ ୫୦ହଜାର ଟଙ୍କା ପ୍ରଦାନ କରିଥିଲେ।

# ଛତୁଚାଷରେ ପାରଙ୍ଗମ ମାନିନୀ

## ସ୍ନାତକୋତ୍ତର ସାରି କୃଷି ବିଜ୍ଞାନ କେନ୍ଦ୍ରରୁ ତାଲିମ ନେଇଛନ୍ତି

**ସମ୍ବଲପୁର,୪।୧୨ (ଭବାନୀ ଶଙ୍କର ଭୋଇ)**

ଓଡିଆରେ ସ୍ନାତକୋତ୍ତର ପାଠ ସାରିଥିବା ଯୁଯୁମୁରା ବ୍ଲକ ସନାତନ ପାଲି ଗାଁର ମାନିନୀ ସାହୁ ଛତୁଚାଷରେ ପାରଙ୍ଗମ ହୋଇପାରିଛନ୍ତି। ବାପା ଈଶ୍ୱର ସାହୁ ଜଣେ ଅଗ୍ରଣୀ ଚାଷୀ ଭାବେ ଅଞ୍ଚଳରେ ଜଣାଶୁଣା। ସେ ନିଜର ୨୨ ଏକର ଜମିରେ ଧାନ ଚାଷ କରିଥାନ୍ତି। ପରିଶ୍ରମ କରି ପରିବାରକୁ ପ୍ରତିପୋଷଣ କରିବା ସହ ତାଙ୍କର ଦୁଇଝିଅଙ୍କୁ ଭଲ ପାଠ ପଢାଇବାକୁ ଚେଷ୍ଟା କରିଛନ୍ତି। ସାନ ଝିଅ ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ପଢୁଥିବା ବେଳେ ବଡ ଝିଅ ମାନିନୀ ସ୍ନାତକୋତ୍ତର ସାରିଛନ୍ତି। ପରିବାର ପାଇଁ କିଛି କରିବାକୁ ଚିନ୍ତା କରି ସେ ପିଲାଙ୍କୁ ପାଠ ପଢାଇବା ଆରମ୍ଭ କରିଥିଲେ। ନିଜେ ପାଠ ପଢିବା ସହ ୨୦/୨୫ଜଣ ପିଲାଙ୍କୁ ସକାଳୁ ଓ ସନ୍ଧ୍ୟାରେ ଟ୍ୟୁଶନ ପଢାଇ ନିଜ ଖର୍ଚ୍ଚ ବାହାର କରୁଛନ୍ତ। ବାପା ଧାନ ଚାଷ ସହ ଛତୁଚାଷ କରୁଥିବା ବେଳେ ମାନିନୀ ଛତୁଚାଷର ଦାୟିତ୍ୱ ନିଜେ ନେଇଛନ୍ତି। ଆଗକୁ ଅଧାପନା କରିବାକୁ ଆଗ୍ରହ ରଖିଥିବା ମାନିନୀ ଆଧୁନିକ ଚାଷ ପ୍ରଣାଳୀ ଶିଖିବା ପାଇଁ ନୀଳଡୁଙ୍ଗୁରୀସ୍ଥିତ ଉଦ୍ୟାନ କୃଷି ତାଲିମ କେନ୍ଦ୍ରରୁ ୬ ମାସିଆ ତାଲିମ ନେଇଥିଲେ। ଏହାସହ କୃଷିବିଜ୍ଞାନ କେନ୍ଦ୍ରରୁ ତାଲିମ ନେବା ପରେ ସେ ଛତୁଚାଷରେ ବେଶ୍ ପାରଙ୍ଗମ ହୋଇପାରିଛନ୍ତି। ବାପାଙ୍କ ସହ ମିଶି ବର୍ଷସାରା ସେ ବିଭିନ୍ନ କିସିମର ଛତୁ ଉତ୍ପାଦନ କରୁଛନ୍ତ। ପ୍ରତିଦିନ ୫୦ରୁ ୮୦ କେଜି ଛତୁ ଉତ୍ପାଦନ ହେଉଥିବାବେଳେ ଏହାକୁ ବିକ୍ରିକରି ସେ ମାସିକ ୨୦ହଜାର ଟଙ୍କା ରୋଜଗାର କରି ପରିବାରକୁ ସହଯୋଗ କରୁଛନ୍ତି। ବାପାଙ୍କ କଷ୍ଟ ଲାଘବ କରିବା ପାଇଁ ସହଯୋଗର ହାତ ବଢାଇଥିବା ମାନିନୀ ସମ୍ବଲପୁରରେ ଅନୁଷ୍ଠିତ ୧୦ମ ଦେଶୀ ଚାଷ ସମ୍ମିଳନୀରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏହାଦ୍ୱାରା ସେ ପରିବାର ସହ ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିପାରିଛନ୍ତି।



ବାପାଙ୍କ ସହ ଛତୁଚାଷ ପ୍ରଦର୍ଶନୀରେ ମାନିନୀ।

## ସଂକ୍ଷେପରେ

### ଉତ୍କଳମଣି ସେବା ସଂସ୍ଥାର ଶୀତକାଳୀନ ସେବା ଶିବିର

ଜୁନାଗଡ଼,୪।୧୨(ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଶଗଡା ପଞ୍ଚାୟତ ଅଧୀନ କୋଉଗୁଡା ଗ୍ରାମରେ ଜୁନାଗଡର ଉତ୍କଳମଣି ସେବାସଂସ୍ଥା ଦ୍ୱାରା ଶୀତକାଳୀନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ୩୦ଜଣ ଘରଡିହ ନ ଥିବା, ଜମିହୀନ ମେହନତୀ ଆଦିବାସୀ ପରିବାର ସଂଘର୍ଷମୟ ଜୀବନ ସହ ଏକାତ୍ମ ହେବା ପାଇଁ ଉତ୍କଳମଣିଙ୍କ ଆଦର୍ଶ ଜନସେବାକୁ ମନେପକେଇ ସେବା ଶିବିର ପରିଚାଳିତ ହୋଇଥିଲା। ଶୁଖିଲା ଖାଦ୍ୟ, ଶୀତ ବସ୍ତ୍ର, ପିଲାମାନଙ୍କୁ ପାଠ୍ୟ ଉପକରଣ, ଔଷଧ ବିତରଣ କରାଯାଇଥିଲା। ଗ୍ରାମରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ଓ ରାସ୍ତାଘାଟର ସୁବ୍ୟବସ୍ଥା ହୋଇ ନ ଥିବାରୁ ଅନଷ୍ଠାନର ସଭାପତି ମଧୁସୂଦନ ପଣ୍ଡା, ସମ୍ପାଦକ ଅଜୟ ଦାସ, ସାମାଜିକ କର୍ମୀ କୈଳାସ ରାଉତ, ଦାମୋଦର ବେହେରା, ନିରଞ୍ଜନ ସାହୁ, ନବଘନ ସାହୁ, ଅଶୋକ ସାହୁ, ହେମନ୍ତ ସାସମଲ୍, ଭଗବାନ ସାହୁ ଦୁଃଖ ପ୍ରକାଶ କରିଥିଲେ। କୋଉଗୁଡାର ବିନିତା ମାଝି, ବିଜୟ ମାଝି ଓ ସମସ୍ତ ଗ୍ରାମବାସୀ ସହ ଯୋଗକରିଥିଲେ।

### କର୍ଲାମୁଣ୍ଡା ବ୍ଲକ: ଆଦିସ୍କନ୍ଧ ସମାଜ ବ୍ଲକ କର୍ମକର୍ତ୍ତା ଚୟନ

କର୍ଲାମୁଣ୍ଡା,୪।୧୨(ପ୍ରଦୀପ କୁମାର ସାହୁ) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରବସ୍ତିସ୍ଥିତ କାଜୁ ବଗିଚାଠାରେ ରବିବାର ବ୍ଲକ ଆଦିସ୍କନ୍ଧ ସମାଜର କର୍ମକର୍ତ୍ତା ଚୟନ ହୋଇଯାଇଛି। ଜିଲା ସଭାପତି ପ୍ରକାଶ ମାଝିଙ୍କ ଉପସ୍ଥିତରେ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ବ୍ଲକ ସଭାପତି ଗୋବିନ୍ଦ ଭୋଇ, ଉପସଭାପତି ଦୟାନିଧି ମାଝି ଓ ସୁମନ୍ତ ମାଝି, ସାଧାରଣ ସମ୍ପାଦକ ନନ୍ଦି କିଶୋର ଭୋଇ, ସହସମ୍ପାଦକ ନୂଆଧର ଭୋଇ, କୋଷାଧକ୍ଷ ସନ୍ତୋଷ ଜାନି, ମିଡିଆ ସେଲ ମହେନ୍ଦ୍ର ପ୍ରଧାନ ଓ ତରୁଣ ଜାନୀ, ପତ୍ରବାହକ ଶରତ ଜାନୀ ପ୍ରମୁଖ ସର୍ବସହମତିରେ ଚୟନ ହୋଇଥିଲେ। ଏଥିରେ ପଞ୍ଚାୟତ ସଭାପତି, ସମ୍ପାଦକ, ଗ୍ରାମ୍ୟ କମିଟି ସଭାପତି ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଆଦିବାସୀ ସଂଘ ସଭାପତି ସୁରେନ୍ଦ୍ର ଭୋଇ, ସୁବାଷ ଭୋଇ, ସ୍ୱାଗତ ଭୋଇ, ବୁଟାସିଂ ଭୋଇ, ଚିନ୍ତାମଣି ଭୋଇ, ସିମାଞ୍ଚଳ ଭୋଇ, କର୍ଣ୍ଣ ଭୋଇ, ପବିତ୍ର ଭୋଇ, ଉତ୍ତମ ଭୋଇ, ବାବୁ ବାହାନ ଭୋଇ, ଅଶନି ମାଝି, ଦୟା ଭୋଇ, ଗୋପାଳ ଭୋଇ, ଜଗନ୍ନାଥ ମାଝିଙ୍କ ସମେତ ବହୁ ଆଦିସ୍କନ୍ଧ ସମାଜ ଓ ଆଦିବାସୀ ସମାଜ ସଭ୍ୟମାନେ ଉପସ୍ଥିତ ଥିଲେ।

# ସମୟ ଅନୁସାରେ ଆଗକୁ ବଢ଼ିବା ଲକ୍ଷ୍ୟ



ବାର୍ଷିକ ଉତ୍ସବ 'ହାରଭେଷ୍ଟ'ରେ ଅତିଥିଗଣ।

### ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ 'ହାରଭେଷ୍ଟ-୨୦୨୩'

ଭବାନୀପାଟଣା,୪।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଉଇସଡମ ପାର୍କଠାରେ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପଞ୍ଚମ ବାର୍ଷିକ ଉତ୍ସବ 'ହାରଭେଷ୍ଟ-୨୦୨୩' ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଶିକ୍ଷା ସହ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ବିକାଶ ଏକ ଅଗ୍ରଣୀ ଅନୁଷ୍ଠାନ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଓଡ଼ିଶା ଡି.ନାଗେଶର ରାଓ କଳାହାଣ୍ଡି ମାଟିର ସୁପୁତ୍ରମାନଙ୍କ ସ୍ମୃତି ଚାରଣ ପୂର୍ବକ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ବିକାଶ ଶିକ୍ଷାନୁଷ୍ଠାନ ଜିଲାର ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀମାନଙ୍କୁ ତାଙ୍କ ପ୍ରତିଭାର ବିକାଶ ନିମନ୍ତେ ଦୃଢ଼ ବଦ୍ଧପରିକର ବୋଲି କହିଥିଲେ। ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀନ ଉନ୍ନତିରେ ସାମ୍ପ୍ରତିକ ଶିକ୍ଷା ପଦ୍ଧତିର ସମସ୍ତ ଦିଗ ସହ ସମନ୍ୱୟ ପୂର୍ବକ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିକାଶ ଶିକ୍ଷାନୁଷ୍ଠାନ ସର୍ବଦା ପ୍ରଚେଷ୍ଟା ଜାରି ରଖିଥିବା ପ୍ରକାଶ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଡି.ରାମ କୁମାର ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅନ୍ୟତମ ନିର୍ଦ୍ଦେଶକ ଡି.ଶ୍ୟାମ ଯୋଗଦେଇ ପରିବର୍ତ୍ତନ ହିଁ ପ୍ରକୃତିର ନିୟମ ଅଟେ ବୋଲି କହିଥିଲେ। ସମୟାନୁସାରେ ଏହି ପରିବର୍ତ୍ତିତ ପରିସ୍ଥିତି ସହ ତାଳ ମିଳାଇ ଆଗକୁ ବଢ଼ିବା ହିଁ ବିକାଶର ମୁଖ୍ୟ ସୋପାନ ବୋଲି ଦର୍ଶାଇଥିଲେ। ଏହି ଅବସରରେ ଏକାଡେମିକ ନିର୍ଦ୍ଦେଶକ ସମ୍ବଲପୁର ଜି.ରାମକ୍ରୀଷ୍ଣା, ନିର୍ଦ୍ଦେଶିକା ଗୀତିକା ଚୌଧୁରୀ, ପରିଚାଳନା ମଣ୍ଡଳୀ ସଦସ୍ୟ ଭି.ଭି. ସତ୍ୟନାରାୟଣ, ଭି.ଭି.ପ୍ରତାପ, ମି.ମନୋଜ, ସଦସ୍ୟା ନିକିତା ଚୌଧୁରୀ, ଡି ପଦ୍ମିନୀ ଆର.ଏସ. ଭି.କ୍ରିଷ୍ଣା ଭାଇସ ପ୍ରିନ୍ସିପାଲ ଡିଗ୍ରୀ କଲେଜ ବରଗଡ଼ ଓ ଲକ୍ଷ୍ମୀ ବିକାଶ ବିଦ୍ୟାଳୟ ଜୟପୁର ଅଧ୍ୟକ୍ଷା ବିନ୍ଧ୍ୟ ରାଜୁ ପ୍ରମୁଖ ଯୋଗଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ.ଆଦିତ୍ୟ କୁମାର ପଟ୍ଟନାୟକ, ଆଇଟି ଏଣ୍ଡ ମେନେଜମେଣ୍ଟ ଅଧ୍ୟକ୍ଷ ଡ.ସୁଦୀପ୍ତ କୁମାର ଜେନା, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷା କେ.ଜୟଶ୍ରୀ ପ୍ରମୁଖ ବାର୍ଷିକ ବିବରଣୀ ପାଠ କରିଥିଲେ। ଏକାଡେମିକ ଇନଚାର୍ଜ ଡି.ବିଜୟା ଧନ୍ୟବାଦ ଦେଇଥିଲେ। ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ନୃତ୍ୟ, ସଙ୍ଗୀତ, କ୍ରୀଡା, ବକ୍ତୃତା ତଥା ଅନ୍ୟ କ୍ଷେତ୍ରରେ ଜିଲା, ରାଜ୍ୟ ଓ ଜାତୀୟସ୍ତରରେ କୃତିତ୍ୱ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବେଷ୍ଟ ହାଉସ ଭାବେ 'ଚନ୍ଦ୍ର ହାଉସ'କୁ ଘୋଷଣା କରାଯାଇଥିଲା। ଚଳିତବର୍ଷର ବାର୍ଷିକ ଉତ୍ସବ 'ସ୍ୱର୍ଣ୍ଣ ଭାରତ' ଶୀର୍ଷକ ଉପରେ ଆଧାରିତ ଥିଲା। 'ସ୍ୱର୍ଣ୍ଣ ଭାରତ' ଶୀର୍ଷକକୁ କେନ୍ଦ୍ର କରି ଅନୁଷ୍ଠାନର ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ସହଯୋଗ ରହିଥିଲେ।

# ଅତିରିକ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ତଦନ୍ତ



ବାଲସିସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ତଦନ୍ତ କରୁଛନ୍ତି।

### ମହିଳା କନିଷ୍ଠ ଯନ୍ତ୍ରୀଙ୍କ ୫-ଟି କାର୍ଯ୍ୟରେ ମନମୁଖି ଅଭିଯୋଗ

କେସିଙ୍ଗା,୪।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ଅଧୀନ ବାଲସି, କାଣ୍ଡେଲ, ଗୋକୁଳେଶ୍ୱର ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ମହିଳା କନିଷ୍ଠ ଯନ୍ତ୍ରୀ ୫-ଟି କାର୍ଯ୍ୟ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ମନମୁଖି, ଅସହଯୋଗ ଓ ଅବହେଳା କରୁଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସୋମବାର ଅତିରିକ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅନନ୍ତ ଚରଣ ମହାଲିକ ବାଲସି ଗ୍ରାମପଞ୍ଚାୟତ ବିଭିନ୍ନ ଗ୍ରାମ ଯାଇ ଏହାର ତଦନ୍ତ କରିଛନ୍ତି। ବାଲସି ଜବାହାର ଉଚ୍ଚ ବିଦ୍ୟାଳୟ(କ), ମଶାଣିବନ୍ଧ ଶିବ ମନ୍ଦିର ଫାଉଣ୍ଡେଶନ କାମରେ ଅବହେଳା, ଜମି ମରାମତି ଶୌଚାଳୟ ବିଲ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାଲସି ଗ୍ରାମପଞ୍ଚାୟତରେ ନିର୍ମିତ ସୁବିଧା କେନ୍ଦ୍ର ପ୍ରାଧିକରଣ ବିଲ୍ଡିଂଗ ଆଦି କାର୍ଯ୍ୟ ଠିକ ଭାବେ ଠିକାଦାର ଓ ହିତାଧିକାରୀଙ୍କ କାର୍ଯ୍ୟରେ ବିଲ କରିବା ଆଦି କାର୍ଯ୍ୟରେ ଅସହଯୋଗ ଓ ବିଲ ପ୍ରସ୍ତୁତି କରିବାରେ ବିଳମ୍ବ କରୁଥିବା ନେଇ ତଦନ୍ତ କରିଥିଲେ। ଏ ନେଇ କନିଷ୍ଠ ଯନ୍ତ୍ରୀ ତାପସ୍ୱିତା ସାମନ୍ତରାୟଙ୍କୁ ପଚାରିବାରୁ ମୁଁ ଜମି ମରାମତି ବିଲ କରିନାହିଁ, ଅଧିକାଂଶ ବିଲ ଠିକାଦାର ଓ ହିତାଧିକାରୀ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏ ନେଇ ଅତିରିକ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅନନ୍ତ ଚରଣ ମହାଲିକଙ୍କୁ ପଚାରିବାରୁ ଉକ୍ତ ଗ୍ରାମପଞ୍ଚାୟତ ଦାୟିତ୍ୱରେ ମହିଳା ଯନ୍ତ୍ରୀଙ୍କ ନାମରେ ବିଡିଓ ନିକଟରେ ଅଭିଯୋଗ ହୋଇଛି। ୫-ଟି କାର୍ଯ୍ୟ ସମେତ ବିଭିନ୍ନ କାର୍ଯ୍ୟରେ ଅସହଯୋଗ ଓ ବିଳମ୍ବ କରୁଛନ୍ତି। ବିଡିଓଙ୍କ ସହ ଆଲୋଚନା ପରେ ଦୁଇ, ତିନି ଦିନ ମଧ୍ୟରେ ଅନ୍ୟତ୍ର ବଦଳି କରାଯିବ ବୋଲି ପ୍ରକାଶ କରିଥିଲେ।

# କ୍ଷତିପୂରଣ ଦାବିରେ ଏନ୍‌ଏଚ୍ ଅବରୋଧ

ଜୁନାଗଡ଼,୪।୧୨(ସୁନୀଲ କୁମାର ସିଂହ)



ଜୁନାଗଡ଼ ଥାନା ସମ୍ମୁଖରେ ମୃତଦେହ ରଖି ରାସ୍ତାରୋକୋ।

### ହାଇୱା ଧକ୍କାରେ ଯୁବକ ମୃତ

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଜାରିଙ୍ଗ ଆଇଆରବି କ୍ୟାମ୍ପ ନିକଟରେ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତଙ୍କ ହେଲେ କୁଲିହାରି ଗାଁର ପୃଥିରାଜ ପ୍ରଧାନୀ (୪୦)। ସୋମବାର ପୂର୍ବାହ୍ନରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ଧରି ପରିବାର ଓ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ଜୁନାଗଡ଼ ପୋଲିସ ଥାନା ସମ୍ମୁଖ ଜାତୀୟ ରାଜପଥ ୨୬ରେ ମଧ୍ୟାହ୍ନରୁ ଅପରାହ୍ନ ଯାଏ ରାସ୍ତାରୋକୋ କରିଥିଲେ। ଏହାଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଯାତାୟାତ ଅଟକି ରହିଥିଲା। ଖବର ପାଇ ଧର୍ମଗଡ଼ ଏସ୍‌ଡିପିଓ ଧିରଜ କୁମାର ଚୋପଦାର, ଜୁନାଗଡ଼ ଆଇଆଇଆସି ଶେଷଦେବ ବେହେରା, ତହସିଲଦାର ସୁର୍ମୀ ସୁରେନ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ସରକାରୀସ୍ତରରେ ଥିବା ଆର୍ଥିକ ସହାୟତା ମୃତକଙ୍କ ପରିବାରକୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟା ୩୦ରେ ରାସ୍ତା ରୋକୋ ହଟିଥିଲା। ଦୁର୍ଘଟଣା ଘଟାଇ ଥିବା ହାଇୱା ସହ ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଖଡ଼ିଆଲ,୪।୧୨(ସୁଜିତ୍ କୁମାର ପ୍ରଧାନ) ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଲାଞ୍ଜି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଡିଓ ବିରସେନ ବେହେରା, ରାଜସ୍ୱ ନିରୀକ୍ଷକ ବିରିଘାଟ ଶେଫାଳି ତାଣ୍ଡି, ସିଡିପିଓ ମିନା କୁମାରୀ ଅଗ୍ରୱାଲ, ଲାଞ୍ଜି ସରପଞ୍ଚ ବୈଦେହୀ ମାଝି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନିଷ କୁମାର ସାହୁ ଉପସ୍ଥିତ ଥିଲେ। ଶୁଣାଣି ଶିବିରରେ ବ୍ୟକ୍ତିଗତ ୭ଟି ଅଭିଯୋଗ ଆସିଥିଲା। ବିଭିନ୍ନ ଅଭିଯୋଗ ବିଡିଓ ଗ୍ରହଣ କରିଥିଲେ। କୃଷି ବିଭାଗ, ପଶୁ ସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ଉପସ୍ଥିତ ନ ଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର



ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର।

ଭବାନୀପାଟଣା,୪।୧୨(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜି.ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ, ଧର୍ମଗଡ଼ ଉପଜିଲାପାଳ ବିରଞ୍ଚି ନାରାୟଣ ଦର୍ୱାନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୧୪୬ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୧୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୩୦ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୧୭ଟି ଅଭିଯୋଗର ସମାଧାନ ତତକ୍ଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ଜଣଙ୍କୁ ୪୫ ହଜାର ଟଙ୍କା ସହାୟତା ମଞ୍ଜୁର କରାଯାଇଥିଲା।

# ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଲମ,୪।୧୨(ଭିକାରି ଗଉଡ)




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ ଶିଶାଖାଲ ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଶିବ ପ୍ରସାଦ ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷାକ୍ଷେତ୍ରରେ କିପରି ଅଗ୍ରଗତି ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସନଥଗୁରୁ ରାମଚନ୍ଦ୍ର ପଧାନ, ସନ୍ଥବାବା ଭଗବାନ ଦାସ, ହରଗୌରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବୋଧ କୁମାର ଶତପଥି, ରାମଅବତାର ଅଗ୍ରୱାଲ, ବିଦ୍ୟାଳୟ ସଭାପତି ଦଇତାରୀ ସାହୁ, ସମ୍ପାଦକ ହେମନ୍ତ ସାହୁ, ଗୁରୁଦେବ ଶ୍ରୀରାମଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ୟାମକୁମାର ବାଗ ଯୋଗଦାନ ଦେଇଥିଲେ। ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସେବକ ପୀତାମ୍ବର ସାହୁ ଓ ସୁକ୍ତା ସାହୁଙ୍କ ନେତୃତ୍ୱରେ ବିଦ୍ୟାଳୟ ସମସ୍ତ କାର୍ଯ୍ୟ ପ୍ରତିପାଦନ କରାଯାଇଥିଲା। ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ କରାଯାଇଥିଲା।

# ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ

ଖଡ଼ିଆଲ,୪।୧୨(ସୁଜିତ୍ କୁମାର ପ୍ରଧାନ)

ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କଲେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଧର ନିଆଲ ତଥା ବିଧାୟକ ପ୍ରତିନିଧି ଏବଂ ଯୁଗ୍ମ ସମ୍ପାଦକ ଦୟା ଥପା। ଖଡ଼ିଆଳ ଅଞ୍ଚଳରେ ୪ଟି ପ୍ରାଚୀନ ମନ୍ଦିର ପୁନରୁଦ୍ଧାର ସହ ମନ୍ଦିର ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇ ମନ୍ଦିର ଉନ୍ନତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏ ନେଇ ସାଧାରଣ ସମ୍ପାଦକ ନିଆଲ ଖଡ଼ିଆଳର ବିଭିନ୍ନ ମନ୍ଦିର ଦେଉଥିବା ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଏଥିରେ ପତିତ ପାବନ ମନ୍ଦିର କମିଟି ସଭାପତି ପ୍ରଦୀପ ମିଶ୍ର, ଦୟା ଥପା, ଟଙ୍କଧର ଶବର, ହରେକୃଷ୍ଣ ଶବର, ରବିକାନ୍ତ ଠେଲା, ପୂଜକ ଚିତ୍ରସେନ ଯୋଶୀ, ବାବରୁବାହନ ଅଦା ତଥା କମିଟି ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ମା' ମାନପୁରିଆଣୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା

କୋକସରା,୪।୧୨(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କନ୍ଦାବୁଟୁରା ପଞ୍ଚାୟତ ତୁନଗାଁ ଗ୍ରାମରେ ମା' ମାନପୁରିଆଣିଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ପରେ ପଡୁଥିବା ରବିବାରରେ ଅନୁଷ୍ଠିତ ହୋଇଆସୁଛି। ପରମ୍ପରା ରୀତିନୀତି ଅନୁଯାୟୀ ମା' ମାନପୁରିଆଣୀ ଦେବୀଙ୍କ ମୁଖ୍ୟ ପୂଜକ ରାମେଶ୍ୱର ପୂଝାରୀ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ବୁଢ଼ାରଜା ମନ୍ଦିରରୁ ମା' ସର୍ବ ମଙ୍ଗଳା, ମା' ଠାକୁରାଣୀ, ଭଣ୍ଡାର ଘରଣୀ, ଧନ ମାଉଳି, ମା' ମାଉଳି, ଭିମା ଦେବଦେବୀଙ୍କ ଲାଠିକୁର୍ଛି ଏକତ୍ରିତ ହୋଇ ଏକ ପଟୁଆରରେ ଦେବଦେବୀଙ୍କ ଶିରାଙ୍କ ଦେହରେ କାଳସି ଲାଗି ହୋଇଥିଲେ। ଦେବଦେବୀଙ୍କ ଲାଠିକୁର୍ଛି ଝୁଲଣ ପହଞ୍ଚିବା ପରେ କାଳସିମାନେ କଣ୍ଟା ଦୋଳିରେ ଝୁଲିବା ସହ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ କରିଥିଲେ। ମାନସିକଧାରୀ ଭକ୍ତମାନେ ଶୁକ୍ଳ ଭୋଗ ସହ ରକ୍ତ ଭୋଗ ଅର୍ପଣ କରିଥିଲେ। ରାତିରେ ରେକର୍ଡ ଡ୍ୟାନ୍ସ ଓ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ପ୍ରେମଲାଲ ଶବରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଅବସର ପ୍ରାପ୍ତ ଅଧିକାରୀ ଭୋଳାନାଥ ନାଏକ, ଲକ୍ଷ୍ମଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଘୁମୁରା ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଇଥିବା ବେଳେ ବିଚାରପତି ଭାବେ ଈଶ୍ୱର ପାଣିଗ୍ରାହୀ, ଭୁବନେଶ୍ୱର ଶବର, ପରାଶ୍ୱର ବେମାଲ, ଲାଲବାହାଦୂର ସାହୁ ରହିଥିଲେ। ପୂଜା କମିଟି ଉପସଭାପତି ରଏନୁ ପାଣିଗ୍ରାହୀ, ସମ୍ପାଦକ ବନମାଳୀ ପାଣିଗ୍ରାହୀ, ସହ ସମ୍ପାଦକ ନୃପରାଜ ନାଏକ, ସୁରେନ୍ଦ୍ର ଶବର, ଜଳନ୍ଧର ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ଶବର, ଦେବେନ୍ଦ୍ର ଶବର ଓ ଗ୍ରାମବାସୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଦେବଦେବୀଙ୍କ ଲାଠି କୁର୍ଛି ଗାଁ ପରିକ୍ରମା କରାଯାଉଛି।

# ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିବା ମୁଖ୍ୟ ଉଦ୍ଦେଶ୍ୟ



କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଉପସ୍ଥିତ ଅତିଥି।



ଲାଞ୍ଜିଗଡ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରୀଛାତ୍ର।

### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୋକସରା/ଲାଞ୍ଜିଗଡ଼,୪।୧୨ (ଦୁଷ୍ମନ୍ତ କୁମାର ପାଟଯୋଶୀ/ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ସଭାପତିତ୍ୱରେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଏନସିସି କ୍ୟାପେଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପକ ସୁବ୍ରତ କୁମାର ବେହେରା, ଜଗନ ଚନ୍ଦାନି ମଞ୍ଚ ଉଦଘାଟନ କରିଥିଲେ। ଅଧ୍ୟାପକ ଐରି ନାଶନ ଚିନ୍ଦା ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ଓଡିଶା ନବୀନ ଓଡିଶା ମାଧ୍ୟମରେ ଯୁବବର୍ଗଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି। ଏହାର ସଫଳ ରୂପାୟନ ହେଲେ ଯୁବ ଓଡିଶା ନବୀନ ଓଡିଶାର ଉଦ୍ଦେଶ୍ୟ ସାଧିତ ହେବ ବୋଲି ବିଧାୟକ କହିଛନ୍ତି। କହିଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପିକା କନକ ମଞ୍ଜରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ମହାବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ

ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନିହାରକାନ୍ତ ବିଶାଳଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିସାରି, ମୁଖ୍ୟବକ୍ତା ଭାବେ ଅନୁସୂଚିତ ଜାତି ଓ ଜନଜାତି କଳାହାଣ୍ଡି ଜୋନ ଶିକ୍ଷା ମଣ୍ଡଳାଧୀଶ କମଳାକାନ୍ତ ପ୍ରହରାଜ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧଜ ପେଶନିଆ, ବିଜେଡି ଜିଲା ସାଧାରଣ ସମ୍ପାଦକ ପାତ୍ର ମାଝି, ପୂର୍ବତନ ଏବିଇଓ ଗୋପବନ୍ଧୁ ପୁଷ୍ଟି ପ୍ରମୁଖ ଉପସ୍ଥିତଥିଲେ। ରାଜ୍ୟ ସରକାର ଯୁବପିଢ଼ିଙ୍କ ଖେଳ ପ୍ରତି ଥିବା ଉତ୍ସାହକୁ ଗୁରୁତ୍ୱ ଦେବା ସହ ଖେଳାଳିମାନଙ୍କୁ ଆଗକୁ ନେବା ପାଇଁ ସମନ୍ୱିତ ଯୁବ ବିକାଶ ଯୋଜନାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଛାତ୍ରୀଛାତ୍ରମାନେ ଉପକୃତ ହୋଇ ଆଗକୁ ବଢ଼ି ପାରିବେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ଅଧ୍ୟାପକ ମାନସ ରଞ୍ଜନ ରଥ, ପାର୍ଥ ସାରଥୀ ବାରିକଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଛାତ୍ରୀଛାତ୍ରମାନେ ନିଶା ନିବାରଣ, ପରିବେଶ ସୁରକ୍ଷା, ସଡକ ସୁରକ୍ଷା ସମ୍ପର୍କରେ ବିଭିନ୍ନ ନାରା ଦେଇ ସହର ପରିକ୍ରମା କରି ସଫେଇ କାର୍ଯ୍ୟକ୍ରମ କରିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ଅଗ୍ନିଶମ ବିଭାଗ ଏବଂ ଲାଞ୍ଜିଗଡ ପୋଲିସ ପକ୍ଷରୁ ସିଆରପିଏଫ ଯବାନମାନଙ୍କୁ ମୃତୟନ କରାଯାଇଥିଲା।

## ସଂକ୍ଷେପରେ

### ଉତ୍କଳମଣି ସେବା ସଂସ୍ଥାର ଶୀତକାଳୀନ ସେବା ଶିବିର

ଜୁନାଗଡ଼,୪।୧୨(ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଶଗଡା ପଞ୍ଚାୟତ ଅଧୀନ କୋଉଗୁଡା ଗ୍ରାମରେ ଜୁନାଗଡର ଉତ୍କଳମଣି ସେବାସଂସ୍ଥା ଦ୍ୱାରା ଶୀତକାଳୀନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ୩୦ଜଣ ଘରଡିହ ନ ଥିବା, ଜମିହୀନ ମେହନତୀ ଆଦିବାସୀ ପରିବାର ସଂଘର୍ଷମୟ ଜୀବନ ସହ ଏକାତ୍ମ ହେବା ପାଇଁ ଉତ୍କଳମଣିଙ୍କ ଆଦର୍ଶ ଜନସେବାକୁ ମନେପକେଇ ସେବା ଶିବିର ପରିଚାଳିତ ହୋଇଥିଲା। ଶୁଖିଲା ଖାଦ୍ୟ, ଶୀତ ବସ୍ତ୍ର, ପିଲାମାନଙ୍କୁ ପାଠ୍ୟ ଉପକରଣ, ଔଷଧ ବିତରଣ କରାଯାଇଥିଲା। ଗ୍ରାମରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ଓ ରାସ୍ତାଘାଟର ସୁବ୍ୟବସ୍ଥା ହୋଇ ନ ଥିବାରୁ ଅନଷ୍ଠାନର ସଭାପତି ମଧୁସୂଦନ ପଣ୍ଡା, ସମ୍ପାଦକ ଅଜୟ ଦାସ, ସାମାଜିକ କର୍ମୀ କୈଳାସ ରାଉତ, ଦାମୋଦର ବେହେରା, ନିରଞ୍ଜନ ସାହୁ, ନବଘନ ସାହୁ, ଅଶୋକ ସାହୁ, ହେମନ୍ତ ସାସମଲ୍, ଭଗବାନ ସାହୁ ଦୁଃଖ ପ୍ରକାଶ କରିଥିଲେ। କୋଉଗୁଡାର ବିନିତା ମାଝି, ବିଜୟ ମାଝି ଓ ସମସ୍ତ ଗ୍ରାମବାସୀ ସହ ଯୋଗକରିଥିଲେ।

### କର୍ଲାମୁଣ୍ଡା ବ୍ଲକ: ଆଦିସ୍କନ୍ଧ ସମାଜ ବ୍ଲକ କର୍ମକର୍ତ୍ତା ଚୟନ

କର୍ଲାମୁଣ୍ଡା,୪।୧୨(ପ୍ରଦୀପ କୁମାର ସାହୁ) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରବସ୍ତିସ୍ଥିତ କାଜୁ ବଗିଚାଠାରେ ରବିବାର ବ୍ଲକ ଆଦିସ୍କନ୍ଧ ସମାଜର କର୍ମକର୍ତ୍ତା ଚୟନ ହୋଇଯାଇଛି। ଜିଲା ସଭାପତି ପ୍ରକାଶ ମାଝିଙ୍କ ଉପସ୍ଥିତରେ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ବ୍ଲକ ସଭାପତି ଗୋବିନ୍ଦ ଭୋଇ, ଉପସଭାପତି ଦୟାନିଧି ମାଝି ଓ ସୁମନ୍ତ ମାଝି, ସାଧାରଣ ସମ୍ପାଦକ ନନ୍ଦି କିଶୋର ଭୋଇ, ସହସମ୍ପାଦକ ନୂଆଧର ଭୋଇ, କୋଷାଧକ୍ଷ ସନ୍ତୋଷ ଜାନି, ମିଡିଆ ସେଲ ମହେନ୍ଦ୍ର ପ୍ରଧାନ ଓ ତରୁଣ ଜାନୀ, ପତ୍ରବାହକ ଶରତ ଜାନୀ ପ୍ରମୁଖ ସର୍ବସହମତିରେ ଚୟନ ହୋଇଥିଲେ। ଏଥିରେ ପଞ୍ଚାୟତ ସଭାପତି, ସମ୍ପାଦକ, ଗ୍ରାମ୍ୟ କମିଟି ସଭାପତି ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଆଦିବାସୀ ସଂଘ ସଭାପତି ସୁରେନ୍ଦ୍ର ଭୋଇ, ସୁବାଷ ଭୋଇ, ସ୍ୱାଗତ ଭୋଇ, ବୁଟାସିଂ ଭୋଇ, ଚିନ୍ତାମଣି ଭୋଇ, ସିମାଞ୍ଚଳ ଭୋଇ, କର୍ଣ୍ଣ ଭୋଇ, ପବିତ୍ର ଭୋଇ, ଉତ୍ତମ ଭୋଇ, ବାବୁ ବାହାନ ଭୋଇ, ଅଶନି ମାଝି, ଦୟା ଭୋଇ, ଗୋପାଳ ଭୋଇ, ଜଗନ୍ନାଥ ମାଝିଙ୍କ ସମେତ ବହୁ ଆଦିସ୍କନ୍ଧ ସମାଜ ଓ ଆଦିବାସୀ ସମାଜ ସଭ୍ୟମାନେ ଉପସ୍ଥିତ ଥିଲେ।

# ସମୟ ଅନୁସାରେ ଆଗକୁ ବଢ଼ିବା ଲକ୍ଷ୍ୟ


ବାର୍ଷିକ ଉତ୍ସବ 'ହାରଭେଷ୍ଟ'ରେ ଅତିଥିଗଣ।

### ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ 'ହାରଭେଷ୍ଟ-୨୦୨୩'

ଭବାନୀପାଟଣା,୪।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଉଇସଡମ ପାର୍କଠାରେ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପଞ୍ଚମ ବାର୍ଷିକ ଉତ୍ସବ 'ହାରଭେଷ୍ଟ-୨୦୨୩' ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଶିକ୍ଷା ସହ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ବିକାଶ ଏକ ଅଗ୍ରଣୀ ଅନୁଷ୍ଠାନ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଓଡ଼ିଶା ଡି.ନାଗେଶର ରାଓ କଳାହାଣ୍ଡି ମାଟିର ସୁପୁତ୍ରମାନଙ୍କ ସ୍ମୃତି ଚାରଣ ପୂର୍ବକ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ବିକାଶ ଶିକ୍ଷାନୁଷ୍ଠାନ ଜିଲାର ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀମାନଙ୍କୁ ତାଙ୍କ ପ୍ରତିଭାର ବିକାଶ ନିମନ୍ତେ ଦୃଢ଼ ବଦ୍ଧପରିକର ବୋଲି କହିଥିଲେ। ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀନ ଉନ୍ନତିରେ ସାମ୍ପ୍ରତିକ ଶିକ୍ଷା ପଦ୍ଧତିର ସମସ୍ତ ଦିଗ ସହ ସମନ୍ୱୟ ପୂର୍ବକ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିକାଶ ଶିକ୍ଷାନୁଷ୍ଠାନ ସର୍ବଦା ପ୍ରଚେଷ୍ଟା ଜାରି ରଖିଥିବା ପ୍ରକାଶ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଡି.ରାମ କୁମାର ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅନ୍ୟତମ ନିର୍ଦ୍ଦେଶକ ଡି.ଶ୍ୟାମ ଯୋଗଦେଇ ପରିବର୍ତ୍ତନ ହିଁ ପ୍ରକୃତିର ନିୟମ ଅଟେ ବୋଲି କହିଥିଲେ। ସମୟାନୁସାରେ ଏହି ପରିବର୍ତ୍ତିତ ପରିସ୍ଥିତି ସହ ତାଳ ମିଳାଇ ଆଗକୁ ବଢ଼ିବା ହିଁ ବିକାଶର ମୁଖ୍ୟ ସୋପାନ ବୋଲି ଦର୍ଶାଇଥିଲେ। ଏହି ଅବସରରେ ଏକାଡେମିକ ନିର୍ଦ୍ଦେଶକ ସମ୍ବଲପୁର ଜି.ରାମକ୍ରୀଷ୍ଣା, ନିର୍ଦ୍ଦେଶିକା ଗୀତିକା ଚୌଧୁରୀ, ପରିଚାଳନା ମଣ୍ଡଳୀ ସଦସ୍ୟ ଭି.ଭି. ସତ୍ୟନାରାୟଣ, ଭି.ଭି.ପ୍ରତାପ, ମି.ମନୋଜ, ସଦସ୍ୟା ନିକିତା ଚୌଧୁରୀ, ଡି ପଦ୍ମିନୀ ଆର.ଏସ. ଭି.କ୍ରିଷ୍ଣା ଭାଇସ ପ୍ରିନ୍ସିପାଲ ଡିଗ୍ରୀ କଲେଜ ବରଗଡ଼ ଓ ଲକ୍ଷ୍ମୀ ବିକାଶ ବିଦ୍ୟାଳୟ ଜୟପୁର ଅଧ୍ୟକ୍ଷା ବିନ୍ଧ୍ୟ ରାଜୁ ପ୍ରମୁଖ ଯୋଗଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ.ଆଦିତ୍ୟ କୁମାର ପଟ୍ଟନାୟକ, ଆଇଟି ଏଣ୍ଡ ମେନେଜମେଣ୍ଟ ଅଧ୍ୟକ୍ଷ ଡ.ସୁଦୀପ୍ତ କୁମାର ଜେନା, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷା କେ.ଜୟଶ୍ରୀ ପ୍ରମୁଖ ବାର୍ଷିକ ବିବରଣୀ ପାଠ କରିଥିଲେ। ଏକାଡେମିକ ଇନଚାର୍ଜ ଡି.ବିଜୟା ଧନ୍ୟବାଦ ଦେଇଥିଲେ। ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ନୃତ୍ୟ, ସଙ୍ଗୀତ, କ୍ରୀଡା, ବକ୍ତୃତା ତଥା ଅନ୍ୟ କ୍ଷେତ୍ରରେ ଜିଲା, ରାଜ୍ୟ ଓ ଜାତୀୟସ୍ତରରେ କୃତିତ୍ୱ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବେଷ୍ଟ ହାଉସ ଭାବେ 'ଚନ୍ଦ୍ର ହାଉସ'କୁ ଘୋଷଣା କରାଯାଇଥିଲା। ଚଳିତବର୍ଷର ବାର୍ଷିକ ଉତ୍ସବ 'ସ୍ୱର୍ଣ୍ଣ ଭାରତ' ଶୀର୍ଷକ ଉପରେ ଆଧାରିତ ଥିଲା। 'ସ୍ୱର୍ଣ୍ଣ ଭାରତ' ଶୀର୍ଷକକୁ କେନ୍ଦ୍ର କରି ଅନୁଷ୍ଠାନର ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ସହଯୋଗ ରହିଥିଲେ।

# ଅତିରିକ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ତଦନ୍ତ


ବାଲସିସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ତଦନ୍ତ କରୁଛନ୍ତି।

### ମହିଳା କନିଷ୍ଠ ଯନ୍ତ୍ରୀଙ୍କ ୫-ଟି କାର୍ଯ୍ୟରେ ମନମୁଖି ଅଭିଯୋଗ

କେସିଙ୍ଗା,୪।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ଅଧୀନ ବାଲସି, କାଣ୍ଡେଲ, ଗୋକୁଳେଶ୍ୱର ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ମହିଳା କନିଷ୍ଠ ଯନ୍ତ୍ରୀ ୫-ଟି କାର୍ଯ୍ୟ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ମନମୁଖି, ଅସହଯୋଗ ଓ ଅବହେଳା କରୁଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସୋମବାର ଅତିରିକ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅନନ୍ତ ଚରଣ ମହାଲିକ ବାଲସି ଗ୍ରାମପଞ୍ଚାୟତ ବିଭିନ୍ନ ଗ୍ରାମ ଯାଇ ଏହାର ତଦନ୍ତ କରିଛନ୍ତି। ବାଲସି ଜବାହାର ଉଚ୍ଚ ବିଦ୍ୟାଳୟ(କ), ମଶାଣିବନ୍ଧ ଶିବ ମନ୍ଦିର ଫାଉଣ୍ଡେଶନ କାମରେ ଅବହେଳା, ଜମି ମରାମତି ଶୌଚାଳୟ ବିଲ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାଲସି ଗ୍ରାମପଞ୍ଚାୟତରେ ନିର୍ମିତ ସୁବିଧା କେନ୍ଦ୍ର ପ୍ରାଧିକରଣ ବିଲ୍ଡିଂଗ ଆଦି କାର୍ଯ୍ୟ ଠିକ ଭାବେ ଠିକାଦାର ଓ ହିତାଧିକାରୀଙ୍କ କାର୍ଯ୍ୟରେ ବିଲ କରିବା ଆଦି କାର୍ଯ୍ୟରେ ଅସହଯୋଗ ଓ ବିଲ ପ୍ରସ୍ତୁତି କରିବାରେ ବିଳମ୍ବ କରୁଥିବା ନେଇ ତଦନ୍ତ କରିଥିଲେ। ଏ ନେଇ କନିଷ୍ଠ ଯନ୍ତ୍ରୀ ତାପସ୍ୱିତା ସାମନ୍ତରାୟଙ୍କୁ ପଚାରିବାରୁ ମୁଁ ଜମି ମରାମତି ବିଲ କରିନାହିଁ, ଅଧିକାଂଶ ବିଲ ଠିକାଦାର ଓ ହିତାଧିକାରୀ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏ ନେଇ ଅତିରିକ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅନନ୍ତ ଚରଣ ମହାଲିକଙ୍କୁ ପଚାରିବାରୁ ଉକ୍ତ ଗ୍ରାମପଞ୍ଚାୟତ ଦାୟିତ୍ୱରେ ମହିଳା ଯନ୍ତ୍ରୀଙ୍କ ନାମରେ ବିଡିଓ ନିକଟରେ ଅଭିଯୋଗ ହୋଇଛି। ୫-ଟି କାର୍ଯ୍ୟ ସମେତ ବିଭିନ୍ନ କାର୍ଯ୍ୟରେ ଅସହଯୋଗ ଓ ବିଳମ୍ବ କରୁଛନ୍ତି। ବିଡିଓଙ୍କ ସହ ଆଲୋଚନା ପରେ ଦୁଇ, ତିନି ଦିନ ମଧ୍ୟରେ ଅନ୍ୟତ୍ର ବଦଳି କରାଯିବ ବୋଲି ପ୍ରକାଶ କରିଥିଲେ।

# ଇମ୍ପେରିୟଲ କଲେଜରେ କେରଳ ଛାତ୍ରୀଛାତ୍ର

ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)


ଇମ୍ପେରିୟଲ କଲେଜରେ କେରଳରୁ ଆସିଥିବା ଛାତ୍ରୀଛାତ୍ର ।

ବରଗଡ଼ ବିଦ୍ୟାବିହାରସ୍ଥିତ ଇମ୍ପେରିୟଲ କଲେଜରେ କେରଳରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବଲପୁର ଆଇଆଇଏମ ଦ୍ୱାରା ଆୟୋଜିତ ପ୍ରଫେସର ଗଣେଶନ ଆର୍, ରେଶମୀଓ, ଦିଲସା ଦୟାନନ୍ଦ ଏମ, ପ୍ରଫେସର ସତ୍ୟାନନ୍ଦ ପଣ୍ଡା, ଆକାଶ ସାଗରଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧିଦଳଙ୍କୁ ଛାତ୍ରୀଛାତ୍ର ଇମ୍ପେରିୟଲ କଲେଜ ତରଫରୁ ଏକ ମୋଟର ସାଇକେଲରେ ପାଛୋଟି ନିଆଯାଇଥିଲା। କଲେଜ ଗେଟ୍ ସମ୍ମୁଖରେ ଫୁଲ, ଚନ୍ଦନ ସହିତ ସଂକୀର୍ତ୍ତନ୍ୟ, ଘୁଡୁକା ନୃତ୍ୟରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ପାରମ୍ପାରିକ ଖାଦ୍ୟ ପରିବେଷଣ କରାଯାଇଥିଲା। କଲେଜ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଂଶୀବାଦନ, ସମ୍ବଲପୁରୀ ନୃତ୍ୟ, ଘୁଡୁକା ନୃତ୍ୟ ଆଦି ପରିବେଷିତ ହୋଇଥିଲା। ସେହିପରି ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧି ଫେସନ ଶୋ କାର୍ଯ୍ୟକ୍ରମରେ ଭାଗ ନେଇଥିବାବେଳେ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ହୃଷୀକେଶ ଭୋଇ ଯୋଗଦାନ କରିଥିଲେ। ଛାତ୍ରୀ ଶିବାନୀ ମେହେରଙ୍କ ଦ୍ୱାରା ପରିବେଷିତ ରଙ୍ଗବତୀରେ କେରଳରୁ ଆସିଥିବା ଛାତ୍ରୀଛାତ୍ର ଝୁମି ଉଠିଥିଲେ। କଲେଜ ଛାତ୍ରୀ ଅନୀଶା ଗୁନହଲା, ଶିବାନୀ ସାହୁ ଫେଶନ ସୋ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରେ କେରଳରୁ ଆସିଥିବା ଛାତ୍ରୀଛାତ୍ର ଇଥାନଲ କାରଖାନା, ରାଇସ ମିଲ, ଶ୍ୟାମବାବା ମନ୍ଦିର, ସମ୍ବଲପୁରୀ ବାନ୍ଧକଳା ଆଦି ପରିଦର୍ଶନ କରିଥିଲେ। ଏହା ସହିତ ବାରବଖରାକୁ ମଧ୍ୟ ସେମାନେ ପରିଦର୍ଶନରେ ଯାଇଥିଲେ। ସେଠାରେ ରହିଥିବା ମିଶନ ଶକ୍ତି କାଫେରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ କରିଥିଲେ। ଇମ୍ପେରିୟଲ କଲେଜର ଚେୟାରମ୍ୟାନ ଦିପକ ଗୋୟଲ ଏବଂ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ଲୋକ ମହୋତ୍ସବ କର୍ମକର୍ତ୍ତା

ପଦ୍ମପୁର, ୪।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳର ଯୁବନେତା ପ୍ରିତେଶ ବର୍ହିଦାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଅଞ୍ଚଳର ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଅଲୋଚନା କାଳରେ ଆଗାମୀ ପଦ୍ମପୁର ଲୋକମହୋତ୍ସବକୁ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି। ଏହା ସହ ନୃସିଂହନାଥ ଓ ଦେବଦର୍ହା ଭଳି ପଶ୍ଚିମ ଓଡିଶାର ପ୍ରମୁଖ ତୀର୍ଥସ୍ଥଳୀ ଭ୍ରମଣ କରିବାକୁ ମଧ୍ୟ ସେ ରାଜ୍ୟପାଳଙ୍କୁ ଆମନ୍ତ୍ରଣ କରିଛନ୍ତି। ସାକ୍ଷାତ ସମୟରେ ମହୋତ୍ସବ ଆବାହକ ଅଶୋକ କୁମାର ମିଶ୍ର, ସହ ଆବାହକ କୁନାଲ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ଯୁଗଳ ସାହୁ, ଶୁଭମ ପଟ୍ଟନାୟକ ଉପସ୍ଥିତ ଥିଲେ। ଲୋକ ମହୋତ୍ସବ ଆୟୋଜନ ପ୍ରୟାସକୁ ରାଜ୍ୟପାଳ ଭୂୟସୀ ପ୍ରଶଂସା କରିଥିଲେ।


ରାଜ୍ୟପାଳଙ୍କୁ ପଦ୍ମପୁର ଲୋକ ମହୋତ୍ସବ ପାଇଁ ନିମନ୍ତ୍ରଣ ପତ୍ର ଦିଆଯାଉଛି।

# ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଲମ,୪।୧୨(ଭିକାରି ଗଉଡ)



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ ଶିଶାଖାଲ ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଶିବ ପ୍ରସାଦ ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷାକ୍ଷେତ୍ରରେ କିପରି ଅଗ୍ରଗତି ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସନଥଗୁରୁ ରାମଚନ୍ଦ୍ର ପଧାନ, ସନ୍ଥବାବା ଭଗବାନ ଦାସ, ହରଗୌରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବୋଧ କୁମାର ଶତପଥି, ରାମଅବତାର ଅଗ୍ରୱାଲ, ବିଦ୍ୟାଳୟ ସଭାପତି ଦଇତାରୀ ସାହୁ, ସମ୍ପାଦକ ହେମନ୍ତ ସାହୁ, ଗୁରୁଦେବ ଶ୍ରୀରାମଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ୟାମକୁମାର ବାଗ ଯୋଗଦାନ ଦେଇଥିଲେ। ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସେବକ ପୀତାମ୍ବର ସାହୁ ଓ ସୁକ୍ରା ସାହୁଙ୍କ ନେତୃତ୍ୱରେ ବିଦ୍ୟାଳୟ ସମସ୍ତ କାର୍ଯ୍ୟ ପ୍ରତିପାଦନ କରାଯାଇଥିଲା। ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ କରାଯାଇଥିଲା।

# ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ

ଖଡ଼ିଆଳ,୪।୧୨(ସୁଜିତ୍ କୁମାର ପ୍ରଧାନ)

ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କଲେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଧଧର ନିଆଲ ତଥା ବିଧାୟକ ପ୍ରତିନିଧି ଏବଂ ଯୁଗ୍ମ ସମ୍ପାଦକ ଦୟା ଥପା। ଖଡ଼ିଆଳ ଅଞ୍ଚଳରେ ୪ଟି ପ୍ରାଚୀନ ମନ୍ଦିର ପୁନରୁଦ୍ଧାର ସହ ମନ୍ଦିର ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇ ମନ୍ଦିର ଉନ୍ନତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏ ନେଇ ସାଧାରଣ ସମ୍ପାଦକ ନିଆଲ ଖଡ଼ିଆଳର ବିଭିନ୍ନ ମନ୍ଦିର ଦେଉଥିବା ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଏଥିରେ ପତିତ ପାବନ ମନ୍ଦିର କମିଟି ସଭାପତି ପ୍ରଦୀପ ମିଶ୍ର, ଦୟା ଥପା, ଟଙ୍କଧର ଶବର, ହରେକୃଷ୍ଣ ଶବର, ରବିକାନ୍ତ ଠେଲା, ପୂଜକ ଚିତ୍ରସେନ ଯୋଶୀ, ବାବରୁବାହନ ଅଦା ତଥା କମିଟି ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ମା' ମାନପୁରିଆଣୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା

କୋକସରା,୪।୧୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କନ୍ଦାବୁରୁରା ପଞ୍ଚାୟତ ତୁନଗାଁ ଗ୍ରାମରେ ମା' ମାନପୁରିଆଣିଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ପରେ ପଡୁଥିବା ରବିବାରରେ ଅନୁଷ୍ଠିତ ହୋଇଆସୁଛି। ପରମ୍ପରା ରୀତିନୀତି ଅନୁଯାୟୀ ମା' ମାନପୁରିଆଣୀ ଦେବୀଙ୍କ ମୁଖ୍ୟ ପୂଜକ ରାମେଶ୍ୱର ପୂଝାରୀ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ବୁଢ଼ାରଜା ମନ୍ଦିରରୁ ମା' ସର୍ବ ମଙ୍ଗଳା, ମା' ଠାକୁରାଣୀ, ଭଣ୍ଡାର ଘରଣୀ, ଧନ ମାଉଳି, ମା' ମାଉଳି, ଭିମା ଦେବଦେବୀଙ୍କ ଲାଠିକୁର୍ଚ୍ଚି ଏକତ୍ରିତ ହୋଇ ଏକ ପଡୁଆରରେ ଦେବଦେବୀଙ୍କ ଶିରାଙ୍କ ଦେହରେ କାଳସି ଲାଗି ହୋଇଥିଲେ। ଦେବଦେବୀଙ୍କ ଲାଠିକୁର୍ଚ୍ଚି ଝୁଲଣ ପହଞ୍ଚିବା ପରେ କାଳସିମାନେ କଣ୍ଟା ଦୋଳିରେ ଝୁଲିବା ସହ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ କରିଥିଲେ। ମାନସିକଧାରୀ ଭକ୍ତମାନେ ଶୁକ୍ଳ ଭୋଗ ସହ ରକ୍ତ ଭୋଗ ଅର୍ପଣ କରିଥିଲେ। ରାତିରେ ରେକର୍ଡ ଡ୍ୟାନ୍ସ ଓ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ପ୍ରେମଲାଲ ଶବରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଅବସର ପ୍ରାପ୍ତ ଅଧିକାରୀ ଭୋଳାନାଥ ନାଏକ, ଲକ୍ଷ୍ମଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଘୁମୁରା ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଇଥିବା ବେଳେ ବିଚାରପତି ଭାବେ ଈଶ୍ୱର ପାଣିଗ୍ରାହୀ, ଭୁବନେଶ୍ୱର ଶବର, ପରାଶ୍ୱର ବେମାଲ, ଲାଲବାହାଦୂର ସାହୁ ରହିଥିଲେ। ପୂଜା କମିଟି ଉପସଭାପତି ରଏନୁ ପାଣିଗ୍ରାହୀ, ସମ୍ପାଦକ ବନମାଳୀ ପାଣିଗ୍ରାହୀ, ସହ ସମ୍ପାଦକ ନୃପରାଜ ନାଏକ, ସୁରେନ୍ଦ୍ର ଶବର, ଜଳନ୍ଧର ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ଶବର, ଦେବେନ୍ଦ୍ର ଶବର ଓ ଗ୍ରାମବାସୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଦେବଦେବୀଙ୍କ ଲାଠି କୁର୍ଚ୍ଚି ଗାଁ ପରିକ୍ରମା କରାଯାଉଛି।

# ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିବା ମୁଖ୍ୟ ଉଦ୍ଦେଶ୍ୟ


କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଉପସ୍ଥିତ ଅତିଥି।


ଲାଞ୍ଜିଗଡ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରୀଛାତ୍ର।

### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୋକସରା/ଲାଞ୍ଜିଗଡ଼,୪।୧୨
(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ/ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ସଭାପତିତ୍ୱରେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଏନସିସି କ୍ୟାପେଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପକ ସୁବ୍ରତ କୁମାର ବେହେରା, ଜଗନ ଚନ୍ଦାନି ମଞ୍ଚ ଉଦଘାଟନ କରିଥିଲେ। ଅଧ୍ୟାପକ ଐରି ନାଶନ ଚିନ୍ଦା ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ଓଡିଶା ନବୀନ ଓଡିଶା ମାଧ୍ୟମରେ ଯୁବବର୍ଗଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି। ଏହାର ସଫଳ ରୂପାୟନ ହେଲେ ଯୁବ ଓଡିଶା ନବୀନ ଓଡିଶାର ଉଦ୍ଦେଶ୍ୟ ସାଧିତ ହେବ ବୋଲି ବିଧାୟକ କହିଛନ୍ତି। କହିଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପିକା କନକ ମଞ୍ଜରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ମହାବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ

ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନିହାରକାନ୍ତ ବିଶାଳଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିସାରି, ମୁଖ୍ୟବକ୍ତା ଭାବେ ଅନୁସୂଚିତ ଜାତି ଓ ଜନଜାତି କଳାହାଣ୍ଡି ଜୋନ ଶିକ୍ଷା ମଣ୍ଡଳାଧୀଶ କମଳାକାନ୍ତ ପ୍ରହରାଜ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧଜ ପେଶନିଆ, ବିଜେଡି ଜିଲା ସାଧାରଣ ସମ୍ପାଦକ ପାତ୍ର ମାଝି, ପୂର୍ବତନ ଏବିଇଓ ଗୋପବନ୍ଧୁ ପୁଷ୍ଟି ପ୍ରମୁଖ ଉପସ୍ଥିତଥିଲେ। ରାଜ୍ୟ ସରକାର ଯୁବପିଢ଼ିଙ୍କ ଖେଳ ପ୍ରତି ଥିବା ଉତ୍ସାହକୁ ଗୁରୁତ୍ୱ ଦେବା ସହ ଖେଳାଳିମାନଙ୍କୁ ଆଗକୁ ନେବା ପାଇଁ ସମନ୍ୱିତ ଯୁବ ବିକାଶ ଯୋଜନାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଛାତ୍ରୀଛାତ୍ରମାନେ ଉପକୃତ ହୋଇ ଆଗକୁ ବଢ଼ି ପାରିବେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ଅଧ୍ୟାପକ ମାନସ ରଞ୍ଜନ ରଥ, ପାର୍ଥ ସାରଥୀ ବାରିକଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଛାତ୍ରୀଛାତ୍ରମାନେ ନିଶା ନିବାରଣ, ପରିବେଶ ସୁରକ୍ଷା, ସଡକ ସୁରକ୍ଷା ସମ୍ପର୍କରେ ବିଭିନ୍ନ ନାରା ଦେଇ ସହର ପରିକ୍ରମା କରି ସଫେଇ କାର୍ଯ୍ୟକ୍ରମ କରିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ଅଗ୍ନିଶମ ବିଭାଗ ଏବଂ ଲାଞ୍ଜିଗଡ ପୋଲିସ ପକ୍ଷରୁ ସିଆରପିଏଫ ଯବାନମାନଙ୍କୁ ମୃତୟନ କରାଯାଇଥିଲା।

## ସଂକ୍ଷେପରେ

### ମୋବାଇଲ୍ ଛିନତାଇ ଅଭିଯୋଗ, ଜଣେ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୪।୧୨(ମହେନ୍ଦ୍ର କୁମାର ସାହୁ):** ମୋବାଇଲ୍ ଛିନତାଇ ଅଭିଯୋଗରେ ସୋମବାର ବୀରମିତ୍ରପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରତାଖଣ୍ଡି ଗ୍ରାମ ବିରୁଟୋଲାର ସଞ୍ଜୀବ କଛୁଆ(୨୨)। ତାଙ୍କ ନିକଟରୁ ୩ ଟି ଦାମୀ ମୋବାଇଲ ପୋଲିସ ଜବତ କରିଛି। ପୋଲିସ ସୂଚନା ଅନୁସାରେ, ବୀରମିତ୍ରପୁର ଥାନା ଅନ୍ତର୍ଗତ ଶ୍ରମଶକ୍ତି କଲେଜ ରୋଡରେ ଅନ୍ଧାରୀ ଗ୍ରାମର ସୋନିଆ ସାହୁ ନାମକ ଜଣେ କଲେଜ ଛାତ୍ରୀଙ୍କ ନିକଟରୁ ମୋବାଇଲ୍ ନେଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ

ବନ୍ଧମୁଣ୍ଡା,୪।୧୨(ସୁବ୍ରତ ଦେ): ବନ୍ଧମୁଣ୍ଡା ଡି କ୍ୟାବିନସ୍ଥିତ କୁନ୍ତୀ ବସ୍ତିଠାରେ ରାଉରକେଲା ନଗରପାଳିକା ଦ୍ୱାରା ୪ ଲକ୍ଷ ଟଙ୍କା ବ୍ୟୟରେ ଏକ ଡ୍ରେନ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପୂର୍ବତନ କାଉନସିଲର ତଥା ଭାଜପା ମହିଳା ନେତ୍ରୀ ପ୍ରମିଳା ସୁନା ତାଙ୍କ କର୍ମୀଙ୍କ ସହ ନଡିଆ ଭାଙ୍ଗି ଏହି ନିର୍ମାଣ କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି। ଉକ୍ତ ବସ୍ତିରେ ଡ୍ରେନ୍ ନ ଥିବାରୁ ବର୍ଷା ହେଲେ ଘରେ ପାଣି ପଶୁଥିଲା। ଫଳରେ ଲୋକେ ଅସୁବିଧା ଭୋଗୁଥିଲେ। ଏହି ଅବସରରେ ଭାଜପା ମଣ୍ଡଳ ସଭାପତି ଆଇ ରାଜା ରମେଶ, ଲୀନା ନାଇଡୁ, ଭାରତୀ ସିଂ, କାଜଲ ସିହ୍ନା, ଅନିମା ସିମାଇୟା, ଆକାଶ ତନ୍ତୀ, ଶମ୍ଭୁ ମହାତୋ ପ୍ରମୁଖ ଉପସ୍ଥିତ ଥିଲେ।

### ୫୪ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ହ୍ୱିଲ୍ ଚେୟାର ବଣ୍ଟନ

**କୁଆଁରମୁଣ୍ଡା,୪।୧୨(ମହେନ୍ଦ୍ର କୁମାର ସାହୁ):** ରାଉରକେଲା ଷ୍ଟିଲପ୍ଲାଣ୍ଟର ପାର୍ଶ୍ୱ ଅଞ୍ଚଳ ଯୋଜନାରେ ଆଲମୀଙ୍କୋ(କୃତ୍ରିଆ ଅଙ୍ଗ ଉତ୍ପାଦନ ନିଗମ) ଦ୍ୱାରା ପ୍ରସ୍ତୁତ ହ୍ୱିଲ୍ ଚେୟାର, ଯନ୍ତ୍ରଚାଳିତ ହ୍ୱିଲ୍ ଚେୟାର, ଶ୍ରବଣ ଯନ୍ତ୍ର ମୋଟ ୫୪ଜଣ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସୋମବାର କୁଆଁରମୁଣ୍ଡା ବ୍ଲକରେ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟ ଆର୍‌ଏସପି ପାର୍ଶ୍ୱାଞ୍ଚଳ ବିକାଶ ଯୋଜନାରେ ଆଗାମୀ ଦିନରେ ଜାରି ରହିବ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସିଏସ୍‌ଆର ମୁଖ୍ୟ ମୁନମୁନ ମିତ୍ର, ଆଲମିନକୋ ଭୁବନେଶ୍ୱର ଶାଖା ମୁଖ୍ୟ ପରିଚାଳକ ଏଭି ଅଶୋକ କୁମାର, ରାଉରକେଲା ଷ୍ଟିଲପ୍ଲାଣ୍ଟର ନିର୍ବାହୀ ନିର୍ଦ୍ଦେଶକ ତଥା ହ୍ୱିଲ ଚେୟାର ପ୍ରଦାନ ଶିବିରର ମୁଖ୍ୟ ଅତିଥି ତରୁଣ ମିଶ୍ର, ବ୍ଲକ ଚେୟାରମ୍ୟାନ ଜ୍ୟୋତି କେରକେଟା, ବିଡିଓ ଗଙ୍ଗାରାମ ବୁଡେକ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁକୁର ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଏହି ପ୍ରୟାସ ଜାରି ରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ ପକ୍ଷରୁ ସମସ୍ତ ପ୍ରକାର ସହାୟତା କରାଯାଇଥିଲା। ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ମାକ୍ସୱେଲ ଟପ୍ପୋ ଓ ଅନ୍ୟମାନେ ସମସ୍ତ କାର୍ଯ୍ୟରେ ସହାୟତା କରିଥିଲେ।

# ଜାତୀୟସ୍ତରୀୟ ୱେବନାରରେ ସାଗରପାଲିର ସଫଳ କାହାଣୀ

**ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଟୁଲି)**

ଜାତୀୟ ସ୍ତରର ୱେବନାର କମ୍ୟୁନିଟି କନଫରେନ୍ସ ଅନ କମନ୍ସର ଦ୍ୱିତୀୟ ସଂସ୍କରଣରେ ସ୍ଥାନ ପାଇଛି ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ସାଗରପାଲି ବନ ସୁରକ୍ଷା ସମିତିର ସଫଳ କାହାଣୀ ଲଣ୍ଡା ପାହାଡକୁ ସବୁଜ ବନାନୀରେ ପରିଣତ କଲା ସାଗରପାଲି ବନ ସୁରକ୍ଷା ସମିତି। ଭାରତ ସହିତ ପଡୋଶୀ ଦେଶ ବାଂଲାଦେଶ ଓ ନେପାଳରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ, ବ୍ୟକ୍ତି ବିଶେଷଙ୍କ ହଜାର ସଂଖ୍ୟକ ସଫଳ କାହାଣୀ ମଧ୍ୟରୁ ସର୍ବଶ୍ରେଷ୍ଠ ୮୦ଟିକୁ ଚୟନ କରାଯାଇଥିଲା। ଯେଉଁଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଟମ୍ ଲିଡର ଦିଗାମ୍ବର ଉପାଧ୍ୟାୟଙ୍କ ଦ୍ୱାରା ଲିଖିତ ସଫଳ କାହାଣୀ ଲଣ୍ଡା ପାହାଡକୁ ସବୁଜ ବନାନୀରେ ପରିଣତ କଲା



ଆଭାସି ମାଧ୍ୟରେ ସାଗରପାଲିର ସଫଳ କାହାଣୀ ପ୍ରଦର୍ଶିତ ହେଉଛି।

ସାଗରପାଲି ବନ ସୁରକ୍ଷା ସମିତିକୁ ଚୟନ କରାଯାଇଥିଲା। ଏହି ୮୦ ଟି ସଫଳତାର କାହାଣୀକୁ ଉପସ୍ଥାପନା କରିବା ନିମନ୍ତେ ଏକ ତ୍ରିଦିବସୀୟ ଜାତୀୟ ସ୍ତରର ୱେବନାରର ଆୟୋଜନ କରାଯାଇଛି। ସୋମବାର ପ୍ରଥମ ଦିବସରେ ସେବକର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ସାଗରପାଲି ବନ ସୁରକ୍ଷା ସମିତିର ସଫଳ କାହାଣୀର ବଳିଷ୍ଠ ଉପସ୍ଥାପନା କରିଥିଲେ। ୧୯୮୫ରୁ ସାଗରପାଲି ଗ୍ରାମବାସୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜଙ୍ଗଲ ସୁରକ୍ଷା ଓ ପରିଚାଳନାର ଅଭିନବ ପଦକ୍ଷେପ, ସୁନ୍ଦରଗଡ ବନଖଣ୍ଡ ତରଫରୁ ଚାଲୁଥିବା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସହଯୋଗ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ନିୟମିତ ସହାୟତା ଓ ମାର୍ଗଦର୍ଶନର ଅନୁଭୂତିର ଉପସ୍ଥାପନା ସମସ୍ତଙ୍କୁ ବିମୋହିତ କରିଥିଲା। ସାଗରପାଲି ବନ ସୁରକ୍ଷା ସମିତିର ଠେଙ୍ଗାପାଳି, ମୁଠିଧାନ ବ୍ୟବସ୍ଥା, ଶ୍ରମଦାନ ମାଧ୍ୟମରେ ବୃକ୍ଷରୋପଣ, ଧାନବିଲ ଓ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା, ଜୈବବିବିଧତା ସଂରକ୍ଷଣ, ବିକଳ୍ପ ଜାଳେଣୀ ବ୍ୟବସ୍ଥା, ବନ୍ୟଜନ୍ତୁ ସଂରକ୍ଷଣ ଉପରେ ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ସୁନ୍ଦରଗଡ ବନଖଣ୍ଡର ସହଯୋଗରେ ଯୁଗ୍ମ ବନ ପରିଚାଳନାର ସଫଳ ଦୃଷ୍ଟାନ୍ତ ତଥା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ର ସହାୟତା ସହିତ ଗୋଷ୍ଠୀ ଜଙ୍ଗଲ ପରିଚାଳନାର ମିଳିତ ପ୍ରୟାସକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ସାଗରପାଲି ବନ ସୁରକ୍ଷା ସମିତି ତରଫରୁ ଦେବାନନ୍ଦ ମହାଲିଙ୍ଗ ଓ ଭାରତୀ ପଟେଲ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଭର୍ଚୁଆଲ ମୋଡରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଗରପାଲି ବନସୁରକ୍ଷା ସମିତିର କର୍ମକର୍ତ୍ତାଙ୍କ ସହିତ ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ବନପାଳ ବିନୋଦ କୁମାର ପଟ୍ଟନାୟକ, ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, ଅଧ୍ୟକ୍ଷ ଅମିୟ କାନ୍ତ ନାଏକ, ବିତ୍ତ ପରିଚାଳକ ନିଳାମ୍ବର ଉପାଧ୍ୟାୟ, ଉନ୍ନୟନ ଅଧିକାରୀ ହରିପ୍ରିୟା ନାଏକ ଓ ମନୋରଞ୍ଜନ ମଲ୍ଲିକ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ସୁପର ମାର୍କେଟରେ ଖୋଲିବ ଶୀତଳ ଭଣ୍ଡାର

**ଲାଠିକଟା,୪।୧୨(ରାମେଶ୍ୱର ଖାଡଙ୍ଗା):** ସାରନଗରୀ ସୁପର ମାର୍କେଟ ପରିବା ହାଟରେ ଶୀତଳ ଭଣ୍ଡାର ଖୋଲିବ। ଏଥିପାଇଁ ସୋମବାରଠାରୁ ପ୍ରାଥମିକ ପର୍ଯ୍ୟାୟରେ କାମ ଆରମ୍ଭ ହୋଇଛି। ଏଠାରେ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀମାନେ ଅସୁବିଧା ଭୋଗୁଥିଲେ। ଚାଷୀଙ୍କ ଅସୁବିଧାକୁ ଦୃଦୟଙ୍ଗମ କରି ସରକାରଙ୍କ ପକ୍ଷରୁ ଏଠାରେ ଶୀତଳ ଭଣ୍ଡାର ନିର୍ମାଣ ହେଉଛି। ଏଥିପାଇଁ ଚାଷୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

### ଡିଗ୍ରୀ କଲେଜରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ହେମଗିର,୪।୧୨ (ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ବ୍ଲକ ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟଠାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ପକ୍ଷରୁ ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ କୁଣ୍ଡ ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନାଙ୍କ ନେତୃତ୍ୱରେ ଅଧ୍ୟାପିକା, ଅଧ୍ୟାପକ ଓ ଗ୍ରାମବାସୀଙ୍କ ମିଳିତ ସହାୟତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସୁବ୍ରତ ସେଠୀ, ଭୋଳାଶଙ୍କର ସିଂହ ପ୍ରମୁଖ ସାମିଲ ଥିଲେ।

# ଅଜା ହତ୍ୟାକାରୀ ନାତିଙ୍କୁ ଆଜୀବନ କାରାଦଣ୍ଡ

**ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ଅତିରିକ୍ତ ଜିଲା ଜଜ୍ ରାଜେଶ ଦାସ ସୋମବାର ୨୦୧୬ରେ ଘଟିଥିବା ଏକ ହତ୍ୟା ମାମଲାର ଶୁଣାଣି କରିଛନ୍ତି। ଏହି ମାମଲାରେ ଅଜା ହତ୍ୟାକାରୀ ନାତି ପଦ୍ମଲୋଚନ ପ୍ରଧାନ (୩୨)ଙ୍କୁ ଆଜୀବନ କାରାଦଣ୍ଡ ସହିତ ୫ହଜାର ଟଙ୍କା ଜୋରିମାନା ଓ ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ପାଇଁ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ, ଲେଫ୍ରିପଡା ଥାନା ଅନ୍ତର୍ଗତ ସିପୋକାଛର ଗ୍ରାମର ଅର୍ଜୁନ ପ୍ରଧାନ (୬୫)ଓ ତାଙ୍କ ସ୍ତ୍ରୀ ଫୁଲ ଏପ୍ରିଲ ୨ରେ ସକାଳେ ଏକାଠି ବସି କଥା ହେଉଥିବା ବେଳେ ନାତି ପଦ୍ମଲୋଚନ ପହଞ୍ଚି ଘରୋଇ କଳିକୁ ନେଇ ସେମାନଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହା ପରେ ଉତ୍ତକ୍ଷିପ୍ତ ହୋଇ ନାତି ଏକ କାଠ ଫାଳିଆରେ ଉଭୟ ଆଈ ଅଜାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଅଜାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଆଈଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାପରେ ମୃତ ବ୍ୟକ୍ତିଙ୍କ ପୁଅ ସହଦେବ ପ୍ରଧାନ ଏ ସମ୍ପର୍କରେ ଲେଫ୍ରିପଡା ଥାନାରେ ରିପୋର୍ଟ କରିଥିଲେ। ଏହାପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ନାତିଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଶାନ୍ତ କୁମାର ପଟେଲ ମାମଲାର ପରିଚାଳନା କରିଥିଲେ।

### ବିଜ୍ଞାନ ମେଳାରେ ୨୭୩ ପ୍ରକଳ୍ପ ପ୍ରଦର୍ଶିତ

**ଲେଫ୍ରିପଡା,୪।୧୨(ଦେଶରଞ୍ଜନ ପଟେଲ)**

ଲେଫ୍ରିପଡା ବ୍ଲକ ଡୁମାବାହାଲ ବାସୁଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ନାଇନା କୁଜୁରଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିରିକ୍ତ ଜିଲାଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲା ବିଜ୍ଞାନ ସୁପରଭାଇଜର ଚନ୍ଦ୍ରଶେଖର ସା, ଅତିରିକ୍ତ ଶିକ୍ଷା ଅଧିକାରୀ ଚମ୍ପେଶ୍ୱର ବାଗ, ସଞ୍ଜୁଲତା ବେହେରା, ଡୁମାବାହାଲ ବାସୁଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପଟେଲ, ଏସଏମସି ସଭାପତି ବିକ୍ରମ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତାଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଅତିରିକ୍ତ ପ୍ରଫେସର ଡ. ହରିଦାସ ମହାନ୍ତ ଯୋଗଦେଇ ବିଜ୍ଞାନର ଉପକାରିତା ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟାଳୟଗୁଡିକରୁ ୨୭୩ ପ୍ରକଳ୍ପ ଏବଂ ୧୪ ସେମିନାର ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଲେଫ୍ରିପଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ଜିଲାଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ବିଜ୍ଞାନ ଶିକ୍ଷୟିତ୍ରୀ ତଥା ଲେଖିକା ସୁସ୍ମିତା ମହାପାତ୍ର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷୟତ୍ରୀ ଡ. ସରୋଜିନୀ ସାହୁ, ଲେଫ୍ରିପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅତସୀ ପରିଡା, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ। ରାଉରକେଲା ନିଟ୍‌ର ଅତିରିକ୍ତ ପ୍ରଫେସର ଡ. ରାମକୃଷ୍ଣ ବିଶ୍ୱାଳ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ୫ଟି ପ୍ରକଳ୍ପ ଏବଂ ଗୋଟିଏ ସେମିନାର ଜିଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ କରିବା ପାଇଁ ବିଚାରକ ମଣ୍ଡଳୀଙ୍କ ମଧ୍ୟରେ ମନୋନୀତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏଥିରେ ଗିରିଙ୍ଗକେଲା କେସିପି ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ, ଜୟରାମ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜିତା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ଲାଞ୍ଜିବେର୍ଣ୍ଣାରେ ୧୯ତମ ଦୀକ୍ଷା କେନ୍ଦ୍ର ଶୁଭାରମ୍ଭ



ମୁଖ୍ୟ ଅତିଥି ଫିତାକାଟି କେନ୍ଦ୍ରର ଶୁଭାରମ୍ଭ କରୁଛନ୍ତି।

**କୁତ୍ରା,୪।୧୨(ଦେବାଶିଷ ସାହୁ)**

କୁଶଳତାର ବିକାଶ ଏବଂ ସାମାଜିକ ରୂପାନ୍ତରଣ ନିମନ୍ତେ ନିଜର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ କରିବାକୁ ଡାଲମିଆ ଭାରତ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ କୁତ୍ରା ବ୍ଲକ ଲାଞ୍ଜିବେର୍ଣ୍ଣାଠାରେ ଏହାର ୧୯ତମ ଦୀକ୍ଷା (ଡାଲମିଆ ଇନଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ୍ ହାର୍ନେସିଂ) କେନ୍ଦ୍ର ଶୁଭାରମ୍ଭ କରିଛି। ପୂର୍ଣ୍ଣାଙ୍ଗ କୁଶଳତାର ତାଲିମ ଏବଂ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନର ବିକାଶ ଜରିଆରେ ଗ୍ରାମାଞ୍ଚଳ ଯୁବବର୍ଗଙ୍କୁ ସଶକ୍ତ କରିବା ନିମନ୍ତେ ଉତ୍ସର୍ଗୀକୃତ ନୂତନ ଦୀକ୍ଷା କେନ୍ଦ୍ର ଉକ୍ତ ଅଞ୍ଚଳର ପାରିପାର୍ଶ୍ୱିକ ୧୦୬ଟି ଗ୍ରାମକୁ ଫାଇଦା ପହଞ୍ଚାଇବା ଲକ୍ଷ୍ୟ ରଖିଛି। ବାର୍ଷିକ ୩୬୦ ଶିକ୍ଷାବିତଙ୍କ କ୍ଷମତା ରଖୁଥିବା ଏହି କେନ୍ଦ୍ର ପ୍ରାକ୍ଟିକାଲ କର୍ମଶାଳା ଓ ଅଧିବେଶନ ଜରିଆରେ ବେରୋଜଗାର ଯୁବବର୍ଗଙ୍କୁ ତାଲିମ ପ୍ରଦାନ କରି ବର୍ଦ୍ଧିତ ଆୟ ନିମନ୍ତେ ସେମାନଙ୍କ ଭବିଷ୍ୟତର ନିଯୁକ୍ତି ବାର୍ତ୍ତା ଏବଂ ଔଦ୍ୟୋଗିକ ସାମର୍ଥ୍ୟରେ ବୃଦ୍ଧି ଘଟାଇବ। ଏହି କାର୍ଯ୍ୟକ୍ରମରେ ଚେତନ ଶ୍ରୀବାସ୍ତବ ଏକଜିକ୍ୟୁଟିଭ ଡାଇରେକ୍ଟର ଡିସିବିଏଲ୍ ଏବଂ ୟୁନିଟ୍ ହେଡ ରାଜଗାଙ୍ଗପୁର, ଡା.ନୀଳାଦ୍ରି ଭୂଷଣ ପାଢୀ ଏଇଡି ଡିସିବିଏଲ୍-ରାଜଗାଙ୍ଗପୁର, ଓମ୍ ପ୍ରକାଶ ଖେଲକର ମାଇନ୍ସ ହେଡ ଲାଞ୍ଜିବେର୍ଣ୍ଣା, ଜ୍ୟୋତି ପ୍ରକାଶ ସେଠୀ ଜିଲା ନିଯୋଜନ ଅଧିକାରୀ-ରାଉରକେଲା, କେଶବ ଚନ୍ଦ୍ର ଝା ଡେପୁଟି ସିଇଓ-ଓର୍ମାସ ସୁନ୍ଦରଗଡ ଏବଂ ସେମାନଙ୍କ ସହିତ ପାରିପାର୍ଶ୍ୱିକ ଗ୍ରାମଗୁଡିକରୁ ୯ଜଣ ଗ୍ରାମ ମୁଖ୍ୟ ଉପସ୍ଥିତ ଥିଲେ। ଓଡ଼ିଶାରେ ଏହା ୭ତମ ଦୀକ୍ଷା କେନ୍ଦ୍ର ଭାବେ ସ୍ଥାପିତ ହୋଇଛି। ଲାଞ୍ଜିବେର୍ଣ୍ଣାସ୍ଥିତ ଦୀକ୍ଷା କେନ୍ଦ୍ର ଆଇଟି-ଆଇଟିଇଏସରେ କଷ୍ଟମର୍ ରିଲେସନଶିପ ମ୍ୟାନେଜମେଣ୍ଟ, ହେଲ୍‌ଥକେୟାର କ୍ଷେତ୍ରରେ ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଏବଂ ଟୁରିଜିମ୍ ଆଣ୍ଡ ହସ୍ପିଟାଲିଟି, ହାଉସକିପିଂ ଟ୍ରେନିଂ ଆଦି କୁଶଳତା ତାଲିମ ପାଠ୍ୟକ୍ରମ ଯୋଗାଇଦେବ। ଡିବିଏଫ୍ ଦ୍ୱାରା ଗୁଣାତ୍ମକ କୁଶଳତା ତାଲିମ ପ୍ରଦାନ ନିମନ୍ତେ ନିଯୁକ୍ତ ପ୍ରାକ୍ ଯୋଗ୍ୟତାସମ୍ପନ୍ନ ଟ୍ରେନରଙ୍କୁ ସେଠାରେ ଅବସ୍ଥାପିତ କରାଯିବ। ନୂତନ କେନ୍ଦ୍ର ଶୁଭାରମ୍ଭ ସମ୍ପର୍କରେ ମତ ଦେଇ ଅଶୋକ କେ. ଗୁପ୍ତା ସିଇଓ ଡାଲମିଆ ଭାରତ ଫାଉଣ୍ଡେଶନ କହିଥିଲେ, ଡାଲମିଆ ଭାରତରେ ଆମେ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ଜୀବନ ଉପରେ ଦୀର୍ଘସ୍ଥାୟୀ ଓ ସକରାତ୍ମକ ପ୍ରଭାବ ପକାଇବା ସକାଶେ ସମାବେଶୀ କାର୍ଯ୍ୟକ୍ରମ ବିକଶିତ କରିବାକୁ ପ୍ରତିବଦ୍ଧ ରହିଛି। ଭାରତ ଭଳି ଏକ ରାଷ୍ଟ୍ରରେ ବିଶ୍ୱର ସର୍ବାଧିକ କମ୍ ବୟସର ଏବଂ ସର୍ବବୃହତ ସଂଖ୍ୟକ ଲୋକଶକ୍ତି ରହିଥିବାବେଳେ ଆମ ଦେଶରେ କୁଶଳତା ସ୍ତରରେ ଉଲ୍ଲେଖନୀୟ ତାରତମ୍ୟ ଭଳି ସମସ୍ୟା ରହିଛି। ରାଷ୍ଟ୍ରର ଲୋକଶକ୍ତି ମଧ୍ୟରେ ରହିଥିବା ଏହି ଶୂନ୍ୟସ୍ଥାନ ପୂରଣ, ଅର୍ଥନୈତିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଏବଂ ଆମ ଯୁବବର୍ଗଙ୍କ ପାଇଁ ଉନ୍ନତ ମାନର ଜୀବନଯାପନ ସୁଯୋଗ ପ୍ରଦାନ କରିବା ଆମର ଲକ୍ଷ୍ୟ। ଦୀକ୍ଷା ଜରିଆରେ ଆମେ ଏକ କୁଶଳୀ ଏବଂ ସ୍ୱାବଲମ୍ବୀ ଭାରତ ନିର୍ମାଣ ଦିଗରେ ଅବଦାନ ରଖିବା ଆଶା କରୁଛୁ ବୋଲି ପ୍ରକାଶ କରିଥିଲେ।

# ଜିଲା ପ୍ରତିଷ୍ଠା ଦିବସ, ମହୋତ୍ସବ ଯତ୍ରା ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀଗଣ।

**ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଟୁଲି)**

ସ୍ଥାନୀୟ ସଦ୍‌ଭାବନା ଗୃହରେ ଜିଲାପାଳ ଡା. ପରାଗ ଗାଭାଲୀଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗଡ ଜିଲା ପ୍ରତିଷ୍ଠା ଦିବସ ଏବଂ ମହୋତ୍ସବ ଯତ୍ରାର ସଫଳ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧ରୁ ୫ ପର୍ଯ୍ୟନ୍ତ ଯତ୍ରା ଚାଲିବାକୁ ନିର୍ଦ୍ଧାରିତ ହୋଇଛି। କମିଟି ସଭ୍ୟ କ୍ଷେତ୍ର ପରିଦର୍ଶନ କରି ଯତ୍ରା ନିମନ୍ତେ ସ୍ଥାନ ନିରୂପଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଯତ୍ରା ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ କଳାକାର ତଥା ବୁଦ୍ଧିଜୀବୀଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯିବ ଏବଂ ସଂପୃକ୍ତ କମିଟିଗୁଡ଼ିକ ପରସ୍ପର ସହ ସମନ୍ୱୟ ରକ୍ଷାକରି ନିଜ ନିଜ କମିଟିର କାର୍ଯ୍ୟ ଗୁଡିକ ସମ୍ପାଦନ କରିବାକୁ ଜିଲାପାଳ ଡା. ଗାଭାଲୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ବିବରଣୀ ପାଠ କରିବା ସହିତ ଯତ୍ରା ନିମନ୍ତେ ପଦକ୍ଷେପ ନିଆଯିବାକୁ ଥିବା ବିଭିନ୍ନ ପ୍ରସଙ୍ଗଗୁଡିକ ଉପସ୍ଥାପନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଜାନୁୟାରୀ ୧ରେ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମଶାଲ ବାହାରିବ। ଏହି ଶୋଭାଯାତ୍ରାରେ କଳାକାର, ସାଧାରଣ ଜନତା, ବିଭିନ୍ନ ଅନୁଷ୍ଠାନ, ଯୁବବର୍ଗ, ଅଧିକାରୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଯେଉଁଥିରେ ଆଞ୍ଚଳିକ, ରାଜ୍ୟ ସ୍ତରୀୟ ଏବଂ ଜାତୀୟ ସ୍ତରୀୟ ପ୍ରମୁଖ କଳାକାରମାନେ ଅଂଶ ଗ୍ରହଣ କରିବେ। ଏହାସହିତ ଓରମାସ ଦ୍ୱାରା ପଲ୍ଲିଶ୍ରୀ ମେଳା ଏବଂ ପୁସ୍ତକ ମେଳା ଆୟୋଜିତ ହେବ। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ସଦର ଉପଜିଲାପାଳ ଦାସରଥି ସରାବୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ ଆଣ୍ଡ ବି'ର ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ପଟେଲ, ଜିଲାର ବରିଷ୍ଠ କଳାକାର, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ ନିମନ୍ତେ ଜିଲାପାଳ ଡ.ଗଭାଲୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଇଏସ୍‌ଏଲ୍ ଖଣି ପକ୍ଷରୁ ଖଣିପରିବେଶ ସୁରକ୍ଷା ସପ୍ତାହ

**ଟେନ୍‌ସା,୪।୧୨ (ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା କୋଇଡା ମାଇନିଂ ଅନ୍ତର୍ଗତ ନଦୀଡିହି ଗ୍ରାମରେ ଥିବା ଇଏସଏଲ (ବେଦାନ୍ତ) ଖଣିରେ ୨୫ତମ ଖଣି ପରିବେଶ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଭାରତ ସରକାରଙ୍କ ଇଣ୍ଡିଆନ ବ୍ୟୁରୋ ଅଫ ମାଇନସ୍ ନିର୍ଦ୍ଦେଶକ କ୍ରମେ ବିଭିନ୍ନ ଖଣିର ଅଧିକାରୀ ନଦୀଡିହି ଇଏସଏଲ ଲୌହ ଖଣି ( ବେଦାନ୍ତ) ର ଲୌହ ଖଣି ଓ ମାଙ୍ଗାନିଜ୍ ଖଣିକୁ ବୁଲି ଦେଖିଥିଲେ। ଏନେଇ ଖଣି ପରିସର ମଧ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ସୁକିନ୍ଦା ଟାଟା କମ୍ପାନୀ ମ୍ୟାନେଜର ନିହାର ରଞ୍ଜନ ମିତ୍ର, ମିତଲ ଖଣି ମ୍ୟାନେଜର ଦେବୀ ପ୍ରସନ୍ନ ମିଶ୍ର, ଉଏଆଇଏଲ ଖଣି ମ୍ୟାନେଜର ଅକ୍ଷୟ କୁମାର ଜେନା ଇଭେଷ୍ଟର ଭାବେ ଯୋଗଦେଇଥିଲେ। ଇଏସଏଲ ଖଣି କର୍ମଚାରୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ବିଭିନ୍ନ ମଡେଲ, ପୋଷ୍ଟର ଆଦିକୁ ବୁଲି ଦେଖିଥିଲେ। ଇଏସଏଲ ଖଣି ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସମ୍ପର୍କରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ବେଦାନ୍ତ ଖଣିର ସିଓଓ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଖଣିପରିବେଶ ସୁରକ୍ଷା ସପ୍ତାହ ପାଳିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବେଦାନ୍ତ ଖଣିର ପରିବେଷ ବିଭାଗର ସୁଜୟ କୁଣ୍ଡୁ, ପ୍ରଶାସନ ବିଭାଗର ମୁଖ୍ୟ ଅନୁପମ ଅଙ୍କର, ଫାଇନାସ ବିଭାଗର ମୁଖ୍ୟ ସୁକାନ୍ତ ବିଶ୍ୱାଳ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ କର୍ମକୁ ପରିଚାଳନା କରିଥିଲେ।



ସୁରକ୍ଷା ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

# ଡ୍ରାଇଭରଙ୍କ ଦାବି, ସମସ୍ୟା ସମାଧାନ ପାଇଁ ଦାବିପତ୍ର

**ବଡ଼ଗାଁ,୪।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ଦାବି ଓ ସମସ୍ୟାକୁ ନେଇ ସୋମବାର ଜିଲାପାଳଙ୍କ ଜନଶୁଣାଣିରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଜିଲା ଶିଳ୍ପ ଓ ଖଣି ଖାଦାନରେ ଭରି ରହିଥିଲେ ମଧ୍ୟ ସେହି ଅନୁପାତରେ ସ୍ଥାନୀୟ ଡ୍ରାଇଭରଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଅନ୍ୟ ରାଜ୍ୟର ଡ୍ରାଇଭରଙ୍କୁ ନିଯୁକ୍ତି ଦେବାରୁ ଜିଲାର ଡ୍ରାଇଭର ଭାଇମାନେ ବେରୋଜଗାର ହୋଇ ବସି ରହୁଛନ୍ତି। ଫଳରେ ପରିବାର ପ୍ରତିପୋଷଣରେ ସମସ୍ୟା ଦେଖାଦେଇଛି। ଯେଉଁଠାରେ କିଛି ଡ୍ରାଇଭର କାମ କରୁଛନ୍ତି ସେମାନଙ୍କୁ ମିଛରେ ତ୍ରୁଟି ଦେଖାଇ କାମରୁ ବାହାର କରିଦେଉଛନ୍ତି। ଏହା ସହିତ ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ସ୍ଥାନୀୟ ଖଣି ଖାଦାନ, ଶିଳ୍ପାନୁଷ୍ଠାନରେ ଖାଲିଥିବା ଡ୍ରାଇଭର ପଦବୀ ଓଡ଼ିଶା ଡ୍ରାଇଭର ମହାସଂଘକୁ ଦିଆଯାଉ ଓ ୭୦ ପ୍ରତିଶତ ଡ୍ରାଇଭରଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ। କମ୍ପାନୀରେ ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ଦେବା ସହ ପ୍ରୋଭିଡେଣ୍ଟ ଫଣ୍ଡ ଏବଂ ପେମେଣ୍ଟ ସ୍ଲିପ ସୁନିଶ୍ଚିତ କରାଯାଉ ଓ ଦରମା ଠିକ୍ ସମୟରେ ଦିଆଯାଉ। ପ୍ରତ୍ୟେକ ଖଣି ଖାଦାନ, ଶିଳ୍ପାନୁଷ୍ଠାନ ନିକଟରେ ଡ୍ରାଇଭର ଓ ହେଲପରଙ୍କ ପାଇଁ ବିଶ୍ରାମ କକ୍ଷ, ଶୌଚାଳୟ ବ୍ୟବସ୍ଥା କରାଯାଉ। ଖଣି ଖାଦାନ ଓ ଶିଳ୍ପାନୁଷ୍ଠାନରେ ଲୋଡିଂ ଏବଂ ଅନଲୋଡିଂ ପାଇଁ ଯାଉଥିବା ଗାଡ଼ି ଗୁଡିକୁ ନିର୍ଦ୍ଧାରିତ ସମୟରେ ବାହାର କରାଯାଉ। ରାଜରାସ୍ତା ଓ ଜାତୀୟ ରାଜପଥରେ ଗାଡ଼ି ଚଳାଉଥିବା ପ୍ରତ୍ୟେକ ଡ୍ରାଇଭରଙ୍କ ଡ୍ରେସ କୋଡ୍ ଚେକିଂ କରାଯାଉ। ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ପ୍ରେରଣ କରାଯାଇଛି। ଡ୍ରାଇଭର ମହାସଂଘ ଉପ ସଭାପତି ଭୀଷ୍ମ ରଞ୍ଜନ ମହାନ୍ତ, ସମ୍ପାଦକ ହରି ଓମ୍ କେଶରୀ, ଜିଲା କର୍ମକର୍ତ୍ତା ସଞ୍ଜୀବ ବିଶି, ମନୋଜ ଏକ୍କା, ଲୋଚନ ସେଠ୍, ହୃଷୀକେଶ ପଟେଲଙ୍କ ସହିତ ୧୭ଟି ବ୍ଲକ୍‌ର ସଭାପତି ଓ ସମ୍ପାଦକ ସମବେତ ହୋଇ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସଂଘ କର୍ମକର୍ତ୍ତା।

## ସଂକ୍ଷେପରେ

### ସୁବାସ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଦେବଗଡ,୪।୧୨(ଶଶାଙ୍କ ଶେଖର ଝାଙ୍କର): ଓଡିଶା ସରକାରଙ୍କ ନୂଆ ଓ ଯୁବ ଓଡିଶା କାର୍ଯ୍ୟକ୍ରମ ଅବସରରେ ତିଲେଇବଣି ବ୍ଲକ ଡିମିରିକୁଦା ପଞ୍ଚାୟତ ଲୁଢର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ କୁମାର ସେଠଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ପୂର୍ବତନ ପରିଚାଳନା ସମିତି ସଭାପତି ଶୋଭାରାମ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, କବିତା ପଠନ, ସାହିତ୍ୟ ପଠନ, ଫଟୋଗ୍ରାଫି ଓ ଫିଲ୍ମ ମେକିଂ ରଙ୍ଗୋଲୀ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଅନୁଷ୍ଠାନର ଅଧ୍ୟାପକ ନରେନ୍ଦ୍ର କୁମାର ମହାପାତ୍ର, ନେତ୍ରାନନ୍ଦ ଜୟପୁରିଆ, ରାକେଶ ଚନ୍ଦ୍ର ସେଠୀ ଓ ହିରଣ୍ମୟ ନନ୍ଦଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

### ନଡ଼ିଆ ବାଣ ବିସ୍ଫୋରଣ, ଛିଣ୍ଡିଲା ଯୁବକଙ୍କ ପାପୁଲି

ଦେବଗଡ,୪।୧୨(ଶଶାଙ୍କ ଶେଖର ଝାଙ୍କର): ବାଣ ଫୁଟାଇବା ବେଳେ ହାତରେ ଫୁଟି ଯିବାରୁ ରିଆମାଳ ଥାନା ଅନ୍ତର୍ଗତ ବିଲେଇନାଳି ଗ୍ରାମର ଜଣେ ଯୁବକଙ୍କ ପାପୁଲି ଛିଣ୍ଡିଯିବା ସହ ସେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ବଳରାମ ଧାଙ୍ଗର ନାମକ ଜଣେ ଯୁବକ ନଡିଆ ବାଣ ଫୁଟାଉଥିବା ବେଳେ ଅସାବଧାନତା ବଶତଃ ଏହା ତାଙ୍କ ହାତରେ ଫୁଟିଯାଇଥିଲା। ଏହାର ପ୍ରଭାବରେ ବଳରାମଙ୍କ ଡାହାଣ ହାତ ପାପୁଲି ଛିଣ୍ଡିବା ସହ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବା ଏବଂ ଅସ୍ତ୍ରୋପଚାରର ଆବଶ୍ୟକତା ଥିବା ଦୃଷ୍ଟିରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ଦେବଗଡ,୪।୧୨(ଶଶାଙ୍କ ଶେଖର ଝାଙ୍କର): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଯାୟୀ ଦେବଗଡ ସ୍ନାତକ ମହିଳା ମହାବିଦ୍ୟାଳୟ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରୀମାନେ ହାତରେ ନିଶା ନିବାରଣ ସମ୍ପର୍କିତ ବିଭିନ୍ନ ସଚେତନତା ମୂଳକ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ପୌରାଞ୍ଚଳ ୬ ନମ୍ବର ୱାର୍ଡ ହାତୀଶାଳ ସାହି ଅଞ୍ଚଳ ପରିକ୍ରମା କରି ନିଶା ଦ୍ରବ୍ୟ ବ୍ୟବହାରରୁ ଦୂରରେ ରହିବାକୁ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଅଧ୍ୟାପକ ତୁଷାରକାନ୍ତ ଧଳ ଓ ଧିରେନ୍ଦ୍ର ନାଗ ନିଶା ନିବାରଣରକୁ ପରିଣାମ ସମ୍ବନ୍ଧରେ ସ୍ଥାନୀୟ ଅଧିବାସୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମହା ବିଦ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

# ଆରଓଆର, ପିଇବା ପାଣି ଯୋଗାଅ

ବଲାଙ୍ଗୀର, ୪।୧୨ (ବୀରେନ୍ଦ୍ର କୁମାର ଝାଙ୍କର)



ଜିଲାପାଳ ଅଫିସରେ ମୁନସୀନଗରର ମହିଳା ଓ ପୁରୁଷ ଅଭିଯୋଗ କରିବାକୁ ଆସିଛନ୍ତି।

ବଲାଙ୍ଗୀର ସଦର ବ୍ଲକ ଖୁଜେନପାଲି ଗ୍ରାମପଞ୍ଚାୟତର ମୁନ୍‌ସୀନଗରଠାରେ ବାସ କରୁଥିବା ୪୦ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେଠାରେ ପିଇବା ପାଣି ସୁବିଧା ନାହିଁ। ଗୋଟିଏ ମାତ୍ର ନଳକୂପ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନରେ ମହିଳାମାନେ ୫ କିଲୋମିଟର ଦୂରକୁ ଯାଇ ପାଣି ଆଣିଥାନ୍ତି। ପିଇବା ପାଣି ପାଇଁ ଲୋକେ ଡହକ ବିକଳ ହେବା ପରିସ୍ଥିତି ସୃଷ୍ଟି ହେଉଛି। ସୋମବାର ମୁନ୍‌ସୀନଗରର ମହିଳା ଓ ପୁରୁଷ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ତାଙ୍କ ଗାଁରେ ଆଉ ୩ଟି ନଳକୂପ ଏବଂ ଏକ ସୌରଚାଳିତ ପାଣି ଯୋଗାଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହି ଗ୍ରାମବାସୀ ପିଇବା ପାଣି ଯୋଗାଣ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ବ୍ୟବସ୍ଥା ସହ ସେମାନେ ରହୁଥିବା ସ୍ଥାନର ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି।

ସେମାନେ ଜଣାଇଛନ୍ତି ଯେ, ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହି ସ୍ଥାନରେ ସେମାନେ ସରକାରୀ ଜମିରେ ଘର କରି ରହିଛନ୍ତି। ତେବେ ସେମାନଙ୍କର ଘରଡିହ ପଟ୍ଟା ନଥିବାରୁ ଘରଖଣ୍ଡେ କରିପାରୁନାହାନ୍ତି। ଏହି ପଡାର ପ୍ରାୟ ସମସ୍ତ ବ୍ୟକ୍ତି ଗରିବ ଶ୍ରେଣୀର। ସେମାନେ ବିଭିନ୍ନ ସ୍ଥାନରେ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ବହୁ ଗରିବ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ଘର ପାଇଛନ୍ତି। ସରକାରୀ ଘର ମଞ୍ଜୁରୀ ଥିଲେ ମଧ୍ୟ ସେମାନଙ୍କ ପାଖରେ ଘରଡିହ ଆରଓଆର ନ ଥିବାରୁ ଆବାସ ଯୋଜନାର ଘର ତିଆରି କରିପାରୁନାହାନ୍ତି। ମୁନସୀନଗରର ମହିଳା ଓ ପୁରୁଷମାନେ ଜିଲାପାଳ ଅଫିସକୁ ଆସି ଘରଡିହ ପଟ୍ଟା ବା ଆରଓଆର ଯୋଗାଇ ଦେବାକୁ ଦାବି କରିଥିଲେ।

# ୩ ଦଫା ଦାବିରେ କଂଗ୍ରେସ ସଭାପତିଙ୍କ ଉପବାସ ସତ୍ୟାଗ୍ରହ

ଦେବଗଡ,୪।୧୨(ଶଶାଙ୍କ ଶେଖର ଝାଙ୍କର)

ତ୍ରୁଟିପୂର୍ଣ୍ଣ ହାଇଟେକ ସର୍ଭେକୁ ସମ୍ପୂର୍ଣ୍ଣଭାବେ ବାତିଲ କରିବା, ଜିଲାରେ ଖାଲି ପଡିଥିବା ୧୪୭ ଡାକ୍ତର ପଦବୀ ପୂରଣ, ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଧାନ ମଣ୍ଡି ଖୋଲିବା ଦାବି ନେଇ ସୋମବାର ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପବାସ ସତ୍ୟାଗ୍ରହ ଆରମ୍ଭ କରିଛନ୍ତି। ସକାଳ ୬ ଟାରୁ ଏହି ଉପବାସ ସତ୍ୟାଗ୍ରହ ଆରମ୍ଭ ହୋଇଥିବା ବେଳେ ଆଗାମୀ ୬୦ ଘଣ୍ଟା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ହେମ୍ବ୍ରମ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଜିଲାରେ ହୋଇଥିବା ହାଇଟେକ ସର୍ଭେରେ ବ୍ୟାପକ ତ୍ରୁଟି ବିଚ୍ୟୁତି ଦେଖିବାକୁ ମିଳିଛି। ଫଳରେ ଜିଲାର ହଜାର ହଜାର ଚାଷୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେବାସହ ଅନେକ ନିଜ ନିଜର ଚାଷ ଜମି ହରାଇବାକୁ ବସିଛନ୍ତି। ସେହିପରି ଦୀର୍ଘଦିନ ହେଲା ଜିଲାର ଚାଷୀମାନେ ଧାନ ଅମଳ ଆରମ୍ଭ କରିଥିଲେ ହେଁ ଦଲାଲ ଓ ମିଲ ମାଲିକଙ୍କୁ ଲାଭ ଦେବା ପାଇଁ ମଣ୍ଡି ଖୋଲିବାରେ ଜାଣିଶୁଣି ବିଳମ୍ବ କରାଯାଉଥିବା ଅଭିଯୋଗ କରାଯାଇଛି। ଫଳରେ ଚାଷୀମାନେ କ୍ଷତିର ସମ୍ମୁଖିନ ହେଉଥିବା ଏବଂ ଜିଲାରେ ୨୧୧ ଡାକ୍ତର ପଦବୀ ମଧ୍ୟରୁ ୧୪୭ଟି ପଦବୀ ଖାଲି ରହିଥିବାରୁ ଜିଲାବାସୀ ଉପଯୁକ୍ତ ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ହେମ୍ବ୍ରମ ଅଭିଯୋଗ କରିବାସହ ଅବିଳମ୍ବେ ଉପରୋକ୍ତ ୩ ଦଫା ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭିନ୍ନ ଅନୁଷ୍ଠାନ ଓ ଚାଷୀ ସଂଗଠନର କର୍ମକର୍ତ୍ତା ସତ୍ୟାଗ୍ରହ ମଞ୍ଚରେ ପହଞ୍ଚି ଏହାକୁ ସମର୍ଥନ ଜଣାଉଥିବା ଦେଖିବାକୁ ମିଳୁଛି। ପୂର୍ବାହ୍ନରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ସମ୍ପାଦକ ଗୁଣନିଧି ବେହେରା, ଉପ ସଭାପତି ଦେବରାଜ ପ୍ରଧାନ ଓ ନାଗରିକ କମିଟି ପକ୍ଷରୁ ମାର୍କଣ୍ଡେଶ୍ୱର ଶତପଥି ପ୍ରମୁଖ ସେଠାରେ ପହଞ୍ଚି ହେମ୍ବ୍ରମଙ୍କୁ ସମର୍ଥନ ଜଣାଇଥିଲେ। ସେହିପରି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ଜିଲା କଂଗ୍ରେସ ଉପ ସଭାପତି ମଞ୍ଜୁଳ କୁମାର ନାଏକ ଓ ସୁବାସ ଚନ୍ଦ୍ର ଭୋଇ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ଶ୍ରୀତମ ସାହୁ, ଦୀପକ କୁମାର ବେହେରା, କ୍ଷୀରୋଦ ନାରାୟଣ ସାହୁ, ମଦନ ମୋହନ ସାହୁ ଓ ଜିଲା ଯୁବ କଂଗ୍ରେସ ସଭାପତି ସଲମାନ ହେନଜଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସତ୍ୟାଗ୍ରହ ସ୍ଥଳୀରେ ପହଞ୍ଚି ସମର୍ଥନ ଜଣାଇଥିଲେ।



ସତ୍ୟାଗ୍ରହରେ ବସିଥିବା କଂଗ୍ରେସ ସଭାପତି ଓ ଅନ୍ୟ କର୍ମୀ ବୃନ୍ଦ।

# ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଏସଏଚଜି ମହିଳା ଓ ଅନ୍ୟମାନେ।

ଦେବଗଡ,୪।୧୨(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ମଧୁପୁର ଗ୍ରାମରେ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଉଦ୍ୟାନ କୃଷି ବିଭାଗର ମୁଖ୍ୟ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଏହି କର୍ମଶାଳାରେ ମଧୁପୁର ପଞ୍ଚାୟତ ସରପଞ୍ଚ ଇତିକା ପ୍ରଧାନ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରତାପ କୁମାର ସୁନାନି ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସାହୁ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ଉଦ୍ୟାନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ବିଶେଷ କରି ଜାତୀୟ ଉଦ୍ୟାନ କୃଷି ମିଶନ, ମସଲା ମିଶନ, ଆଳୁ ଓ ପିଆଜ ମିଶନ ଏବଂ ଏସ୍‌ଏଚ୍‌ଜି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଛତୁ ମିଶନ ଏବଂ ପୁଷ୍ପ ମିଶନ ଉପରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ଚାଷ ଓ ଚାଷୀର ବିକାଶ ପାଇଁ ସରକାର ହାତକୁ ନେଇଥିବା ବିଭିନ୍ନ ଯୋଜନା ଉପରେ ମଞ୍ଚାସୀନ ଅତିଥିମାନେ ପ୍ରକାଶ କରିଥିଲେ। ଏଥିରେ ଉକ୍ତ ଅଞ୍ଚଳର ଶତାଧିକ ଚାଷୀ ଓ ଏସ୍‌ଏଚ୍‌ଜି ମହିଳା ଯୋଗଦେଇଥିଲେ।

### ଡିଗ୍ରୀ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

କୁଚିଣ୍ଡା,୪।୧୨(ବିରଞ୍ଚି ଦର୍ଜୀ)

ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଚାଲିଥିବା ରାଜ୍ୟ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି।କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲାପରିଷଦ ସଭାପତି କୁମୁଦିନୀ ନାୟକ, ଜିଲା ନୋଡାଲ ଅଫିସର ପ୍ରଫେସର ଅଖିଳ ବିଶ୍ୱାଳ, ଜିଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, କଲେଜ ପ୍ରତିଷ୍ଠାତା ସଭାପତି ସଜ୍ଜନ ଖଣ୍ଡେଲୱାଲ, ପ୍ରତିଷ୍ଠାତା ଅଧ୍ୟକ୍ଷ ଘାସିରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏହା ଅଭିନବ ପ୍ରୟାସ ବୋଲି କହି ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ହରେଶ ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ।

# ୨୧ ଅଭିଯୋଗର ଶୁଣାଣି

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୋଟ ୨୧ଟି ଅଭିଯୋଗର ଶୁଣାଣି କରିବା ସହ ଏଗୁଡିକର ତୁରନ୍ତ ସମାଧାନ ନିମନ୍ତେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ୨୧ଟି ଅଭିଯୋଗ ମଧ୍ୟରେ ୧୪ ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ସମସ୍ୟା ଥିଲା। ଶିବିରରେ ମୁଖ୍ୟତଃ ବିଦ୍ୟୁତ୍ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ଡ୍ରେନ ମରାମତି ଓ ୪ ଡେସିମିଲ ଲେଖାଏଁ ଜମିର ପଟ୍ଟା ପ୍ରଦାନ ନେଇ ଜନସାଧାରଣ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ମଲ୍ଲିକ ଓ ଉପ ଜିଲାପାଳ ପରକ୍ଷୀତ ସାହୁଙ୍କ ସମେତ ଜିଲାର ପ୍ରାୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀ।

# ମାତୃଶକ୍ତି ସମ୍ମିଳନୀ ତପସ୍ୱିନୀ ଅନୁଷ୍ଠିତ

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)




ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

ଦେବଗଡ ରାଷ୍ଟ୍ରୀୟ ସେବିକା ସମିତି ଆନୁକୂଲ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃଶକ୍ତି ସମ୍ମିଳନୀ ‘ତପସ୍ୱିନୀ’ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସେବିକା ସମିତି ଜିଲା ସଂଯୋଜିକା ମିନାକ୍ଷୀ ମିଶ୍ର ଓ ସହ ସଂଯୋଜିକା ଅନାମିକା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଓଡିଆ ଅଧ୍ୟାପିକା ନିବେଦିତା ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଡାକ୍ତର ବିଳାସିନୀ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ମିଲିରାଣୀ ଧର ଯୋଗଦେଇ ଦେଶର ବିକାଶରେ ମହିଳାଙ୍କ ଭୂମିକା ଓ ସ୍ଥାନୀୟ ମହିଳାଙ୍କ ସ୍ଥିତି ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ରାଷ୍ଟ୍ରୀୟ ସେବିକା ସମିତି, ଓଡିଶା, ପଶ୍ଚିମ ପ୍ରାନ୍ତର ମହିଳା ସମନ୍ୱୟ ସଂଯୋଜିକା ଜୟଶ୍ରୀ ମହାପାତ୍ର ଓ ସମ୍ବଲପୁର ଜିଲା ସଂଯୋଜିକା କଲ୍ୟାଣୀ ପଟେଲ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣତି ଦାଶ, ଇତିଶ୍ରୀ ମିଶ୍ର, ସ୍ନିଗ୍ଧାରାଣୀ ନନ୍ଦ, ଶର୍ମିଳା କର, ମାନସୀ ବାରିକ, କ୍ରୀଷ୍ଣା ଫଦକାର ଓ ଲୋପାମୁଦ୍ରା ନାୟକଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗୀତାରାଣୀ ପ୍ରଧାନ ପରିଚାଳନା କରିଥିବା ବେଳେ ବିନ୍ଦୁଶ୍ରୀପ୍ରଧାନଧନ୍ୟବାଦଅର୍ପଣକରିଥିଲେ।

### ସଂଗ୍ରାମ ସହାଣୀଙ୍କ ବିୟୋଗରେ ଜିଲା ସନ୍ତରଣ ସଂଘର ଶୋକସଭା

ସମ୍ବଲପୁର,୪।୧୨(ପ୍ରମୋଦ ବହିଦାର)

ସମ୍ବଲପୁରର ବିଶିଷ୍ଟ କ୍ରୀଡ଼ା ସଂଗଠକ ତଥା ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ ସାହାଣୀଙ୍କ ବିୟୋଗରେ ସୋମବାର ଜିଲା ସନ୍ତରଣ ସଂଘ ଓ ଓଡ଼ିଶା ମାଷ୍ଟର୍ସ ସନ୍ତରଣ ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡା. ଝସକେତନ ସାହୁ ସନ୍ତରଣାଗାରରେ ଜିଲା ସନ୍ତରଣ ସଂଘର ବରିଷ୍ଠ ସଦସ୍ୟ ମନୋରଞ୍ଜନ ପାଢ଼ୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ଜିଲା ସନ୍ତରଣ ସଂଘ ସମ୍ପାଦକ ସାଳଗ୍ରାମ ଖୁଣ୍ଟିଆ, ଆର୍ତ୍ତତ୍ରାଣ ମାଝି, ପ୍ରେମ ରଞ୍ଜନ ପ୍ରଧାନ, ଅତନୁ ଘୋଷ, ଜୟନ୍ତ ପାଣ୍ଡେ, ସୁରେନ୍ଦ୍ର ନାଏକ, ସୁନ୍ଦରମଣି ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହାଣୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଉନ୍ନତୀକରଣ କାମ ଦେଖିଲେ ଡିଆରଡିଏ ପ୍ରତିନିଧି

ଦେଓଗାଁ,୪।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ଟେପ୍ରେନରେ ଡିଆରଡିଏ ପ୍ରତିନିଧି ଦଳ କାମର ତଦାରଖ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ଟେପ୍ରେନ ଧବଳେଶ୍ୱର କଟାର ମାଟି ଉନ୍ନତୀକରଣ ଓ ବୁଡାବାହାଲରୁ ଟେପ୍ରେନ ରାସ୍ତା ଉନ୍ନତୀକରଣ କାମର ତଦାରଖ କରିଛନ୍ତି ଡିଆରଡିଏ ପ୍ରତିନିଧିଦଳ। ଗତ ମେ ମାସରୁ ରାସ୍ତା କାମ ସରିଛି। ତେବେ କାମକୁ ନେଇ ଅଭିଯୋଗ ପରେ ଧବଳେଶ୍ୱର କଟା ଉନ୍ନତୀକରଣ କାମ ଅଧାରୁ ବନ୍ଦ ହୋଇପଡିଛି । ସୂଚନାନୁସାରେ ବ୍ଲକରୁ ପ୍ରାୟ ୧୦ଲକ୍ଷ ଟଙ୍କାରେ ଏହି କଟାର ଉନ୍ନତୀକରଣ କାମ ଆରମ୍ଭ ହୋଇଥିଲା। ପରେ ସ୍ଥାନୀୟ ସମିତି ସଭ୍ୟ କାନ୍ତେଶ୍ୱର ପଧାନ ଓ ଅନ୍ୟମାନେ କାମରେ ଅନିୟମିତତା ହୋଇଥିବା ନେଇ ବିଡିଓ, ଜିଲା ପରିଷଦ ସିଇଓ, ଜିଲାପାଳ ଓ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କୁ ଫେରାଦ ହୋଇଥିଲେ। ଏ ନେଇ ବିଧାୟକ ମିଶ୍ର ନଭେମ୍ବର ୭ ତାରିଖରେ ଜିଲା ପରିଷଦ ସିଡିଓଙ୍କୁ ଉକ୍ତ କାମର ତଦାରଖ କରି ବିହିତ ପଦକ୍ଷେପ ନେବାପାଇଁ ପତ୍ର ମାଧ୍ୟମରେ ଜଣାଇଥିଲେ। ସେହି ଦିନଠାରୁ ଉକ୍ତ କାମର ବିଲ୍ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ଟଙ୍କା ପଇଠ କରି ନ ଥିଲା । ସୋମବାର ଡିଆରଡିଏର ତିନିଜଣିଆ ପ୍ରତିନିଧିଦଳ ବ୍ଲକ ପ୍ରଶାସନ ସହ ମିଶି ଉକ୍ତ କାର୍ଯ୍ୟର ତଦାରଖ କରିଥିଲେ । ଡିଆରଡିଏ ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁ, ଏପିଡି ତଥା ଏଷ୍ଟିମେଟର ତରଣୀସେନ ସୁନା, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରାଚୀ ପରମିତା ସାବତ, ସମ୍ପୃକ୍ତ ଯନ୍ତ୍ରୀ ପ୍ରଶାନ୍ତ କୁମାର ନାଏକ, ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉଭୟ କାମର ତଦାରଖ କରିଥିଲେ।

# ମୁଁ ହେବି ନବୀନ ଓଡ଼ିଶାର ସାରଥି କାର୍ଯ୍ୟକ୍ରମ

ଦେବଗଡ,୪।୧୨(ଶଶାଙ୍କ ଶେଖର ଝାଙ୍କର)




କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ଦେବଗଡ ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରିଆମାଳ ବ୍ଲକ ସଦର ମହକୁମା ସ୍ଥିତ କଲ୍ୟାଣ ମଣ୍ଡପଠାରେ ସୋମବାର ମୁଁ ହେବି ନବୀନ ଓଡିଶାର ସାରଥୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜୁ ଜନତା ଦଳର ସଭାପତି ପ୍ରତାପ କୁମାର ଦେବଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଜନତା ଦଳର ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ରାଜ୍ୟ ଯୁବ ଏବଂ ଛାତ୍ର ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, ରାଜ୍ୟ ଛାତ୍ର ବିଜୁ ଜନତା ଦଳର ସଭାପତି ତଥା ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ରାଜ୍ୟ ଯୁବ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଧୃତି ମାର୍ଥା ଓ ଆଇଟି ସେଲ ସଂଯୋଜକ ତାରିଣି ପ୍ରସାଦ ନାୟକ ଓ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ମୁଁ ହେବି ନବୀନ ଓଡିଶାର ସାରଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ରୂପରେଖ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଇଂ.ଚିତରଞ୍ଜନ ପ୍ରଧାନ, ବିଜେଡିର ରାଜ୍ୟ ସମ୍ପାଦକ ତଥା ପୂର୍ବତନ ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରାଜ୍ୟ ପରିଷଦ ସଦସ୍ୟ ଇଂ.ସୁଜିତ କୁମାର ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ରିଆମାଳ ବ୍ଲକ ବିଜେଡି ସଭାପତି ବୈକୁଣ୍ଠ ପାଇକରାୟ, ରିଆମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ତରଣିସେନ ପ୍ରଧାନ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ମାନସ କୁମାର ପ୍ରଧାନ ଓ ସଞ୍ଜୀବ କୁମାର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ବିଜେଡିର ବାରକୋଟ ବ୍ଲକ ସଭାପତି ସିକୁନ ପ୍ରଧାନ, ରିଆମାଳ ବ୍ଲକ ସଭାପତି ଆଲୋକ କୁମାର ପ୍ରଧାନ ଓ ତିଲେଇବଣି ବ୍ଲକ ସଭାପତି ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଛାତ୍ର ବିଜୁ ଜନତା ଦଳର ସଭାପତି ଭବାନୀ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବୋଡେନ,୪।୧୨(ଟିକେଶ୍ୱର ନାଗ୍)

ନୂଆପଡା ଜିଲା ବୋଡ଼େନ ବିଜୁ ପଟ୍ଟନାୟକ ଡ଼ିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅବନୀ ଖମାରୀଙ୍କ ସଭାପତିତ୍ୟରେ ପରିଚାଳିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ବୋଡ଼େନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ, ମୁଖ୍ୟବକ୍ତା ଭାବେ ଜିଲା ନୋଡାଲ ଅଧିକାରୀ ଡ. ପଦ୍ମଲୋଚନ ବର୍ମା, ସମ୍ମାନିତ ଅତିଥି ବୋଡ଼େନ ବିଡିଓ ପ୍ରିୟରଞ୍ଜନ କୁମାର, କଲେଜ ପରିଚାଳନା ପରିଷଦ ସଭାପତି ରାଜାରାମ କଟା, ଅଧ୍ୟାପକ ଡ. କିଶୋର କୁମାର କର୍ଣ୍ଣ ପ୍ରମୁଖ ସମସ୍ତେ ଉପସ୍ଥିତ ଥିଲେ। ଅଧ୍ୟାପକ ସନ୍ତୋଷ କୁମାର ମୁଣ୍ଡ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବର୍ଗରେ ମହେଶ କୁମାର ରାଉତ ଓ ବାଳିକା ବର୍ଗରେ ସବେତ୍ରି ମାଝି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଓ ଅଧ୍ୟାପିକା ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

### ନୂଆପଡ଼ା ବ୍ଲକରେ ସୁନେତ୍ର କାର୍ଯ୍ୟକ୍ରମ

ନୂଆପଡ଼ା,୪।୧୨(ମକାରୁ ବେମାଲ)

ନୂଆପଡା ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନେତ୍ର ନୂଆପଡା ଓ ସମଗ୍ର ଶିକ୍ଷା, ନୂଆପଡା ଆନୁକୂଲ୍ୟରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଧାଂଶୁ ଶେଖର ମିଶ୍ର, ଚକ୍ଷୁ ବିଶେଷଜ୍ଞ ନୂଆପଡା ଡଃ ଲିଳିଶ୍ରୀ ଭୁକ୍ତା ଓ ଜିଲା ଆନ୍ତର୍ନିବେଶି ଶିକ୍ଷା ସଂଯୋଜକ ହେମନ୍ତ କୁମାର ଭୋଇଙ୍କ ମାର୍ଗ ଦର୍ଶନରେ ନୂଆପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ନୂଆପଡା ବ୍ଲକରେ ଗତ ୨୮ରୁ ସୁନେତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ୬ଟି ବିଦ୍ୟାଳୟର ଦୃଷ୍ଟି ଦୋଷ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚକ୍ଷୁ ପରୀକ୍ଷକ ଭାବେ ସୀମାଞ୍ଚଳ ବସି ଶତପଥି, ମଳୟ ମହାନ୍ତି, ପରେଶ କୁମାର ବାଗ, ପ୍ରିୟ ରଞ୍ଜନ ସାଗର, କୈଳାଶ ଶବର, ସୁମିତ ପଧାନ ଓ ସିଦ୍ଧାର୍ଥ ମେହେର ଯୋଗଦେଇ ମୋଟ ୧୫୭୫ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରି ୫୨୫ଜଣଙ୍କୁ ଚଷମା ପ୍ରଦାନ ଓ ୨୨ଜଣଙ୍କୁ ଜିଲା ହସ୍ପିଟାଲକୁ ଅସ୍ତ୍ରୋପ୍ରଚାର ପାଇଁ ପଠାଇଥିଲେ। କାର୍ଯ୍ୟକ୍ରମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାୱାରତୋଳା, ଉଚ୍ଚ ବିଦ୍ୟାଳୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଇପଲା, ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡା, ଉଚ୍ଚ ବିଦ୍ୟାଳୟ କୁଳିଅବନ୍ଧା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଲୋଦାଠାରେ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଶେଷଜ୍ଞ ତଥା ଡିପିଏମ, ଡିବିସିଏ, ଡା. ଲାଳିଶ୍ରୀ ଭୁକ୍ତା ଯୋଗଦେଇଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ତଦାରଖ କରିଥିଲେ। ନୂଆପଡ଼ା ବିଆରସି ଉପେନ୍ଦ୍ର ଶାମଲ ଓ କାର୍ତ୍ତିକ ବିଶ୍ୱାଳ ପରିଚାଳନା କରିଥିବା ବେଳେ ବୈକୁଣ୍ଠ ଖରସେଲ, ଡଗେଶ୍ୱର ସାହୁ, କେଜି ପଟେଲ, କାମଦେବ ଦିୱାଙ୍ଗନ ତଥା ବ୍ଲକ ସମସ୍ତ ସିଆରସିସି ସହଯୋଗ କରିଥିଲେ।

# ଡ୍ୟାମ୍ ପୁନରୁଦ୍ଧାର ନ ହେଲେ ଆନ୍ଦୋଳନ

## ବେହେରା ଡ୍ୟାମ୍

■ବେହେରା ଡ୍ୟାମ ବଞ୍ଚାଓ କମିଟିର ଚେତାବନୀ

କୋକସରା,୪।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)



କଳାହାଣ୍ଡି ଜିଲା କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ଅଣୁ ବିଭାଗ ଅଧୀନ ଢୁଢୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ପାଦଦେଶରେ ଥିବା ଓଡିଶାର ସର୍ବବୃହତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ବିଭାଗ ପକ୍ଷରୁ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାକୁ ନେଇ ବେହେରା ଡ୍ୟାମ ବଞ୍ଚାଓ କମିଟି ଚିନ୍ତା ପ୍ରକାଟ କରିଛି। ଡ୍ୟାମ୍‌ର ପୁନରୁଦ୍ଧାର ନ ହେଲେ ବେହେରା ଡ୍ୟାମ ବଞ୍ଚାଓ କମିଟି ସଭାପତି ରାଜେନ୍ଦ୍ର ନାଏକଙ୍କ ସମେତ ଅଞ୍ଚଳର ଚାଷୀମାନେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସୂଚନା ମତେ ବେହେରା ଡ୍ୟାମରୁ କୋକସରା ବ୍ଲକର ୭ ପଞ୍ଚାୟତର ଚାଷୀ ଖରିଫ ଋତୁରେ ୨ ହଜାର ହେକ୍ଟର ଓ ରବି ଋତୁରେ ୫ ଶହ ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ସୁବିଧା ରହିଛି। ତେବେ ଗତ କିଛିବର୍ଷ ହେବ ଡ୍ୟାମରୁ ପଙ୍କୋଦ୍ଧାର, ଇନଟେକୱାଲ ପଙ୍କୋଦ୍ଧାର ସହ କେନାଲ ମରାମତି କରିବା ଦିଗରେ ବିଭାଗୀୟ ଉଦାସୀନତା ମନୋଭାବ ଯୋଗୁ ଡ୍ୟାମରୁ ଜଳସେଚନ ବାଧାପ୍ରାପ୍ତ ହୋଇଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ଫଳରେ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳସେଚନ ହେବାରେ ବାଧା ସୃଷ୍ଟି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ବେହେରା ଡ୍ୟାମ ବଞ୍ଚାଅ କମିଟି ସଭାପତି ରାଜେନ୍ଦ୍ର ନାଏକଙ୍କ ସମେତ ଚାଷୀ ଦେବରାଜ ପଟେଲ, ରସିକ ପୂଝାରୀ, କୈଳାଶ ଚଳାନ, କ୍ଷିତିରାମ ପଟେଲ, ବୁଟୁରାମ ରଣା, ଜୟଲାଲ ନାଏକ, ଚନ୍ଦନ ମାଝି ପ୍ରମୁଖ ଚାଷୀ ଚେତାବନୀ ଦେବା ସହ ବେହେରା ଡ୍ୟାମ ପୁନରୁଦ୍ଧାର ନ ହେଲେ କୋକସରା କ୍ଷୁଦ୍ର ଜଳସେଚନ ବିଭାଗ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ଯୁବ ଓଡ଼ିଶା ନବୀନ ଓଡ଼ିଶାର ସାମାଜିକ କାର୍ଯ୍ୟକ୍ରମ

ଖଡ଼ିଆଳ,୪।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ନୂଆ-ଓର ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପର ତୃତୀୟ ଦିନରେ ଛାତ୍ରୀଛାତ୍ରମାନେ ସକାଳେ ମହାବିଦ୍ୟାଳୟ ନିକଟସ୍ଥ କୋଶଳେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ ପରିଷ୍କାର କରିଥିଲେ। ଅପରାହ୍ନରେ ଖଡ଼ିଆଳ ୱାର୍ଡ ନଂ ୧ ମୁକ୍ତାପୁର ଗ୍ରାମରେ 'ବେଟି ବଚାଅ, ବେଟି ପାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ନ୍ୟାଶନାଲ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ମେଜର ଡ଼ ରାମଚନ୍ଦ୍ର ମିଶ୍ର, ଯୁକ୍ତ ୨ ଅଧ୍ୟକ୍ଷ ତଥା ନୂଆ -ଓ ର ଯୁକ୍ତ ଦୁଇ ନୋଡାଲ ଅଫିସର ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଅଧ୍ୟାପକ ଡ଼ ରଣବୀର ସିଂ, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ଼ ସୁରଞ୍ଜନ ପ୍ରଧାନ, ଅଧ୍ୟାପକ ଶୁଭେନ୍ଦୁ ନିଆଲ, ରେଡ଼କ୍ରସ-ରେଡ଼ ରିବନ ଅଧିକାରୀ ଅଧ୍ୟାପକ ଡ଼ ଶୁଭ୍ରାଂସିସ ବାରିକ, ଜିଲା ଜାତୀୟ ସେବା ଯୋଜନା ବ୍ୟବସ୍ଥିକା ଅଧ୍ୟାପିକା ପ୍ରଣତୀ ପଣ୍ଡା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପିକା କାଜଲ ମେହେର, ଅଧ୍ୟାପିକା ଆନନ୍ଦିନୀ ମିଶ୍ର, ଅଧ୍ୟାପକ ଗୁଣବନ୍ତ ସାହୁ, ଅଧ୍ୟାପକ ଚିତ୍ତ ରଞ୍ଜନ ଜେନା, ମୁକ୍ତାପୁର ଗ୍ରାମ ସରକାରୀ ଉ.ପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସାହିନ ପରବିନ, ଶିକ୍ଷୟିତ୍ରୀ ନବୀନ ବନଗୋଲା, ବିଜୁ ନାଏକ, ଧବଳେଶ୍ୱର ନାଏକ, ରାଜିନ କରୁଆଁ, ଗିରିଧାରୀ ନାଏକ ଯୋଗଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମ ସାମାଜିକ କାର୍ଯ୍ୟ ମୁଖ୍ୟ ଅଧ୍ୟାପକ ସୁନୀଲ କୁମାର ପାଢୀ ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ୱଦା ଧନ୍ୟବାଦ ପ୍ରଦାନ କରିଥିଲେ। ସଭାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କନ୍ୟା ସୁରକ୍ଷା ଏବଂ ଶିକ୍ଷା ଦାନ ସମ୍ପର୍କିତ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ସ୍ୱଚ୍ଛ ପରିବେଶ ନିମନ୍ତେ ସମ୍ବଲପୁରୀ ନୃତ୍ୟ ମାଧ୍ୟମରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

# କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଗୋପପୁରକୁ ଅକ୍ରୁରଙ୍କୁ ପ୍ରେରଣ



କଂସଙ୍କ ସହ ଅତିଥି ବୃନ୍ଦ।

## ତରବୋଡ଼ ଆଞ୍ଚଳିକ ଧନୁଯାତ୍ରା

ନୂଆପଡ଼ା,୪।୧୨(ମକାରୁ ବେମାଲ)

ନୂଆପଡା ଜିଲ୍ଲା ତରବୋଡ ଖେଳ ପଡିଆରେ ଚାଲିଥିବା ଆଂଚଳିକ ଧନୁଯାତ୍ରା ମହୋତ୍ସବ ସୋମବାର ସପ୍ତମ ରଜନୀରେ ପହଂଚିଛି। ଅନୁଷ୍ଠାନ ସଭାପତି ମକାରୁ ବେମାଲଙ୍କ ସଭାପତିତବରେ ଆୟୋଜିତ କାର୍ଯ୍ଯକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ ମୁଖ୍ୟଅତିଥି, ଅଜୟ ଅହିର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧନୁଯାତ୍ରା ଖୋଲା ମଞ୍ଚରେ ରଙ୍ଗସଭା, ଧନୁଯାତ୍ରାରେ ଉପସ୍ଥିତ ହେବା ପାଇଁ କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ ନାଟକ ମଞ୍ଚସ୍ଥ ହୋଇଥିଲା। ବିଶେଷ ଆକର୍ଷଣ କମେଡିଆ ଲତିକା ନିଆଲ ଦର୍ଶକଙ୍କୁ ହସଗୀତରେ ଝୁମାଇ ଦେଇଥିଲେ। ଅନ୍ୟ ଜଣେ ଗିତିକାର ପ୍ରତାପ ସାହୁ ସମ୍ବଲପୁର ଗିତରେ ଦର୍ଶକଙ୍କ ମନ ମୋହି ନେଇଥିଲେ। ସୁବାସ ଚନ୍ଦ୍ର ଆଡବଙ୍ଗ ମଂଚ ପରିଚାଳନା କରୁ ଥିବାବେଳେ ଉପ ସଭାପତି ଶ୍ରୀକାନ୍ତ ପ୍ରଧାନ, ସମ୍ପାଦକ ଚନ୍ଦ୍ର ଶେଖର ଅହିର, ସହସମ୍ପାଦକ ସୁମିତ ଶେଖର ଦୁରିଆ, କୋଷାଧ୍ୟକ୍ଷ ସତ୍ୟବ୍ରତ ସାମଲ, ଅମିତ ଅହିର ପ୍ରମୁଖ ଆୟୋଜନ କରୁଛନ୍ତି। ପଦ୍ମନ ବନଛୋର, ଉମାକାନ୍ତ ବନଛୋର, ଗୋପାଲ ବନଛୋର, ସୁଭମ ସେଠୀ, ସନ୍ଦୀପ ମହରା, ନିମିଚନ ଶବର, ମୁରଲି ଦୀପ, ବାଞ୍ଛାନିଧି ଗହିର, ସୁଜିତ ପ୍ରଧାନ, ବିକାଶ ବାଗ, ତରୁଣ ତାଣ୍ଡି, ଚିନ୍ମୟ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରୁଛନ୍ତି।

# ଖଡ଼ିଆଳ ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା

ଖଡ଼ିଆଳ,୪।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ଉତ୍କଳ କରାଟେ ସ୍କୁଲ କରାଟେ ଶିକ୍ଷାର୍ଥୀମାନଙ୍କ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ କରାଟେ ସ୍କୁଲ ପ୍ରଶିକ୍ଷିକ ଧର୍ମେଶ ମେହେର ଏବଂ ଇଣ୍ଡିଆ ଗ୍ରେଡ଼ ଏ ଜଜ୍ ସୁରେଶ ଜାଲ ଯାଦବ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ଜଣ ପରୀକ୍ଷାରେ ଭାଗ ନେଇଥିଲେ। ବ୍ରାଉନ ବେଲ୍ଟରେ ଉଜ୍ଜଳ ଦୀପ ଓଝା, ଗ୍ରୀନ ବେଲ୍ଟରେ ଦିବ୍ୟାଂଶ ପଣ୍ଡା ଓ ବିଭାଷ କୁଆଁର, ଓରେଞ୍ଜ ବେଲ୍ଟରେ ଅନୁକଳ୍ପ ପଣ୍ଡା ଏବଂ ପରିତୋଷ ମୁଣ୍ଡ ଉତୀର୍ଣ୍ଣ ହୋଇଥିବା ବେଳେ ୟେଲୋ ବେଲ୍ଟ ମୋଟ ୧୦ଜଣ ଶିକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ଜଣାପଡିଛି। ସେମାନେ ହେଲେ ବେଦ ପ୍ରକାଶ ସିଂ, ଭୋମରାଜ ସାହୁ, ପିୟୁଷ ରଞ୍ଜନ ସିଂ ଦଳପତି, ଅସ୍ମିତ ଚଲାନ, ଶ୍ରୀବାଂଶ ପଣ୍ଡା, ପ୍ରିତେଶ ବାଗ, ଯୋଗେଶ ନାଗ, ତନ୍ମୟ ସିଂ, ଆରିକ ଆର୍ଯ୍ୟମାନ ବାରିକ ଏବଂ ଗ୍ଲାଡିନ ଗ୍ରାସ ନାୟକ ଉତୀର୍ଣ୍ଣ ହୋଇଥିବା ଖଡ଼ିଆଳ ଉତ୍କଳ କରାଟେ ସ୍କୁଲ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଖଡ଼ିଆଳ ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ପ୍ରଶିକ୍ଷକ ଫାଷ୍ଟ ଡ଼ନ ବ୍ଲାକ ବେଲ୍ଟ ଧର୍ମେଶ ମେହେର ଉକ୍ତ ଉତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇ ଆସୁଛନ୍ତି।

# ବସ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ଜୁନାଗଡ଼,୪।୧୨(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଚିଲକପୁର ନିକଟରେ ସୋମବାର ସନ୍ଧ୍ୟାରେ ଏକ ଘରୋଇ ବସ୍ ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ୨ ବାଇକ ଆରୋହୀ ହେଲେ କଲମପୁର ଗୁମାବାହାଲ ଗ୍ରାମର କରିତ ମାଝି (୧୯) ଓ ତୋତ୍ରାଗୁଡାର ଜଗନ୍ନାଥ ନାଏକ(୧୯)। ମିଳିଥିବା ସୂଚନା ଅନୁଯାୟୀ, ମୁଖୀଗୁଡାରୁ କଲମପୁର ଦେଇ ଭୁବନେଶ୍ୱରକୁ ଯାଉଥିବା ଏକ ଯାତ୍ରୀବାହୀ ଘରୋଇ ବସ (ନଂ. ଓଡି୦୫-୨୧୭୪) ଚିଲକପୁର ନିକଟରେ ସାମାନା ପଟୁ ଆସୁଥିବା ଏକ ବାଇକ (ନଂ.ଓଡି୦୮କ୍ୟୁ-୭୭୭୪)କୁ ଧକ୍କା ଦେଇଥିଲା। ବାଇକ୍‌ରେ ବସିଥିବା ୨ଜଣ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଯୁବକମାନେ ଜୁନାଗଡରୁ ନିଜ ଗାଁକୁ ଫେରୁଥିଲେ ବୋଲି ଜଣାପଡିଛି। ଖବର ପାଇ ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ଥାନାରେ ଅଟକ ରଖାଯାଇଛି।




ଦୁର୍ଘଟଣା ଘଟାଇଥିବା ବସ୍।

## କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରାଯାଉଛି।

ଜୁନାଗଡ଼,୪।୧୨(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ସମ୍ବଲପୁର ବି.ଇଡି କଲେଜ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ମମତା ପ୍ରିୟଦର୍ଶିନୀ ସାହୁ, ସମ୍ମାନିତ ଅତିଥି ମଣ୍ଡଳ ଶିକ୍ଷା ନିରୀକ୍ଷକ କମଳାକାନ୍ତ ପ୍ରହରାଜ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, କୁରୁଗୁଡା ସ୍କୁଲ ପ୍ରଧାନ ଶିକ୍ଷକ ହୃଷିକେଶ ମେହେର, ଭଟାଗୁଡା ଆଶ୍ରମ ପ୍ରଧାନ ଶିକ୍ଷକ ଚକ୍ରଧର ଖାନସାମା, ସହ ଶିକ୍ଷକ ଶାନ୍ତନୁ କୁମାର ଶଗଡ଼ିଆ ଯୋଗଦେଇଥିଲେ। କ୍ରୀଡା, ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଯୁବବର୍ଗଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ଯକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମ ଇଂଲିଶ ଅଧ୍ୟାପିକା ତପସ୍ୱିନୀ ମହାନ୍ତି, ଏନସିସି ଅଫିସର ସନ୍ତୋଷ କୁମାର ମେହେର, ବିଜ୍ଞାନ ଶିକ୍ଷକ ପ୍ରମୋଦ ଛତ୍ରିଆ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବିଶ୍ୱନାଥ ସାହୁ, ଅଧ୍ୟାପକ ସିଦ୍ଧାର୍ଥ ଭୋଇ ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଶିଳ ନାଗ, କ୍ରୀଡା ଶିକ୍ଷକ ବିଜୟ ନାଏକ, କନିଷ୍ଠ କିରାଣୀ ରାକେଶ ବିଶ୍ୱାଳ, ଭାରତ ଦଳପତି ପ୍ରମୁଖ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରୁପ୍ କେଶ୍ୱରୀ ମୁଣ୍ଡ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ନୂଆପଡ଼ାରେ ୨ଶହ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ

ନୂଆପଡ଼ା,୪।୧୨(ମକାରୁ ବେମାଲ)



ସ୍ଥାନୀୟ ପୋଲିସ ପଡିଆରେ ହରିପୁର ଗୁରୁକୁଳ ଓ ଯାଜ୍ଞିକ ପରିବାର ନୂଆପଡା ମିଳିତ ଆନୁକୂଲ୍ୟରେ ମହର୍ଷି ସ୍ୱାମୀଜୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଜନ୍ମଶତାବ୍ଦୀରେ ୨ ଶହ କୁଣ୍ଡୀୟ ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଗୁରୁକୁଳ ମୁଖ୍ୟ ଡ.ସୁଦର୍ଶନ ଦେବ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଯଜ୍ଞହୁତୀରେ ଜିଲା ସଦର ମହକୁମା ସମେତ ଆଖ ପାଖ ଅଞ୍ଚଳରୁ ୨ ଶହ ଦମ୍ପତି ସାମିଲ ହୋଇ ଯଜ୍ଞକୁଣ୍ଡରେ ବସିଥିଲେ। ଏହି ଅବସରରେ ସ୍ୱାମୀ ସୁଦର୍ଶନ ଜୀ କହିଥିଲେ ଯଜ୍ଞ କେବଳ କର୍ମକାଣ୍ଡର ବିଷୟ ନୁହେଁ। ଏହା ଏକ ବିଜ୍ଞାନ ଅଟେ। ଏହା ସମସ୍ତ ଜାତି ବର୍ଣ୍ଣର ଲୋକ କରି ପାରିବେ ଓ କରାଇ ପାରିବେ। ପ୍ରତ୍ୟେକ ଶୁଭ କର୍ମର ଶୁଭାରମ୍ଭ ଓ ଅନ୍ତ୍ୟେଷ୍ଟି ମଧ୍ୟ ଯଜ୍ଞ ଦ୍ୱାରା ହୋଇଥାଏ। ଏହାର ବାତାବରଣ ସାରା ଦେଶ ଓ ବିଶ୍ୱରେ ସ୍ୱାମୀ ଦୟାନ୍ଦ ସରସ୍ୱତୀ ସୃଷ୍ଟି କରିଛନ୍ତି। ଦେଶ ସାରା ସବୁ ଗାଁ ଘରେ ବେଦ ଯଜ୍ଞ ହେଉଥିଲା। ସବୁଠାରେ ଗୁରୁକୁଳ ରହିଥିଲା। ତାକୁ ଇଂରେଜ ସରକାର ବନ୍ଦ କରି ଦେଇଥିଲେ। ପରବର୍ତ୍ତି ସମୟରେ ସ୍ୱାମୀଜୀ ପୁଣି ଥରେ ଗୁରୁକୁଳ ଆରମ୍ଭ କରିଥିଲେ। ସେ ଜଣେ ଯୁଗ ପୁରୁଷ। ତାଙ୍କର ଜନ୍ମ ଦ୍ୱିଶତବାର୍ଷିକୀ ପାଳନ ଅବସରରେ ଭାରତ ସରକାର ବର୍ଷ ସାରା ସବୁ ଆଡେ ଏଭଳି ଯଜ୍ଞ କରିବାକୁ ଘୋଷଣା କରି କାର୍ଯ୍ୟକାରୀ କରିଛନ୍ତି। ଏହାକୁ ଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମ କୁହାଯାଉଥିଲା। କାର୍ଯ୍ୟକ୍ରମରେ କ୍ଷମାନିଧି ଦେବାଙ୍ଗନ, ହେମନ୍ତ କୁମାର ଦଣ୍ଡସେନା, ଭଗବାନ ନାୟକ ପ୍ରମୁଖ ଯୋଗଦେଇ ସପତ୍ନିକ ଯଜ୍ଞକୁଣ୍ଡରେ ବସି ଆହୁତି ଦେଇଥିଲେ। କାର୍ଯ୍ୟକ୍ରମ ଡ.ଦିଲୀପ ଜିଜ୍ଞାସୁ ସହ ଗୁରୁକୁଳର ବ୍ରହ୍ମଚାରୀ ସମୁହ ପରିଚାଳନା କରିଥିଲେ।

# ଖଣ୍ଡୁଆଳମାଳି ସୁରକ୍ଷା ସମିତିର ବୈଠକ

ଲାଞ୍ଜିଗଡ଼,୪।୧୨(ରମେଶ ଚନ୍ଦ୍ର ନାୟକ)



ଖଣ୍ଡୁଆଳମାଳି ସୁରକ୍ଷା ସମିତି ପକ୍ଷରୁ ବୈଠକରେ ଆଲୋଚନା କରାଯାଉଛି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପାହାଡ଼ପଦର ପଞ୍ଚାୟତ କାଞ୍ଚନମୁଖୀଠାରେ ଖଣ୍ଡୁଆଳମାଳି ସୁରକ୍ଷା ସମିତି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡୁଆଳମାଳି ସୁରକ୍ଷା ପାଇଁ ଆନ୍ଦୋଳନ ତେଜିବାରେ ଲାଗିଛି। ଖଣ୍ଡୁଆଳମାଳି ସୁରକ୍ଷା ପାଇଁ ଖଣ୍ଡୁଆଳମାଳି ପାଦଦେଶ କାଞ୍ଚନମୁଖୀ ଗ୍ରାମରେ ଖଣ୍ଡୁଆଳମାଳି ସୁରକ୍ଷା ସମିତି ସଭାପତି କାର୍ତ୍ତିକ ମାଝିଙ୍କ ନେତୃତ୍ୱରେ ବୈଠକରେ ଲାଞ୍ଜିଗଡ଼, ଥୁଆମୂଳରାମପୁର, ସଦର ବ୍ଲକ ଓ କାଶୀପୁର ବ୍ଲକର ୧୩ଟି ଗ୍ରାମପଞ୍ଚାୟତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। 'ଯାନ ଯାଉ ଜୀବନ ଯାଉ, ଖଣ୍ଡୁଆଳ ମାଳିକୁ ବହୁରାଷ୍ଟ୍ରୀୟ କମ୍ପାନୀକୁ ଦେବୁ ନାହିଁ ବୈଠକରେ ବଜ୍ର ଶପଥ ନେଇଛନ୍ତି। କାରଣ ଖଣ୍ଡୁଳମାଳି ଆମ ମା' ସମାନ ତେଣୁ ମା'ଙ୍କୁ ଆମେ କିଭଳି କମ୍ପାନୀ ହାତରେ ଟେକିଦେବୁ ଏହା କେବେ ସମ୍ଭବ ହେବ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଛି। ଖଣ୍ଡୁଆଳ ମାଳିର ଜଳ, ଜମି ଓ ଜଙ୍ଗଲରେ ଆମେ ଜୀବନଯାପନ କରୁଛୁ। ତେଣୁ ଆମେ କେମିତି ଛାଡ଼ିବୁ। ଭିଟାମାଟି ପାଇଁ ଯାନ ଯାଉ ଜୀବନ ଯାଉ ଖଣ୍ଡୁଆଳମାଳି ବହୁ ରାଷ୍ଟ୍ରୀୟ କମ୍ପାନୀକୁ ଟେକି ଦେବୁନାହିଁ ବୋଲି ଅଞ୍ଚଳର ଲୋକେ ଏବେଠୁ ଆନ୍ଦୋଳନ ସଜବାଜ ହେଲେଣି ଓ ସରକାରଙ୍କୁ ସିଧାସଳଖ ଏବେଠାରୁ ଭୋଟ ବର୍ଜନ ପାଇଁ ୧୩ଟି ପଞ୍ଚାୟତ ଲୋକେ ଚେତାବନୀ ଦେଇଛନ୍ତି। ବୈଠକରେ ଖଣ୍ଡୁଳାମାଳି ସୁରକ୍ଷା ସମିତି ସଭାପତି କାର୍ତ୍ତିକ ମାଝି, ସମ୍ପାଦକ ବ୍ରିଶି କୁମାର, ବୈଦ୍ୟନାଥ ନାଏକ, ହୃଷିକେଶ ମାଝି, କୃଷ୍ଣ ମାଝି, ମନ ମାଝି, ବିକାଶ ମାଝି, ଲାଇ ମାଝି, କାର୍ତ୍ତିକ ନାଏକ, ହୀରାମଲ ନାଏକ, ମାନସିଂ ମାଝି, କନିଲାଲ ନାଏକ ଓ ମୁରତି ମାଝି, ସୁନା ମାଝିଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ବିଧବାଙ୍କ ଧାରଣା

ଭବାନୀପାଟଣା,୪।୧୨(ଉତ୍ତମ କୁମାର ଦାଶ)



ଜିଲାପାଳଙ୍କ ଅଫିସ ଆଗରେ ବିଧବାଙ୍କ ଧାରଣା।

## ସ୍ୱାମୀଙ୍କ ଚାକିରି ଆମକୁ ଦିଆଯାଉ

କଳାହାଣ୍ଡି ଜିଲା ଲାଞ୍ଜିଗଡ ନିୟମଗିରି ବେଦାନ୍ତ ନଗରରେ ରହୁଥିବା କିଛି ଲୋକଙ୍କ ଜାଗାକୁ ବେଦାନ୍ତ କମ୍ପାନୀ ବିଭିନ୍ନ ସ୍ୱପ୍ନ ଦେଖାଇ ଶାଗ ମାଛ ଦରରେ କିଣି ନେବା ସହ ସହ ପରିବାରର ଜଣେ ପୁରୁଷଙ୍କୁ ତାଲିମ ଦେଇ ଚାକିରି ଦେଇଥିଲା। ହେଲେ କିଛି ବର୍ଷ ପରେ ଏହି ପରିବାରର ଚାକିରି କରୁଥିବା ରୋଜଗାରକ୍ଷମ ପୁରୁଷଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ସ୍ତ୍ରୀମାନେ ସ୍ୱାମୀଙ୍କ ଚାକରି ପାଇଁ ବାରମ୍ବାର କମ୍ପାନୀର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ କଥାକୁ କମ୍ପାନୀ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। କେବଳ ସ୍ୱାମୀଙ୍କ ମୃତ୍ୟୁ ପରେ କମ୍ପାନୀ ପକ୍ଷରୁ ସେମାନଙ୍କ ପରିବାରକୁ ଚଳିବା ପାଇଁ ମାସିକ କିଛି ଟଙ୍କା ଦିଆଯାଉଥିବାବେଳେ ଏହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ତାଙ୍କ ସ୍ୱାମୀଙ୍କ ସ୍ଥାନରେ ଚାକରି କରିବା ପାଇଁ ଦାବି କରିଛନ୍ତି। ସ୍ୱାମୀ ଚାକରି କଲାବେଳେ ମାସିକ ୫୦ରୁ ୬୦ ହଜାର ଟଙ୍କା ମିଳୁଥିବାବେଳେ ଏବେ କମ୍ପାନୀ ପକ୍ଷରୁ ମିଳୁଥିବା ସାମାନ୍ୟ ଭତ୍ତାକୁ ଅମଙ୍ଗ ହୋଇଛନ୍ତି। ଏ ନେଇ ପୂର୍ବରୁ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଫଳରେ ସୋମବାରଠାରୁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ସେମାନେ ନିଜ ପୁଅଝିଅ ସହ ଧାରଣା ଦେଉଥିବା ଦେଖିବାକୁ ମିଳିଛି। ଏପରିକି ବର୍ତ୍ତମାନ ରାତିରେ ଶୀତ କାକରରେ ମଧ ଏହି ବିଧବାମାନେ ଧାରଣା ଦେଉଛନ୍ତି। ଜିଲାପାଳ ସେମାନଙ୍କ ଦାବିକୁ ନ ଶୁଣିଲା ଯାଏଁ ସେମାନେ ଏହି ଆମରଣ ଅନଶନ ଚଲାଇଥିବେ ବୋଲି ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ଅଯୋଧ୍ୟାରୁ ଆସିଥିବା ଅକ୍ଷୟ ଶୁଭ କଳସକୁ ସ୍ୱାଗତ



**ଅମରପାଲି,୪।୧୨(ପୀତାମ୍ବର ସାହୁ)**

ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଆସିଥିବା ଅକ୍ଷୟ ଶୁଭ କଳସକୁ ବୀରମହାରାଜପୁର ମୁଖ୍ୟଛକଠାରେ ଭବ୍ୟ ସ୍ୱାଗତ କରାଯାଇଛି। ସ୍ଥାନୀୟ ଗୁନିପଡାଠାରୁ ଭଜନ ସଂକୀର୍ତ୍ତନ ସହ ଶୁଭ କଳସକୁ ସ୍ୱାଗତ କରାଯାଇଥିଲା। ଅନ୍ତର୍ଯ୍ୟାମୀ ରଥ କଳସ ବୋହିଥିଲେ। ପ୍ରତ୍ୟେକ ଦ୍ୱାର ସମ୍ମୁଖରେ ଭରା ଗରା ଓ କଳସ ଥୋଇ ତଥା ଦୀପ ଜାଳି ଲୋକେ ଏହାକୁ ସ୍ୱାଗତ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ସୁବର୍ଣ୍ଣପୁର ଜିଲା କାର୍ଯ୍ୟକାରୀ ସଭାପତି ନୀଳାମ୍ବର ହୋତା କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୀତିକୃଷ୍ଣ ପଣ୍ଡା, ପ୍ରତ୍ୟୁଷ ପଣ୍ଡା, ଅଂଶୁମାନ ପଣ୍ଡା, ରମାକାନ୍ତ ହୋତା, ରାକେଶ ବାରିକ, ବିଭୂତି କୁଦେଇ ଓ ହିନ୍ଦୁ ଏକତା ମଞ୍ଚ ଏଥିରେ ସହଯୋଗ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

## ଶୁଭାରମ୍ଭ ହେଲା ମୋ ସୁନା ଝିଅ କାର୍ଯ୍ୟକ୍ରମ

**ସୋନପୁର,୪।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲା ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ବିଭାଗ ଦ୍ୱାରା ଆୟୋଜିତ ବିଜୁ କନ୍ୟା ରତ୍ନ ଯୋଜନା ଅନ୍ତର୍ଗତ ମୋ ସୁନା ଝିଅ କାର୍ଯକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଜିଲାପାଳ ବିମଳେନ୍ଦୁ ରାୟ ସହରର ଝୁପୁଡିପଡାସ୍ଥିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜିଲାରେ ଶିଶୁ ମାନଙ୍କ ମଧ୍ୟରେ ଲିଙ୍ଗଗତ ତାରତମ୍ୟକୁ ରୋକିବା ନିମନ୍ତେ ମୋ ସୁନା ଝିଅ କାର୍ଯ୍ୟକ୍ରମ ମାଧ୍ୟମରେ କନ୍ୟା ସନ୍ତାନମାନଙ୍କ ସୁରକ୍ଷା ଓ ଯତ୍ନକୁ ସୁନିଶ୍ଚିତ କରିବାକୁ ସଚେତନତା କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧୫ ଜଣ ଶିଶୁକନ୍ୟାଙ୍କ ଦମ୍ପତିଙ୍କୁ ଏହି ଅବସରରେ ଶିଶୁର ପୋଷାକ,ଟାୱେଲ, ମିଷ୍ଟାନ୍ନ ଏବଂ ପ୍ରଶଂସା ପତ୍ର ଜିଲାପାଳ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅଞ୍ଜଳିନା ପ୍ରଧାନ, ଶିଶୁ ମଙ୍ଗଳ କମିଟି ସଭ୍ୟ ହେମନ୍ତ କୁମାର ସା, ଶାନ୍ତନୁ କର୍ଣ୍ଣ, ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକ, ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗି, କାର୍ଯକ୍ରମ ଅଧିକାରୀ ଅନିତା ଗୁରୁ ପ୍ରମୁଖ ଉପସ୍ଥିତ ରହି କନ୍ୟା ସନ୍ତାନମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କାର୍ଯକ୍ରମ ପରିଚାଳନା କରିଥିଲେ।



ଜିଲାପାଳ ବିମଳେନ୍ଦୁ ରାୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**୩୧ ଗୋଟି ଅଭିଯୋଗରୁ ୯ଟି ସାମୁହିକ**

**ସୋନପୁର,୪।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ବିମଳେନ୍ଦୁ ରାୟ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢୀ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୧ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତର ଶୁଣାଣି କରିଥିଲେ । ତନ୍ମଧ୍ୟରୁ ୨୨ଟି ବ୍ୟକ୍ତିଗତ ଓ ୯ ଗୋଟି ସାମୁହିକ ଦରଖାସ୍ତ ଥିଲା । ଶିବିରରେ ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିଲା। ସମସ୍ତ ପଞ୍ଜୀକୃତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଜିଲା ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ଡା. ଦୁର୍ଗା ପ୍ରସାଦ ଦାଶ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଅଚ୍ୟୁତାନନ୍ଦ ସିଂ, ଅଶ୍ୱିନୀ କୁମାର ଭୋଇ, ଅର୍ଜୁନ ଚରଣ ମାଝୀ, ଡା. ରତ୍ନାକର ରାଉତ, ଇଂ ବି ନରେନ କିଶନ ରେଣ୍ଡୀ, ଇଂ ପ୍ରଫୁଲ୍ଲ ବେହେରା, ଡିଲେଶ୍ୱର ଖାଖା, ସୋନପୁର ତହସିଲଦାର ଡ.ସୋମ୍ୟାରୁପା ରଥ, ପୌର ପରିଷଦ ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଯୋଗଦାନ କରିଥିଲେ ।



ଜିଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଖାଦ୍ୟ ମେଳା

**ବୌଦ୍ଧ,୪।୧୨( ଅଜିତ କୁମାର ବାରିକ)**

ଓଡ଼ିଶା ସରକାରଙ୍କ ସମନ୍ୱିତ ଯୁବ ଉନ୍ନୟନ କାର୍ଯ୍ୟକ୍ରମ ଅନ୍ତର୍ଗତ ନୂଆ ଓଡ଼ିଶା ଯୋଜନା ଅନୁସାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ପାଇଁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଖାଦ୍ୟ ମେଳା ସୋମବାର ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭାସିନୀ ଦାସ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ସମସ୍ତ ପ୍ରକାର ଖାଦ୍ୟର ସ୍ୱାଦ ପରୀକ୍ଷା କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି ଖାଦ୍ୟ ମେଳାରେ ୬୦ ଜଣ ଛାତ୍ରୀଛାତ୍ର ସେମାନଙ୍କ ହାତ ତିଆରି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ସାଂସ୍କୃତିକ କମିଟିର ମୁଖ୍ୟ ଅଧ୍ୟାପିକା ପ୍ରଣୀତା ପରିଡା, ଜିଲା ମୁଖ୍ୟ ସଂଯୋଜକ ଅଧ୍ୟାପିକା ଗୀତାଞ୍ଜଳୀ ମହାପାତ୍ର ଏବଂ ନୋଡାଲ ଅଧିକାରୀ ଅଧ୍ୟାପିକା ସୁଜାତା ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ କମିଟିର ଅନ୍ୟ ସଦସ୍ୟ ଅଧ୍ୟାପିକା ସୁମିତା ସାହୁ, ଅଧ୍ୟାପକ ରୋଶନ ତ୍ରିପାଠୀ, ଅମ୍ରିତା ମହାପାତ୍ର, ଶରତ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାଣ୍ଡିଆ ତିଆରି ଖାଦ୍ୟ ଏହି ମେଳାରେ ମୁଖ୍ୟ ଆକର୍ଷଣ ଥିଲା। ଶେଷରେ ଅଧ୍ୟାପକ ପ୍ରବୀର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଖାଦ୍ୟ ମେଳାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ପୂର୍ବତନ ଜିଆରଏସଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

**ବୌଦ୍ଧ,୪।୧୨(ଅଜିତ କୁମାର ବାରିକ):** ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ସୋମବାର ଦିନ ଏକ ଲାଞ୍ଚ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେବା ସହ ୫ ହଜାର ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର ପୂର୍ବତନ ଗ୍ରାମ ରୋଜଗାର ସେବକ(ଜିଆରଏସ୍) ପାଣ୍ଡବ ମହଲା। ମାମଲାରୁ ପ୍ରକାଶ ଯେ, ଘଣ୍ଟାପଡା ପଞ୍ଚାୟତରେ ରିସପାଲ ରଣାଙ୍କର ମାଟି ଘର ଥିଲା । ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିବାକୁ ଯାଇଥିଲେ । ହେଲେ ତାଙ୍କ ନାମ ଲିଷ୍ଟରେ ଥିବା ଜାଣିବାକୁ ପାଇଥିଲେ । ଘର କାହିଁ କି ମିଳୁନାହିଁ ବୋଲି ପଚାରିବାରୁ କେହି ଜଣେ ତାଙ୍କୁ ଜିଆରଏସ୍ ମହଲାଙ୍କୁ ଦେଖା କରିବାକୁ କହିଥିଲେ । ରଣା ତାଙ୍କୁ ଯାଇ ଭେଟିବାରୁ ୨୦ ହଜାର ଟଙ୍କା ଲାଞ୍ଚ ଦେଲେ ଘର ମିଳିବ ବୋଲି କହିଥିଲେ। ଏଥିରେ ରଣା ରାଜି ନ ହେବାକୁ ୧୫ ହଜାର ଦେଲେ କାମ ହେବ ନ ହେଲେ ଫାଇଲ ଆଗକୁ ବଢ଼ିବ ନାହିଁ ବୋଲି ଜିଆରଏସ୍ କହିଥିଲେ । ଏନେଇ ରଣା ୨୦୧୯ ଅକ୍ଟୋବର ୨୧ରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଯୋଜନା ମୁତାବକ ୨୨ ତାରିଖ ଦିନ ଜିଆରଏସ୍ ମହଲା ତାଙ୍କ କାର୍ଯ୍ୟାଳୟରେ ଲାଞ୍ଚ ଗ୍ରହଣ କରିବା ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଗିରଫ କରିଥିଲେ । ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ୨୯/୧୯ରେ ମାମଲା ରୁଜୁ ହୋଇଥିଲା । ବିଚାରପତି ସୋମବାର ଦିନ ମୋଟ ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ପ୍ରମାଣ ଥିବା ନେଇ ଅଭିଯୁକ୍ତ ପାଣ୍ଡବ ମହଲାଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ଦେବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି.ଭି ରାମଦାସ ମାମଲା ପରିଚାଳନା କରୁଥିଲେ।

## ଓବିସି ଜନ ଜାଗରଣ ରଥକୁ ସ୍ୱାଗତ



ବୀରମହାରାଜପୁରରେ ଜନ ଜାଗରଣ ରଥକୁ ସ୍ୱାଗତ କରାଯାଉଛି।

**ଅମରପାଲି,୪।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ଓବିସି ଜନ ଜାଗରଣ ରଥ ବୁଲିଛି । ରାଜ୍ୟ ଓବିସି ମଞ୍ଚ ତରଫରୁ ବିଭିନ୍ନ ସ୍ଥାନରେ ବୁଲୁଥିବା ଜନ ଜାଗରଣ ରଥ ବୀରମହାରାଜପୁରରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଜାତି ଜନଗଣନା ,ସ୍ୱତନ୍ତ୍ର ଓବିସି ଆରକ୍ଷଣ ସୁନିଶ୍ଚିତ କରିବା, ଶତକଡା ୫୨ ଭାଗ ସଂରକ୍ଷଣ ବ୍ୟବସ୍ଥା, ସ୍ଥାୟୀ ପ୍ରମାଣପତ୍ର, କୃଷକମାନଙ୍କୁ ସ୍ୱତନ୍ତ୍ର କୃଷି ପ୍ରୋତ୍ସାହନ ଯୋଗାଣ ଆଦି ଦାବି ନେଇ ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ସଚେତନ କରୁଛି। ଓବିସି ଜନ ଜାଗରଣ ରଥ ବୀରମହାରାଜପୁରର ପଣ୍ଡିଆପାଲିସ୍ଥିତ ରାମଚଣ୍ଡୀ ପୀଠରେ ପହଞ୍ଚିଲା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ରଥପୁର, ମେହେରବସ୍ତି, ଟିଠୀପାଲି, କମଳପୁର, ଟାଙ୍ଗରସାହି, କେନ୍ଦୁପାଲି ପରେ ବୀରମହାରାଜପୁର ମୁଖ୍ୟଛକ ଦେଇ ବାଗବାରରେ ପହଞ୍ଚିଥିଲା। ପ୍ରତି ଗ୍ରାମରେ ରଥକୁ ସାଗତ କରାଯାଇ ଥିଲା। ଏହି ଅବସରରେ ରାଜ୍ୟ ଓବିସି ମଞ୍ଚର ସଭାପତି ଶଙ୍କର ପାତ୍ର, କୋଷାଧ୍ୟକ୍ଷ ପରଦେଶୀ ବିଶାଳ, ଜିଲା ସଭାପତି ଦେବାର୍ଚ୍ଚନ ଚାଉଳିଆ, ମଞ୍ଚର ଜିଲା କାର୍ଯ୍ୟକାରୀ ସଭାପତି ପ୍ରିୟବ୍ରତ ସାହୁ,ରାଜେନ୍ଦ୍ର ପ୍ରସାଦ ମେହେର,ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଆଲୋକ ଦେହୁରୀ, ଭଗବାନ କର୍ଣ୍ଣ, ଦିଲୀପ ପ୍ରଧାନ, ନବଘନ ଗୁଡୁରିଆ, ସଞ୍ଜୟ ଅମାତ, ରଞ୍ଜନ ଅମାତ, ଶରତ ମେଣ୍ଡିଲୀ, ଭଗବାନ ବାଘ ପ୍ରମୁଖ ଜନ ଜାଗରଣ ରଥ ସହିତ ଯାଇ ପଥପ୍ରାନ୍ତ ସଭାରେ ଲୋକଙ୍କୁ ସଚେତନ କରିଥିଲେ। ଅପରାହ୍ନରେ ଉକ୍ତ ରଥ ମୁର୍ଷୁଣ୍ଡି ଓ ହିଲୁଙ୍ଗ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇଥିବା ବେଳେ ପଥପ୍ରାନ୍ତ ସଭା କରି ସଚେତନ କରାଯାଇଥିଲା। ସୁଧାଂଶୁ କର୍ଣ୍ଣ, ବିକାଶ ମହାକୁର, ଶରତ ମେଣ୍ଡିଲୀ, ସଞ୍ଜୟ ମହାକୁର, ଅଟଳ ମେଣ୍ଡିଲି, ମୋହନ ବସ୍ତିଆଙ୍କ ସମେତ ଅନେକ ଓବିସି ବର୍ଗର ବ୍ୟକ୍ତି ବିଶେଷ ଜନ ଜାଗରଣ ରଥକୁ ସବୁ ସ୍ଥାନରେ ସ୍ୱାଗତ କରିଥିଲେ।

## ଜିଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ ଓ ସମିତି ସଭ୍ୟ

**ବୌଦ୍ଧ ବ୍ଲକ ଅଧ୍ୟକ୍ଷଙ୍କ ମନମୁଖୀ କାର୍ଯ୍ୟର ପ୍ରତିବାଦ**

**ବୌଦ୍ଧ/ବାଉଁଶୁଣୀ,୪।୧୨.୨୩ (ଅଜିତ କୁମାର ବାରିକ /ଦେବାଶିଷ ନେପାକ):** ବୌଦ୍ଧ ଜିଲା କଣ୍ଟମାଳ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ବିଧାୟକ ମହୀଧର ହଟାଅ କଣ୍ଟମାଳ ବଞ୍ଚାଓ ନାରା ଦେଇ ପରିବର୍ତ୍ତନ ସମାବେଶ କରି ଆସୁଛନ୍ତି। ଏଭଳି ପରିସ୍ଥିତିରେ ସୋମବାର ଦିନ ବୌଦ୍ଧ ବ୍ଲକର କେତେକ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ବ୍ଲକ ଅଧ୍ୟକ୍ଷ ରଥଙ୍କ ମନମୁଖୀ କାର୍ଯ୍ୟର ପ୍ରତିବାଦ କରି ଜିଲାପାଳଙ୍କ ଠାରେ ଅଭିଯୋଗ କରିଥିବା ଜଣାପଡିଛି । ଏହି ଅଭିଯୋଗ ପରେ କଣ୍ଟାମାଳ ବିଧାନସଭାରେ ରାଜନୀତି ଏକପ୍ରକାର ସରଗରମ ହୋଇପଡିଛି। ସରପଞ୍ଚ ଓ ସମିତି ସଭ୍ୟମାନେ ବ୍ଲକ ଅଧ୍ୟକ୍ଷ ରଥ ପଞ୍ଚାୟତ ସମିତିର ସମସ୍ତ ଉନ୍ନୟନ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଛନ୍ତି। ଠିକା କାମ କରିବାକୁ ବ୍ଲକ ପ୍ରଶାସନକୁ ଚାପ ପ୍ରୟୋଗ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି । ସୋମବାର ଦିନ ଜିଲାପାଳଙ୍କ ଜନଶୁଣାଣି ଶିବିର ବୌଦ୍ଧ ବ୍ଲକ ପରିସରରେ ଚାଲିଥିବା ବେଳେ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ଦମ୍ପତିଙ୍କୁ ସଂଘବଦ୍ଧ ଆକ୍ରମଣ: ୯ ଜଣଙ୍କ ନାମରେ ମାମଲା

**ସୁନାପାଲି ଗାଁରେ ଲାଗି ରହିଛି ଅଶାନ୍ତି**

**ଡୁଙ୍ଗୁରିପାଲି,୪।୧୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଗାଁରେ ଏକ ଦମ୍ପତିଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଦମ୍ପତି ହେଲେ ସୁବାସିନୀ ଦୀପ ଓ ଅର୍ଜୁନ ଦୀପ। ଏହି ଘଟଣା ନେଇ ଗାଁରେ ଅଶାନ୍ତି ଲାଗି ରହିଥିବା ବେଳେ ଡୁଙ୍ଗୁରିପାଲି ଥାନାରେ ୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ତେବେ ଘଟଣାର ୫ ଦିନ ବିତିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ ।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୯ ତାରିଖ ସନ୍ଧ୍ୟାରେ ସୁନାପାଲି ଗାଁର ସମଲେଇ ମନ୍ଦିର ନିକଟରେ ଥିବା କିରାନା ଦୋକାନକୁ ସୁବାସିନୀ ସଉଦା କିଣିବାକୁ ଯାଇଥିଲେ । ଏହି ସମୟରେ ଗାଁର ଜିଷ୍ଣୁ ପଧାନ ଓ ତାଙ୍କର ଦୁଇ ସହଯୋଗୀ ତାଙ୍କ ପାଖକୁଆସିଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏ ନେଇ ମହିଳା ଜଣକ ପ୍ରତିବାଦ କରିବାରୁ ଉପରୋକ୍ତ ୩ ଜଣ ବ୍ୟକ୍ତି ଗାଁର ଅନ୍ୟ ୬ ଜଣଙ୍କୁ ସେଠାକୁ ଡାକି ପାଟିତୁଣ୍ଡ କରିବା ସହ ସୁବାସିନୀଙ୍କୁ ଖଣ୍ଡାରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ଖବର ପାଇ ମହିଳାଙ୍କ ସ୍ୱାମୀ ଅର୍ଜୁନ ସେଠାକୁ ଆସିବାରୁ ଉଭୟଙ୍କୁ ସେମାନେ ଘେରି ଯାଇଥିଲେ। ଖଣ୍ଡା ଚୋଟରେ ଅର୍ଜୁନଙ୍କ ବାମ ଗୋଡ଼ ଜଙ୍ଘ, ଡାହାଣ ହାତ ବୃଦ୍ଧା ଆଙ୍ଗୁଳି ଓ ପାପୁଲି ରେ ଗଭୀର କ୍ଷତ ହୋଇ ପ୍ରବଳ ମାତ୍ରାରେ ରକ୍ତସ୍ରାବ ହୋଇଥିଲା। ଏପରିକି ଆକ୍ରମଣ କାରୀମାନେ ତାଙ୍କୁ ଜୀବନରେ ମାରି ଦେବା ପାଇଁ ଧମକ ଦେଇଥିବା ସୁବାସିନୀ ଡୁଙ୍ଗୁରିପାଲି ଥାନାରେ କରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି । ପୋଲିସ ଏହି ଘଟଣାରେ ୯ ଜଣଙ୍କ ନାମରେ କେଶ ନମ୍ବର –୨୧୭/୨୩,ଦଫା ୩୪୧/୨୯୪/ ୩୨୩/୩୨୪/୩୫୪/୫୦୬/୩୪ ଆଇପିସି, ଆର୍ମସ ଆକ୍ଟ ୨୫/୨୭/ଏବଂ ଆର୍ମସ ଆକ୍ଟ /୩(୧)(ଆର)୩(୨) (ଭିଏ) ଏସସି, ଏସଟି ଆକ୍ଟରେ ମାମଲା ରଜୁ କରି ତଦନ୍ତ ଚଳାଇଛି । ଏ ସଂକ୍ରାନ୍ତରେ ଡ଼ିଏସପି ଚନ୍ଦ୍ରଶେଖର ଶବରଙ୍କୁ ପଚାରିବାରୁ ଘଟଣାରେ ସାମିଲ ଥିବା ଅଭିଯୁକ୍ତଙ୍କ ପାଖକୁ ନୋଟିସ (୪୧) ଜାରି କରାଯାଇଛ । ଘଟଣାର ତଦାରଖ କରିବା ପାଇଁ ଆଡିସନାଲ ଏସ୍‌ପି ହେମନ୍ତ କୁମାର ପାଢ଼ୀଙ୍କୁ ଦାୟିତ୍ୱ ଦିଆଯାଇଛି । ତହସିଲଦାରଙ୍କ ପାଖରୁ ଜାତିଗତ ପ୍ରମାଣପତ୍ର ମଗାଯିବା ସହ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ।

## ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ପ୍ରଦର୍ଶିତ ହେଲା ଓଡ଼ିଶାର ବିଶିଷ୍ଟ ଶିଳ୍ପୀଙ୍କ ଚିତ୍ରକଳା**

**ସୋନପୁର,୪।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋନପୁର ପୁରୁଣା ଟାଉନହଲ ପରିସରରେ ଏକ ଭ୍ରାମ୍ୟମାନ ଚିତ୍ରକଳା ପ୍ରଦର୍ଶନୀ ସୋମବାର ଉଦଘାଟିତ ହୋଇଯାଇଛି। ରାଜ୍ୟରେ ଚିତ୍ରକଳାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହୀତ ବହୁ ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ଚିତ୍ରକଳାଗୁଡିକ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓଡିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲ, ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଏକାଡେମୀ ସଦସ୍ୟ ଶ୍ୟାମ ସୁନ୍ଦର ମେହେର, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ସମ୍ମାନିତ ଅତିଥ ଭାବେ ଯୋଗଦାନ କରିଥିଲେ । ରାଜ୍ୟର ଶିଳ୍ପୀମାନଙ୍କର କଳାକୃତି ଯେପରି ଜନସାଧାରଣ, ଅନ୍ୟ ଶିଳ୍ପୀ ତଥା ଛାତ୍ରୀଛାତ୍ରମାନେ ଦେଖିବାର ସୁଯୋଗ ପାଇ ପାରିବେ ଏବଂ ସବୁ ଜିଲାରେ ଚିତ୍ରକଳାର ପ୍ରଚାର ଓ ପ୍ରସାର କିପରି ଅଧିକ ହୋଇପାରିବ ସେଥିପାଇଁ ଏକାଡେମୀ ତରଫରୁ ଏହି ପ୍ରୟାସ କରାଯାଉଛି । ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର

ଖ୍ୟାତନାମା ବରିଷ୍ଠ ଚିତ୍ର ଶିଳ୍ପୀ ବସନ୍ତ ପଣ୍ଡା, ବିମ୍ବାଧର ବର୍ମା, ଶିବ ପାଣିଗ୍ରାହୀ, ଅବନ୍ତି ପଣ୍ଡା, ଯତୀନ ଦାସ, ବଳଦେବ ମହରଥୀ, ଅରୁଣ ଜେନା ଓ ମୁକ୍ତିପଦ ନନ୍ଦୀଙ୍କ ସମେତ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ମୋଟ ୪୦ଟି ଅନନ୍ୟ ଚିତ୍ରକଳା ସ୍ଥାନ ପାଇଛି। ଏହି ପ୍ରଦର୍ଶନୀ ୬ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ ଘଟିକାରୁ ସନ୍ଧ୍ୟା ସାଢେ ୫ଟା ପର୍ଯ୍ୟନ୍ତ ଖୋଲା ରହିବ । ଏଣୁ ଜିଲାର ସମସ୍ତ ଜନସାଧାରଣ, କଳାକାର, ଛାତ୍ରୀଛାତ୍ର ପ୍ରଦର୍ଶନୀକୁ ଆସି ଉପଭୋଗ କରିବାର ସୁଯୋଗ ନେବାକୁ ଆୟୋଜକଙ୍କ ତରଫରୁ ଅନୁରୋଧ କରାଯାଇଛି ।



ଅତିଥି ବୃନ୍ଦ ଚିତ୍ରକଳା ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

## ସମ୍ବଲପୁରକୁ ହରାଇ ଲୁଟୁ ୱାରିଅର ଅନୁଗୋଳ ଚାମ୍ପିୟନ

**୧୦ମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

**ଅମରପାଲି,୪।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାସ୍ଥିତ ପଞ୍ଚଖଣ୍ଡା ଖେଳପଡିଆ ରେ ହେଉଥିବା ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଏମଏମସିସି ସମ୍ବଲପୁରକୁ ହରାଇ ଲୁଟୁ ୱାରିଅର୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଟି–୧୦ ଫର୍ମାଟ ଏବଂ ୬–୬ ଓଭର ଲେଖାଏ ମୋଟ ତିନିଟି ଫର୍ମାଟରେ ହୋଇଥିଲା। ଅନୁଗୁଳ ଦଳ ପ୍ରଥମ ଫର୍ମାଟରେ ୯.୩ ଓଭର ରେ ସମସ୍ତ ଉଇକେଟ ହରାଇ ୭୨ ରନ କରିଥିଲା। ଜବାବରେ ସମ୍ବଲପୁର ଦଳ ଆବଶ୍ୟକ ୭୩ ରନକୁ ୪.୨ ଓଭରରେ ଗୋଟିଏ ମାତ୍ର ଉଇକେଟ ହରାଇ ସଂଗ୍ରହ କରିଥିଲା। ସମ୍ବଲପୁରର ମଦନ ବେହେରା ୧୩ ବଲରୁ ୪୩ ରନ କରିଥିଲେ। ଦ୍ୱିତୀୟ ଫର୍ମାଟରେ ଅନୁଗୁଳ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ଟି ଉଇକେଟ ହରାଇ ୧୩୨ ରନ କରିଥିଲା। ଦଳର ଛୋଟୁ ଆକାଶ ୪୦ ରନ କରିଥିଲେ। ଜବାବରେ ସମ୍ବଲପୁର ଦଳ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୦ ରନ କରିଥିଲା। ଦଳର ଜଗନ ୩୩ ରନ କରିଥିଲେ। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିତିବାରୁ ତୃତୀୟ ଫର୍ମାଟ ୬–୬ ଓଭର ଖେଳା ଯାଇଥିଲା। ଏଥିରେ ଲୁଟୁ ୱାରିଅର ଅନୁଗୁଳ ନିର୍ଦ୍ଧାରିତ ୬ ଓଭରରେ ବିଙ୍କ ପ୍ରକାଶ ସାହୁଙ୍କ ୫୩ ରନ ସହାୟତାରେ ଦୁଇ ଉଇକେଟ ହରାଇ ୧୨୮ ରନ କରିଥିଲା। ଜବାବରେ ସମ୍ବଲପୁର ଦଳ ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୬୪ ରନ କରିଥିଲା। ଅନୁଗୁଳ ଦୁଇଟି ଫର୍ମାଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସଚିନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଟୁର୍ନାମେଣ୍ଟର ସଭାପତି ନିର୍ମଳ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଅନୁସୟା ପଧାନ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା,ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ଆମ୍ବା ଅଧ୍ୟକ୍ଷ ବିବସ୍ୱତି ପଣ୍ଡା, ସ୍ୱେଚ୍ଛାସେବୀ ସପନ ପଧାନ, ଉଫୁଲା ସରପଞ୍ଚ ପ୍ରତିନିଧି ମୀନକେତନ ମହାକୁର ,ଅଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ, ଧରଣୀ ଧର ପାଢ଼ୀ, ଚକ୍ରଧର ପଧାନ, ଶ୍ରମିକ ନେତା କର୍ଣ୍ଣରାଜ ପଧାନ, ଅତୁଲ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଗୁଳର ବିଙ୍କ ପ୍ରସାଦ ସାହୁ ଙ୍କୁ ମ୍ୟାନ ଅଫ ଦି ଫାଇନାଲ, ମଣ୍ଟୁ ପାଟଶାଣୀଙ୍କୁ ଏମାର୍ଜିଂ ପ୍ଲେୟାର, ସମ୍ବଲପୁରର ହୋଲ୍ଡରଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ବୋଲର, ସଙ୍କୀର୍ତ୍ତନ ପ୍ରଧାନଙ୍କୁ ଶ୍ରେଷ୍ଠ ଫିଲ୍ଡର,ମଦନ ବେହେରାଙ୍କୁ ଶ୍ରେଷ୍ଟ ବ୍ୟାଟର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଲୁଟୁ ୱାରିଅର ଅନୁଗୁଳକୁ ନଗଦ ୫୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ୍ ଏମ ଏମସିସି, ସମ୍ବଲପୁର ଦଳକୁ ନଗଦ ୩୦ ହଜାର ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ସୁରେଶ ବିଶି ଓ ରଘୁବୀର ମିଶ୍ର ଆମ୍ପୟାର, ଶ୍ରୀଦାସ ବାରିକ ସ୍କୋରର ଏବଂ ସଚିନ ପଧାନ ଓ ବୁଦ୍ଧଦେବ ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ସୌମିତ୍ରୀ ସାହୁ, ପ୍ରଦୀପ ପଧାନ, କୌଶିକ ପଧାନ, ବିମଳ ମୁଦୁଲି, ବିବେକ ସାହୁ ପ୍ରମୁଖ ସହଯୋଗ କରିଥିଲେ।




ଚାମ୍ପିୟନ ଅନୁଗୁଳ ଦଳକୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବୋଡେନ,୪।୧୨(ଟିକେଶ୍ୱର ନାଗ୍)

ନୂଆପଡା ଜିଲା ବୋଡ଼େନ ବିଜୁ ପଟ୍ଟନାୟକ ଡ଼ିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅବନୀ ଖମାରୀଙ୍କ ସଭାପତିତ୍ୟରେ ପରିଚାଳିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ବୋଡ଼େନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ, ମୁଖ୍ୟବକ୍ତା ଭାବେ ଜିଲା ନୋଡାଲ ଅଧିକାରୀ ଡ. ପଦ୍ମଲୋଚନ ବର୍ମା, ସମ୍ମାନିତ ଅତିଥି ବୋଡ଼େନ ବିଡିଓ ପ୍ରିୟରଞ୍ଜନ କୁମାର, କଲେଜ ପରିଚାଳନା ପରିଷଦ ସଭାପତି ରାଜାରାମ କଟା, ଅଧ୍ୟାପକ ଡ. କିଶୋର କୁମାର କର୍ଣ୍ଣ ପ୍ରମୁଖ ସମସ୍ତେ ଉପସ୍ଥିତ ଥିଲେ। ଅଧ୍ୟାପକ ସନ୍ତୋଷ କୁମାର ମୁଣ୍ଡ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବର୍ଗରେ ମହେଶ କୁମାର ରାଉତ ଓ ବାଳିକା ବର୍ଗରେ ସବେତ୍ରି ମାଝି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଓ ଅଧ୍ୟାପିକା ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

### ଯୁବ ଓଡ଼ିଶା ନବୀନ ଓଡ଼ିଶାର ସାମାଜିକ କାର୍ଯ୍ୟକ୍ରମ

ଖଡ଼ିଆଳ,୪।୧୨(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ନୂଆ-ଓର ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପର ତୃତୀୟ ଦିନରେ ଛାତ୍ରୀଛାତ୍ରମାନେ ସକାଳେ ମହାବିଦ୍ୟାଳୟ ନିକଟସ୍ଥ କୋଶଳେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ ପରିଷ୍କାର କରିଥିଲେ। ଅପରାହ୍ନରେ ଖଡ଼ିଆଳ ୱାର୍ଡ ନଂ ୧ ମୁକ୍ତାପୁର ଗ୍ରାମରେ 'ବେଟି ବଚାଅ, ବେଟି ପାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ନ୍ୟାଶନଲ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ମେଜର ଡ଼ ରାମଚନ୍ଦ୍ର ମିଶ୍ର, ଯୁକ୍ତ ୨ ଅଧ୍ୟକ୍ଷ ତଥା ନୂଆ -ଓ ର ଯୁକ୍ତ ଦୁଇ ନୋଡାଲ ଅଫିସର ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଅଧ୍ୟାପକ ଡ଼ ରଣବୀର ସିଂ, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ଼ ସୁରଞ୍ଜନ ପ୍ରଧାନ, ଅଧ୍ୟାପକ ଶୁଭେନ୍ଦୁ ନିଆଲ, ରେଡ଼କ୍ରସ-ରେଡ଼ ରିବନ ଅଧିକାରୀ ଅଧ୍ୟାପକ ଡ଼ ଶୁଭ୍ରାଂସିସ ବାରିକ, ଜିଲା ଜାତୀୟ ସେବା ଯୋଜନା ବ୍ୟବସ୍ଥିକା ଅଧ୍ୟାପିକା ପ୍ରଣତୀ ପଣ୍ଡା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପିକା କାଜଲ ମେହେର, ଅଧ୍ୟାପିକା ଆନନ୍ଦିନୀ ମିଶ୍ର, ଅଧ୍ୟାପକ ଗୁଣବନ୍ତ ସାହୁ, ଅଧ୍ୟାପକ ଚିତ୍ତ ରଞ୍ଜନ ଜେନା, ମୁକ୍ତାପୁର ଗ୍ରାମ ସରକାରୀ ଉ.ପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସାହିନ ପରବିନ, ଶିକ୍ଷୟିତ୍ରୀ ନବୀନ ବନଗୋଲା, ବିଜୁ ନାଏକ, ଧବଳେଶ୍ୱର ନାଏକ, ରାଜିନ କରୁଆଁ, ଗିରିଧାରୀ ନାଏକ ଯୋଗଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମ ସାମାଜିକ କାର୍ଯ୍ୟ ମୁଖ୍ୟ ଅଧ୍ୟାପକ ସୁନୀଲ କୁମାର ପାଢୀ ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ଧନ୍ୟବାଦ ପ୍ରଦାନ କରିଥିଲେ। ସଭାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କନ୍ୟା ସୁରକ୍ଷା ଏବଂ ଶିକ୍ଷା ଦାନ ସମ୍ପର୍କିତ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ସ୍ୱଚ୍ଛ ପରିବେଶ ନିମନ୍ତେ ସମ୍ବଲପୁରୀ ନୃତ୍ୟ ମାଧ୍ୟମରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

# ବିନା ବ୍ରେକ୍‌ରେ ୪୮ ଘଣ୍ଟା ନାଟକ ପ୍ରଦର୍ଶନ

**ମିରର୍ ଥିଏଟରର ବିଶ୍ୱ ରେକର୍ଡ**



ଭୁବନେଶ୍ୱର,୪।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ବିନା ବ୍ରେକ୍‌ରେ ଲଗାତର ୪୮ ଘଣ୍ଟାରୁ ଅଧିକ ସମୟ ନାଟକ ପରିବେଷଣ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଛି ନାଟ୍ୟ ସଂସ୍ଥା ମିରର ଥିଏଟର। ଝାରସୁଗୁଡା ଜିଲା ବେଲପାହାଡର ମିରର ଥିଏଟର କଳାକାରଙ୍କ ପରିଶ୍ରମ ଅନୁଷ୍ଠାନକୁ ନୂଆ ପରିଚୟ ଆଣି ଦେଇଛି। ସେମାନେ ସମ୍ବଲପୁରୀ ନାଟକ 'କାଏନ୍‌ଜୁରୀ' ପରିବେଷଣ କରିଥିଲେ। ବିଶ୍ୱର ସବୁଠୁ ଲମ୍ବା ନାଟକ ପ୍ରଦର୍ଶନ କରି ଇଣ୍ଟରନ୍ୟାଶନାଲ ଏକ୍ସିଲେନ୍ସ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଥିବା ମିରର ଥିଏଟର କେବଳ ଝାରସୁଗୁଡା ଜିଲା ନୁହେଁ, ସମଗ୍ର ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛି। ବିଶ୍ୱ ରେକର୍ଡ ଲକ୍ଷ୍ୟରେ ଡିସେମ୍ବର ୧ ସନ୍ଧ୍ୟା ୭ ଟା ୪୫ରୁ ବେଲପାହାଡ଼ର ଗୁମାଡେରା ମାଳିପଡ଼ାସ୍ଥିତ ମିରର ଥିଏଟରର ନିଜସ୍ୱ ମଞ୍ଚରେ ନାଟକ ପରିବେଷଣ ଆରମ୍ଭ ହୋଇଥିଲା। ଏହା ଡିସେମ୍ବର ୩ ତାରିଖ ରାତି ୯ଟା ୩୩ରେ ସରିଥିଲା। ନାଟକର ଅବଧି ୪୮ ଘଣ୍ଟାର ଲକ୍ଷ୍ୟ ରହିଥିବାବେଳେ ଶେଷ ହେବାକୁ ୪୯ ଘଣ୍ଟା ୪୮ ମିନିଟ ୧୨ ସେକେଣ୍ଡ ଲାଗିଥିଲା। 'କାଏନ୍‌ଜୁରୀ'ରେ ଲାଲ ପାଏନ, ଦୂର ଆକାଶେ, ଗାଁ, ଟ୍ରାଫିକ ପୋଷ୍ଟ, ବେକାର, ହନୁମାନ ପଇସା, ଗୁଗଲ ମ୍ୟାପ, ଗୁରୁ ଚେଲା, ଚେହେରା, ମୂର୍ତ୍ତି, କାଠର ଚୌକି, ତୋର କିରିଆ, ପାଚେନ ପରି ଶହେଟି ଛୋଟ ନାଟକକୁ ବିନା ବ୍ରେକ୍‌ରେ ଗୋଟିଏ ପରେ ଗୋଟିଏ ପ୍ରଦର୍ଶିତ ହୋଇଥିଲା। ଦେଢ଼ ମାସର ଛୋଟ ଶିଶୁଠାରୁ ଆରମ୍ଭ କରି ୭୫ ବର୍ଷର ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ୨୦୦ରୁ ଅଧିକ କଳାକାର ଏଥିରେ ଅଭିନୟ କରିଥିଲେ। ନାଟ୍ୟ ଇତିହାସରେ ମିରର ଥିଏଟର ଏହିଭଳି ପ୍ରୟାସକୁ ଉପସ୍ଥିତ ଅତିଥି, ନାଟ୍ୟକାର ତଥା ଦର୍ଶକମାନେ ପ୍ରଶଂସା କରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ସୁବାଷ ପ୍ରଧାନ କହିଛନ୍ତି, ଏହି ପ୍ରୟାସ ଆଗାମୀ ପିଢ଼ିଙ୍କୁ ପ୍ରେରଣା ଦେବା ସହ ଆମମାନଙ୍କ ପାଇଁ ମଧ୍ୟ ଖୁସି ଆଣିଦେଇଛି।

## ଶିବିରରେ ୨୭ ୟୁନିଟ୍ ରକ୍ତ ସଂଗ୍ରହ

ଲହୁଣୀପଡା,୪।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବଣେଇଁ ଉପଖଣ୍ଡ ଚିକିତ୍ସାଳୟର ଡା. ଅନିରୁଦ୍ଧ ବେହେରା ଓ ତାଙ୍କ ସହଯୋଗୀ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଛାତ୍ରୀଛାତ୍ରମାନେ ରକ୍ତ ଦାନ କରିଥିବା ବେଳେ ସେମାଙ୍କୁ ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ରକ୍ତ ଦାନ ଶିବିରରେ ମୋଟ ୨୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଚୁଡାମଣି ସାହୁ, ଅଧ୍ୟାପକ ସଞ୍ଜୟ କୁମାର ଦ୍ୱିବେଦୀ, ନିହାର ରଞ୍ଜନ ମାହାନ୍ତ, ପ୍ରସନ୍ନ କୁମାର ପ୍ରଧାନ, ସମେତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

# ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ

ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଡୁଲି)




**ମହିଳା କଲେଜ ପ୍ରତିଷ୍ଠାତା ସମ୍ବର୍ଦ୍ଧିତ**

ସୁନ୍ଦରଗଡ ସରକାରୀ ମହିଳା କଲେଜରେ ଚାଲିଥିବା ତ୍ରିଦିବସୀୟ ଜିଲା ଯୁବ ରେଡ୍‌କ୍ରସ୍ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ତିନିଦିନିଆ ଶିବିରରେ ଜିଲାର ୩୬ଟି ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଶିବିରରେ ଯୁବ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିବସରେ ନାରୀ ସଶକ୍ତିକରଣ ପ୍ରଶିକ୍ଷଣ ଅବସରରେ ସୁନ୍ଦରଗଡର ୨ ବରିଷ୍ଠ ଆଇନଜୀବୀ ତଥା ଶିକ୍ଷାବିତ ନିମାଇଁ ଚରଣ ନାଏକ ଓ ପୂର୍ବତନ ନଗରପାଳ ରାଜକିଶୋର ଷଡ଼ଙ୍ଗୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୭୮ରେ ସୁନ୍ଦରଗଡ ସହରରେ ନାରୀ ଶିକ୍ଷାର ପ୍ରସାର ପାଇଁ ଏହି ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଓ ଏହି ୨ ପ୍ରମୁଖ ବ୍ୟକ୍ତିଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.କୁମୁଦିନୀ ରାଉତରାୟ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଶିବିରରେ ବିଭିନ୍ନ ଅତିଥିଭାବେ ରାଜଗାଙ୍ଗପୁର ସରବତୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ଚୌଧୁରୀ, ଜିଲା ରେଡ୍‌କ୍ରସ୍ ସୋସାଇଟିର ଯୁଗ୍ମସମ୍ପାଦକ ଅଜିତ ପ୍ରସାଦ, ସାମାଜିକ କର୍ମୀ ପ୍ରଦୀପ ସାହୁ, ସ୍ନେହଲତା ପଟେଲ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ମିନାକ୍ଷୀ ପ୍ରଧାନ, କୃଷି ବୈଜ୍ଞାନିକ ମନୋଜ ଜେନା, ଜିଲା ପରିବହନ ଅଧିକାରୀ ସୁକାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରତ୍ୟେହ ସଂନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଟିମ୍ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ସୋମବାର ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ଡ.ସୁଧୀର କୁମାର ଦାଶ ସାଧନ କର୍ମୀ ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସମାରୋହରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ ଓ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ବିକ୍ରାନ୍ତ କିଣ୍ଡୋ, କାଉନସିଲର ସୁମନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିଗଦର୍ଶନ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡ.ଇନ୍ଦିରା ଗଡନାୟକ, କାଉନସେଲର ତଥା କିଞ୍ଜିରିମା ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ଚୌଧୁରୀ, ଜିଲା ଯୁବ ରେଡ୍‌କ୍ରସ୍‌ର ଜିଲା ସଂଯୋଜକ ସୁମନ୍ତ କୁମାର ଦ୍ୱିବେଦୀ, ଆବାହକ ରଶ୍ମି ରଞ୍ଜନ ରାଉତ,ସରୋଜ ପୁଝାରୀ,ପ୍ରୋଗ୍ରାମ କୋଅଡିନେଟର ସଞ୍ଜିତା ଅଭିଜିତା,ସଞ୍ଜୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ନୂଆପଡ଼ା ବ୍ଲକରେ ସୁନେତ୍ର କାର୍ଯ୍ୟକ୍ରମ

ନୂଆପଡ଼ା,୪।୧୨(ମକାରୁ ବେମାଲ)

ନୂଆପଡା ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନେତ୍ର ନୂଆପଡା ଓ ସମଗ୍ର ଶିକ୍ଷା, ନୂଆପଡା ଆନୁକୂଲ୍ୟରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଧାଂଶୁ ଶେଖର ମିଶ୍ର, ଚକ୍ଷୁ ବିଶେଷଜ୍ଞ ନୂଆପଡା ଡଃ ଲିଳିଶ୍ରୀ ଭୁକ୍ତା ଓ ଜିଲା ଆନ୍ତର୍ଜିବେଶି ଶିକ୍ଷା ସଂଯୋଜକ ହେମନ୍ତ କୁମାର ଭୋଇଙ୍କ ମାର୍ଗ ଦର୍ଶନରେ ନୂଆପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ନୂଆପଡା ବ୍ଲକରେ ଗତ ୨୮ରୁ ସୁନେତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ୬ଟି ବିଦ୍ୟାଳୟର ଦୃଷ୍ଟି ଦୋଷ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚକ୍ଷୁ ପରୀକ୍ଷକ ଭାବେ ସୀମାଞ୍ଚଳ ବସି ଶତପଥି, ମଳୟ ମହାନ୍ତି, ପରେଶ କୁମାର ବାଗ, ପ୍ରିୟ ରଞ୍ଜନ ସାଗର, କୈଳାଶ ଶବର, ସୁମିତ ପଧାନ ଓ ସିଦ୍ଧାର୍ଥ ମେହେର ଯୋଗଦେଇ ମୋଟ ୧୫୭୫ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରି ୫୨୫ଜଣଙ୍କୁ ଚଷମା ପ୍ରଦାନ ଓ ୨୨ଜଣଙ୍କୁ ଜିଲା ହସ୍ପିଟାଲକୁ ଅସ୍ତ୍ରୋପ୍ରଚାର ପାଇଁ ପଠାଇଥିଲେ। କାର୍ଯ୍ୟକ୍ରମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାୱାରତୋଳା, ଉଚ୍ଚ ବିଦ୍ୟାଳୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଇପଲା, ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡା, ଉଚ୍ଚ ବିଦ୍ୟାଳୟ କୁଳିଅବନ୍ଧା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଲୋଦାଠାରେ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଶେଷଜ୍ଞ ତଥା ଡିପିଏମ, ଡିବିସିଏ, ଡା. ଲାଳିଶ୍ରୀ ଭୁକ୍ତା ଯୋଗଦେଇଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ତଦାରଖ କରିଥିଲେ। ନୂଆପଡ଼ା ବିଆରଟି ଉପେନ୍ଦ୍ର ଶାମଲ ଓ କାର୍ତ୍ତିକ ବିଶ୍ୱାଳ ପରିଚାଳନା କରିଥିବା ବେଳେ ବୈକୁଣ୍ଠ ଖରସେଲ, ଡଗେଶ୍ୱର ସାହୁ, କେଜି ପଟେଲ, କାମଦେବ ଦିୱାଙ୍ଗନ ତଥା ବ୍ଲକ ସମସ୍ତ ସିଆରସିସି ସହଯୋଗ କରିଥିଲେ।




ସୁନ୍ଦରଗଡ଼ ଜିଲା ବଡ଼ଗାଁ ଡିଗ୍ରୀ କଲେଜ ପକ୍ଷରୁ ବାହାରିଥିବା ନିଶା ନିବାରଣ ସଚେତନତା ଶୋଭାଯାତ୍ରାରେ ଜଣେ ବ୍ୟକ୍ତିଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ଅଧ୍ୟକ୍ଷା ଓ ଅଧ୍ୟାପକ ଶପଥ କରାଉଛନ୍ତି।

## ୭ଦଫା ଦାବି ନେଇ କୋଶଳ ସମାଜର ଗଣଧାରଣା

ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଡୁଲି)

ବାର୍ଦ୍ଧକ୍ୟ,ବିଧବା,ଭିନ୍ନକ୍ଷମ ଓ ମା'ବାପା ଛେଉଣ୍ଡ ଝିଅ ପୁଅଙ୍କୁ ୩ହଜାର ଟଙ୍କା ଭତ୍ତା ଓ ଅନ୍ୟାନ୍ୟ ୭ଦଫା ଦାବିନେଇ ସୋମବାର ସ୍ଥାନୀୟ ଡିଆର୍‌ଡିଏ ଛକଠାରେ କୋଶଳ ସମାଜ ପକ୍ଷରୁ ଗଣ ଧାରଣା ଦିଆଯାଇଥିଲା। କୋଶଳ ସମାଜ ସଚିବ ଦଲ୍ଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକରୁ ହିତାଧିକାରୀମାନେ ଯୋଗଦେଇଥିଲେ। ପରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।



ଧାରଣାରେ ବସିଥିବା କୋଶଳ ସମାଜର କର୍ମକର୍ତ୍ତା।.........................

# କୁତ୍ରାରେ ହାତୀ ଆତଙ୍କ, ଭାଙ୍ଗିଲା ୩ ଘର

କୁତ୍ରା,୪।୧୨(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଜଙ୍ଗଲ ବଶବର୍ତ୍ତୀ ଅଞ୍ଚଳଗୁଡିକରେ ହାତୀ ଆତଙ୍କ ବଢିବାରେ ଲାଗିଛି। ରବିବାର ରାତିରେ ଏକ ଦନ୍ତା ନୂଆଗାଁ ଗ୍ରାମରେ ଆତଙ୍କ ଖେଳାଇଛି। ପ୍ରଥମେ ଦିବ୍ୟ ଏକ୍କାଙ୍କ ଘର ଭାଙ୍ଗିବା ସହିତ ଗଚ୍ଛିତ ଧାନକୁ ଖାଇ ନଷ୍ଟ କରିଥିଲା। ପରେ ମିଶ୍ର ଏକ୍କାଙ୍କ ଘର ଏବଂ ରାଏଡିହି ଗାଁକୁ ଯାଇ ଗୋକୁଲ ବାଡାଙ୍କ ଘର ଭାଙ୍ଗି ସେଠି ମଧ୍ୟ ଧାନ ଖାଇ ନଷ୍ଟ କରିଥିଲା। ପାଖାପାଖି ମାସେ ହେଲା ହାତୀପଲ ଅଞ୍ଚଳରେ ଆତଙ୍କ ଖେଳେଇଥିବା ବେଳେ ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଦିନ ହେଉ କିମ୍ବା ରାତି ଏହି ଅଞ୍ଚଳର ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ଥିବାବେଳେ ହାତୀପଲ ବିଲରେ ପସି ନିମିଷକରେ ଖାଇ ଦଳିମକଚି ନଷ୍ଟ କରିଦେଉଛନ୍ତି।



ହାତୀ ଭାଙ୍ଗିଥିବା ଘର।

## ଖଡ଼ିଆଳ ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା

ଖଡ଼ିଆଳ,୪।୧୨(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳସ୍ଥିତ ଉତ୍କଳ କରାଟେ ସ୍କୁଲ କରାଟେ ଶିକ୍ଷାର୍ଥୀମାନଙ୍କ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ କରାଟେ ସ୍କୁଲ ପ୍ରଶିକ୍ଷିକ ଧର୍ମେଶ ମେହେର ଏବଂ ଇଣ୍ଡିଆ ଗ୍ରେଡ଼ ଏ ଜଜ୍ ସୁରେଶ ଜାଲ ଯାଦବ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ଜଣ ପରୀକ୍ଷାରେ ଭାଗ ନେଇଥିଲେ। ବ୍ରାଉନ ବେଲ୍ଟରେ ଉଜ୍ଜଳ ଦୀପ ଓଝା, ଗ୍ରୀନ ବେଲ୍ଟରେ ଦିବ୍ୟାଂଶ ପଣ୍ଡା ଓ ବିଭାଷ କୁଆଁର, ଓରେଞ୍ଜ ବେଲ୍ଟରେ ଅନୁକଳ୍ପ ପଣ୍ଡା ଏବଂ ପରିତୋଷ ମୁଣ୍ଡ ଉତୀର୍ଣ୍ଣ ହୋଇଥିବା ବେଳେ ୟେଲୋ ବେଲ୍ଟ ମୋଟ ୧୦ଜଣ ଶିକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ଜଣାପଡିଛି। ସେମାନେ ହେଲେ ବେଦ ପ୍ରକାଶ ସିଂ, ଭୋମରାଜ ସାହୁ, ପିୟୁଷ ରଞ୍ଜନ ସିଂ ଦଳପତି, ଅସ୍ମିତ ଚଲାନ, ଶ୍ରୀବାଂଶ ପଣ୍ଡା, ପ୍ରିତେଶ ବାଗ, ଯୋଗେଶ ନାଗ, ତନ୍ମୟ ସିଂ, ଆରିକ ଆର୍ଯ୍ୟମାନ ବାରିକ ଏବଂ ଗ୍ଲାଡିନ ଗ୍ରାସ ନାୟକ ଉତୀର୍ଣ୍ଣ ହୋଇଥିବା ଖଡ଼ିଆଳ ଉତ୍କଳ କରାଟେ ସ୍କୁଲ ପକ୍ଷରୁ କୁହାଯାଇଛି।

## ଡାଲମିଆ କଲେଜରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୁତ୍ରା,୪।୧୨(ଦେବାଶିଷ ସାହୁ)




ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଝାରବେଡାଠାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଡକ ସୁରକ୍ଷାକୁ ନେଇ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା କଲେଜ ପରିସରରୁ ବାହାରି କୁନମୁରୁ ଗ୍ରାମ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଆରଟିଓ ସୁକାନ୍ତ କୁମାର ଦାସ ଯୋଗଦେଇ ଯାନବାହନ ଚଳାଚଳ ସମୟରେ ସମସ୍ତ ଚାଳକ କିଭଳି ଭାବେ ସଡକ ସୁରକ୍ଷାର ସମସ୍ତ ନୀତୀନିୟମ ପାଳନ କରି ନିଜେ ସୁରକ୍ଷିତ ରହିବା ସହ ଅନ୍ୟଙ୍କୁ ସୁରକ୍ଷିତ ରଖିବେ ସେନେଇ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଜୁନିୟର ରେଡ୍‌କ୍ରସ୍‌ର କାଉନସିଲର କଳ୍ପନା ସାହୁ ଯୋଗଦେଇ ଦୁର୍ଘଟଣା ଜନିତ ପ୍ରାଥମିକ ଚିକିତ୍ସା ଉପରେ ବୁଝାଇଥିଲେ। ସମସ୍ତ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜିତ କୁମାର ପରିଜାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଅଞ୍ଜନା ସୁମନ ଏକ୍କା ପରିଚାଳନା କରିଥିଲେ।

# ୭୩ ଅଭିଯୋଗର ତତ୍‌କ୍ଷଣାତ ସମାଧାନ

ସୁନ୍ଦରଗଡ଼,୪।୧୨(ଜୟ ନାରାୟଣ ମେଣ୍ଡୁଲି)




ସୁନ୍ଦରଗଡ଼ ସଦର ମହକୁମାଠାରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା. ପରାଗ ଗଭାଲି ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୧୪୦ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୧୬ ବ୍ୟକ୍ତିଗତ, ୨୪ ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୭୩ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଯେଉଁଥିରେ ୩୪ ଆବେଦନ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏବଂ ଗୋଟିଏ ଆବେଦନ ରହିଥିଲା ରେଡ୍‌କ୍ରସରୁ ଆର୍ଥିକ ସହାୟତା ନିମନ୍ତେ। ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ମରାମତି, ଡ୍ରେନେଜ ସମସ୍ୟା, ରାସନ୍ କାର୍ଡ, ଆବାସ, ଭତ୍ତା, ବିଦ୍ୟୁତ୍ ସମସ୍ୟା, ଜମିଜମା ମାମଲା ଆଦି ରହିଥିଲା। ଏହି ସବୁ ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଡା. ଗଭାଲି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ମହାଜନ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ ତଥା ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ପାଇକମାଳ, ୪।୧୨(ବଡ ଶତପଥି):** ବରଗଡ ଜିଲା ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଛି। ନୂଆ-ଓ ଯୁବ ଓଡ଼ିଶା ନବିନ ଓଡ଼ିଶା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ରଞ୍ଜୀତା ମହାନ୍ତି ପରିଚାଳନା କରିଥିଲେ। ଅଧକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପାଇକମାଳ ବିଡିଓ ପ୍ରଫୁଲ କୁମାର ଓଦୁ ଯୋଗଥିଲେ। ନୋଡାଲ ଅଫିସର ରବିଚନ୍ଦ୍ର ପାଣ୍ଡେ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିଥିଲେ। ମୀନକେତନ ବେହେରା, ରଞ୍ଜୀତା ମହାନ୍ତି, ଜୟଦେବ ପ୍ରଧାନ ବିଚାରକଭାବେ ଦାୟିତ୍ୱ ତୁଲାଇଥିଲେ। ୪ରୁ ୧୧ତାରିଖ ପର୍ଯ୍ୟନ୍ତ କ୍ରୀଡା ପ୍ରତିଯୋଗିତା , ୧୨ରୁ ୧୫ ତାରିଖ ଯାଏ ସାମାଜିକ କାର୍ଯ୍ୟ, ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ ପ୍ରତିଯୋଗିତା ହେବ ବୋଲି ଅଧକ୍ଷ ପ୍ରଧାନ କହିଥିଲେ।

### ମୃତ୍ତିକା ଦିବସ ଅବସରରେ ପ୍ରତିଯୋଗିତା



**ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସୋମବାର ବିଶ୍ୱ ମୃତ୍ତିକା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବନା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବ୍ଲକ କୃଷି ଅଧିକାରୀ ବନମାଳୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂ, ମୋହନଚରଣ ମହାନ୍ତ, ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମୃତ୍ତିକା ଦିବସ ଅବସରରେ କୁଇଜ, ପୋଷ୍ଟର ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୃତ୍ତିକା ସମ୍ବନ୍ଧୀୟ ପ୍ରତିଯୋଗିତାରେ କଣ୍ଡପଲା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ସା, ମୃତ୍ତିକା ଓ ଜଳ- ଜୀବନର ଏକ ଉତ୍ସ ଶୀର୍ଷକ ପୋଷ୍ଟର ପ୍ରତିଯୋଗିତାରେ ଜୁନିୟର ବିଭାଗରେ ବଡ଼ଧରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ବୈଶାଖୀ ପ୍ରଧାନ, ସିନିୟର ବିଭାଗରେ କଣ୍ଡପଲା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସରିତା ବଘେଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କାର କରିଥିବାବେଳେ ସେମାନେ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସିଆରସିସି ପୁନିରାମ ଗଣ୍ଡ, ଶିକ୍ଷକ ସନ୍ତୋଷ କୁମାର ମାଝି, ମଧୁସୂଦନ ବାରିକ, କଳା ଶିକ୍ଷକ ରାଜେନ୍ଦ୍ର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ କେଦାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# କିଡ଼ନୀ ରୋଗୀମାନଙ୍କ ଚିକିତ୍ସାରେ ଅର୍ଥ ବାଧକ

**ଭଟଲି ବ୍ଲକ ବିଭିନ୍ନ ଗ୍ରାମରେ ବଢୁଛି କିଡନୀ ରୋଗୀଙ୍କ ସଂଖ୍ୟା**

**ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ କିଡନୀ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏଭଳି ସ୍ଥିତିରେ ସମ୍ପୃକ୍ତ କିଡନୀ ରୋଗୀଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଫଳରେ ରୋଗୀମାନେ ଚିକିତ୍ସା ସହାୟତା ପାଇଁ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏହି କ୍ରମରେ ଉକ୍ତ ବ୍ଲକର ସୁକୁଡ଼ା, ଡୁମାଲପାଲି ଗ୍ରାମର ରୋଗୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ସମ୍ପୃକ୍ତ ରୋଗୀମାନେ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ତେବେ ସେମାନେ କିଡନୀ ରୋଗରେ ଆକ୍ରାନ୍ତ ହେବା ଚିହ୍ନଟ ହେବା ପରେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ମାତ୍ର ଏହି ରୋଗରେ ଚିକିତ୍ସା ଖର୍ଚ୍ଚାନ୍ତ ହୋଇଥିବାବେଳେ ସେମାନେ ତାଙ୍କ ସଞ୍ଚିତ ଅର୍ଥ ଚିକିତ୍ସାରେ ଖର୍ଚ୍ଚ କରି ସାରିଛନ୍ତି। ଆହୁରି ଅଧିକ ଚିକିତ୍ସା ଆବଶ୍ୟକତା ଥିବାବେଳେ ସେଥିରେ ଅର୍ଥ ପ୍ରତିବନ୍ଧକ ସାଜିଥିବା ସେମାନେ କହିଛନ୍ତି। ଫଳରେ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସୁକୁଡ଼ା ଗ୍ରାମର ରବୀନ୍ଦ୍ର ତ୍ରିପାଠୀ, ହରି ସାହୁ, ବିପିନ ବିଶ୍ୱାଳ, ଭାସ୍କର ନାୟକ, ନାରାୟଣ ବୁଢ଼ିଆ, ଦିପାନ୍ତୀ ନାୟକ, ଟିକେନନୀ ବାଗ, ଡୁମାଲପାଲି ଗ୍ରାମର ଟିକେଲାଲ ସାହୁ, ଗୁଲଠୁ ବରିହା ପ୍ରମୁଖ ଏଥିପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।



ଚିକିତ୍ସା ସହାୟତା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ ।

# ଶୀତଳଷଷ୍ଠୀ ପାର୍ବତୀ ମହୋତ୍ସବ କମିଟି ଗଠନ

**ବରପାଲି, ୪।୧୨( ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଶୀତଳ ଷଷ୍ଠୀ ଯାତ୍ରା ୨୦୨୪ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଥର ପାଇଁ ହୀମାଦ୍ରି ନଗରଭାବେ ଶିବାଜୀ କ୍ଲବ ଓ କନ୍ୟା ପିତା ମାତାଭାବେ ପରମେଶ୍ୱର ମେହେର ଓ ନୀର ମେହେର ମନୋନୀତ ହୋଇଛନ୍ତି। ସଭାପତି ବିଜୁ ମେହେରଙ୍କ ଆହ୍ୱାନ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇ କମିଟି ଗଠନ କରାଯାଇଛି। ପାର୍ବତୀ ବିବାହ ମହୋତ୍ସବ ପାଇଁ ସର୍ବସମ୍ମତି କ୍ରମେ କମିଟି ସଭାପତି ବିଜୁ ମେହେର, ଉପ ସଭାପତି ପଞ୍ଚା ମେହେର, ସମ୍ପାଦକ ଧର୍ମରାଜ ସିଂ ବରିହା, ସହ ସମ୍ପାଦକ ଲଳିତ ମେହେର, କୋଷାଧକ୍ଷ ଦୀନବନ୍ଧୁ ମେହେର, ଉପକୋଷାଧକ୍ଷ ଆକାଶ ମେହେର ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ବିଷ୍ଣୁ ମେହେର, ଦେବରାଜ ସିଂ ବରିହା, ଅନନ୍ତ ମେହେର, ଡୁଲା ମେହେର, ବୈରାଗୀ ମେହେର, ସୁବାଷ ମେହେର, ଗୁରୁ ମେହେର, ସନ୍ତୋଷ ମେହେର, ମହାଦେବ ମେହେର, ଉଦ୍ଧବ ମେହେର, ହାଡୁ ମେହେର, ଶ୍ରୀମୁଖ ମେହେରଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ତୁଲାଇବା ପାଇଁ ଗୋବିନ୍ଦା ମେହେର, ଶୁଭମ ମେହେର, ହିମାଂଶୁ ମେହେର, ସିଦ୍ଧାର୍ଥ ମେହେର, ସୁରଜ ମେହେର, କ୍ଷୀରେଶ ମେହେରଙ୍କୁ ରଖାଯାଇଛି। ବୈଠକରେ ଶିବାଜୀ କ୍ଲବ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଦୀପ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପାର୍ବତୀ ମହୋତ୍ସବ କମିଟି କର୍ମକର୍ତ୍ତା।

# ଜିଲାପାଳ କାର୍ଯ୍ୟାଳୟ ପାଇଁ ସ୍ଥାନ ନିରୂପଣ

**ପଦ୍ମପୁର, ୪।୧୨(ପ୍ରଦୀପ୍ତ ଦାଶ)**

ପଦ୍ମପୁରରେ ନୂତନ ଜିଲାପାଳ କାର୍ଯ୍ୟାଳୟ ସ୍ଥାନ ନିରୂପଣ ପାଇଁ ଉତ୍ତରାଞ୍ଚଳ ଆରଡିସି ଡକ୍ଟର ସୁରେଶ ଚନ୍ଦ୍ର ଦଳାଇଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ସୋମବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ପଦ୍ମପୁର ନିକଟସ୍ଥ ଚିରୋଲି, ଅନ୍ୱେଶା ହଷ୍ଟେଲ ପଡିଆ ଓ ବରିକେଲ ପାଖରେ ସର୍ବମୋଟ ତିନୋଟି ସ୍ଥାନକୁ ଏହି କମିଟି ଗସ୍ତ କରି ସମୀକ୍ଷା କରିଥିଲେ। ଜିଲାପାଳ କାର୍ଯ୍ୟାଳୟ ଓ ଅନ୍ୟ ସମସ୍ତ ସମସ୍ତ କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟର୍ସ ନିର୍ମାଣ ପାଇଁ ଆବଶ୍ୟମ ଭିତ୍ତିଭୂମି ଦୃଷ୍ଟିରୁ ଏହି ସ୍ଥାନଗୁଡ଼ିକର ସମୀକ୍ଷା ହୋଇଛି। କମିଟିରେ ବରଗଡ଼ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲ ଓ ଅନ୍ୟ ୭ ଜଣ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଆର.ଡି.ସିଂଙ୍କ ସହ ଆଲୋଚନା କରିଥିଲେ। ଏହପରେ କମିଟି ବିହିତ ପଦକ୍ଷେପ ପାଇଁ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ଆରଡିସି ଡକ୍ଟର ଦଳାଇ ଗଣମାଧମକୁ ସୂଚନା ଦେଇଛନ୍ତି। ପରେ ଆରଡିସି ଦଳାଇ ଅନ୍ୱେଷା ହଷ୍ଟେଲକୁ ଯାଇ ଛାତ୍ରୀଙ୍କୁ ଭେଟବା ପରେ ନୃସିଂହନାଥ ମନ୍ଦିର ଯାଇ ପ୍ରଭୁଙ୍କ ଦର୍ଶନ ସହ ରୂପାନ୍ତରଣ କାର୍ଯ୍ୟ ତଦାରଖ କରିଥିଲେ।



ପଦ୍ମପୁରଠାରେ ଆରଡିସି ଓ ଅନ୍ୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ଦୁର୍ଗେଇଖୋଲ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ପାଇକମାଳ, ୪।୧୨(ବଡ ଶତପଥି)**

ବରଗଡ ଜିଲା ଗନ୍ଧମାର୍ଦ୍ଦନ ପାଦଦେଶରେ ଥିବା ମିଠାପାଲି ପଞ୍ଚାୟତ ମନଭଙ୍ଗ ଗ୍ରାମର ଦୁର୍ଗେଇଖୋଲ ପୀଠରେ ପୂଜା ପାଉଥିବା ମା’ ଦୁର୍ଗେଇ ଦେବୀଙ୍କ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ମଧୁସୂଦନ ପାଣ୍ଡେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚଳିତ ମାସ ୨୬ ଓ ୨୭ ଦୁଇ ଦିନ ଧରି ଦୁର୍ଗେଇ ମା’ଙ୍କ ଯାତ୍ରା ଅନୁଷ୍ଠିତ ହେବ। ଏହି ଯାତ୍ରା କିପରି ସୁରୁଖୁରରେ ପରିଚାଳନା କରାଯିବ ସେ ନେଇ ମନଭଙ୍ଗ, ପିପଲଖୁଣ୍ଟା, ଖୁଡାରିଫସା, ଲୌଡମାଲ, ମୋତିପାଲି, ପତରାପାଲି, ନୂଆଗାଁ, ମନମଥପାଲି ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନ ହୋଇଥିଲା । ଏଥି ସହିତ ଏକ ନୂତନ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ମଧୁସୂଦନ ପାଣ୍ଡେ, ଉପସଭାପତି ପୂର୍ଣ୍ଣ ଭୁଏ, ସମ୍ପାଦକ ବେଣୁଧର ମଲ୍ଲିକ, ସହସମ୍ପାଦକ ତ୍ରିନାଥ ମଲ୍ଲିକ, କୋଷାଧ୍ୟକ୍ଷ ହିରଣ୍ୟ ମଲ୍ଲିକଙ୍କୁ ମନୋନୀତ କରାଯାଇଥିଲା। ଦୁର୍ଗେଇ ଦେବୀ ମନ୍ଦିର ମୁଖ୍ୟ ପୂଜକ ସୁବାସ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକ, ସଚିଦା ମଲ୍ଲିକ ଓ ତ୍ରିନାଥ ମଲ୍ଲିକଙ୍କ ସହ ୭ଟି ଗ୍ରାମର ମୁଖିଆ ବୈଠକରେ ଉପସ୍ଥିତ ଥିଲେ। ପ୍ରତିବର୍ଷ ମାର୍ଗଶୀର ମାସ ଶେଷ ଗୁରୁବାର ପରେ ପୂର୍ଣ୍ଣମା ତିଥିରେ ଦୁର୍ଗେଇଖୋଲ ଯାତ୍ରା ହୋଇଥାଏ।

# ଭିନ୍ନକ୍ଷମ ଦିବସରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ସୋହେଲା, ୪।୧୨(ଅଶ୍ୱିନୀ କୁମାର ପାତ୍ର)**

ବରଗଡ ଜିଲା ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଅମୃତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଥାନା ଆଇଆଇସି ପ୍ରଣୟ ମୁର୍ମୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ମନୋହର ଉଟି, ଏବିଇଓ ଗୋଲାପ ଚାନ୍ଦ ମିଶ୍ର ମଞ୍ଚାସୀନ ଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଦୀପକ କୁମାର ପଧାନ, କ୍ଷିରୋଦ୍ର ସାହୁ, କୃପାସିନ୍ଧୁ ପାଣ୍ଡେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ବିଶେଷ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୋହେଲା ବ୍ଲକରେ କାର୍ଯ୍ୟରତ ବିଭିନ୍ନ ସ୍କୁଲର ଭିନ୍ନକ୍ଷମ ଶିକ୍ଷକମାନଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ଏତଦ୍ ବ୍ୟତୀତ ବ୍ଲକର ସମସ୍ତ ଆଇଇଭି ଭଲେଣ୍ଟିୟରମାନଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ମୁଖ୍ୟ ଅତିଥି ମୁର୍ମୁ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ହ୍ୱିଲ ଚେୟାର ବଣ୍ଟନ କରିଥିଲେ। ସଭା ପରିଚାଳନାରେ କ୍ଷୀରୋଦ୍ର ସାହୁ ଓ କେଦାର ନାଥ ସାହୁ ସହଯୋଗ କରିଥିଲେ। ଦୀପକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ବରପାଲି ମହାବିଦ୍ୟାଳୟରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବରପାଲି, ୪।୧୨( ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ସୋମବାର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅଧକ୍ଷା ଜୟନ୍ତୀ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡ. ପାରେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଡ. ପ୍ରହଲ୍ଲାଦ ଦେବତା କ୍ରୀଡାର ଉପକାରିତା ଉପରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ସଭାରେ ବହୁ ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଏହାପରେ ଯୁକ୍ତ ୨ ଓ ୩ ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାରମ ଓ ଚେସ୍ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଯୁକ୍ତ ୩ ନୋଡାଲ ଅଫିସର ପ୍ରାଧ୍ୟାପକ ସୁଶୀଲ କୁମାର ଶତପଥୀ ଏବଂ ଯୁକ୍ତ ୨ ନୋଡାଲ ଅଫିସର ପ୍ରାଧ୍ୟାପିକା ମମତା ସାହୁ, ଅଧ୍ୟାପକ ଗୌରଚନ୍ଦ୍ର ପଧାନ, ଡ. ପ୍ରହଲ୍ଲାଦ ଦେବତା, ଡ ପାରେଶର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନ୍ୟାୟାଧୀଶଙ୍କ ସହିତ ଓକିଲ ସଂଘର ଆଲୋଚନା

**ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧିଶ ଚିତ୍ତରଞ୍ଜନ ଦାସ ସୋମବାର ବରଗଡ଼ ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ବରଗଡ଼ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ସଂଘ କାର୍ଯ୍ୟକାରୀ କମିଟିର ସଦସ୍ୟବୃନ୍ଦ ତାଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ କବାଡି ପ୍ରତିଯୋଗିତା

**ପଦ୍ମପୁର, ୪।୧୨(ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉପଲକ୍ଷେ କ୍ରୀଡା ଉତ୍ସବର ଦ୍ୱିତୀୟ ଦିନରେ କବାଡି ପ୍ରତିଯୋଗିତା ଅଧକ୍ଷ ଲଳିତମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ପଞ୍ଚାୟତ ସମିତି ଅଧକ୍ଷ ରଞ୍ଜିତ ସିଂହ ବରିହା, ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ରାଜବୋଡାସମ୍ବର ସମିତି ସଂଘ ସଭାପତି ଠାକୁର ପ୍ରସାଦ ପଣ୍ଡା ଯୋଗଦେଇଥିଲେ। ବିଭିନ୍ନ ଖେଳ ପାଇଁ ଯୁକ୍ତ ୨ ଏବଂ ଯୁକ୍ତ ୩ର ୫୧୭ ପଞ୍ଜିକୃତ ହୋଇଥିବା ବେଳେ ୧୪୭ ଜଣ କେବଳ କବାଡିରେ ଭାଗ ନେଇଥିଲେ। ଏହି କାର୍ଯକ୍ରମରେ ମହାବିଦ୍ୟାଳୟ ନୋଡାଲ ଅଫିସର ନବକୃଷ୍ଣ ମିଶ୍ର, ଡ଼ ସରୋଜ ନାଏକ, ଡ଼. ତୁଷାରକାନ୍ତ ସାହୁ, ଡ଼.ବିରଞ୍ଚି ସାହୁ, .ପ୍ରମୋଦ କୁମାର ତ୍ରିପାଠି, .ସନ୍ତୋଷ କୁମାର ମିଶ୍ରଙ୍କ ସହ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ, ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ସିମେଣ୍ଟ କାରଖାନା ଆଗରେ ଧାରଣା

**ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ଶ୍ରମିକଙ୍କୁ ଉପେକ୍ଷା କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ସୋମବାର କୋଶଳ ମଜଦୁର ସଂଘ ନେତୃତ୍ୱରେ କାରଖାନା ସମ୍ମୁଖରେ ଧାରଣା ଦିଆଯାଇଛି। କୋଶଳ ମଜଦୁର ସଂଘ ଅଭିଯୋଗ କରିଛି, ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ପୂର୍ବରୁ ଶ୍ରମିକଙ୍କୁ ମାସିକ ୨୬ଦିନ ଡ୍ୟୁଟି ଦେଉଥିଲା। ମାତ୍ର ଗତ କିଛିଦିନ ହେଲା ଏହାକୁ ଅଧା କରି ୧୩ଦିନକୁ କମାଇ ଦେଇଛି। ଏଭଳି ସ୍ଥିତିରେ ଶ୍ରମିକମାନେ ସେମାନେ ପରିବାର ପୋଷଣ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଶ୍ରମିକମାନେ କାରଖାନା କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରି ଆସିଛନ୍ତି। ମାତ୍ର କାରଖାନା କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଧାରଣା ଦିଆଯାଇଛି ବୋଲି କୋଶଳ ମଜଦୁର ସଂଘର ସଭାପତି ନନ୍ଦନ ମହାନନ୍ଦ କହିଛନ୍ତି। ତେବେ ପୂର୍ବଭଳି ଶ୍ରମିକଙ୍କୁ ୨୬ଦିନ ଡ୍ୟୁଟି ଏବଂ ମାସକର ପାରିଶ୍ରମିକ ପ୍ରଦାନ ନ କରାଯିବା ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ସେ ଚେତାବନୀ ଦେଇଛନ୍ତି।



ସିମେଣ୍ଟ କାରଖାନା ଆଗରେ ଧାରଣା ଦିଆଯାଇଛି।

# ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

**ପାଇକମାଳ, ୪।୧୨(ବଡ ଶତପଥି)**

ବରଗଡ ଜିଲା ପାଇକମାଳ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଧୀରଜ ପଟ୍ଟନାୟକ, ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଧଳେନ୍ଦ୍ର ବାରିକ, ଅବସରପ୍ରାପ୍ତ ତହସିଲଦାର ରାଜେନ୍ଦ୍ର କୁମାର ରାଉତ, ପାଇକମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ତ୍ରିଲୋଚନ ନାଏକ। ମୁଖ୍ୟ ଅତିଥି ବିଧାୟିକା ବରିହା ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାରିକଙ୍କ ଆଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଭାବନା ସିଂ, ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ ଅଦୁ, ତହସିଲଦାର ସିନ୍ଧୁସୁତା ପାତ୍ର, ପାଇକମାଳ ସରପଞ୍ଚ ତୁଳାବତୀ ତାଣ୍ଡି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଧୀରଜ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର, ଧଳେନ୍ଦ୍ର କୁମାର ବାରିକ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। ପରିବେଶ ବିଷୟ ପ୍ରକଳ୍ପ ପାଇଁ ବରିଷ୍ଠ ବର୍ଗରୁ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀର ଓଁକାର ପଟେଲ, ପ୍ରତିଯୋଗିତା ଚିନ୍ତନରେ ପାଇକମାଳ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀର ଅଜୟ ବାରିକ, ଗମନାଗମନ ଓ ପରିବହନରେ ଢେଙ୍କିମୁଣ୍ଡା ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀର ଦୀପଶିଖା ପ୍ରଧାନ, କୃଷିରେ ସଂସ୍କୃତ ବିଦ୍ୟା ନିକେତନ ନୃସିଂହନାଥର ୮ମ ଶ୍ରେଣୀର ଲିପି ଦାସ, ସ୍ୱାସ୍ଥ୍ୟରେ ଢେଙ୍କିମୁଣ୍ଡା ଉଚ୍ଚବିଦ୍ୟାଳୟ ୧୦ମ ଶ୍ରେଣୀର ନିକେଶ ସାହୁଙ୍କ ସମେତ କନିଷ୍ଠ ଓ ଉପକନିଷ୍ଠ ବର୍ଗରୁ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।



ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସଭାରେ ମଞ୍ଚାସୀନ ଅତିଥି।

# କିଡ୍‌ନୀ ରୋଗୀମାନଙ୍କ ଚିକିତ୍ସାରେ ଅର୍ଥ ବାଧକ



ଚିକିତ୍ସା ସହାୟତା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ ।

### ଭଟଲି ବ୍ଲକ ବିଭିନ୍ନ ଗ୍ରାମରେ ବଢୁଛି କିଡନୀ ରୋଗୀଙ୍କ ସଂଖ୍ୟା

ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ କିଡନୀ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏଭଳି ସ୍ଥିତିରେ ସମ୍ପୃକ୍ତ କିଡନୀ ରୋଗୀଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଫଳରେ ରୋଗୀମାନେ ଚିକିତ୍ସା ସହାୟତା ପାଇଁ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏହି କ୍ରମରେ ଉକ୍ତ ବ୍ଲକର ସୁକୁଡ଼ା, ଡୁମାଲପାଲି ଗ୍ରାମର ରୋଗୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ସମ୍ପୃକ୍ତ ରୋଗୀମାନେ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ତେବେ ସେମାନେ କିଡନୀ ରୋଗରେ ଆକ୍ରାନ୍ତ ହେବା ଚିହ୍ନଟ ହେବା ପରେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ମାତ୍ର ଏହି ରୋଗରେ ଚିକିତ୍ସା ଖର୍ଚ୍ଚାନ୍ତ ହୋଇଥିବାବେଳେ ସେମାନେ ତାଙ୍କ ସଞ୍ଚିତ ଅର୍ଥ ଚିକିତ୍ସାରେ ଖର୍ଚ୍ଚ କରି ସାରିଛନ୍ତି। ଆହୁରି ଅଧିକ ଚିକିତ୍ସା ଆବଶ୍ୟକତା ଥିବାବେଳେ ସେଥିରେ ଅର୍ଥ ପ୍ରତିବନ୍ଧକ ସାଜିଥିବା ସେମାନେ କହିଛନ୍ତି। ଫଳରେ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସୁକୁଡ଼ା ଗ୍ରାମର ରବୀନ୍ଦ୍ର ତ୍ରିପାଠୀ, ହରି ସାହୁ, ବିପିନ ବିଶ୍ୱାଳ, ଭାସ୍କର ନାୟକ, ନାରାୟଣ ବୁଢ଼ିଆ, ଦିପାନ୍ତୀ ନାୟକ, ଟିକେନନୀ ବାଗ, ଡୁମାଲପାଲି ଗ୍ରାମର ଟିକେଲାଲ ସାହୁ, ଗୁଲଠୁ ବରିହା ପ୍ରମୁଖ ଏଥିପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।

# ଜିଲାପାଳ କାର୍ଯ୍ୟାଳୟ ପାଇଁ ସ୍ଥାନ ନିରୂପଣ

ପଦ୍ମପୁର, ୪।୧୨(ପ୍ରଦୀପ୍ତ ଦାଶ)



ପଦ୍ମପୁରଠାରେ ଆର୍‌ଡିସି ଓ ଅନ୍ୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।

ପଦ୍ମପୁରରେ ନୂତନ ଜିଲାପାଳ କାର୍ଯ୍ୟାଳୟ ସ୍ଥାନ ନିରୂପଣ ପାଇଁ ଉତ୍ତରାଞ୍ଚଳ ଆରଡିସି ଡକ୍ଟର ସୁରେଶ ଚନ୍ଦ୍ର ଦଳାଇଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ସୋମବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ପଦ୍ମପୁର ନିକଟସ୍ଥ ଚିରୋଲି, ଅନ୍ୱେଶା ହଷ୍ଟେଲ ପଡିଆ ଓ ବରିକେଲ ପାଖରେ ସର୍ବମୋଟ ତିନୋଟି ସ୍ଥାନକୁ ଏହି କମିଟି ଗସ୍ତ କରି ସମୀକ୍ଷା କରିଥିଲେ। ଜିଲାପାଳ କାର୍ଯ୍ୟାଳୟ ଓ ଅନ୍ୟ ସମସ୍ତ ସମସ୍ତ କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟର୍ସ ନିର୍ମାଣ ପାଇଁ ଆବଶ୍ୟମ ଭିତ୍ତିଭୂମି ଦୃଷ୍ଟିରୁ ଏହି ସ୍ଥାନଗୁଡ଼ିକର ସମୀକ୍ଷା ହୋଇଛି। କମିଟିରେ ବରଗଡ଼ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲ ଓ ଅନ୍ୟ ୭ ଜଣ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଆର.ଡି.ସିଂଙ୍କ ସହ ଆଲୋଚନା କରିଥିଲେ। ଏହପରେ କମିଟି ବିହିତ ପଦକ୍ଷେପ ପାଇଁ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ଆରଡିସି ଡକ୍ଟର ଦଳାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପରେ ଆରଡିସି ଦଳାଇ ଅନ୍ୱେଷା ହଷ୍ଟେଲକୁ ଯାଇ ଛାତ୍ରୀଙ୍କୁ ଭେଟିବା ପରେ ନୃସିଂହନାଥ ମନ୍ଦିର ଯାଇ ପ୍ରଭୁଙ୍କ ଦର୍ଶନ ସହ ରୂପାନ୍ତରଣ କାର୍ଯ୍ୟ ତଦାରଖ କରିଥିଲେ।

# ବରପାଲି ମହାବିଦ୍ୟାଳୟରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବରପାଲି, ୪।୧୨( ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ସୋମବାର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅଧ୍ୟକ୍ଷା ଜୟନ୍ତୀ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡ. ପାରେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଡ. ପ୍ରହ୍ଲାଦ ଦେବତା କ୍ରୀଡାର ଉପକାରିତା ଉପରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ସଭାରେ ବହୁ ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଏହାପରେ ଯୁକ୍ତ ୨ ଓ ୩ ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାରମ ଓ ଚେସ୍ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଯୁକ୍ତ ୩ ନୋଡାଲ ଅଫିସର ପ୍ରାଧ୍ୟାପକ ସୁଶୀଲ କୁମାର ଶତପଥୀ ଏବଂ ଯୁକ୍ତ ୨ ନୋଡାଲ ଅଫିସର ପ୍ରାଧ୍ୟାପିକା ମମତା ସାହୁ, ଅଧ୍ୟାପକ ଗୌରଚନ୍ଦ୍ର ପଧାନ, ଡ. ପ୍ରହ୍ଲାଦ ଦେବତା, ଡ ପାରେଶର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୁର୍ଲାରେ ଉଠାଦୋକାନୀ ବ୍ୟବସାୟୀ ସଂଘ ବୈଠକ



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

ସମ୍ବଲପୁର,୪।୧୨(ବି.ଶଙ୍କର)

ବୁର୍ଲା ବ୍ୟବସାୟୀ ସଂଘ ଆହ୍ୱାନକ୍ରମେ ଉଠା ଦୋକାନୀ ବ୍ୟବସାୟୀ ସଂଘ ବୈଠକ ସୋମବାର ବୁର୍ଲାସ୍ଥିତ ଭାରତୀ କ୍ଲବ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଛକରୁ ପେଟ୍ରୋଲ ପମ୍ପ ଛକ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସରକାରଙ୍କ ଦ୍ୱାରା ବୁର୍ଲାର ବିକାଶ ଧାରାରେ କାହାରି ମିଥ୍ୟା ପ୍ରରୋଚନାରେ ପ୍ରଲୋଭିତ ନ ହୋଇ ପ୍ରଶାସନକୁ ସହଯୋଗ କରିବାକୁ ମତପ୍ରକାଶ ପାଇଥିଲା। ବୈଠକରେ ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଡା. ରାସେଶ୍ୱରୀ ପାଣିଗ୍ରାହୀ, ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ସମ୍ବଲପୁର ମହାନଗର ସଭାପତି ସତୀଶ ବିଶି, ଜିଲା ଉପସଭାପତି ଦେବାଶିଷ ନନ୍ଦ, ଅଶୋକ ମହାକୁଡ଼, ସମ୍ପାଦକ ତରଣୀ ସେନ ଚାନ୍ଦ, ବ୍ୟବସାୟୀ ସଂଘ ସଭାପତି ସୂର୍ଯ୍ୟକାନ୍ତ ସ୍ୱାଇଁ, ଉପସଭାପତି ଅଭିମନ୍ୟୁ ରାଉତ, ସାଧାରଣ ସମ୍ପାଦକ ଅକ୍ଷୟ ପଣ୍ଡା, ସମ୍ପାଦକ ଦିଲୀପ ଜେନା, କୋଷାଧକ୍ଷ ଗଜି ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ମହିଳା ଏବଂ କ୍ଷତିଗ୍ରସ୍ତ ଦୋକାନୀ ସାମିଲ ହୋଇଥିଲେ ।

## ଓଡ଼ିଶା ଯାଦବ ଅଧିକାର ମଞ୍ଚର ଗୁରୁତ୍ୱପୂର୍ଣ୍ଣ ବୈଠକ

ସମ୍ବଲପୁର,୪।୧୨(ବି.ଶଙ୍କର)

ଓଡ଼ିଶା ଯାଦବ ଅଧିକାର ମଞ୍ଚ ପକ୍ଷରୁ ରବିବାର ସମ୍ବଲପୁର ବୁଢ଼ାରଜା ମନ୍ଦିର ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିଲୀପ କୁମାର ଖର୍ସେଲଙ୍କ ସଭାପତିତ୍ୱ ଓ ନରେଶ କୁମାର ବର୍ଗଡିଙ୍କ ସଂଯୋଜନାରେ ସଭା ହୋଇଥିଲା। ଏଥିରେ ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର, କଳାହାଣ୍ଡି ଓ ରାୟଗଡା ଜିଲାର ଯାଦବ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ମଞ୍ଚର ନୂତକ କର୍ମକର୍ତ୍ତା ଚୟନ ହୋଇଥିଲା। ସର୍ବସମ୍ମତି କ୍ରମେ ଦିଲୀପ କୁମାର ଖର୍ସେଲ ସଭାପତି, ନରେଶ କୁମାର ବର୍ଗଡି ମହାସଚିବ ଓ ଗୋବିନ୍ଦ ବଞ୍ଜୋର କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଉପରୋକ୍ତ ସମସ୍ତ ଜିଲା ମୁଖ୍ୟାଳୟରେ ଯାଦବ ଭବନ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାସହ ଭୁବନେଶ୍ୱରଠାରେ ଯାଦବ ଭବନ ନିର୍ମାଣ ପାଇଁ ଜମି ଓ ପାଣ୍ଠି ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଦାବି କରାଯିବ ବୋଲି ମତପ୍ରକାଶ ପାଇଛି। ବାଳକୃଷ୍ଣ ଷଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ହାତୀ, ଶ୍ରୀମୁଖ ବାଗ, ଧନେଶ୍ୱର ଗହିର, ନୀଳାଚଳ ନାଗ, ଅରବିନ୍ଦ ଗହିର, ରୂପଧର ଥାପା, ଏଲ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଟାରି କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ସମ୍ବଲପୁର,୪।୧୨ (ଭବାନୀ ଶଙ୍କର ଭୋଇ)

ରୋଟାରି କ୍ଲବ ସମ୍ବଲପୁର ପକ୍ଷରୁ ମହିଳା ମହାବିଦ୍ୟାଳୟ ହଷ୍ଟେଲ ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୯୦ଟି ନମୁନା ସଂଗ୍ରହ କରାଯାଇ ତା'ର ରିପୋର୍ଟ ସମ୍ପୃକ୍ତ ଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବତନ ରୋଟାରି ସଭାପତି ଡ. ନାରାୟଣୀ ପଣ୍ଡାଙ୍କ ପତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ରୋଟାରି କ୍ଲବ ସମ୍ବଲପୁର ସଭାପତି ସୁଜିତ କୁମାର ପାଣିଗ୍ରାହୀ, ସମ୍ପାଦକ ୱାସେ ମଲ୍ଲିକଙ୍କ ସମେତ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଓ ଅଧ୍ୟାପିକାମାନେ ସାମିଲ ହୋଇଥିଲେ।

# ୨୦ରେ ସେଲ୍ସ ରିପ୍ରେଜେଣ୍ଟେଟିଭ୍ ସଂଘର ଧର୍ମଘଟ



ସମ୍ମିଳନୀରେ ଯୋଗଦେଇଥିବା ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

ସମ୍ବଲପୁର,୪।୧୨(ପ୍ରମୋଦ ବହିଦାର): ୮ ଦଫା ଦାବିରେ ଓଡ଼ିଶା ମେଡିକାଲ୍ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ ସଂଘ (ଓସ୍ମ) ପକ୍ଷରୁ ଡିସେମ୍ବର ୨୦ରେ ଦିନିକିଆ ଧର୍ମଘଟ କରାଯିବ। ସ୍ଥାନୀୟ ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ସଭାଗୃହରେ ଅନୁଷ୍ଠିତ ଜିଲା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି କାର୍ଯ୍ୟକଳାପର ପର୍ଦ୍ଦାଫାଶ କରିବା ସହ ମେଡିକାଲ୍ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ୍‌ଙ୍କ ସାମାଜିକ ସୁରକ୍ଷା, ସମସ୍ତ ଔଷଧର ମୂଲ୍ୟ ନିୟନ୍ତ୍ରଣ, ଔଷଧ ଉପରୁ ଜିଏସ୍‌ଟି ଉଚ୍ଛେଦ ଆଦି ୮ ଦଫା ଦାବିରେ ସର୍ବ ଭାରତୀୟ ସ୍ତରରେ ଫେଡେରେଶନ୍ ଅଫ୍ ମେଡିକାଲ୍ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ ଦ୍ୱାରା ଆହୁତ ଧର୍ମଘଟକୁ ସମର୍ଥନ ଜଣାଇ ଜିଲାସ୍ତରରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଛି। ସୁଶାନ୍ତ ମହାନ୍ତି, ସୁଶାନ୍ତ ପଟ୍ଟନାୟକ ଓ ତ୍ରିବିକ୍ରମ ସାହୁଙ୍କ ଯୁଗ୍ମ ସଭାପତିତ୍ୱରେ ଆୟୋଜିତ ଜିଲା ସମ୍ମିଳନୀକୁ ସିଆଇଟିୟୁର ଉପସଭାପତି ଲଳିତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ସିଆଇଟିୟୁ ସମ୍ପାଦକ ପ୍ରଣୟ ନାୟକ, ସର୍ବ ଭାରତୀୟ ସମ୍ପାଦକ ସଞ୍ଜୟ ସେନ୍, ଓସ୍ମର ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର, ପୂର୍ବତନ ସଭାପତି ଗୋପୀନାଥ ମିଶ୍ର, ଓଏସ୍ଇଏର ଜୟକୃଷ୍ଣ ସାମଲ, ଓସ୍ମ ବରଗଡ଼ ଜିଲା ସଭପତି ଅରୁଣ କୁମାର ଶତପଥୀ, ଉପସଭାପତି ସନ୍ତୋଷ ଦ୍ୱାରୀ, ସମ୍ପାଦକ ପ୍ରତ୍ୟୁଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓସ୍ମ ସମ୍ବଲପୁର ଜିଲା ସଭାପତି ଭାବେ ସୁଶାନ୍ତ ମହାନ୍ତି, ଜିଲା ସମ୍ପାଦକ ଭାବେ ସତ୍ୟଜିତ ମହାନ୍ତି, ଉପସଭାପତି ଭାବେ ଦେବଦତ୍ତ ପରିଡ଼ା ସର୍ବ ସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ।

# କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

କୁଚିଣ୍ଡା,୪।୧୨(ବିରଞ୍ଚି ଦର୍ଶା)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ନୂଆ-ଓ, ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି କ୍ଷୀରୋଦ ଚନ୍ଦ୍ର ପଟେଲ, ସଭ୍ୟ ସନାତନ ପଟେଲ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ଯୁବ ବିକାଶ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଟିକେଲାଲ ମେହେର ଅତିଥି ପରିଚୟ ଓ ଛାତ୍ରୀ ଦୀପିକା କେର୍କେଟା ଧନ୍ୟବାଦ ଦେଇଥିଲେ। ନୋଡ଼ାଲ ଅଫିସର ଅଧ୍ୟାପକ ଯୋଗେନ୍ଦ୍ର ମୁଦୁଲି, ସାଂସ୍କୃତିକ ସଂଯୋଜକ ଶାଶ୍ୱତୀ ମେହେର, ଡଲି ନାୟକ ଏହାର ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।

# ଶହୀଦ ଶୁକଦେବ ସ୍ମୃତିପୀଠର ବିକାଶ ଦାବି



ରେଙ୍ଗାଲି ସରପଞ୍ଚଙ୍କୁ ଦାବିପତ୍ର ଦିଆଯାଉଛି।

ସମ୍ବଲପୁର,୪।୧୨ (ଭବାନୀ ଶଙ୍କର ଭୋଇ)

ରେଢାଖୋଲ ବ୍ଲକ ବଡମାଳରେ ଅବହେଳିତ ହୋଇ ପଡିରହିଥିବା ଶହୀଦ ଶୁକଦେବ ପ୍ରଧାନଙ୍କ ସ୍ମୃତିପୀଠର ବିକାଶ ପାଇଁ ସ୍ଥାନୀୟ ଜୟ ଜଗନ୍ନାଥ ୟୁଥ୍ କ୍ଲବ୍ ପକ୍ଷରୁ ଦାବି ହୋଇଛି। ଦେଶ ପାଇଁ ବଳିଦାନ ଦେଇଥିବା ଅମର ଯବାନ ଶହୀଦ ଶୁକଦେବ ଅଞ୍ଚଳ ପାଇଁ ପ୍ରେରଣାର ଉତ୍ସ ହାଇଥିବାରୁ ତାଙ୍କ ସ୍ମୃତିପୀଠକୁ ପୁନଃଉଦ୍ଧାର କରିବା ପାଇଁ ରେଙ୍ଗାଲି ପଞ୍ଚାୟତର ସରପଞ୍ଚ ସୈରେନ୍ଦ୍ରୀ ଭୋଇଙ୍କୁ କ୍ଲବ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ କ୍ଲବ ସଭାପତି ଅଶୋକ କୁମାର ବାଘ, ସମ୍ପାଦକ ଗୁପ୍ତେଶ୍ୱର ରଣା, ବାବୁଲାଲ ରଣା, ମିଠେଇଲାଲ ସାହୁ, ରଞ୍ଜୁ ସାହୁ, ଆଦିତ୍ୟ ମିର୍ଦ୍ଧା, ଶୁଶିଲ ଘିବେଲା, ଅଜିତ ସେଠ, ସଦାନନ୍ଦ ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇଥିଲେ। ସରପଞ୍ଚ ଭୋଇ ପଞ୍ଚାୟତ ବୈଠକରେ ଅନୁମୋଦନ ପରେ ସ୍ମୃତିପୀଠର ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ପାଇକମାଲ, ୪।୧୨(ବଡ ଶତପଥି)



ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସଭାରେ ମଞ୍ଚାସୀନ ଅତିଥି।

ବରଗଡ ଜିଲା ପାଇକମାଲ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଧୀରଜ ପଟ୍ଟନାୟକ, ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଧଳେନ୍ଦ୍ର ବାରିକ, ଅବସରପ୍ରାପ୍ତ ତହସିଲଦାର ରାଜେନ୍ଦ୍ର କୁମାର ରାଉତ, ପାଇକମାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ତ୍ରିଲୋଚନ ନାଏକ। ମୁଖ୍ୟ ଅତିଥି ବିଧାୟିକା ବରିହା ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାରିକଙ୍କ ଆଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ ଅଦୁ, ତହସିଲଦାର ସିନ୍ଧୁସୁତା ପାତ୍ର, ପାଇକମାଲ ସରପଞ୍ଚ ତୁଳାବତୀ ତାଣ୍ଡି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଧୀରଜ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର, ଧଳେନ୍ଦ୍ର କୁମାର ବାରିକ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। ପରିବେଶ ବିଷୟ ପ୍ରକଳ୍ପ ପାଇଁ ବରିଷ୍ଠ ବର୍ଗରୁ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀର ଓଁକାର ପଟେଲ, ପ୍ରତିଯୋଗିତା ଚିନ୍ତନରେ ପାଇକମାଲ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀର ଅଜୟ ବାରିକ, ଗମନା ଗମନ ଓ ପରିବହନରେ ଢେଙ୍କିମୁଣ୍ଡା ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀର ଦୀପଶିଖା ପ୍ରଧାନ, କୃଷିରେ ସଂସ୍କୃତ ବିଦ୍ୟା ନିକେତନ ନୃସିଂହନାଥର ୮ମ ଶ୍ରେଣୀର ଲିପି ଦାସ, ସ୍ୱାସ୍ଥ୍ୟରେ ଢେଙ୍କିମୁଣ୍ଡା ଉଚ୍ଚବିଦ୍ୟାଳୟ ୧୦ମ ଶ୍ରେଣୀର ନିକେଶ ସାହୁଙ୍କ ସମେତ କନିଷ୍ଠ ଓ ଉପକନିଷ୍ଠ ବର୍ଗରୁ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

## ସଂକ୍ଷେପରେ

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ସ୍ପୋର୍ଟ୍ସ ଫେଷ୍ଟ

ଜମନକିରା,୪।୧୨:
(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ସ୍ପୋର୍ଟ୍ସଫେଷ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଫୁଟବଲ ଖେଳ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଆଦିପ୍ରସାଦ ମହାକୁଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୁକ୍ତ ୨ ଓ ଯୁକ୍ତ ୩ ଅଧକ୍ଷ ଅରୁଣ କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ନୋଡାଲ ଅଧିକାରୀ ଭାବରେ କଲେଜ ପିଇଟି ରଞ୍ଜନ ମହାକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଫରି ଭାବେ ଶିବ ନାରାୟଣ ବେହେରା ଓ କ୍ଷମାସାଗର ତାଣ୍ଡିଆ ଖେଳ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ସ୍ୱତନ୍ତ୍ର ଉନ୍ନୟନ ଅଧକ୍ଷ ଶୋଭାରାମ ପ୍ରଧାନ ବିଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ର ମୁଖ୍ୟ କିରାଣି ଲକ୍ଷ୍ମନ ପାଣ୍ଡେ ଓ କିରାଣି ଦିବ୍ୟଶଙ୍କର ନାୟକ, ଯୁକ୍ତ ୩ର କିରାଣି ପ୍ରବୀର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ

ଜମନକିରା,୪।୧୨:
(ରବୀନ୍ଦ୍ର ପ୍ରସାଦ ଦାନୀ)

ଡିସେମ୍ବର ୩କୁ ବିଶ୍ୱ ଭିନ୍ନକ୍ଷମ ଦିବସ ରୂପେ ପାଳନ କରାଯାଏ। ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଭିନ୍ନକ୍ଷମ ଛାତ୍ରୀଛାତ୍ର ଏବଂ ତାଙ୍କ ଅଭିଭାବକ ଯୋଗଦେଇଥିଲେ। ସର୍ବପ୍ରଥମେ ଏକ ଶୋଭାଯାତ୍ରା ମାଧ୍ୟମରେ ଭିନ୍ନକ୍ଷମଙ୍କ ଏକତା ଓ ଇଚ୍ଛାଶକ୍ତିକୁ ଟାଣ କରିବା ଉଦ୍ଦେଶ୍ୟରେ ସ୍ଲୋଗାନ ଦିଆଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ଗୀତ, ବକ୍ତୃତା ଓ ଚିତ୍ରାଙ୍କନ ପରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ, ଦିଲୀପ କୁମାର ବହିଦାର, ଭୁବନେଶ୍ୱର ଦ୍ୱିବେଦୀ, ପ୍ରଶାନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା।

### ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ତାଲିମ

ସମ୍ବଲପୁର,୪।୧୨
(ଭବାନୀ ଶଙ୍କର ଭୋଇ)

ମାନେଶ୍ୱର ବ୍ଲକସ୍ତରୀୟ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ସମେତ ବାମରା ଓ ରେଢାଖୋଲ ବ୍ଲକ ଶିକ୍ଷା ଅଧିକାରୀ ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ୫୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କୈଳାସ ଚନ୍ଦ୍ର ନାଥ, ଧ୍ରୁବଚରଣ ରୋହିଦାସ, ରଞ୍ଜନ ବେହେରା ଓ ଅଞ୍ଜଳି ନାଥ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଡିଓ ସୀତାରାମ ଭୋଇ, ତନୁଜା ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କୃଷ୍ଣଚନ୍ଦ୍ର ସୁନା ଓ ସୁନନ୍ଦା ଚାନ୍ଦ ସହଯୋଗ କରିଥିଲେ।

### ଗୀତା ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୪।୧୨(ବି.ଶଙ୍କର)

ସମ୍ବଲପୁର ରାମଜୀ ଗୁଡ଼ି ଓ କୁଠା ଜଗନ୍ନାଥ ମନ୍ଦିର ସନ୍ନିକଟ ଐତିହାସିକ ସତ୍‌ସଙ୍ଗ ଆଶ୍ରମ (ଗୀତା ଗୁଡ଼ି)ରେ ଗୀତା ଜୟନ୍ତୀ ପାଳନ ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ରକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଆସନ୍ତା ୨୩ ତାରିଖ ଏକାଦଶୀ ଦିନ ଗୀତା ଜୟନ୍ତୀ ଅନୁଷ୍ଠିତ ହେବ । ୧୯୨୪ରେ ସତ୍‌ସଙ୍ଗ ସମାଜ ଗଠନ କରାଯାଇଥିବା ବେଳେ ୧୯୩୫ରେ ସତ୍‌ସଙ୍ଗ ଆଶ୍ରମ ଗୃହ ନିର୍ମାଣ କରାଯାଇଥିଲା । ଏହା ପରଠାରୁ ଏଠାରେ ପ୍ରତିଦିନ ଗୀତା ଓ ବିଷ୍ଣୁ ସହସ୍ରନାମ ପାଠ ହୋଇଆସୁଛି । ଗୀତା ଜୟନ୍ତୀ ମଧ ପାଳନ କରାହୋଇ ଆସୁଛି। ଲୋକନାଥ ପାଣ୍ଡେ, ଅଚ୍ୟୁତାନନ୍ଦ ଗହୀର, ଗଙ୍ଗାଧର ପଟେଲ, ଅରବିନ୍ଦ ଗଇଲ, ସୁଦର୍ଶନ ବେହେରା, ଦେବାଶିଷ ବେହେରା, ଗୋପାଳ ଶର୍ମା, ରାମେଶ୍ୱର ପୁରୋହିତ, କରୁଣା ସିନ୍ଧୁ ପ୍ରଧାନ ପ୍ରମୁଖ ଭାଗ ନେଇଥିଲେ।

## ବିଶ୍ୱ ମୃତ୍ତିକା ଦିବସ



# ମୃତ୍ତିକା ସ୍ୱାସ୍ଥ୍ୟକୁ ନେଇ ଚାଷ

ଡା. ପରେଶ କୁମାର ପଣ୍ଡା

**ପ୍ରତିବର୍ଷ ଡିସେମ୍ବର ୫କୁ 'ବିଶ୍ୱ ମୃତ୍ତିକା ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ମୃତ୍ତିକା, ଜଳ ବିନା ଜୀବନ ଧାରଣ ଅସମ୍ଭବ' (Soil and water : A source of life)। ତେଣୁ ମୃତ୍ତିକାକୁ ସୁସ୍ଥ ଓ ଜୀବନ୍ତ ରଖିବାକୁ ହେଲେ ଉତ୍ତମ ଚାଷ କରାଯାଇ ଆବଶ୍ୟକ ଖାଦ୍ୟଶସ୍ୟ ଅମଳ କରାଯାଇପାରେ। ଅଧିକନ୍ତୁ ମୃତ୍ତିକା ଓ ଜଳ ସଂରକ୍ଷଣର ଯଥେଷ୍ଟ ଆବଶ୍ୟକତା ରହିଛି।**

ସବୁଜ ବିପ୍ଳବ ପରଠାରୁ ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତାକୁ ଅଧିକ ଅମଳକ୍ଷମ, ଉନ୍ନତ କିସମର ପ୍ରବର୍ତ୍ତନ, ଅଧିକ ଖତସାର ତଥା ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ ମାଧ୍ୟମରେ ପୂରଣ କରାଯାଇପାରିଛି। ମାତ୍ର ରାସାୟନିକ ଦ୍ରବ୍ୟର ବହୁଳ ପ୍ରୟୋଗ ଫଳରେ ମୃତ୍ତିକା କ୍ରମେ ରୁଗ୍ଣ ହୋଇପଡ଼ିଛି। ଉପକାରୀ ଜୀବାଣୁ, କୃଷକର ବନ୍ଧୁ ଜିଆ ତଥା ଉପକାରୀ କୀଟ (ବୁଢ଼ିଆଣୀ ସହ )ଙ୍କ ସଂଖ୍ୟା କମିଯିବା ଫଳରେ ଯେକୌଣସି ସମୟରେ ଫସଲରେ ରୋଗପୋକ ପ୍ରାଦୁର୍ଭାବ ବଢ଼ିଯାଉଛି । ମୃତ୍ତିକାରେ ଅଧିକ ସାର ପ୍ରୟୋଗକଲେ ସୁଦ୍ଧା ଫସଲକୁ ଆବଶ୍ୟକ ପରିମାଣର ପୋଷକତତ୍ତ୍ୱ ଓ ଅଣୁସାର ମିଳୁନାହିଁ। ମୃତ୍ତିକାରେ ପୋଷକତତ୍ତ୍ୱ ଅଭାବ ଓ ସମସ୍ୟା ତଥା ମୃତ୍ତିକା ଅନୁଯାୟୀ ଉପଯୁକ୍ତ ଫସଲ କିସମ ଚୟନ ନ କରିବା ଦ୍ୱାରା ଫସଲରୁ ଆଶାନୁରୂପ ଅମଳ ମିଳିପାରୁନାହିଁ। ଅତଏବ କେଉଁ ସବୁ ଉପାୟରେ ମୃତ୍ତିକା ଅମ୍ଳ ପରିମାଣକୁ ଠିକ୍ ରଖି ରାସାୟନିକ ପଦାର୍ଥ ବଦଳରେ ଜୈବିକ ଉପାୟରେ ମୃତ୍ତିକାର ସ୍ୱାସ୍ଥ୍ୟକୁ ଉତ୍ତମ ଓ ଉପଯୋଗୀ ରଖି ଫସଲର ବୃଦ୍ଧି ଓ ଅମଳ କରିପାରିବା, ତାହା ବିଚାରସାପେକ୍ଷ।

**ମୃତ୍ତିକା ପରୀକ୍ଷା :** ମୃତ୍ତିକାର ସ୍ୱାସ୍ଥ୍ୟ ଠିକ୍ ଓ ଉର୍ବରିଆ ଥିଲେ ଫସଲ ଅମଳ ଆଶାନୁରୂପ ହୋଇଥାଏ। ମୃତ୍ତିକାର ସ୍ୱାସ୍ଥ୍ୟ କିପରି ଅଛି, ତାହା ପ୍ରଥମେ ଜାଣିବା ଜରୁରୀ। ମୃତ୍ତିକାର ସ୍ୱାସ୍ଥ୍ୟକୁ ଠିକ୍ ରଖି ଫସଲରୁ ଅଧିକ ଅମଳ ପାଇବା ନିମନ୍ତେ ମାଟି ପରୀକ୍ଷା କରାଇନେବା ନିତାନ୍ତ ଆବଶ୍ୟକ। ଏହି ପରୀକ୍ଷା ଦ୍ୱାରା ମାଟିରେ ଅଭାବ ବା ଅଧିକ ଥିବା ଖାଦ୍ୟଶସ୍ୟର ପରିମାଣ ସମ୍ବନ୍ଧରେ ଜାଣି ଚାଷ ହେବାକୁ ଥିବା ଫସଲରେ କେତେ ଖାଦ୍ୟସାର ଆବଶ୍ୟକ ଏବଂ କେତେ ସାର ପ୍ରୟୋଗ କରିବା ତାହା ଜଣାପଡ଼େ। ମୃତ୍ତିକାରେ କିସମ ଓ ଗୁଣ ଚିହ୍ନଟ କରି ହୁଏ। ମୃତ୍ତିକାର ଗୁଣାତ୍ମକ ମାନ ଓ ଉର୍ବରତା ରକ୍ଷା କରିବା ସମ୍ଭବ ହୋଇଥାଏ। ଏତଦ୍‌ବ୍ୟତୀତ ଏହି ପରୀକ୍ଷାରୁ ମାଟିଜନିତ ସମସ୍ୟା ଯଥା-ଅମ୍ଳ ପରିମାପକ ଠିକ୍ ନ ଥିବା ଓ ଅଣୁସାର ଉପଲବ୍ଧ ନ ଥିବା ବିଷୟ ଆଦି ଜଣାପଡ଼େ। ପ୍ରତି ୨-୩ ବର୍ଷରେ ଥରେ ମାଟି ପରୀକ୍ଷା କରିବା ଆବଶ୍ୟକ। ମାଟି ପରୀକ୍ଷାର ଫଳାଫଳ ଅନୁଯାୟୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଫସଲ ଚାଷ ନିମିତ୍ତ ଖାଦ୍ୟସାର, ଜୈବସାର ଓ ମୃତ୍ତିକା ସୁଧାରକ ସମ୍ବନ୍ଧରେ ଆବଶ୍ୟକ ପରାମର୍ଶ ଦିଆଯାଇଥାଏ।

ମୃତ୍ତିକାକୁ ନେଇ ଫସଲ ଚାଷ କରାଯାଏ। ଫସଲର ବୃଦ୍ଧି ନିମନ୍ତେ ମୋଟ ୧୭ଟି ଖାଦ୍ୟ ଉପାଦାନ ମଧ୍ୟରୁ ଯେକୌଣସିଟିର ଅଭାବ ହେଲେ ଫସଲ ଅମଳ ଆଶାନୁରୂପ ହୋଇପାରି ନ ଥାଏ। ଅଧିକନ୍ତୁ ଲଗାତର ଫସଲ ଚାଷ ଓ ଅଧିକ ଅମଳକ୍ଷମ ଫସଲ ଚାଷ ଦ୍ୱାରା ମାଟିରୁ ଅନେକ ଖାଦ୍ୟସାର କମିଯାଏ। ଅନ୍ୟପକ୍ଷରେ ମାଟିରେ ଏକ ଉପାଦାନ ଯଥେଷ୍ଟ ଥାଇ ପୁନର୍ବାର ସେହି ଉପାଦାନକୁ ପ୍ରୟୋଗକଲେ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଅଧିକନ୍ତୁ ମୃତ୍ତିକାର ଅମ୍ଳ ବା କ୍ଷାର ଦୋଷ ହେଲେ ପୁନର୍ବାର ଖର୍ଚ୍ଚାନ୍ତ ହେବା ନିଶ୍ଚିତ। ସୁତରାଂ, ମୃତ୍ତିକା ପରୀକ୍ଷାକରି ତାହାର ଫଳ ଅନୁଯାୟୀ ଅନୁମୋଦିତ ପରିମାଣର ଖାଦ୍ୟଶସ୍ୟ ଓ ସଂଶୋଧନ ପ୍ରୟୋଗ କରିବା ଦ୍ୱାରା ଫସଲର ଉତ୍ପାଦନ ବଢ଼ିଥାଏ ଓ ମୃତ୍ତିକାର ସ୍ୱାସ୍ଥ୍ୟ ଉତ୍ତମ ରହିଥାଏ।



ଫସଲ ଚାଷ ପୂର୍ବ ବା ଅମଳ ପରେ ମାଟି ସଂଗ୍ରହ କରାଯାଏ। ୫ ଏକର ପର୍ଯ୍ୟନ୍ତ ମୃତ୍ତିକା ସମାନ ଥିଲେ ୫୦୦ ଗ୍ରାମ ମଧ୍ୟରେ ଏକ ନମୁନା ୧୦-୧୨ ଟି ସ୍ଥାନରୁ ସଂଗ୍ରହକରି ମିଶାଇ ତହିଁରୁ ପ୍ରସ୍ତୁତ କରାଯାଏ। ଗଛ ଛାଇ, ହିଡ଼ କଡ଼, ଖତଗଦା ଏବଂ ସନ୍ତସନ୍ତିଆ ଜାଗାରୁ ମାଟି ସଂଗ୍ରହ କରାଯାଇ ନ ଥାଏ। ମାଟି ନମୁନା, ଗୋବରଖତ, ଜଳସେଚନ ଓ ଜଳ ନିଷ୍କାସନ ନାଳୀ ପାଖରୁ ନିଆଯାଇ ନ ଥାଏ। ଯଦି ଏକ କ୍ଷେତର ବିଭିନ୍ନ ସ୍ଥାନରେ ଭିନ୍ନ ଅବସ୍ଥାର ଫସଲ, ଭିନ୍ନ ପ୍ରକାରର ମୃତ୍ତିକା, ଜମି ଖାଲ ଢିପ ବା ଭିନ୍ନ ଫସଲରେ ଭିନ୍ନ ପରିମାଣର ସାର ବ୍ୟବହାର ହୋଇଥାଏ, ତେବେ କ୍ଷେତକୁ ଭାଗକରି ପ୍ରତି ଭାଗରୁ ନମୁନା ସଂଗ୍ରହ କରାଯାଏ। ସଂଗୃହୀତ ନମୁନାକୁ ସାର ବା କୀଟନାଶକ ମୁଣାରେ ପୂରାଇ ବନ୍ଧାଯାଏ ନାହିଁ। ମାଟି ପରୀକ୍ଷା ଲାଗି ନିଜ ବ୍ଲକ୍ ଏବଂ ପଞ୍ଚାୟତର କୃଷି କର୍ମଚାରୀ ବା କୃଷକସାଥୀଙ୍କ ସହ ଯୋଗାଯୋଗ କରାଯାଏ। ଜମିର ଆକାର ଓ ଅବସ୍ଥିତି ଅନୁଯାୟୀ ବିଭିନ୍ନ ସ୍ଥାନରୁ ସଂଗୃହୀତ ମାଟିକୁ ମିଶାଇ ବିଧିମତେ ବିବରଣୀ ସହ ମିଶ୍ରିତ ମାଟି ନମୁନା ଦାଖଲ କରାଯାଏ।

- ମାଟିରେ ଯେଉଁ ପୋଷକର ପରିମାଣ ଅଳ୍ପ ଥାଏ, ତା' ଲାଗି ଅନୁମୋଦିତ ସାର ପରିମାଣକୁ ୨୫ ଭାଗ ଅଧିକ ଦିଆଯାଏ। ସେହିପରି ମାଟି ପରୀକ୍ଷାରେ ପୋଷକ ପରିମାଣ ଯଦି ଅଧିକ ଥିବାର ଜଣାଯାଏ, ତା' ଲାଗି ତାହାକୁ ଯୋଗାଉଥିବା ସାରର ପରିମାଣକୁ ୨୫ ଭାଗ କମ୍ ଦିଆଯାଏ।
- ମାଟିରେ ଅଧିକ ପାଣି ଜମି ରହୁଥିଲେ ଦସ୍ତାର ଅଭାବ ଦେଖାଯାଏ। ସେ କ୍ଷେତ୍ରରେ ଏକର ପ୍ରତି ୧୦ କି.ଗ୍ରା. ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ କରାଯାଏ।
- ଲଗାତର ମରୁଡ଼ିର ଆଶଙ୍କା ଥିଲେ ମାଣ୍ଡିଆ, କପା, ସୂର୍ଯ୍ୟମୁଖୀ, କୁସୁମୀ, ପେଶୀ, ବୁଟ, ମୁଗ ଓ ଧନିଆ ଫସଲ ଚାଷ କରିବା ଭଲ। ମରୁଡ଼ି ସହନଶୀଳ ଧାନ କିସମ ଚାଷରେ ଅମଳ ପ୍ରଭାବିତ ହୋଇ ନ ଥାଏ।
- ମୃତ୍ତିକାର ସଂରକ୍ଷଣ ଓ ଉପର ଉର୍ବରିଆ ମାଟିର ସ୍ତର ନ ଧୋଇଯିବା ଲାଗି ଆବଶ୍ୟକ ହେଉଥିବା ଚାଷଠାରୁ ଅଧିକ ଥର ନ ଚଷିବା ଭଲ।

### ଅମ୍ଳମାଟିର ପରିଚାଳନା

ମାଟି ଅମ୍ଳୀୟ ହେବାର କାରଣ ମଧ୍ୟରେ ଅତ୍ୟଧିକ ବୃଷ୍ଟିପାତ ଓ ଅଧିକ ରାସାୟନିକ ସାର ପ୍ରୟୋଗ ଅନ୍ୟତମ। ଏଭଳି ମାଟିର ପରିଚାଳନା ନିମନ୍ତେ ଚୂନ ଜାତୀୟ ପଦାର୍ଥ, କାଗଜ/ଚିନିକଳ ମଇଳା (ଏକର ପ୍ରତି ୨ କୁଇଣ୍ଟାଲ) ସହ ଗୋବରଖତ ଏକର ପ୍ରତି ୨୦ କୁଇଣ୍ଟାଲ, ଫସ୍‌ଫେଟ ସାର ଓ ରକ୍ ଫସ୍‌ଫେଟ୍ ସାରକୁ ୧:୧ ବା ୧:୩ ଅନୁପାତରେ ମିଶାଇ ପ୍ରୟୋଗ କରିବା ଉଚିତ।

### ଲୁଣି ମାଟିର ପରିଚାଳନା

ଏହି ମାଟିର ପରିଚାଳନା ନିମନ୍ତେ ବର୍ଷାପାଣିକୁ ଜମିରେ ବାନ୍ଧି ରଖନ୍ତୁ। ଏହି ମାଟିରେ ଖତ, ସବୁଜସାର ଓ ଫସଲର ଅବଶେଷଗୁଡ଼ିକୁ ମିଶାନ୍ତୁ। ହୁଡ଼ାକରି ମାଟିରେ ହାଲୁକା ପାଣି ମଡ଼ାନ୍ତୁ।

**-ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର**


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SNTPBBS-072023-IDS, ତା.16.11.2023ରିଖ ର

**ଶୁଦ୍ଧିପତ୍ର**

ଉପରେ ଉଲ୍ଲିଖିତ ଟେଣ୍ଡର ନଥିପତ୍ରର ପୃଷ୍ଠା ସଂଖ୍ୟା 163 ର ଟିପ୍ପଣୀ ସଂଖ୍ୟା 1 ର ପାରା ନଂ 1ଏବଂ କାର୍ଯ୍ୟସୂଚୀ-A ରେ ଆବଶ୍ୟକ ରୂପାନ୍ତରଣ କରାଯାଇଅଛି ।

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି www.ireps.gov.in ଅବଲୋକନ କରନ୍ତୁ । ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/T&NW/ ଭୁବନେଶ୍ୱର

PR-96/CG/23-24


# ଖଣି ଅଞ୍ଚଳରେ ବଢ଼ୁଛି ମାଟି ପ୍ରଦୂଷଣ

ଯାଜପୁର,୪।୧୨ (ହର୍ଷବର୍ଦ୍ଧନ ବେହେରା)

ଜୀବଜଗତ ପାଇଁ ପାଣି ଓ ପବନ ପରି ମାଟି ପ୍ରକୃତିର ଏକ ଅମୂଲ୍ୟ ଦାନ । ଫସଲ ଆବଶ୍ୟକ କରୁଥିବା ଖାଦ୍ୟସାରର ଏହା ଏକ ଗନ୍ତାଘର । ଏହା ମଣିଷ, ପଶୁ, ଉଦ୍ଭିଦ, ଜୀବଜନ୍ତୁ ଏବଂ ଅନ୍ୟାନ୍ୟ ଜୀବମାନଙ୍କ ପାଇଁ ବଞ୍ଚିବାର ଏକ ମାଧ୍ୟମ। କିନ୍ତୁ ଯାଜପୁର ଜିଲା ସୁକିନ୍ଦା କ୍ରୋମ ଅଞ୍ଚଳ ସମେତ ବଲାଙ୍ଗୀର, କଳାହାଣ୍ଡି ଏବଂ କୋରାପୁଟ ଜିଲାର ଖଣି ଅଞ୍ଚଳର ମାଟି ଆଲୁମିନିୟମ, କ୍ରୋମିୟମ ଏବଂ କାଡମିୟମ ଦ୍ୱାରା ବହୁଳ ଭାବେ ପ୍ରଦୂଷିତ ହୋଇଛି। ମୃତ୍ତିକା ବିଜ୍ଞାନ ଏବଂ କୃଷି ରସାୟନ ବିଭାଗ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଏହି ମୃତ୍ତିକା ପ୍ରଦୂଷଣ ଉପରେ ଆବଶ୍ୟକ ନିରାକରଣ ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ମାଟିର ଉର୍ବରତା ହ୍ରାସ ପାଇବା ସହ ଜୀବ ଜଗତ ପାଇଁ ବିପଦ ହୋଇପାରେ ବୋଲି ଦର୍ଶାଯାଇଛି।

ଯାଜପୁର ଜିଲା ସୁକିନ୍ଦା କ୍ରୋମାଇଟ ମାଇନ୍ସ ଅଞ୍ଚଳର ୫ଟି କୃଷି ସ୍ଥଳରେ ହୋଇଥିବା ମାଟିର ସର୍ବେକ୍ଷଣ ଅନୁଯାୟୀ, କ୍ରୋମାଇଟ ଓ ଆଇରନ ଅଂଶ କେଜି ପ୍ରତି ୫୭୫୮ ରୁ ୧୨୬୮୭ ମିଲିଗ୍ରାମ ରହିଥିଲା। ଇକୋଲୋଜିକାଲ ରିସ୍କ ଇଣ୍ଡେକ୍ସ ମଧ୍ୟ ସୂଚାଇ ଦେଇଛି ଯେ, ଏଥିମଧ୍ୟରୁ କେତେକ ସ୍ଥାନରେ ଯଥେଷ୍ଟ ଅଧିକ ବିପଦ ରହିଛି। ଏହାସହ ନିକେଲ ୦.୭ ରୁ ୦.୯୮% ରହିଥିବା ଯୋଗୁ ପ୍ରାୟ ୫୦୦ ହେକ୍ଟର ଚାଷ ଜମି ପ୍ରଦୂଷିତ ହୋଇଛି। ଯାହା ସ୍ଥାୟୀ ଭବିଷ୍ୟତ ପାଇଁ ତଥା କୃଷି, ଖାଦ୍ୟ ନିରାପତ୍ତା ଏବଂ ମାନବ ସ୍ୱାସ୍ଥ୍ୟ ପାଇଁ ବିପଦଜନକ। ତେଣୁ ଏହି ପ୍ରଦୂଷଣକୁ ଦୂର କରିବା ପାଇଁ ନୀତିସ୍ତରୀୟ ପଦକ୍ଷେପ ଗ୍ରହଣ କରିବାକୁ କୃଷି ବୈଜ୍ଞାନିକମାନେ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପକ୍ଷେ ଯାଜପୁର ସମେତ କେଉଁଝର, ମୟୁରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲାରେ ୨୪୧୪୯ ହେକ୍ଟର ଅଞ୍ଚଳରେ ୩୫୬୭ ମିଲିୟନ ଟନ ଲୁହାପଥର ଗଚ୍ଛିତ ରହିଛି। ତେଣୁ ଏହି ଖଣି ଅଞ୍ଚଳର ମାଟିରେ ୪୫ରୁ ୬୭% ଲୌହ ଅଂଶ ପ୍ରଦୂଷଣ ହୋଇଛି। ଯାଜପୁର, ଢେଙ୍କାନାଳ ଓ କେନ୍ଦୁଝର ଜିଲାରେ ୯୧୯୭ ହେକ୍ଟର ଅଞ୍ଚଳରେ ୧୮୩ ମିଲିୟନ ଟନ୍ କ୍ରୋମାଇଟ ରହିଛି। ଏହିକ୍ରମରେ କ୍ରୋମାଇଟ ପ୍ରଦୂଷଣ ୪୫ ରୁ ୫୪% ମାଟିରେ ରହିଥିବାରୁ ଚାଷ ପ୍ରଭାବିତ ହେଉଛି। ବଲାଙ୍ଗୀର, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ଜିଲାର ୧୦୬୦୫ ହେକ୍ଟର ଅଞ୍ଚଳରେ ୫୦ ମିଲିୟନ ଟନ ମାଙ୍ଗାନିଜ ଧାତୁପଥର ରହିଛି। ଏହା ଉକ୍ତ ଅଞ୍ଚଳର ମାଟିକୁ ପ୍ରଦୂଷିତ କରୁଛି। ଏଭଳି ଭାବେ ପ୍ରଦୂଷିତ ମାଟି ଆମ ଅଞ୍ଚଳ ପାଇଁ ଅଭିଶାପ ହେବ ବୋଲି କୁହାଯାଉଛି। ଏହାସହ ଯାଜପୁର ଜିଲାରେ ଅମ୍ଳଯୁକ୍ତ ମାଟି ଚାଷ ପାଇଁ ବାଧକ ସାଜିଛି ବୋଲି ମତପ୍ରକାଶ ପାଇଛି । ବର୍ଷ ବର୍ଷ ଧରି ମାଟିର ମାନ ନ ଜାଣି ରାସାୟନିକ ସାର ବ୍ୟବହାର ଏହାର ମୁଖ୍ୟକାରଣ ବୋଲି ମତପ୍ରକାଶ ପାଉଛି ।



ସାଧାରଣତଃ ଜୈବିକ ଖତ ଉପରେ ଚାଷୀ ଆଉ ନିର୍ଭର କରୁନାହାନ୍ତି। ଅଧିକ ଉତ୍ପାଦନ ଆଶାରେ କେବଳ ରାସାୟନିକ ପଦାର୍ଥ ବ୍ୟବହାର କରି ଚାଲିଛି । ଫଳରେ ମାଟିର ଯବକ୍ଷାରଜାନ, ପଟାସ ଓ ଅମ୍ଳଜାନ ଅଂଶ ହ୍ରାସ ପାଇବାରେ ଲାଗିଛି । ଉପରୋକ୍ତ ଧାତୁପଦାର୍ଥଗୁଡିକ ମାଟିରେ ମିଶି ରହିଥିବାରୁ ଗଛର ଆବଶ୍ୟକ ଉପାଦାନ ଗୁଡିକ ସହଜରେ ଉପଲବ୍ଧ ହୋଇ ପାରୁନାହିଁ। ଅନ୍ୟପକ୍ଷେ ଉପରୋକ୍ତ ଧାତୁ ପଦାର୍ଥରୁ ପ୍ରତିଷ୍ଠିତ ବିଭିନ୍ନ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ବର୍ଜ୍ୟ ପାଣି ଯୋଗୁ ମାଟିର ଉର୍ବରତା ନଷ୍ଟ ହେଉଛି। ଏଥିଯୋଗୁ ରୋଗପୋକ ବୃଦ୍ଧି ପାଏ ଓ ଶେଷରେ ଉତ୍ପାଦନ କମ ହୋଇଥାଏ ବୋଲି ସ୍ପଷ୍ଟ ହୋଇଛି । ତେଣୁ ବୈଜ୍ଞାନିକମାନଙ୍କ ମତରେ ସମସ୍ତ କ୍ଷେତ୍ରରେ ଆଇନ ଅନୁସାରେ ପ୍ରଦୂଷଣ ନିୟନ୍ତ୍ରଣ କରାଗଲେ ମାଟି ପ୍ରଦୂଷଣ ହ୍ରାସ ହୋଇ ପାରିବ।


**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD14P2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 996498.13

2) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD14R2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1063189.12

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଅବସ୍ଥାରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:

ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482


# ମାଈ ହାତୀର ଗଳିତ ମୃତଦେହ ଠାବ



ଚମ୍ପୁଆ(ମହେଶ୍ୱର ଦାସ)/କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ),୪।୧୨

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ କାଳିକାପ୍ରସାଦ ରିଜର୍ଭ ଫରେଷ୍ଟର ଚେଙ୍ଗଯୋଡ଼ାଠାରେ ଏକ ମାଈ ହାତୀର ମୃତଦେହ ବନ ବିଭାଗ ଠାବ କରିଛି। ଘଟଣାସ୍ଥଳରେ ବିଦ୍ୟୁତ୍ ଓ ବନବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ପରସ୍ପରକୁ ଦୋଷାରୋପ କରିଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ଉକ୍ତ ଜଙ୍ଗଲ ମଧ୍ୟରେ ଏକ ମାଈ ହାତୀର ଗଳିତ ମୃତଦେହ ପଡ଼ିଥିବା ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ହାତୀଟି ମରିପଡ଼ିଥିବା ସ୍ଥାନରେ ଏକ ୩୩ କେଭି ବିଦ୍ୟୁତ୍ ଖୁଣ୍ଟ ରହିଥିବା ବେଳେ ଉକ୍ତ ଖୁଣ୍ଟର ଷ୍ଟେ ତାରଟି ହାତୀ ପାଦ ପାଖରେ ଲାଗିଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଏବଂ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ଜେନା ପହଞ୍ଚିଥିଲେ। ହାତୀଟି ପ୍ରାୟ ୨୫ ଦିନ ହେବ ମରିପଡ଼ିଥିବା ବେଳେ ଶରୀରର ଅଧାରୁ ଅଧିକ ଅଂଶ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ବୋଲି ଡିଏଫଓ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ଏହି ଅଭିଯୋଗକୁ ଖଣ୍ଡନ କରିବା ସହିତ ଏହା ବିଦ୍ୟୁତ୍ ଆଘାତ ଜନିତ ମୃତ୍ୟୁ ନୁହେଁ ବୋଲି ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚେଙ୍ଗଯୋଡ଼ାର ମୁଖ୍ୟ ରାସ୍ତାଠାରୁ ମାତ୍ର ୧୦୦ ମିଟର ଦୂରରେ ଉକ୍ତ ହାତୀ ମରିପଡ଼ିଥିଲେ ମଧ୍ୟ ବନ ବିଭାଗ ପାଖରେ କୌଣସି ସୂଚନା ନ ରହିବା ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତବର୍ଷ ଜିଲାରେ ୫ ହାତୀଙ୍କ ମୃତ୍ୟୁ ହୋଇଥିବାରୁ ପ୍ରାଣୀପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗତ କିଛି ମାସ ହେଲା ଉକ୍ତ ଅଞ୍ଚଳରେ ହାତୀମାନଙ୍କ ଉପଦ୍ରବ ଲାଗି ରହିଥିଲା। ଉକ୍ତ ରେଞ୍ଜ ଅଞ୍ଚଳରେ ସମୁଦାୟ ୪୯ ହାତୀ ଥିବା ବେଳେ ଉକ୍ତ ଜଙ୍ଗଲରେ ୨୪ ହାତୀ ବୁଲୁଛନ୍ତି।


**ବିଶ୍ୱ ମୃତ୍ତିକା ଦିବସ 2023 ଉପଲକ୍ଷେ ବାର୍ତ୍ତା**




ପ୍ରତିବର୍ଷ ଭଳି ଏବର୍ଷ ଡିସେମ୍ବର 5 ତାରିଖକୁ **ବିଶ୍ୱ ମୃତ୍ତିକା ଦିବସ** ଭାବେ ପାଳନ କରାଯାଉଛି । ଜୀବନ ଧାରଣ ପାଇଁ ଖାଦ୍ୟ ଉତ୍ପାଦନରେ ସୁସ୍ଥ ମୃତ୍ତିକା ଓ ଜଳର ଗୁରୁତ୍ୱର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏ ବର୍ଷର ସ୍ଲୋଗାନ ରହିଛି **"ମୃତ୍ତିକା ଓ ଜଳ – ଜୀବନର ଉତ୍ସ"** । ଆମ୍ଭମାନଙ୍କର ଖାଦ୍ୟର ଶତକଡ଼ା 95 ଭାଗରୁ ଊର୍ଦ୍ଧ୍ୱ ମୃତ୍ତିକା ଓ ଜଳରୁ ହିଁ ସୃଷ୍ଟି । ମାତ୍ର ସଠିକ୍ ଭାବରେ ମୃତ୍ତିକା ଓ ଜଳର ପରିଚାଳନା ନ ହେବା ଦ୍ୱାରା ମୃତ୍ତିକା କ୍ଷୟ, ଜୈବ ବିବିଧତା, ଉର୍ବରତା, ଜଳର ପରିମାଣ ଓ ଗୁଣବତ୍ତା ଆଦି ନଷ୍ଟ ହୋଇ ଖାଦ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେଉଛି । ମୃତ୍ତିକା ପରିଚାଳନା ପ୍ରଣାଳୀ ଯଥା – ସମନ୍ୱିତ ଖାଦ୍ୟସାର ପରିଚାଳନା, ଅଳ୍ପ ଭୂମି କର୍ଷଣ, ଫସଲ ପର୍ଯ୍ୟାୟ, ଜୈବିକ ପଦାର୍ଥର ପ୍ରୟୋଗ, ଆଚ୍ଛାଦିତ ଫସଲ ଚାଷ ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି, ମୃତ୍ତିକା କ୍ଷୟ ରୋକିବା ସହିତ ଭୂତଳ ଜଳର ପରିମାଣ ବୃଦ୍ଧି ପାଇ ଫସଲ ଉତ୍ପାଦନରେ ସହାୟକ ହୋଇପାରିବ । ଆମ ଜିଲ୍ଲାରେ ଥିବା ଅମ୍ଳମାଟିର ପରିଚାଳନା ଆବଶ୍ୟକତା ରହିଛି । **କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-1 (କିରେଇ)** ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ସଚେତନତା, ତାଲିମ, କ୍ଷେତ୍ର ପ୍ରଦର୍ଶନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ଆଦି କାର୍ଯ୍ୟକ୍ରମ ଗ୍ରହଣ କରିଆସୁଅଛି । ଆସନ୍ତୁ, ସମସ୍ତେ ମିଳିମିଶି ଜିଲ୍ଲାର ମୃତ୍ତିକା ଓ ଜଳର ସୁରକ୍ଷା କରି ଖାଦ୍ୟଶସ୍ୟ ଉତ୍ପାଦନରେ ସହାୟକ ହେବା ଓ ସୁସ୍ଥ ଜୀବନଯାପନ କରିବା ।

**କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-1 (କିରେଇ)**
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



**कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, चाईबासा।**

**अति अल्पकालीन पुनर्निविदा आमंत्रण सूचना।**

पुनर्निविदा संख्याः– 95/RII/2023-24/RWD/CHAIBASA    दिनांक : 02/12/2023

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| 1 | RWD/ CHAIBASA/ 02/ 2022-23 | बड़ानन्दा डांगुवापोसी पी0डबलू0डी0 पथ सरबिल से कलैया तक पथ निर्माण कार्य (ल0–4.250कि0मी0) | 3,83,97,004.00 | तीन करोड़ तिरासी लाख सन्तानवे हजार चार रू0 मात्र | 09 माह | तृतीय |

1. वेबसाईट में निविदा प्रकाशन की तिथि :– 12.12.2023
2. ई–निविदा प्राप्ति की अंतिम तिथि एवं समय :– 20.12.2023 अपराह्न 05:00 बजे तक।
3. निविदा खोलने की तिथि एवं समय :– 22.12.2023 अपराह्न 03:30 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा।

PR 312634 (West Singhbhum) 23-24 (D)



DSPL-436

16th kalinga herbal fair 2023, 5-11 DECEMBER, IDCO EXHIBITION GROUND UNIT-III, BHUBANESWAR

SMPB ODISHA

**STATE MEDICINAL PLANTS BOARD, ODISHA**
(Forest, Environment & Climate Change Department, Govt. of Odisha)

Solicit your gracious presence in the Inaugural function of

**16th STATE LEVEL KALINGA HERBAL FAIR -2023**
**On 05th December, 2023 at 5.30 PM**

By

**Shri Pradip Kumar Amat**
Hon'ble Cabinet Minister
(Forest, Environment & Climate Change, Panchayati Raj & Drinking Water; Information & Public Relations Department, Govt. of Odisha)

In the August presence of

**Shri Satyabrata Sahu,** IAS
Addl. Chief Secretary to Govt., Forest, Environment & Climate Change Department, Govt. of Odisha
&
**Shri Debidutta Biswal,** IFS
PCCF & HoFF, Odisha

VENUE
IDCO Exhibition Ground Unit-III, Bhubaneswar

**Shri Sudeep Nayak,** IFS
Chief Executive

OIPR-08117/13/0005/2324

( Herbal Fair will be held from 5th December to 11th December 2023, 10.00 AM to 9.00 PM)



ଶୀତ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟ ପରିସରରେ ଏକ ବିଶେଷ ମୁହୂର୍ତ୍ତରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଓ କଂଗ୍ରେସ ଏମ୍‌ପି କେ. ସୁରେଶ।

# ବଢୁଛି ଆଶାୟୀଙ୍କ ଟିକେଟ୍ ଲବି, କଂଗ୍ରେସରୁ ୩ ଆବେଦନ

## ରାୟଗଡ଼ା ନିର୍ବାଚନମଣ୍ଡଳୀ

ରାୟଗଡ଼ା,୪।୧୨(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଧାୟକ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୧୯ ନିର୍ବାଚନରେ ପରାଜିତ ହୋଇଥିବା ବିଧାୟକ ପ୍ରାର୍ଥୀ ପୁଣି ଥରେ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେହିପରି ଏକାଧିକ ଆଶାୟୀ ପ୍ରାର୍ଥୀ ନିଜ ନିଜ ଦଳରେ ଟିକେଟ ପାଇଁ ଲବି ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। ରାୟଗଡ଼ା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳରେ ପୂର୍ବରୁ ଆପଲସ୍ୱାମୀ କାଡ୍ରାକା ଜଣେ ବିଧାୟକ ପ୍ରାର୍ଥୀ ଲବିରେ ରହିଥିଲେ। ହେଲେ ଏବେ ଆଉ ୨ଜଣ ଆଶାୟୀ ପ୍ରାର୍ଥୀ ନିଜର ଇଚ୍ଛା ପ୍ରକଟ ପୂର୍ବକ ପ୍ରଦେଶ କଂଗ୍ରେସ କମିଟିକୁ ନିବେଦନପତ୍ର ପଠାଇଥିବା ଜଣାପଡ଼ିଛି। ରାୟଗଡ଼ାରୁ କଂଗ୍ରେସ ଦଳରୁ ପ୍ରାର୍ଥୀ ପାଇଁ ଆପଲସ୍ୱାମୀ କାଡ୍ରାକା ଏବଂ ଲେଲି ମାଝି ପୂର୍ବରୁ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ଆବେଦନପତ୍ର ଦେଇଥିଲେ। ଅକ୍ଟୋବର ୧ରେ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟି ଆବେଦନପତ୍ର ଦେଇଥିବା ଜଣାପଡ଼ିଛି। ପୂର୍ଣ୍ଣଙ୍କ ଘର ରାୟଗଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଶୀପୁର ବ୍ଲକରେ ହୋଇଥିବାରୁ ସେ ବିଧାୟକ ପ୍ରାର୍ଥୀ ପାଇଁ ଇଚ୍ଛୁକ ରହିଥିବା ଜଣାପଡ଼ିଛି। ତେବେ ପୂର୍ଣ୍ଣଙ୍କ ଏହି ଆବେଦନ ପଛରେ ଦକ୍ଷିଣ ଓଡ଼ିଶାର ଜଣେ ଟାଣୁଆ କଂଗ୍ରେସ ନେତାଙ୍କ ସମର୍ଥନ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ପଚାରିବରୁ ଦଳ ସୁପ୍ରିମୋ ଯାହାକୁ ଟିକେଟ ଦେବେ ଦଳ ତାଙ୍କୁ ସମର୍ଥନ କରିବ ବୋଲି କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ସମସ୍ତ ଆଶାୟୀ ପ୍ରାର୍ଥୀଙ୍କ ଆବେଦନପତ୍ର ପିସିସି ସଭାପତିଙ୍କ ନିକଟରେ ଦାଖଲ ହେବା ପରେ ସେସବୁ ଯାଞ୍ଚ କରାଯାଇ ଏଆଇସିସିକୁ ପଠାଯିବ। ଏହାପରେ ଏଆଇସିସିର ଏକ ଗୁପ୍ତ କମିଟି ସମସ୍ତ ନିର୍ବାଚନମଣ୍ଡଳୀ ବୁଲି ପ୍ରାର୍ଥୀମାନଙ୍କ ତଥ୍ୟ ଓ ଲୋକପ୍ରିୟତା ତଥ୍ୟ ସଂଗ୍ରହ କରିବ। ଏହାପରେ ଦଳ ଯୋଗ୍ୟ ପ୍ରାର୍ଥୀଙ୍କୁ ଟିକେଟ ପ୍ରଦାନ କରିବ ବୋଲି ଜଣାପଡ଼ିଛି। ୨୦୧୯ ସାଧାରଣ ନିର୍ବାଚନରେ ସପ୍ତଗିରି ଶଙ୍କର ଉଲାକା କୋରାପୁଟ ଲୋକ ସଭା ଆସନରେ ଓଡ଼ିଶାର ଏକମାତ୍ର କଂଗ୍ରେସ ଏମ୍‌ପି ଭାବେ ବିଜୟୀ ହୋଇଥିଲେ। ଏହା ପରେ ଜିଲାରେ କଂଗ୍ରେସର ପତିଆରା ବୃଦ୍ଧି ଦେଖି ଦଳରେ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତପ୍ରକାଶ କରିଛନ୍ତି।



ବିଧାୟକ ଆଶାୟୀ ଭାବେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି ପିସିସି ସଭାପତିଙ୍କୁ ନିବେଦନ ପତ୍ର ପ୍ରଦାନ କରୁଛନ୍ତି।

# ନେହେରୁ ଶତାବ୍ଦୀ ହସ୍ପିଟାଲ ନାମ ପରିବର୍ତ୍ତନରେ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

ଏମ୍‌ସିଏଲ୍ ପକ୍ଷରୁ ତାଳଚେରଠାରେ ନୂଆ ମେଡିକାଲ କଲେଜ ଓ ହସ୍ପିଟାଲ ହେବା ଏବଂ ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ ହେବାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଖୁସିବ୍ୟକ୍ତ କରିଛନ୍ତି। ହେଲେ ରାଜ୍ୟ ସରକାର ଯେଉଁଭଳି ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ନାମରେ ଏମ୍‌ସିଏଲ ଦ୍ୱାରା ତାଳଚେରଠାରେ ଦୀର୍ଘବର୍ଷ ଧରି ପରିଚାଳିତ ନେହେରୁ ଶତାବ୍ଦୀ ହସ୍ପିଟାଲର ନାମ ବଦଳାଉଛନ୍ତି ଏହା ଦୁର୍ଭାଗ୍ୟଜନକ ବୋଲି ଶରତ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନେହେରୁଙ୍କ ନାମକୁ ପରିବର୍ତ୍ତନ ନେଇ ଶରତ କହିଛନ୍ତି, ଏହା ହେଉଛି ରାଜ୍ୟ ସରକାରଙ୍କର ହୀନ ମାନସିକତା। ଓଡ଼ିଶା ସରକାର ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ସମ୍ମାନ ଦେବାକୁ ଭୁଲି ଯାଉଛନ୍ତି। ଏକଦା ବିଜୁ ପଟ୍ଟନାୟକ ନେହେରୁଙ୍କ ଆଶୀର୍ବାଦରୁ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ନେହେରୁଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଥିଲା। ଏହା ଏ ସରକାରର ମାନସିକ ଦେବାଳିଆ ପଣକୁ ସୂଚାଉଛି। ଏଭଳି ହୀନ ମାନସିକତାରୁ ରାଜ୍ୟ ସରକାର ନିଜକୁ ନିବୃତ୍ତ ରଖନ୍ତୁ। ଏସବୁ ଆଚରଣ ଉଚ୍ଚାରଣକୁ କଂଗ୍ରେସ କଦାପି ଗ୍ରହଣ କରିବ ନାହିଁ। ଏହାର କଡ଼ାଗଣ୍ଡା ଉତ୍ତର ସରକାରଙ୍କୁ ଦେବାକୁ ପଡ଼ିବ। ନେହେରୁଙ୍କ ନାମକୁ ଅପରିବର୍ତ୍ତିତ ରଖିବାକୁ ଶରତ କହିଛନ୍ତି।

# ଛତିଶଗଡ଼ ନିର୍ବାଚନରେ ଟଙ୍କା ଲଗାଇଥିଲା ବିଜେଡି: ପୁରୋହିତ

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

ଛତିଶଗଡ଼ ନିର୍ବାଚନ ଫଳାଫଳ ପରେ ବିଜେଡି ଏବଂ ଭାଜପା ନେତାମାନଙ୍କ ମଧ୍ୟରେ ଦୋଷ ଦିଆନିଆ ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଭାଜପା ବିଜୟୀ ହୋଇଥିବା ବେଳେ ଏହାର କୌଣସି ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ବିଜେଡି ନେତାମାନେ ଯୁକ୍ତି ରଖିଛନ୍ତି। ହେଲେ ଭାଜପା ବିଜେଡି ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛି। ଛତିଶଗଡରେ ଭାଜପା ସରକାର ଆସିଲେ ଏହାର ପ୍ରଭାବ ପଶ୍ଚିମ ଓଡ଼ିଶାରେ ପଡିବ ବୋଲି ବିଜେଡି ନେତାମାନେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଟଙ୍କା ଲଗାଇଥିବା ଭାଜପା ନେତା ତଥା ପଦ୍ମପୁରର ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ପ୍ରଦୀପ କହିଛନ୍ତି ଯେ, ଛତିଶଗଡର ଗତ ସାଧାରଣ ନିର୍ବାଚନରେ ମଧ୍ୟ କଂଗ୍ରେସକୁ ଜିତାଇବା ଲାଗି ବିଜେଡି ଟଙ୍କା ଲଗାଇ ସେଥିରେ ସଫଳ ହୋଇଥିଲା। ଏଥର ମଧ୍ୟ ସେମାନେ ଟଙ୍କା ଲଗାଇଥିଲେ ବି ତାହା ଆଉ କାମ ଦେଲା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

# ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ୟାନେଲରେ ସସ୍ମିତ ପାତ୍ର ପୁନଃ ନିଯୁକ୍ତ

ଭୁବନେଶ୍ୱର,୨।୧୨(ଅନିଲଦାସ)

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ରାଜ୍ୟ ସଭା ଉପାଧ୍ୟକ୍ଷ (ଭିସି) ପ୍ୟାନେଲରେ ପୁନଃନିଯୁକ୍ତି ଦିଆଯାଇଛି। ୨୦୨୦ରେ ସେ ପ୍ରଥମ ଥର ପାଇଁ ଏହି ପ୍ୟାନେଲରେ ନିଯୁକ୍ତି ପାଇଥିଲେ। ଦ୍ୱିତୀୟ ଥର ପାଇଁ ସସ୍ମିତଙ୍କୁ ତତ୍କାଳୀନ ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ନିଯୁକ୍ତି ଦେଇଥିଲେ। ତୃତୀୟ ଥର ପାଇଁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ସସ୍ମିତଙ୍କୁ ନିଯୁକ୍ତି ଦେଇଥିଲେ। ଚତୁର୍ଥ ଥର ପାଇଁ ମଧ୍ୟ ସେ ପ୍ୟାନେଲରେ ସାମିଲ ହୋଇଛନ୍ତି।



# ଶିକ୍ଷା ଏବଂ ଶିଳ୍ପ ଆବଶ୍ୟକତା ମଧ୍ୟରେ ବ୍ୟବଧାନ ଦୂର କରିବ: ମନ୍ତ୍ରୀ

## ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍‌ର ୨ୟ ସଂସ୍କରଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

ଓଡ଼ିଶା ସ୍କିଲ୍ କନ୍‌କ୍ଲେଭର ଉଦ୍‌ଘାଟନୀ ସଂସ୍କରଣର ଅଭୂତପୂର୍ବ ସଫଳତା ପରେ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍‌ର ୨ୟ ସଂସ୍କରଣ ପାଇଁ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରସ୍ଥ ବିଶ୍ୱ ଦକ୍ଷତା କେନ୍ଦ୍ର ୧୫ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି ଯେ, ଏହି ୨ୟ ଓଡ଼ିଶା ସ୍କିଲ କନ୍‌କ୍ଲେଭ ଓଡ଼ିଶାରେ ଏକ ଗତିଶୀଳ ଇକୋସିଷ୍ଟମ୍ ପ୍ରତିପାଦନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଯୁବକଙ୍କ ପ୍ରଯୁଜ୍ୟ କୌଶଳକୁ ସଶକ୍ତ କରିବ। ଏହାସହ ସରକାରଙ୍କ ଏନ୍‌ୟୁଏ ଓଡ଼ିଶା ଯୋଜନା ଅଧୀନରେ ଚାକିରି ବଜାରର ବିକାଶଶୀଳ ଆବଶ୍ୟକତା ସହିତ ସମାନ୍ତରାଳ ଭାବେ କୁଶଳୀ ଯୁବତୀ, ଯୁବକମାନେ ଆଗକୁ ବଢ଼ିପାରିବେ। ଦକ୍ଷତା ବିକାଶ ପାଇଁ ଏକ ବ୍ୟାପକ ଏବଂ ବହୁମୁଖୀ ଆଭିମୁଖ୍ୟର ଆବଶ୍ୟକତା ଉପରେ ମନ୍ତ୍ରୀ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍‌ର ରଣନୀତିକ ଦୃଷ୍ଟିକୋଣକୁ ବର୍ଣ୍ଣନା କରିଛନ୍ତି। ବିଶ୍ୱ ଏକ୍ସପୋଜର ସହିତ ଶିକ୍ଷା ଏବଂ ଶିଳ୍ପ ଆବଶ୍ୟକତା ମଧ୍ୟରେ ବ୍ୟବଧାନକୁ ଦୂର କରିବା ପାଇଁ ଏହି କନ୍‌କ୍ଲେଭ ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ଦକ୍ଷତା ବିକାଶରେ ଅଭିନବ ପଦକ୍ଷେପକୁ ଅନ୍ତର୍ଭୁକ୍ତ କରିବା, ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ଏକୀକରଣ ଏବଂ ଯୁବକମାନଙ୍କ ମଧ୍ୟରେ ଔଦ୍ୟୋଗିକତା ବୃଦ୍ଧି ପାଇଁ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ ମାଧ୍ୟମରେ ଏକ ପ୍ରତିବଦ୍ଧତା ସୃଷ୍ଟି ପାଇଁ ମନ୍ତ୍ରୀ ଘଡ଼େଇ ଆହ୍ୱାନ ଦେଇଛନ୍ତି।

ଓଡ଼ିଶାର ବିଭିନ୍ନ ଦୃଶ୍ୟପଟ୍ଟ ଏବଂ ଆଞ୍ଚଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ ବିଭାଗ କାର୍ଯ୍ୟକ୍ରମଗୁଡ଼ିକର ରୂପରେଖ ଉପରେ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଛି। ରାଜ୍ୟଗୁଡିକର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉଚ୍ଚ ଅଭିବୃଦ୍ଧି ସମ୍ଭାବନା ଥିବା କ୍ଷେତ୍ରଗୁଡିକ ଉପରେ ବିଶେଷ ଧ୍ୟାନ ଦିଆଯିବ। ସ୍କିଲ୍ କନ୍‌କ୍ଲେଭ ହେଉଛି ସ୍କିଲ୍ ଡେଭଲପମେଣ୍ଟ ଏବଂ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଫ୍ଲାଗଶିପ୍ କାର୍ଯ୍ୟକ୍ରମ। ଏହି କନ୍‌କ୍ଲେଭ କୌଶଳ ରଣନୀତି ଉପରେ ବିଚାରବିମର୍ଶ ଏବଂ ଯୁବକଙ୍କ ମଧ୍ୟରେ ଦକ୍ଷତାର ସାମଗ୍ରିକ ବିକାଶ ଓ ସହଯୋଗକୁ ପ୍ରୋତ୍ସାହିତ କରିବା ସହ ପ୍ରମୁଖ ହିତାଧିକାରୀଙ୍କୁ ଏକତ୍ର କରିବାକୁ ଲକ୍ଷ୍ୟ ରଖିଛି। ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୪ ରାଜ୍ୟର ଫଳାଫଳ ଭାରତୀୟ ରାଜନୀତିକୁ ନୂଆ ମୋଡ଼ ଦେଇଛି: ଭାଜପା

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

୪ଟି ରାଜ୍ୟର ନିର୍ବାଚନ ଫଳାଫଳ ଏବେ ଭାରତୀୟ ରାଜନୀତିକୁ ଗୋଟିଏ ନୂଆ ମୋଡ଼ ଦେଇଛି। ପ୍ରଚାର ସର୍ବସ୍ୱ, ଘୋଷଣା ସର୍ବସ୍ୱ ଏବଂ ପ୍ରତାରଣା କଲେ ଭୋଟ ପାଇବେ ନାହିଁ ଏବଂ ଲୋକଙ୍କ ଦ୍ୱାରା ପ୍ରତ୍ୟାଖାନ ହେବେ। ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାରର କୌଣସି ସ୍ଥାନ ନାହିଁ। ସାଧାରଣ ଗରିବ ଲୋକଙ୍କ ପାଇଁ ଆସୁଥିବା ଟଙ୍କାକୁ ଲୁଟ୍ କରିବାର ଫଳ କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକୁ ଭୋଗିବାକୁ ପଡ଼ିଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି ଯେ, ଓଡ଼ିଶାରେ ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟଭିଚାର, ପ୍ରତାରଣା ସମସ୍ତ ସୀମା ଅତିକ୍ରମ କରିସାରିଛି। ୨୦୨୪ ସାଧାରଣ ନିର୍ବାଚନରେ ନିଶ୍ଚିତ ଓଡ଼ିଶା ରାଜନୀତି 'ୟୁ ଟର୍ନ' ନେବ। ବିଜେଡି ଶାସନ ବ୍ୟବସ୍ଥାକୁ ନେଇ ରାଜ୍ୟବାସୀଙ୍କ ମନରେ କ୍ରୋଧ ଅଛି। ରାଜ୍ୟବାସୀଙ୍କ ଆସ୍ଥା ଓ ଆଶୀର୍ବାଦ ଭାଜପା ପ୍ରତି ରହିଛି। ଆଗାମୀ ସାଧାରଣ ନିର୍ବାଚନରେ ଜୋରଦାର ଲଢ଼େଇ ହେବ। ଆଖି, କାନ, ନାକ ନ ଥିବା ରାଜ୍ୟ ସରକାରକୁ ଦୃଢ଼ ଜବାବ ମିଳିବ। ନିର୍ବାଚନ ଫଳାଫଳ ଏକପାଖିଆ ହେବା ସଙ୍ଗେସଙ୍ଗେ ଭାଜପା ଓଡ଼ିଶାରେ ସରକାର ଗଠନ କରିବ ବୋଲି ମନମୋହନ କହିଛନ୍ତି। ୨୩ ବର୍ଷ ବିଜେଡି ଶାସନରେ ନାରୀ ନିର୍ଯ୍ୟାତନା ଶିଖର ଛୁଇଁଲାଣି, ଦେଢ଼ କୋଟି ଓଡ଼ିଆ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି, ଜଳସେଚନ ବ୍ୟବସ୍ଥା ନାହିଁ, ଶୀତଳଭଣ୍ଡାର ନାହିଁ, ଗରିବ ଲୋକଟି ଛାତଘରଟି ପାଇବାରୁ ବଞ୍ଚିତ ରହୁଛନ୍ତି। ଓଡ଼ିଶା ଓ ଓଡ଼ିଆଙ୍କ ଅସ୍ମିତା, ସଂସ୍କୃତି ଓ ଭାବାବେଗ ସହ ଖେଳ ଖେଳାଯାଉଛି। ଜଗନ୍ନାଥ ସଂସ୍କୃତି ପ୍ରତି ଧ୍ୟାନ ନାହିଁ କି ରତ୍ନଭଣ୍ଡାର ଖୋଲୁନାହାନ୍ତି। ଯେଉଁ ଭ୍ରଷ୍ଟାଚାରର ସରକାର ରାଜ୍ୟରେ ଚାଲିଛି, ତାକୁ ଓଡ଼ିଶାବାସୀ ନିଶ୍ଚିତ ପ୍ରତ୍ୟାଖାନ କରିବେ ବୋଲି ମନମୋହନ କହିଛନ୍ତି।



ମନମୋହନ ସାମଲ

# 'ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପୁସ୍ତକ ଜଡ଼ିତ'

## ୨୩ତମ ଭଦ୍ରକ ପୁସ୍ତକ ମେଳା ଉଦ୍‌ଘାଟିତ



ପୁସ୍ତକ ମେଳାର ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ସହ ଅନ୍ୟ ଅତିଥିମାନେ।

ଭଦ୍ରକ,୪।୧୨(ସନାତନ ରାଉତ)

ମଣିଷ ଜୀବନରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପୁସ୍ତକ ଜଡ଼ିତ ରହିଥାଏ। ଏବେ ପୁସ୍ତକର ଚାହିଦା କମିଯାଇଛି। ପୂର୍ବରୁ ବାପା, ଜେଜେବାପାମାନେ କଠିନ ପରିଶ୍ରମ କରି ମଧ୍ୟ ପ୍ରତିଦିନ ଦ୍ୱିପ୍ରହରରେ ଏବଂ ସନ୍ଧ୍ୟାରେ ବିଭିନ୍ନ ପୋଥି, ପୁରାଣ ଗୋଟିଏ ଦୁଇଟି ଅଧ୍ୟାୟ ପାଠ କରୁଥିଲେ। ଧର୍ମ ସହ ପୁସ୍ତକକୁ କୌଶଳକ୍ରମେ ଲଦି ଦିଆଯାଇଥିବାରୁ ଆଜିର ଆଧୁନିକ ଯୁଗରେ ଗୀତା, ଭାଗବତ ପୁରାଣ ପରି ପୁସ୍ତକ ପାଠ କରାଯାଉଛି। ନଚେତ୍ ପୁସ୍ତକ ଲୋପ ପାଇ ଯାଇଥାନ୍ତା ବୋଲି ସୋମବାର ସନ୍ଧ୍ୟାରେ ୨୩ତମ ଭଦ୍ରକ ପୁସ୍ତକ ମେଳାରେ ମୁଖ୍ୟଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ମତବ୍ୟକ୍ତ କରିଛନ୍ତି।

ଭଦ୍ରକ ସହରର ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ପୁସ୍ତକମେଳାର ଉଦ୍‌ଘାଟନୀ ସନ୍ଧ୍ୟାରେ 'ଗ୍ରନ୍ଥ ପରମ୍ପରା ଓ ପାଠକର ଭୂମିକା' ଶୀର୍ଷକ ଆଲୋଚ୍ୟ ବିଷୟ ରହିଥିଲା। ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାନସଭା ସଚିବ ଦାଶରଥି ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡିଜିଟାଲ ଯୁଗରେ ସହରାଞ୍ଚଳରେ ପାଠକଙ୍କ ସଂଖ୍ୟା କମିଥିଲେ ମଧ୍ୟ ଗ୍ରାମାଞ୍ଚଳରେ ବହି ପ୍ରତି ଆଗ୍ରହ ବଜାୟ ରହିଛି ବୋଲି କହିଥିଲେ। ବରେଣ୍ୟ ଅତିଥି ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଏବଂ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ କବି ହେମନ୍ତ ଜେନା, ସଂଯୋଜକ ମନୋରଞ୍ଜନ ଦାଶ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁସ୍ତକ ମେଳା କମିଟି ସମ୍ପାଦକ ରୂପକ ବିହାରୀ ରାୟ ସମ୍ପାଦକୀୟ ବିବରଣୀ ପ୍ରଦାନ, ସୁଧାକର ରାଉତ ମଞ୍ଚ ଆମନ୍ତ୍ରଣ ଓ ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

# ନୟାଗଡ଼ରେ ଭାଜପା ୩ ଭାଗ

## ୨୦୨୪ ପୂର୍ବରୁ ବଦଳୁଛି ଚିତ୍ରପଟ୍ଟ

ନୟାଗଡ଼,୪।୧୨(ଲୋକନାଥ ମିଶ୍ର)

ପୁରୀ ଲୋକ ସଭା ଆସନ ଅନ୍ତର୍ଗତ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ରାଜନୈତିକ ଦୃଶ୍ୟପଟ ବଦଳିବାରେ ଲାଗିଛି। କିଛି ମାସ ତଳେ ଏଠାକାର ଭାଜପାରେ ପ୍ରଭାବଶାଳୀ ନାରୀନେତ୍ରୀ କୁହାଯାଉଥିବା ଇରାନୀ ରାୟ ଓ ତତ୍କାଳୀନ ଜିଲା ସଭାପତି ଲାଲା ମନୋଜ ରାୟ ଏବେ କୋଣଠେସା ହୋଇଗଲେଣି। କନ୍ଧମାଳର ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଧୀରେ ଧୀରେ ଶକ୍ତିଶାଳୀ ହେବାରେ ଲାଗିଥିବା ଆଲୋଚନା ହେଉଛି। ନିର୍ବାଚନ ପୂର୍ବରୁ ଏଭଳି ଦୃଶ୍ୟପଟକୁ ଦୃଷ୍ଟିରେ ରଖି ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ଭାଜପାରୁ ଇରାନୀ, ପ୍ରତ୍ୟୁଷା ନା ଅନ୍ୟ କେହି ଟିକେଟ ପାଇବେ ତାହା କହିବା କାଠିକର ପାଠ ବୋଲି ଦଳୀୟ କର୍ମୀ ମହଲରେ ଆଲୋଚନା ହେଉଛି। ତେବେ ଗୋଟିଏ କଥା ମନେହେଉଛି ଯେ, ନୟାଗଡ଼ରେ ଇରାନୀ ଓ ପ୍ରତ୍ୟୁଷାଙ୍କ ବିବାଦ ସମାଧାନ କରିବାକୁ ଦଳର ରାଜ୍ୟ ଓ କେନ୍ଦ୍ରୀୟ ନେତାମାନଙ୍କର ଆନ୍ତରିକତା ନାହିଁ। ରାଜ୍ୟ ଓ କେନ୍ଦ୍ରସ୍ତରୀୟ ନେତା କେତେବେଳେ ଇରାନୀଙ୍କୁ ତ ଆଉ କେତେବେଳେ ପ୍ରତ୍ୟୁଷାଙ୍କୁ ସମର୍ଥନ କରୁଥିବା ମନେହେଉଛି। ନେତା ପଟ୍ଟ ପରିବର୍ତ୍ତନ କରୁଥିବାରୁ ନୟାଗଡ ନିର୍ବାଚନମଣ୍ଡଳୀରେ ଭାଜପା ୩ ଭାଗରେ ବିଭକ୍ତ ହୋଇସାରିଲାଣି। ଗୋଟିଏ ଗୋଷ୍ଠୀ ଇରାନୀଙ୍କ ପାଇଁ ଲବି କରୁଥିବାବେଳେ ଆଉ ଏକ ଗୋଷ୍ଠୀ ପ୍ରତ୍ୟୁଷାଙ୍କ ପାଇଁ ପ୍ରୟାସ ଚଳାଇଛନ୍ତି। ତୃତୀୟ ଗୋଷ୍ଠୀ ଲୁକ୍କାୟିତ ଭାବେ ରହି ଇରାନୀ ଓ ପ୍ରତ୍ୟୁଷାଙ୍କ କଳିରେ ତୃତୀୟ ଜଣଙ୍କୁ ଟିକେଟ ଦିଆଯାଉ ବୋଲି ଦାବି କରୁଥିବା ଚର୍ଚ୍ଚା ହେଲାଣି। ଇରାନୀ ଓ ପ୍ରତ୍ୟୁଷାଙ୍କ ଅସନ୍ତୁଷ୍ଟମାନେ ଏକାଠି ହୋଇ ତୃତୀୟ ପକ୍ଷ ଗଠନ କରି ସାରିଲେଣି। ତେବେ ସେମାନେ ବାହାରକୁ ଧରାପଡୁ ନ ଥିବା କୁହାଯାଉଛି।



ପ୍ରତ୍ୟୁଷା ରାଜେଶ୍ୱରୀ ସିଂ

### ଅଣ୍ଡାମାଡ଼ ପରେ ବଦଳିଗଲା ସ୍ଥିତି

ଇରାନୀ ରାୟ ନୟାଗଡ଼ରେ ଭାଜପାର ସଙ୍ଗଠନ ଦୃଢ଼ କରିବାକୁ ଉଦ୍ୟମ କରିଆସିଛନ୍ତି। ସ୍ୱାମୀ ଲାଲା ମନୋଜ ରାୟ ଭାଜପାର ଜିଲା ସଭାପତି ଦାୟିତ୍ୱରେ ରହିଥିବାରୁ ଇରାନୀଙ୍କ ପତିଆରା ବଢ଼ିଯାଇଥିଲା। ତେବେ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ତଥା ୨୦୧୯ରେ ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କୁ ଲାଲା ମନୋଜ ରାୟ ଓ ଇରାନୀଙ୍କ ଗୋଷ୍ଠୀର ଅଣ୍ଡାମାଡ଼ ସେମାନଙ୍କ ପାଇଁ ମହଙ୍ଗା ପଡ଼ିଥିବା କୁହାଯାଉଛି। ଉଲ୍ଲେଖଥାଉ କି ଗତ ସେପ୍ଟେମ୍ବର ୫ରେ ପୂର୍ବତନ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ପୁରୁଣା ରାଜବାଟିରେ ପାଳନ ହେଉଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ସହ ହେମେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା କାର୍ଯ୍ୟକ୍ରମ ଥିଲା। ସମ୍ବିତ ସେଥିରେ ଯୋଗଦେବା ପାଇଁ ନୟାଗଡ଼ ଆସୁଥିବାବେଳେ ଇରାନୀଙ୍କ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଥିଲା। ସମ୍ବିତ କିନ୍ତୁ ସେମାନଙ୍କ କଥା ନ ଶୁଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଇରାନୀଙ୍କ ଗୋଷ୍ଠୀ ଖୋଲାଖୋଲି ସମ୍ବିତଙ୍କୁ ବିରୋଧ କରି କଳାପତାକା ଦେଖାଇବା ସହ ଅଣ୍ଡାମାଡ଼ କରିଥିଲେ। ଅଣ୍ଡା ସମ୍ବିତ୍‌ଙ୍କ ଦେହରେ ବାଜି ନ ଥିଲେ ମଧ୍ୟ ସେହିଦିନଠାରୁ ତାଙ୍କର ରାୟ ଦମ୍ପତିଙ୍କ ସହ ସମ୍ପର୍କ ବିଗିଡ଼ି ଯାଇଥିବା କୁହାଯାଉଛି। ଏପରି କି ଘଟଣାର କିଛି ଦିନ ପରେ ଭାଜପାର ନୟାଗଡ଼ ଜିଲା ସଭାପତି ପଦରେ ଲାଲା ମନୋଜଙ୍କ ପରିବର୍ତ୍ତେ ତାପସ ରଞ୍ଜନ ମାର୍ଥା ମନୋନୀତ ହୋଇଥିଲେ। ଗତ ଅକ୍ଟୋବର ୧୦ରେ ତାପସଙ୍କୁ ନୟାଗଡ଼ରେ ଯେଉଁ ସମ୍ବର୍ଦ୍ଧନା ଦିଆଯାଇଥିଲା, ସେଥିରେ ଲାଲା ମନୋଜ ଓ ଇରାନୀ ନ ଥିଲେ। ସେମାନଙ୍କୁ ଡକାଯାଇ ନ ଥିଲା। ତାପସ କୁଆଡ଼େ ପ୍ରତ୍ୟୁଷାଙ୍କର ସମର୍ଥକ ବୋଲି ଆଲୋଚନା ହେବା ସହ ଉକ୍ତ ସମ୍ବର୍ଦ୍ଧନା ସଭା ପରେ ପ୍ରତ୍ୟୁଷା ଅଧିକ ଶକ୍ତିଶାଳୀ ହୋଇଯାଇଥିବା କୁହାଯାଉଛି। ଏହାସହ ଜିଲା ସଭାପତି ପରିବର୍ତ୍ତନ କରାଯାଇ ଲାଲା ମନୋଜ ଓ ଇରାନୀଙ୍କ ପକ୍ଷ ଛେଦନ କରାଯାଇଥିବା ପ୍ରଚାର ଚାଲିଛି।

### ଦଳ ଛାଡ଼ିପାରନ୍ତି ରାୟ ଦମ୍ପତି

ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେବା ପରେ ସମୀକରଣ ବଦଳିଥିଲା। ଏହି ନିର୍ବାଚନରେ ଇରାନୀ ରାୟ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ନେତା ଅରୁଣ ସାହୁଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ମଧ୍ୟ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ରାୟ ଦମ୍ପତି ଲାଗି ପଡ଼ିଥିଲେ। ଅନ୍ୟପକ୍ଷରେ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟୁଷା ସମାନ୍ତରାଳ ଭାବେ ସଙ୍ଗଠନ ଆରମ୍ଭ କରିଥିଲେ। ଫଳରେ ଇରାନୀ ଓ ପ୍ରତ୍ୟୁଷାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଲଢ଼େଇ ଚାଲିଆସୁଛି। କିନ୍ତୁ ଧୀରେ ଧୀରେ ତାହା ବିବାଦର ରୂପ ନେଇଛି। ପୂର୍ବରୁ ପ୍ରତି ଦଳୀୟ କାର୍ଯ୍ୟକ୍ରମକୁ ଇରାନୀ ପରିଚାଳନା କରୁଥିଲେ। ଇରାନୀଙ୍କ ଦଳୀୟ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟସ୍ତରୀୟ ନେତାଙ୍କୁ ଦେଖିବାକୁ ମିଳୁଥିଲା। ମୁଖପାତ୍ର ସମ୍ବିତ ପାତ୍ର ଇରାନୀଙ୍କ ଅଧିକାଂଶ କାର୍ଯ୍ୟକ୍ରମରେ ଉପସ୍ଥିତ ରହୁଥିଲେ। ପ୍ରତ୍ୟୁଷାଙ୍କ କାର୍ଯ୍ୟକ୍ରମରେ ପ୍ରାୟତଃ ତାଙ୍କ ସମର୍ଥକ କର୍ମୀମାନଙ୍କୁ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ଦଳରେ ଲାଲା ଓ ଇରାନୀ କୋଣଠେସା ହୋଇଯାଇଛନ୍ତି। ତେଣୁ ସେମାନେ ଭାଜପା ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏନେଇ ପୂର୍ବତନ ଜିଲା ସଭାପତି ଲାଲା ମନୋଜ କୁହନ୍ତି, ଆମେ ଦଳ ଛାଡିବାର ପ୍ରଶ୍ନ ଉଠୁନି। ଆମେ ଦଳ ପାଇଁ ସଙ୍ଗଠନ କରୁଛୁ ଓ କରିବୁ। ଆମ ପଛରେ ଭୋଟର, କେନ୍ଦ୍ର ଓ ରାଜ୍ୟ ନେତାଙ୍କର ସମର୍ଥନ ରହିଛି। ଆମ ବିପକ୍ଷ ଗୋଷ୍ଠୀ ଯେତେ ଚାଲ କରୁଛି କରୁ, ଇରାନୀ ୨୦୨୪ରେ ଟିକେଟ ପାଉଛନ୍ତି ବୋଲି ସେ କହିଛନ୍ତି। ନାରୀନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କୁହନ୍ତି, ଆମେ ସଙ୍ଗଠନ ବଢ଼ାଇ ଚାଲିଛୁ। କେନ୍ଦ୍ର ଓ ରାଜ୍ୟ ନେତାଙ୍କ ସମେତ ଭୋଟରଙ୍କ ପରାମର୍ଶ ଓ ଭଲ ପାଇବା ଆମ ସହ ରହିଛି। ମୁଁ ଆଶା ରଖିଛି, ୨୦୨୪ରେ ମୋତେ ଭାଜପା ଟିକେଟ ମିଳିବ। ନୟାଗଡ଼ ନିର୍ବାଚନମଣ୍ଡଳୀରେ ଭାଜପା ବିଜୟୀ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ହେଉଥିବା ଚର୍ଚ୍ଚା ସମ୍ପର୍କରେ ପଚରାଯିବାରୁ ଭାଜପାର ଜିଲା ସଭାପତି ତାପସ ରଞ୍ଜନ ମାର୍ଥା କହିଛନ୍ତି, ନୟାଗଡ଼ରେ ୩ ଭାଗରେ ଭାଜପା ବିଭକ୍ତ ବୋଲି ଚାଲିଥିବା ପ୍ରଚାରର କୌଣସି ସତ୍ୟତା ନାହିଁ। ଜିଲାରେ ଭାଜପାରେ କୌଣସି ଗୋଷ୍ଠୀକନ୍ଦଳ ନାହିଁ। ଦଳୀୟ ଟିକେଟ୍ ହାତେଇବା ପାଇଁ ଦୁଇ ନାରୀନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ଇରାନୀ ରାୟ ସଙ୍ଗଠନ କରୁଛନ୍ତି। ଭାଜପା ପକ୍ଷରୁ ନୟାଗଡ଼ ବ୍ଲକ ଘେରାଉ ସମୟରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଓଡ଼ଗାଁ ବ୍ଲକ ଘେରାଉ ବେଳେ ଇରାନୀ ନେତୃତ୍ୱ ନେଇଥିଲେ। ଟିକେଟ କିଏ ପାଇବ କହି ହେବନି। ଟିକେଟ ବାଣ୍ଟିବା କାମ ଜିଲା ସଭାପତିଙ୍କର ନାହିଁ। ଏଥିପାଇଁ ଏକ କୋର କମିଟି ଅଛି। ନିର୍ବାଚନ ଘୋଷଣା ହେଲେ ଦଳୀୟ ଟିକେଟ ପାଇଥିବା ବ୍ୟକ୍ତି ସମର୍ଥନ ପାଇବ ବୋଲି କହିଛନ୍ତି।



ଇରାନୀ ରାୟ

# ଭବିଷ୍ୟତ ଗଢ଼ନ୍ତୁ

**ପିଲାଙ୍କୁ ଲାଳନପାଳନ କରି ଭବିଷ୍ୟତ ଗଢ଼ିବାକୁ ହେଲେ ଛୋଟବେଳୁ ଅନୁଶାସନ ସହିତ ସେମାନଙ୍କ ମନସ୍ତତ୍ତ୍ୱକୁ ମଧ୍ୟ ବୁଝିବାକୁ ହେବ।**



- ପିଲାଙ୍କ ଉପରେ ନିଜ ଇଚ୍ଛାକୁ ଲଦିବାକୁ ଚେଷ୍ଟା କରନ୍ତୁ ନାହିଁ। ବରଂ ସେମାନଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ସମର୍ଥନ କରି ଖୁସିରେ ଜୀବନ ବିତାନ୍ତୁ।
- ବେଳେ ବେଳେ ଅଭିଭାବକମାନେ ନିଜେ ପୂରା କରିପାରି ନ ଥିବା ସ୍ୱପ୍ନକୁ ପିଲାଙ୍କ ମାଧ୍ୟମରେ ସାକାର କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏପରି ନ କରି ପିଲାମାନେ କ'ଣ କରିବାକୁ ଚାହୁଁଛନ୍ତି ସେକଥା ବୁଝିବାକୁ ଚେଷ୍ଟା କରନ୍ତୁ। ସେମାନଙ୍କ ସ୍ୱପ୍ନକୁ ପୂରା କରିବା ପାଇଁ ସବୁ ପ୍ରକାର ସହଯୋଗ କରନ୍ତୁ।
- ଛୋଟବେଳରୁ ପିଲାମାନେ ଯେ ସବୁ ଶିଖିଯିବେ ସେକଥା ଅଭିଭାବକମାନେ ଭାବିବା ଠିକ୍ ନୁହେଁ। ଶିଖିବାର ଏକ ନିର୍ଦ୍ଦିଷ୍ଟ ବୟସ ଥାଏ। ସେଥିପାଇଁ ଅପେକ୍ଷା କରିବାକୁ ହେବ। ତେଣୁ ପିଲାଙ୍କୁ ଛୋଟ ବୟସରେ ସବୁ କରିବା ପାଇଁ ଚାପ ପକାନ୍ତୁ ନାହିଁ।
- ପିଲା ଛୋଟବେଳରୁ ଯେଉଁ ପରିବେଶରେ ବଡ଼ ହୁଏ ସେହି ଅନୁସାରେ ତା'ର ଭବିଷ୍ୟତ ଗଢ଼ିହୁଏ। ତେଣୁ ପିଲାଙ୍କୁ ଛୋଟବେଳେ ଏକ ସୁନ୍ଦର ହସଖୁସି ଭରା ପରିବେଶରେ ବଢ଼ିବାକୁ ଦିଅନ୍ତୁ।
- ପିଲାଙ୍କ ସହ ସାଙ୍ଗ ଭଳି ମିଶନ୍ତୁ। ଅଭିଭାବକମାନେ ପିଲାଙ୍କ ସହ ସାଙ୍ଗ ଭଳି ବ୍ୟବହାର କଲେ ସେମାନେ ବାହାର ପିଲାଙ୍କ ସହ କମ୍ ମିଶିବେ। ପିଲାମାନେ ବି ଅଭିଭାବକଙ୍କୁ ନିଜର ସାଙ୍ଗ ଭଳି ମନର ସବୁ କଥା ଶେୟାର କରିପାରିବେ। ତେଣୁ ଏକ ସମୟରେ ପିଲାଙ୍କୁ ବାପାମା'ଙ୍କର ସ୍ନେହ ମିଳିବା ସହ ପିଲାମାନେ କୌଣସି ଭୁଲ୍ କାମ କରିବା ପୂର୍ବରୁ ତାଙ୍କୁ ଠିକ୍ ରାସ୍ତାକୁ ଆଣିବାର ସୁଯୋଗ ପାଇପାରିବେ।

# ବେକିଂ ସୋଡ଼ାର କରାମତି

**ଘରେ ଲାଗିଥିବା ବିଭିନ୍ନ ଦାଗ ଦୂରକରିବା ପାଇଁ ବେକିଂ ସୋଡ଼ା ଅତ୍ୟନ୍ତ ଉପାଦେୟ। ତେବେ ଜାଣିରଖନ୍ତୁ ଏହାର ବ୍ୟବହାର।**




- ବାଥ୍‌ରୁମ୍ ସାୱାରରେ ସବୁବେଳେ ପାଣି ଲାଗି ରହୁଥିବାରୁ ସେଥିରେ କିଛିଦିନ ପରେ ଦାଗ ହୋଇଯାଏ। ତେଣୁ ବେକିଂ ସୋଡ଼ାରେ ଲିକ୍ୱିଡ୍ ସାବୁନ ମିଶାଇ ଲଗାନ୍ତୁ। ଏହାପରେ ବ୍ରଶ୍‌ରେ ଘଷନ୍ତୁ, ଦେଖିବେ ଧୀରେ ଧୀରେ ଏହି ସବୁ ଦାଗ ସଫା ହୋଇଯିବ।
- ବାଥ୍‌ରୁମ୍‌ର ନାଳ ଜାମ୍ ହୋଇ ଗନ୍ଧ ହେଉଥିଲେ ପ୍ରଥମେ ବେକିଂ ସୋଡ଼ାକୁ ପକାଇ ୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ଗରମ ପାଣି ଢାଳି ଦିଅନ୍ତୁ। ଜାମ୍ ହୋଇଥିଲେ ସଫା ହୋଇଯିବ।
- ରୋଷେଇ ଘରର ସବୁ ଦାଗ ଛଡ଼ାଇବାରେ ଏହା ବେଶ୍ ସହାୟକ। ରୋଷେଇ ଘର କିମ୍ବା ଗ୍ୟାସ୍ ଚୁଲା ସଫା କରୁଥିବା ସମୟରେ ବେକିଂ ସୋଡ଼ା ପକାଇଲେ ତାହା ଅତ୍ୟନ୍ତ ସୁନ୍ଦର ଦେଖାଯାଏ। ଭିନେଗାର ସହ ବେକିଂ ସୋଡ଼ା ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ କାନ୍ଥରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାପରେ ଏକ କପଡ଼ାରେ ପୋଛିଦିଅନ୍ତୁ। କାନ୍ଥରେ ଲାଗିଥିବା ସମସ୍ତ ଦାଗ ଦୂର ହୋଇଯିବ।

# କୁହନ୍ତୁନି, ଶୁଣନ୍ତୁ

**କୌଣସି ଏକ ଦକ୍ଷତାଠାରୁ କମ୍ ନୁହେଁ ଧୈର୍ଯ୍ୟର ସହ ଶୁଣିବା। ସମ୍ପର୍କ ମଜଭୁତ କରିବା କ୍ଷେତ୍ରରେ କହିବା ବଦଳରେ ଶୁଣିବା ହିଁ ଅଧିକ ଫଳପ୍ରଦ। ତେଣୁ ଏହି କଳାକୁ ଜାଣିବା ସବୁ ଗୃହିଣୀଙ୍କ ପାଇଁ ନିହାତି ଜରୁରୀ।**



ଅନେକଙ୍କର କହିବାର ଅଭ୍ୟାସ ଥାଏ, କିନ୍ତୁ ସେମାନେ ଶୁଣିବା ପାଇଁ ଧୈର୍ଯ୍ୟ ହରାଇ ବସନ୍ତି। ମାତ୍ର ପରିବାରରେ ସବୁ ସମ୍ପର୍କକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ସମସ୍ତଙ୍କ କଥା ଶୁଣିବା ନିହାତି



ଜରୁରୀ। ଶୁଣିବାର କଳା ହିଁ ଅନେକ ସମସ୍ୟାର ସମାଧାନ କରିଥାଏ। ପ୍ରକୃତରେ ଦେଖିବାକୁ ଗଲେ କହିବାଠାରୁ ଶୁଣିବା ଭଲ। ଗୃହିଣୀଙ୍କ ପାଇଁ ଏହା ଗୁରୁମନ୍ତ୍ର ଭଳି। ସମ୍ପର୍କ ଦୃଢ଼ ହେବ ଆଉ ସମସ୍ୟା ରହିବ ନାହିଁ। ଏସବୁ ଦୃଷ୍ଟିରୁ ବିଚାର କରି ସେମାନେ ଶୁଣିବାର କଳାକୁ ଆପଣାଇ ନିଅନ୍ତି।

**ବୁଝାମଣା ରକ୍ଷାକରେ:** ପରିବାର ଭିତରେ ଜୀବନସାଥୀ ହୁଅନ୍ତୁ ଅବା ଅନ୍ୟ କୌଣସି ସଦସ୍ୟ ତାଙ୍କ କଥାକୁ ଭଲଭାବେ ଶୁଣିବା ଫଳରେ ପରସ୍ପର ମଧ୍ୟରେ ବୁଝାମଣା ଭଲ ରହିଥାଏ। କଥାରୁ ହିଁ ତାଙ୍କ ମନୋଭାବ ବୁଝିହେବ। ଶୁଣିବାର ଅଭ୍ୟାସ ରହିଲେ ହିଁ ତାଙ୍କୁ ଭଲଭାବେ ବୁଝିହେବ ଓ ଆବଶ୍ୟକ ସମୟରେ ସାହାଯ୍ୟ ବି କରିହେବ। ତେଣୁ ସମ୍ପର୍କ ସୁରକ୍ଷିତ ରଖିବା ପାଇଁ ଶୁଣିବା ଏକ ଭଲ ଅଭ୍ୟାସ।

**ସମ୍ପର୍କ ମଜଭୁତ କରେ:** ଜଣଙ୍କ ସହ ସମ୍ପର୍କ ମଜଭୁତ କରିବା ପାଇଁ ହେଲେ ତାଙ୍କ ବିଷୟରେ ଅଧିକ ଜାଣିବା ଦରକାର। ତାଙ୍କଠାରୁ ହେଉ ଅବା ଅନ୍ୟ କାହାଠାରୁ ତାଙ୍କ ବିଷୟରେ ଅଧିକ କିଛି ଶୁଣିବା ଦ୍ୱାରା ହିଁ ଏହା ସମ୍ଭବ ହୋଇଥାଏ। ତେଣୁ ଧୈର୍ଯ୍ୟର ସହ ସବୁ କଥା ଶୁଣିଲେ ସାଥୀ ବା ସମ୍ପର୍କୀୟଙ୍କୁ ଭଲଭାବେ ଜାଣିପାରିବେ।

**ସମସ୍ୟା ସମାଧାନ:** ଶୁଣିବାର କଳା ଜାଣିଥିଲେ ସବୁ ସମସ୍ୟାର ସମାଧାନ ମିଳିଥାଏ। ଏହି ମାଧ୍ୟମରେ ସମସ୍ତଙ୍କର ସମସ୍ୟା ଜାଣିହୁଏ। ଆଉ ଦରକାର ସମୟରେ ନିଜ ସାମର୍ଥ୍ୟ ଅନୁସାରେ ସାହାଯ୍ୟ ବି କରିହୁଏ। ତେଣୁ ସମସ୍ୟା ସମାଧାନ ରାସ୍ତା ବାହାରିବା ଦ୍ୱାରା ପରସ୍ପର ମଧ୍ୟରେ ସମ୍ପର୍କ ବେଶ୍ ନିବିଡ଼ ହୋଇପାରିବ। ବେଳେବେଳେ ସମସ୍ୟା ଥିବା ବ୍ୟକ୍ତି ନିଜର ଅସୁବିଧା ନେଇ କିଛି କହିପାରନ୍ତି ନାହିଁ। ତେଣୁ ସେଭଳି ସ୍ଥିତିରେ ତାଙ୍କଠାରୁ ସମସ୍ତ କଥା ଶୁଣିବା ପାଇଁ ପରିବେଶ ବି ସୃଷ୍ଟି କରିବାକୁ ହେବ।

**ଦ୍ୱନ୍ଦ୍ୱ ଦୂରକରେ:** ଅନେକ ସମସ୍ୟାରେ ଜଣକ ବିଷୟରେ ମନରେ ଭ୍ରାନ୍ତଧାରଣା ରହିଯାଇଥାଏ। ତେଣୁ ଶୁଣିବା ଦ୍ୱାରା ଆପଣ ପ୍ରକୃତ କଥା ବୁଝିବାକୁ ସମର୍ଥ ହୋଇପାରିବେ। ଯାହା ଫଳରେ ମନରେ ଥିବା ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ଦୂର ହୋଇଯିବ ଓ ଭଲପାଇବା ବୃଦ୍ଧିପାଇବ। ଏମିତିକି ପରିବାର ଲୋକଙ୍କ ବ୍ୟତୀତ ସମ୍ପର୍କୀୟ କିମ୍ବା ବନ୍ଧୁମାନଙ୍କ ସହ ଏହି ଭାବରେ ଆପଣ ସମ୍ପର୍କ ଦୃଢ଼ କରିପାରିବେ।

**ସମ୍ମାନ ଓ ସାହସ:** ସବୁ ସମୟରେ ଅନ୍ୟର ସମସ୍ୟା ଓ ଘଟଣା ସବୁ ଶୁଣିବା ଫଳରେ ଆପଣ ଉଭୟ ମାନସିକ ଏବଂ ଶାରୀରିକଭାବେ ସାହାଯ୍ୟ କରିପାରିବେ। ଆପଣାର ମଣିଷଟିଏ ହୋଇ ସବୁବେଳେ ସମସ୍ତଙ୍କର ନିକଟତର ହୋଇପାରିବେ। ଯଥାସମ୍ଭବ ସାହାଯ୍ୟ ଓ ସମର୍ଥନ କରିବାର ସୁଯୋଗ ବି ପାଇପାରିବେ। ତେଣୁ ଏପରି କରି ଆପଣ ନିଜର ସମ୍ମାନ ବଢ଼ାଇପାରିବେ ଓ ନିଜର ନେତୃତ୍ୱ ନେବାର ଏକ ଅଧିକାର ବି ପାଇପାରିବେ। ଭବିଷ୍ୟତରେ ଏହି ଗୁଣ ଆପଣଙ୍କୁ ଅନେକ ସମ୍ମାନର ଅଧିକାରୀ କରିପାରିବ।

**ଆତ୍ମସଚେତନତା:** କଥା ଶୁଣିବାର ଏକ ସବୁଠୁ ଭଲ ଦିଗ ହେଉଛି ନିଜେ ସଚେତନ ହୋଇପାରିବେ। କମ୍ କହିବା ଓ ଅଧିକ ଶୁଣିବା ଫଳରେ ଆପଣ ଅନେକ ଦୃଷ୍ଟିରୁ ସଚେତନ ହୋଇପାରିବେ। ନିଜ ବ୍ୟବହାର ଓ କାମରେ ଭୁଲ୍ କମ୍ କରିବେ। ସବୁବେଳେ ଅନ୍ୟର ଦୃଷ୍ଟିରେ ନିଜର ଭୁଲ୍‌କୁ ମଧ୍ୟ ଦେଖି ସଚେତନ ହୋଇପାରିବେ। ତେଣୁ ନିଜକୁ ମାର୍ଜିତ କରିବା ପାଇଁ ଏହା ଏକ ସୁଯୋଗ ଆଣି ଦେଇଥାଏ କହିଲେ ଭୁଲ୍ ହେବ ନାହିଁ।

**ମନର କଥା ଶୁଣିବା:** ବେଳେବେଳେ ଚୁପ୍ ରହି ମନର କଥା ବି ଶୁଣିବା ଦରକାର। କାହିଁକିନା ଅନେକ ସମୟରେ ନିଜ ଅନ୍ତରାତ୍ମା କୌଣସି ଏକ ବିଷୟରେ ସଚେତନ କରାଇଥାଏ। କୌଣସି କାମ ପାଇଁ ମନରୁ ପ୍ରେରଣା ଆସିଥାଏ କିମ୍ବା ଭୁଲ୍ କାମ ହୋଇଥିଲେ ସେଥିପାଇଁ ପ୍ରତିରୋଧ ବି ଆସିଥାଏ। ତେଣୁ ଭୁଲ୍ ନିଷ୍ପତ୍ତି, ଖରାପ କାମ କରିବାଠାରୁ ଦୂରେଇ ରଖେ।

## ଏମାନେ କ'ଣ କରନ୍ତି



**ଆଗ ସବୁ କଥା ଶୁଣେ:** ଶାଶୁଘରେ ସମସ୍ତେ ମତେ ବହୁତ ଭଲପାନ୍ତି। ସେମାନେ ନିଜର ସବୁକଥା ମୋ ଆଗରେ ଶେୟାର କରନ୍ତି। କାହା କଥା ଅନ୍ୟ ଆଗରେ ପ୍ରକାଶ ନ କରି ସେମାନଙ୍କ ଅସୁବିଧାରେ ତାଙ୍କୁ ସାହାଯ୍ୟକରେ। ମୁଁ ମଧ୍ୟ ମୋର ସମସ୍ୟା ବିଷୟରେ ସ୍ୱାମୀଙ୍କ ସହ କଥା ହୁଏ କିନ୍ତୁ ତାଙ୍କର ମନ ଭଲ ନ ଥିଲେ କିଛି କହେନି। ସବୁବେଳେ ତାଙ୍କ କଥା ଆଗ ଶୁଣିବାକୁ ଚେଷ୍ଟାକରେ, ତା'ପରେ ତାଙ୍କ ମୁଡ୍ ଭଲ ଥିଲେ ମୋ କଥା କୁହେ। ଏଭଳି ଗୁଣ ପାଇଁ ଆମ ଘରେ ପ୍ରାୟତଃ ଗଣ୍ଡଗୋଳ ହୁଏନି ଓ ପରସ୍ପର ମଧ୍ୟରେ ଭଲପାଇବା ବହୁତ ଭଲ ରହିଛି।

*–ବିଶ୍ୱବନ୍ଦିତା ମହାନ୍ତି, ଗୃହିଣୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର*



**ନିଜକୁ ବଦଳାଇ ଦେଇଛି:** ପ୍ରଥମରୁ ବହୁତ ଗପୁଥିଲି। ପ୍ରତି କଥାରେ ମୁଣ୍ଡ ପୂରେଇବା ଭଳି କିଛି ନା କିଛି ମତ ଦେଉଥିଲି। କିନ୍ତୁ ଶାଶୁଘରେ ଏହି ଗୁଣ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବା ପରେ ଏବେ ନିଜକୁ ବଦଳାଇ ଦେଇଛି। ସବୁବେଳେ ଗପିବା ବଦଳରେ ସମସ୍ତଙ୍କ କଥା ଅଧିକ ଶୁଣୁଛି। ପରିବାରରେ ଶାନ୍ତି ବଜାୟ ରଖିବା ପାଇଁ ପ୍ରତି ଗୃହିଣୀ ନିଜକୁ ଏଭଳି କରିଦେବା ଦରକାର ବୋଲି ବୁଝିସାରିଛି। ସମୟ ସୁବିଧା ଦେଖି ନିଜର ସମସ୍ୟା କେବଳ ସ୍ୱାମୀଙ୍କ ଆଗରେ କୁହେ, କିନ୍ତୁ ପ୍ରଥମେ ତାଙ୍କ ସମସ୍ୟା ଶୁଣି କ'ଣ କହିବି ବିଚାରକରେ।

*–ସ୍ମୃତିରେଖା ପଟ୍ଟନାୟକ, ଗୃହିଣୀ, ସିଡିଏ, ସେକ୍ଟର-୬, କଟକ*





## ସୌନ୍ଦର୍ଯ୍ୟ

# ଶୀତଦିନେ ଲଗାନ୍ତୁ ତେଲ

**ଶୀତଦିନେ ତ୍ୱଚା ଅଧିକ ଶୁଷ୍କ ହୋଇଯାଏ। ତେଣୁ ଏହି ଋତୁରେ ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁନ୍ଦର କରିବା ପାଇଁ ଜାଣିରଖନ୍ତୁ କିଛି ତେଲ ସମ୍ପର୍କରେ...**



ବିଭିନ୍ନ ପ୍ରକାର ପ୍ରାକୃତିକ ତେଲ ଅଛି ଯାହା ତ୍ୱଚା ପାଇଁ ଅତ୍ୟନ୍ତ ଭଲ। ତେବେ ଏସବୁ ତେଲକୁ ରାତିରେ ଶୋଇବା ସମୟରେ ଲଗାଇଲେ ତାହା ଅଧିକ ଫଳପ୍ରଦ ହୋଇଥାଏ ଓ ସ୍କିନ୍ ସୁନ୍ଦର ଦିଶିଥାଏ।

**ଆଲ୍‌ମଣ୍ଡ ଅଏଲ:** ତ୍ୱଚା ପାଇଁ ଆଲ୍‌ମଣ୍ଡ ଅଏଲ ବା ବାଦାମତେଲ ବହୁତ ଭଲ। ଏହି ତେଲକୁ ମୁହଁରେ ଲଗାଇଲେ ଭିଟାଇନ୍- ଇ ଭରପୂର ମାତ୍ରାରେ ମିଳିଥାଏ। ଫଳରେ ତ୍ୱଚା ସୁସ୍ଥ ରହିଥାଏ। ଏହି ତେଲ ତ୍ୱଚାକୁ ହାଇଡ୍ରେଟ୍ ବି କରାଇଥାଏ। ତେଣୁ ତ୍ୱଚାର ଉଜ୍ଜ୍ୱଳତା ଢେର୍ ଅଧିକ ହୋଇଥାଏ।



**ନଡ଼ିଆତେଲ:** ଏହି ତେଲରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଅକ୍ସିଡାଣ୍ଟ, ଆଣ୍ଟି ଇନ୍‌ଫ୍ଲେମେଟରି ଗୁଣ ରହିଛି। ଏହା ତ୍ୱଚାକୁ ସୁରକ୍ଷା ଦେଇଥାଏ। ଶୀତଦିନେ ପ୍ରତିଦିନ ଏହି ତେଲକୁ ଲଗାଇଲେ ତ୍ୱଚାର ଶୁଷ୍କପଣ କମ୍ ହୋଇଥାଏ। ତେବେ ଯେଉଁମାନଙ୍କର ତ୍ୱଚା ଅତ୍ୟଧିକ ତୈଳୀୟ ସେମାନେ ଏହି ତେଲ ଲଗାଇବା ଉଚିତ ନୁହେଁ।

**ଅଲିଭ୍ ଅଏଲ:** ତ୍ୱଚାରେ ଅଲିଭ୍ ଅଏଲ ଅନେକ ସମସ୍ୟା ଦୂର କରିଥାଏ। ଏହା ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର ଥିବାରୁ ତ୍ୱଚାରେ କୁଞ୍ଚନ ଆସିବା ଭଳି ସମସ୍ୟା କମ୍ ହୋଇଥାଏ। ତ୍ୱଚାରେ ଥିବା କଳାଦାଗ କମ୍ କରିବା ପାଇଁ ଏହାକୁ ଲଗାଇହେବ।

**ସୂର୍ଯ୍ୟମୁଖୀ ତେଲ:** ଏହି ତେଲ ମଧ୍ୟ ତ୍ୱଚାକୁ ଶୀତଦିନେ ସୁରକ୍ଷା ଦେଇଥାଏ। ଏଥିରେ ଭିଟାମିନ୍-ଇ ଏବଂ ଭିଟାମିନ୍-ଏ ରହିଥିବାରୁ ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରାଇଥାଏ।

## ଘରକରଣା

- ଭେଣ୍ଡିକୁ ଅଧିକ ସମୟ ପର୍ଯ୍ୟନ୍ତ ଫ୍ରେଶ ରଖିବା ପାଇଁ ସେଥିରେ କିଛି ସୋରିଷ ତେଲ ଲଗାଇ ଦିଅନ୍ତୁ।
- ନୁଡୁଲ୍‌ସକୁ ପାଣିରେ ସିଝାଇବାବେଳେ ସେଥିରେ କିଛି ଲୁଣ ଏବଂ ତେଲ ପକାଇ ଦିଅନ୍ତୁ ଏବଂ ଛାଣି ସାରିବା ପରେ ସେଥିରେ ଥଣ୍ଡା ପାଣି ଢାଳନ୍ତୁ।
- ଜାୟିତ୍ରିକୁ ମିଠା, କେକ୍ ଏବଂ ବ୍ରେଡ ତିଆରି କରିବା ପାଇଁ ବ୍ୟବହାର କରିହେବ। ମସଲା ଚା ଏବଂ ମସଲା କ୍ଷୀର ତିଆରିରେ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ।
- ସୁପ୍‌ରେ ଜାୟିତ୍ରି ପକାଇଲେ ଏହାର ସ୍ୱାଦ ବହୁତ ବଢ଼ି ଯାଇଥାଏ।
- ଉଷୁମ ପାଣିରେ ହେଙ୍ଗୁ ମିଶାଇ ଗର୍ଗଲିଂ କଲେ ଗଳା ଦରଜରୁ ଆରାମ ମିଳିଥାଏ।
- ରାଜମା କିମ୍ବା ବିରି ଡାଲି ସିଝାଇବା ସମୟରେ ପାଣିରେ ଲୁଣ ମିଶାନ୍ତୁ ନାହିଁ, ଶୀଘ୍ର ସିଝିବ।
- ରାଇତା କରିବା ସମୟରେ ହେଙ୍ଗୁ ଓ ଜିରାକୁ ବାଟିବା ବଦଳରେ ଛୁଙ୍କରେ ପକାଇ ଦିଅନ୍ତୁ ଅଧିକ ସ୍ୱାଦିଷ୍ଟ ଲାଗିବ।
- ପୁରି ପାଇଁ ଅଟା ଚକଟିବା ସମୟରେ ସେଥିରେ କିଛି ସୁଜି କିମ୍ବା ଚାଉଳ ଗୁଣ୍ଡ ମିଶାଇ ଦିଅନ୍ତୁ। ପୁରି ଅଧିକ ସ୍ୱାଦିଷ୍ଟ ଲାଗିବ।

## ଖାଦ୍ୟରୁଚି

# ବ୍ରୋକଲି ପରଟା

**ଆବଶ୍ୟକ ସାମଗ୍ରୀ–** ଅଟା- ୨ କପ୍, ବ୍ରୋକଲି- ୧ଟି (ଛୋଟ), ସିଝା ଆଳୁ- ୧ଟି, ପନିର- ୧୫୦ ଗ୍ରାମ୍, ଚାଟ ମସଲା- ୧ ଚାମଚ, ଭଜା ଜିରାଗୁଣ୍ଡ- ୧ ଚାମଚ, ଧନିଆପତ୍ର- ୨ ବଡ଼ ଚାମଚ, କଞ୍ଚାଲଙ୍କା- ୨ଟି, ଜୁଆଣି ଅଧା ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**ପ୍ରଥମେ ଅଟାରେ ୨ ଚାମଚ ତେଲ ଓ ଲୁଣ ପକାଇ ଚକଟି ଦିଅନ୍ତୁ। ଏହାକୁ ଅଧଘଣ୍ଟା ପାଇଁ ଘୋଡ଼ାଇ ରଖନ୍ତୁ। ବ୍ରୋକଲିକୁ କଟରରେ କୋରି ରଖନ୍ତୁ। ପନିରକୁ ମଧ୍ୟ ବ୍ରୋକଲି ଭଳି କୋରାଇ ରଖନ୍ତୁ। ଧନିଆପତ୍ର ଓ କଞ୍ଚାଲଙ୍କା ମଧ୍ୟ ଛୋଟ ଛୋଟ କରି କାଟିରଖନ୍ତୁ। ଏବେ ସିଝା ଆଳୁ, ବ୍ରୋକଲି, ପନିର ସହ ଅନ୍ୟ ସମସ୍ତ ସାମଗ୍ରୀକୁ ଲୁଣ ସହ ମିଶାଇ ସାମାନ୍ୟ ଭାଜିଦିଅନ୍ତୁ। ଏହାପରେ ଚକଟା ହୋଇ ରହିଥିବା ଅଟାକୁ ବଡ଼ ବଡ଼ ଗୁଳା କରି ଦିଅନ୍ତୁ। ଅଟାଗୁଳାକୁ ମୋଟାକରି ଛୋଟ ଛୋଟ କରି ବେଲି ଦିଅନ୍ତୁ। ଏବେ ଏଥିରେ ପ୍ରସ୍ତୁତ ହୋଇ ରହିଥିବା ବ୍ରୋକଲି ପୁରକୁ ଅଟା ମଝିରେ ରଖି ପୁଣି ଥରେ ଗୋଲ କରି ଧୀରେ ଧୀରେ ରୁଟି ପରି ବେଲି ଦିଅନ୍ତୁ। ତେବେ ଆଳୁ ପରଟା ପରି ଏହାକୁ ସାମାନ୍ୟ ମୋଟା କରି ବେଲନ୍ତୁ। ଏବେ ଗ୍ୟାସ୍‌ରେ ତାୱା ଗରମକରି ସେଥିରେ ଏହାକୁ ତେଲ କିମ୍ବା ଘିଅ ଦେଇ ସେକି ଦିଅନ୍ତୁ। ଗରମ ଗରମ ପରଟାକୁ ଚଟଣି କିମ୍ବା ତରକାରି ସହ ଖାଇପାରିବେ।



# ଇଂଲଣ୍ଡକୁ ହରାଇଲା ୱେଷ୍ଟଇଣ୍ଡିଜ୍

**ନର୍ଥ ସାଉଣ୍ଡ,୪।୧୨(ପି.ଟି.)**

ଅଧିନାୟକ ତଥା ଉଇକେଟ କିପର ଶାଇ ହୋପଙ୍କ ଶତକ ଓ ରୋମାରିଓ ଶେଫର୍ଡଙ୍କ ଦ୍ରୁତ ୪୯ ରନ୍‌ବଳରେ ପ୍ରଥମ ଦିନିକିଆରେ ଇଂଲଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି ୱେଷ୍ଟଇଣ୍ଡିଜ୍। ବିଶ୍ୱକପ ବିଫଳତା ପରେ ଆଉ ଏକ ପରାଜୟ ହାସଲ କରିଛି ଇଂଲଣ୍ଡ। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୩୨୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୭ ବଲ୍ ବାକିଥାଇ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।



ଶଟ୍ ଖେଳିବା ଅବସରରେ ଶାଇ ହୋପ୍।

## ଶାଇ ହୋପ୍‌ଙ୍କ ଶତକ

ସାର ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଓପନର ଫିଲ ସଲ୍ଟ(୪୫) ଓ ୱିଲ ଜ୍ୟାକ୍ସ(୨୬) ପ୍ରଥମ ଉଇକେଟରେ ୭୭ ରନ୍ ଯୋଡିଥିଲେ। ସମାନ ସ୍କୋରରେ ଉଭୟ ଓପନର ଆଉଟ ହେବା ପରେ ଜ୍ୟାକ୍ କ୍ରଲି ୪୮ ଓ ବେନ୍ ଡକେଟ୍ ୨୦ ରନ୍ କରିଥିଲେ। ତେବେ ହ୍ୟାରୀ ବ୍ରୁକ୍ ୭୨ ବଲ୍‌ରୁ ୭୧ ରନ୍ କରି ଇଂଲଣ୍ଡକୁ ଏକ ଦୃଢ ସ୍କୋର ପ୍ରଦାନ କରିଥିଲେ। ବ୍ରୁକଙ୍କ ଇନିଂସରେ ୭ ଚୌକା ଓ ୨ ଛକା ସାମିଲ ଥିଲା। ପରେ ଶେଷ ଭାଗରେ ସାମ୍ କୁରାନ(୩୮) ଓ ବ୍ରାଇଡେନ୍ କାର୍ସ(୩୧*) ରନ୍ କରିବାରୁ ଦଳ ୩୨୫ ରନରେ ପହଞ୍ଚିଥିଲା। ଘରୋଇ ଦଳ ପକ୍ଷରୁ ଗୁଡାକେଶ ମୋତି, ଓଶେନ୍ ଥୋମାସ୍ ଓ ରୋମାରିଓ ଶେଫର୍ଡ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୩୨୬ ରନ୍ ଲକ୍ଷ୍ୟର ପିଛା କରୁଥିବା ବେଳେ ୱେଷ୍ଟଇଣ୍ଡିଜକୁ ଏକ ଭଲ ଆରମ୍ଭ ପ୍ରଦାନ କରିଥିଲେ ଓପନର ବ୍ରାଣ୍ଡନ୍ କିଙ୍ଗ(୩୫) ଓ ଆଲିକ୍ ଅଥାଞ୍ଜେ(୬୬)। ଉଭୟ ପ୍ରଥମ ଉଇକେଟରେ ୧୦୪ ରନ୍ ଯୋଡିଥିଲେ। ଅଥାଞ୍ଜେ ୬୫ ବଲ୍ ଖେଳି ୯ ଚୌକା ଓ ୨ ଛକା ମାରିଥିଲେ। କେସି କାର୍ଟି ୧୬ ରନ୍ କରି ଆଉଟ ହୋଇଥିଲେ। ତେବେ ଅଧିନାୟକ ଶାଇ ହୋପ ଅପରାଜିତ ୧୦୯ ରନ୍ କରିଥିଲେ। ୮୩ ବଲ୍ ଖେଳି ସେ ୪ ଚୌକା ଓ ୭ ଛକା ମାରିଥିଲେ। ସିମରନ୍ ହେଟମେୟର(୩୨) ଓ ରୋମାରିଓ ଶେଫର୍ଡ(୪୯)ଙ୍କୁ ସାଥୀ କରି ଦଳକୁ ମ୍ୟାଚ୍ ଜିତାଇଥିଲେ। ଶେଫର୍ଡଙ୍କ ସହିତ ସେ ୮୯ ରନ୍‌ର ଭାଗୀଦାରି କରିଥିଲେ। ଇଂଲଣ୍ଡ ପକ୍ଷରୁ ସାମ କୁରାନ୍ ୯.୫ ଓଭରରେ ୯୮ ରନ୍ ବ୍ୟୟ କରିଥିଲେ। ଇଂଲଣ୍ଡ ପକ୍ଷରୁ ଗସ୍ ଆଟକିନ୍‌ସନ୍ ଓ ରେହାନ୍ ଅହମଦ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ବ୍ରାଇଡେନ୍ କାର୍ସ ଓ ଲିଆମ ଲିଭିଙ୍ଗଷ୍ଟୋନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶାଇ ହୋପ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୦ ଓଭରରେ ୩୨୫/୧୦(ହ୍ୟାରୀ ବ୍ରୁକ୍-୭୧, ଜ୍ୟାକ୍ କ୍ରଲି-୪୮, ଫିଲ ସଲ୍ଟ-୪୫, ଗୁଡାକେଶ ମୋତି-୨/୪୯, ଓଶେନ୍ ଥୋମାସ୍-୨/୫୭,ରୋମାରିଓ ଶେଫର୍ଡ-୨/୭୭)।

ୱେଷ୍ଟଇଣ୍ଡିଜ୍ ୪୮.୫ ଓଭରରେ ୩୨୬/୬(ଶାଇ ହୋପ୍-୧୦୯*,ଆଲିକ୍ ଅଥାଞ୍ଜେ-୬୬, ରୋମାରିଓ ଶେଫର୍ଡ-୪୯, ଗସ୍ ଆଟକିନ୍‌ସନ୍-୨/୬୩, ରେହାନ୍ ଅହମଦ୍-୨/୪୦,ଲିଆମ୍ ଲିଭିଙ୍ଗଷ୍ଟୋନ୍-୧/୫୦)।

## ବାଇଜୁସ୍‌କୁ ଏନ୍‌ସିଏଲ୍‌ଟି ନୋଟିସ୍

**ନୂଆଦିଲ୍ଲୀ, ୪।୧୨(ପି.ଟି.):** ଭାରତୀୟ କ୍ରିକେଟ ବୋର୍ଡ(ବିସିସିଆଇ)ର ୧୫୮ କୋଟି ଟଙ୍କା ବାକି ରଖିବା ପ୍ରସଙ୍ଗରେ ବାଇଜୁସ୍‌କୁ ନୋଟିସ୍ ପ୍ରେରଣ କରିଛି ଏନ୍‌ସିଏଲ୍‌ଟି। ଅର୍ଥ ପରିଶୋଧ ହୋଇ ନ ଥିବା କାରଣରୁ ଧାରା ୯ ଅନୁସାରେ ଏହି ନୋଟିସ୍ ପ୍ରେରଣ କରାଯାଇଛି। ୧୫୮ କୋଟି ଟଙ୍କା ବାକି ଥିବା ନେଇ ବିସିସିଆଇ ପକ୍ଷରୁ ବେଙ୍ଗାଲୁରୁ ସ୍ଥିତ ଏନ୍‌ସିଏଲ୍‌ଟିରେ ଅଭିଯୋଗ କରାଯାଇଥିଲା। ଏକ ସପ୍ତାହ ମଧ୍ୟରେ ଏହି ନୋଟିସର ଉତ୍ତର ଦେବା ପାଇଁ ବାଇଜୁସ୍‌ର ପ୍ୟାରେଣ୍ଟ କମ୍ପାନୀ ଥିଙ୍କ ଆଣ୍ଡ ଲର୍ନକୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୨୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ୨୦୧୯ରେ ଓପୋ ଓହରିବା ପରେ ବାଇଜୁସ୍ ଭାରତୀୟ ଦଳର ପ୍ରଯୋଜକ ରହିଥିଲା।

## ଆଇପିଏଲ୍‌ରୁ ଓହରିଯିବା ଲାଗି ଆର୍ଚରଙ୍କୁ ନିର୍ଦ୍ଦେଶ

**ଲଣ୍ଡନ, ୪।୧୨ (ପି.ଟି.):** ଆସନ୍ତାବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିଯିବା ଲାଗି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଜୋଫ୍ରା ଆର୍ଚରଙ୍କୁ ନିର୍ଦ୍ଦେଶ ଦେଇଛି। ବାରମ୍ବାର ଆଘାତଜନିତ ସମସ୍ୟାରେ ରହୁଥିବା ଏହି ବୋଲର ୨୦୨୪ର ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୨୨ଆଇପିଏଲ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଆର୍ଚରଙ୍କୁ ୮କୋଟି ଟଙ୍କାରେ କ୍ରୟ କରିଥିଲା। ଗତ ସପ୍ତାହରେ ଫ୍ରାଞ୍ଚାଇଜ୍ ତାଙ୍କୁ ରିଲିଜ କରିଥିଲା। ଡିସେମ୍ବର ୧୯ରେ ଦୁବାଇରେ ହେବାକୁଥିବା ଆଇପିଏଲ୍ ନିଲାମି ପାଇଁ ପଞ୍ଜିକୃତ ହୋଇଥିବା ଖେଳାଳି ତାଲିକାରେ ତାଙ୍କ ନାମ ସ୍ଥାନ ପାଇ ନାହିଁ। ଗତ ମେ ମାସରେ ଆଇପିଏଲ ଖେଳୁଥିବା ବେଳେ ତାଙ୍କ କହୁଣୀରେ ଆଘାତ ଲାଗିଥିଲା।

## ବିସିସିଆଇ ଇଣ୍ଟର ଜୋନାଲ ମହିଳା ଟି୨୦: ପୂର୍ବାଞ୍ଚଳ ଚାମ୍ପିୟନ



ଟ୍ରଫି ସହ ଓଡ଼ିଶାର ମାଧୁରୀ ମେହେଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ।

**ଭବନେଶ୍ୱର,୪।୧୨(ସରୋଜ ଜେନା)**

ବିସିସିଆଇ ପକ୍ଷରୁ ଆୟୋଜିତ ଇଣ୍ଟର ଜୋନାଲ ମହିଳା ଟି୨୦ ଟୁର୍ନାମେଣ୍ଟ ଜିତି ନେଇଛି ପୂର୍ବାଞ୍ଚଳ। ସୋମବାର ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ଫଳରେ ଲିଗ୍ ପର୍ଯ୍ୟାୟରେ ଅଧିକ ପଏଣ୍ଟ ହାସଲ କରିଥିବା ପୂର୍ବାଞ୍ଚଳ ଦଳକୁ ବିଜେତା ଘୋଷଣା କରାଯାଇଥିଲା। ଲିଗ୍ ପର୍ଯ୍ୟାୟରେ ୫ ମ୍ୟାଚ୍‌ରୁ ୪ ବିଜୟ ସହ ୧୮ ପଏଣ୍ଟ ଅର୍ଜନ କରି ପୂର୍ବାଞ୍ଚଳ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ପଶ୍ଚିମାଞ୍ଚଳ ୫ ମ୍ୟାଚ୍‌ରୁ ୩ ବିଜୟ ସହ ୧୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ପୂର୍ବାଞ୍ଚଳ ଦଳରେ ଓଡ଼ିଆ ଖେଳାଳି ମାଧୁରୀ ମେହେଟ୍ଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଥିବା ବେଳେ ଫିଜିଓ ଭାବେ ଜୁରି ଦତ୍ତା ରହିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟାନ୍ୟ କର୍ମକର୍ତ୍ତା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।





ଭୁବନେଶ୍ୱର ସିଟି ଆନ୍ତଃ ସ୍କୁଲ ଚାମ୍ପିୟନଶିପ୍‌ର ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ଚାମ୍ପିୟନ କିସ୍ ଦଳ।

**ଭୁବନେଶ୍ୱର ସିଟି ଆନ୍ତଃ ସ୍କୁଲ ଫୁଟବଲ**

## ୪ ବିଭାଗରେ କିସ୍ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୪।୧୨ (ବିଜୟ ରଣା):** ଆରଏଫ୍‌ୱାଇଏସ୍-ଫାଓ ଭୁବନେଶ୍ୱର ସିଟି ଆନ୍ତଃ ସ୍କୁଲ ଚାମ୍ପିୟନଶିପ୍‌ରେ କିସ୍‌ର ପ୍ରଦର୍ଶନ ଜବରଦସ୍ତ ରହିଛି। ଏହି ଦଳ ୧୫ବର୍ଷରୁ କମ୍ ବାଳିକା, ୧୯ ବର୍ଷରୁ କମ୍ ବାଳିକା, ୧୫ ବର୍ଷରୁ କମ୍ ବାଳକ ଏବଂ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିୟନ ହୋଇଛି। ଏହି ବର୍ଗଗୁଡ଼ିକରେ ଯଥାକ୍ରମେ କ୍ୟାପିଟାଲ ଗର୍ଲସ ହାଇସ୍କୁଲ ୟୁନିଟ-୨, କ୍ୟାପିଟାଲ ଗର୍ଲସ ହାଇସ୍କୁଲ ୟୁନିଟ୍-୨, ଓଡିଏମ୍ ଗ୍ଲୋବାଲ ସ୍କୁଲ ଓ ଫ୍ୟୁଚର ଗ୍ଲୋବାଲ ସ୍କୁଲ ରନରଅପ୍ ହୋଇଛନ୍ତି। ଅନ୍ୟପକ୍ଷରେ ୧୯ ବର୍ଷରୁ କମ୍ ବାଳକ ବିଭାଗରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଚାମ୍ପିୟନ ହୋଇଥିବା ବେଳେ ଓଡିଏମ ଗ୍ଲୋବାଲ ସ୍କୁଲ ରନର ଅପ୍ ହୋଇଛି। ସମସ୍ତ କାଟେଗୋରିରେ ଚାମ୍ପିୟନ ଦଳକୁ ଆର୍ଥିକ ପୁରସ୍କାର ବାବଦରେ ୫୦,୦୦୦ ଟଙ୍କା ଲେଖାଏଁ ଏବଂ ରନରଅପ୍ ଦଳକୁ ୨୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।

## କିସ୍ ସ୍କୁଲ ଜିତିଲା ୟୁନିଲାଇଟ୍ କପ୍

**ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ):** ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ କିସ୍ ସ୍କୁଲ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ କ୍ୟାପିଟାଲ ହାଇସ୍କୁଲକୁ ୧-୦ ଗୋଲରେ ପରାସ୍ତ କରିଛି। ସେହିପରି ୟୁନିଟ-୬ ହାଇସ୍କୁଲକୁ ୧-୦ ଗୋଲରେ ହରାଇ ସୟଦ ସେମିନାରୀ ସ୍କୁଲ ତୃତୀୟ ସ୍ଥାନ ହାସଲ କରିଛି। କିସ୍‌ର ମଙ୍ଗଳ ହେମ୍ବ୍ରମ ଶ୍ରେଷ୍ଠ ଗୋଲକିପର, ସେମିନାରୀ ସ୍କୁଲର ୟୁ.ଶବର ଶ୍ରେଷ୍ଠ ଡିଫେଣ୍ଡର, କ୍ୟାପିଟାଲ ସ୍କୁଲର ଗୁଲସନ ଦିଗାଲ ଶ୍ରେଷ୍ଠ ମିଡ୍‌ଫିଲ୍ଡର ଓ ସୁରେଶ ମୁର୍ମୁ ଶ୍ରେଷ୍ଠ ଫରୱାର୍ଡ ଏବଂ ରାମଚନ୍ଦ୍ର ବାସ୍କେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ଅନୁଗୋଳ-ସୁକିନ୍ଦା ରେଲୱେ ପ୍ରକଳ୍ପର ଏମ୍‌ଡି ଦିଲୀପ ସାମନ୍ତରାୟ, ୟୁନିଲାଇଟ୍ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି, ଆୟୋଜକ ଆସୋସିଏଶନ ପକ୍ଷରୁ ନବରଞ୍ଜନ ପଟ୍ଟନାୟକ, ଅକ୍ଷୟ କୁମାର ଦାସ, ନରେନ୍ଦ୍ର ସେଠୀ, ପ୍ରିୟନାଥ ମିଶ୍ର, ବିବେକାନନ୍ଦ ଦାସ, ବିରଞ୍ଚି ମହାନ୍ତି, ପ୍ରଦୀପ କୁମାର ବଳିୟାର ସିଂ, ମହେଶ୍ୱର ସିଂ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

## ଭୁବନେଶ୍ୱର ଫୁଟବଲ ଲିଗ୍: କ୍ଲବ-୭୩ ବିଜୟୀ

**ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)**



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ଅବିନାଶ ସାମଲ।

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା 'ଗତିକୃଷ୍ଣ ପଣ୍ଡା ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍‌ରେ ସୋମବାର କ୍ଲବ-୭୩ ବିଜୟ ହାସଲ କରିଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨-୧ ଗୋଲରେ କିସ୍ ଫୁଟବଲ କ୍ଲବକୁ ପରାସ୍ତ କରିଛି। କ୍ଲବ-୭୩ ପକ୍ଷରୁ ଟିଣ୍ଟୁ ସାମଲ ୯ମ ଓ ଅନିଲ ସାମଲ ୮୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କିସ୍ ଦଳର ବିନୟ ମୁର୍ମୁ ୨୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। କ୍ଲବ-୭୩ର ଅବିନାଶ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ ଆସୋସିଏଶନର କାର୍ଯ୍ୟକାରୀ କମିଟି ସଦସ୍ୟ ନିକୁଞ୍ଜ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ।

## ୨୩ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ ଦଳ ଘୋଷିତ

**କଟକ,୪।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)**

ଆସନ୍ତା ୧୦ ତାରିଖରୁ ୨୩ବର୍ଷରୁ କମ୍ ଜାତୀୟ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ସୋମବାର ଓସିଏ ସମ୍ମିଳନୀ କକ୍ଷରେ ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହିଳା ଦଳ ଚୟନ କମିଟି ଅଧକ୍ଷା ରଶ୍ମିତା ମହାନ୍ତି ଓ ୨୩ବର୍ଷରୁ କମ୍ ମହିଳା ଦଳ କୋଚ୍ କାଦମ୍ବିନୀ ମହାକୁଡ ଉପସ୍ଥିତ ରହି ଦଳ ଘୋଷଣା କରିଛନ୍ତି। କୋଲକାତାର ବାରାସା ଗ୍ରାଉଣ୍ଡରେ ଜମ୍ମୁ ଓ କଶ୍ମୀର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଓଡ଼ିଶା ଦଳ:ଅଲିପ୍ସା ବିଶ୍ୱାଳ, ଭବାନୀ ଧଡା, ଭାଗ୍ୟଶ୍ରୀ ରାଉତ, ଜୋଏସ ନାୟକ,କଳ୍ପନା ନାୟକ, କୁସୁମ ତିରିଆ, ମଧୁସ୍ମିତା ବେହେରା ଦଳାଇ, ମେଘନା ପାଢ଼ୀ, ପୂଜାରାଣୀ ଦାସ, ରାଣୀ କୁମାରୀ ପ୍ରସାଦ, ସାରଦା ମହାନନ୍ଦ, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ସୂର୍ଯ୍ୟସ୍ନାତା ସ୍ୱାଇଁ, ସ୍ୱର୍ଣ୍ଣଲତା ନାୟକ, ତନ୍ମୟୀ ବେହେରା, ତନଭି ରଞ୍ଜନା, ତରଣା ପ୍ରଧାନ।

## ନୂଆପଡ଼ାକୁ ହରାଇ କଟକ ଚାମ୍ପିୟନ

**ସମ୍ବଲପୁର,୪।୧୨ (ବି.ଶଙ୍କର)**

**ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ**

ପୁରୁଣା ଖେଳାଳି ସଂଘ ଆୟୋଜନରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଦିଲୀପ ଚାନ୍ଦ କବାଡ଼ି ଟୁର୍ନାମେଣ୍ଟ ସମ୍ବଲପୁର ଫାଟକସ୍ଥିତ ଦୁର୍ଗାପୂଜା ପଡ଼ିଆଠାରେ ରବିବାର ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କଟକ ଓ ନୂଆପଡା ମଧ୍ୟରେ ହୋଇଥିଲା। ଏଥିରେ କଟକ ଦଳ ୩୭-୧୮ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚକୁ ରେଫେରି ରାଜେଶ ସେଟ, ଦିଲୀପ ସାହୁ, ରାମଦାସ ପଣ୍ଡା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ସମ୍ବଲପୁର ଜିଲାର ୧୨ ଦଳ ସମେତ ପିପିଲି, କଟକ, ରାଉରକେଲା, ନୂଆପଡା, ଝାରସୁଗୁଡା ଓ ଭୁବନେଶ୍ୱରର କବାଡି ଦଳ ଭାଗ ନେଇଥିଲେ। ଆୟୋଜକ ପୁରୁଣା ଖେଳାଳି ସଂଘ ସଭାପତି ସିଦ୍ଧାର୍ଥ ସାହାଙ୍କ ଅଧ୍ୟକ୍ଷତା ଓ କାର୍ଯ୍ୟକାରୀ ସଭାପତି ପ୍ରଣବ ଶତ୍ରୁଶଲ୍ୟଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ସମ୍ବଲପୁର ଫାଟକ ଦୁର୍ଗାପୂଜା କମିଟି ସଭାପତି ତଥା ସାମାଜିକ କର୍ମୀ ପ୍ରଭାତ ବିଶ୍ୱାଳ, ଡାକୁରପଡାର ଗୁପ୍ତେଶ୍ୱର ଶୀତଳଷଷ୍ଠୀ କମିଟି ସଭାପତି ଶିବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା, ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସକାଳେ ଭାରତୀୟ ହକି ଫେଡେରେଶନ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସାଧାରଣ ସମ୍ପାଦକ ସୁଶାନ୍ତ ଦଣ୍ଡସନା ସୂଚନା ଦେଇଥିବାବେଳେ କୋଷାଧ୍ୟକ୍ଷ ରାଜା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରେମ ରଞ୍ଜନ ପ୍ରଧାନ, ଇଦ୍ରିସ ମଲ୍ଲିକ, ଜଗବନ୍ଧୁ ବେହେରା, ସୁରେନ୍ଦ୍ର ନାୟକ, ଶ୍ରୀକାନ୍ତ ବାରିକ, ମନୋଜ ଭୋଇ, ମଥୁରା ଓରାମ, ବଦ୍ରି ମିଶ୍ର ପ୍ରମୁଖ ମ୍ୟାଚ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଚାମ୍ପିୟନ କଟକ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।


## ଜନ୍ମଦିନ ବିଶେଷାଙ୍କ ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):** ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ-୯୪୩୯୬୮୩୯୯୯





ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨

# ରେକର୍ଡ ସ୍ତରରେ ନିଫ୍ଟିର କାରବାର

## ୨୧,୦୦୦ ନିକଟବର୍ତ୍ତୀ

ଭୁବନେଶ୍ୱର,୪।୧୨



ଗତ କିଛି ସପ୍ତାହ ହେବ ଦଲାଲ ଷ୍ଟ୍ରିଟରେ ଉତ୍ସାହ ରହିଛି। ଫଳରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ଏପରିକି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ନିଫ୍ଟି-୫୦ରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ବିଶେଷ କରି ଗତ ୩ ସପ୍ତାହ ହେଲା ନିଫ୍ଟିର କାରବାର ବେଶ ଉତ୍ସାହଜନକ ରହିଥିଲାବେଳେ ନିଫ୍ଟିର କାରବାର ପ୍ରାୟ ୨୧,୦୦୦ (୨୦,୬୮୬.୮୦) ଅଙ୍କର ନିକଟବର୍ତ୍ତୀ ହୋଇଛି। ଅପରପକ୍ଷରେ ସୋମବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ନିଫ୍ଟି ରେକର୍ଡ (୨୧୦୦୦ ଅଙ୍କ) ସ୍ତରରେ ପହଞ୍ଚିଛି। ସେହିଭଳି ନିଫ୍ଟିର ବ୍ୟାଙ୍କି କ୍ଷେତ୍ର ସହିତ ସ୍ମଲ କ୍ୟାପ ଓ ମିଡକ୍ୟାପର ଫଳାଫଳ ମଧ୍ୟ ବେଶ ଉତ୍ସାହଜନକ ରହିଛି। ବିଶେଷ କରି ସୋମବାର ନିଫ୍ଟି ସ୍ମଲ କ୍ୟାପ ୧୧୩.୩୫ (୧.୭୨%) ପଏଣ୍ଟ ବଢି ୬୬୯୮.୫୦ ଅଙ୍କରେ ପହଞ୍ଚିଥିବାବେଳେ ନିଫ୍ଟି ମିଡକ୍ୟାପ ୫୩୬.୨୦ (୧.୨୪%) ପଏଣ୍ଟ ବୃଦ୍ଧି ଘଟି ୪୩,୯୧୮.୬୦ଅଙ୍କରେ ରହିଛି। ସେହିପରି ନିଫ୍ଟି ବ୍ୟାଙ୍କିଙ୍ଗ (ବ୍ୟାଙ୍କ) ୧୬୧୭.୨୦ (୩.୬୧%) ପଏଣ୍ଟ ବୃଦ୍ଧି ଘଟି ୪୬,୪୩୧.୪୦ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ନିଫ୍ଟିର ସେକ୍ଟରାଲ କାରବାରରେ ପରିବର୍ତ୍ତନ ହୋଇଥିବାବେଳେ ବ୍ୟାଙ୍କିଙ୍ଗ, ଆଇଟି, ପିଏସୟୁଗୁଡିକର ଶେୟାର ସର୍ବାଧିକ ଲାଭ ହାସଲ କରିଛନ୍ତି।

### ଶେୟାର ବଜାରରେ ଉତ୍ସାହ

କ୍ରମାଗତ ୫ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୩୮୪ (୧୩୮୩.୯୩) ପଏଣ୍ଟ ବଢି ୬୮,୮୬୫(୬୮,୮୬୫.୧୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୪୧୯ (୪୧୮.୯୦) ପଏଣ୍ଟ ବୃଦ୍ଧି ଘଟି ୨୦,୬୮୭ (୨୦,୬୮୬.୮୦) ଅଙ୍କରେ କାରବାର ବନ୍ଦ କରିଥିଲା।

# କ୍ରସ୍ ପକ୍ଷରୁ ଡିଆର୍ଏଚ୍‌ପି ଦାଖଲ

ଭୁବନେଶ୍ୱର,୪।୧୨

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ କ୍ରସ୍ ଲିମିଟେଡ୍ ପକ୍ଷରୁ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍‌ପେକ୍ଟସ୍ (ଡିଆର୍ଏଚ୍‌ପି) ଦାଖଲ କରାଯାଇଛି। ବିଶେଷକରି ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଜରିଆରେ କମ୍ପାନୀ ପାଣ୍ଠି ଉଠାଣ ଲାଗି ସେବି ନିକଟରେ ଡିଆର୍ଏଚ୍‌ପି ଦାଖଲ କରିଛି। ଏପରିକି କମ୍ପାନୀ ଆଇପିଓ ଜରିଆରେ ୫୦୦ କୋଟି ଟଙ୍କା ହାସଲ କରିବ। ସେଥିରେ ୨୫୦ କୋଟି ଟଙ୍କାର ନୂଆ ଶେୟାର ଜାରି କରାଯିବ ଏବଂ ଅଫର ଫର ସେଲ୍‌ରେ ପ୍ରତିଷ୍ଠାତାମାନେ ୨୫୦ କୋଟି ଟଙ୍କାର ଶେୟାର ବିକ୍ରି କରିବେ। ଅଫର ଫର୍ ସେଲ୍‌ରେ ସୁଧୀର ରାଏ ୧୬୮ କୋଟି ଟଙ୍କା ଏବଂ ଅନୀତା ରାଏ ୮୨ କୋଟି ଟଙ୍କାର ଶେୟାର ବିକ୍ରି କରିବେ। ପ୍ରାକ୍-ଆଇପିଓ ପ୍ଲେସ୍‌ମେଣ୍ଟରେ କମ୍ପାନୀ ୫୦ କୋଟି ଟଙ୍କାର ପ୍ରତିଭୂତି ଉପସ୍ଥାପନ କରିବ।

# ଶରତ ସାହୁଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୪।୧୨

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରାର ମୁଖ୍ୟ ପ୍ରାୟୋଜକ 'ରୁଚି ମସଲା'କୁ ବାଲିଯାତ୍ରା ଆୟୋଜନ ସମିତି ତଥା କଟକ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, କଟକ ବାଲିଯାତ୍ରା ପଡିଆର ବୈଷ୍ଣବ ପାଣି ମଞ୍ଚଠାରେ ସୋମବାର ଆୟୋଜିତ ଏକ ସମ୍ମାନ ସମାରୋହ ଉତ୍ସବରେ ରୁଚି ମସଲାକୁ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ ସାହୁଙ୍କୁ ସମ୍ମାନଫଳକ ପ୍ରଦାନ ସ୍ୱରୂପ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କଟକ ମେୟର ସୁବାସ ଚନ୍ଦ୍ର ସିଂ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, କଟକ ଡିସିପି ପିନାକ ମିଶ୍ର, ଜିଲାପାଳ ନରହରି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଓବିର ନୂତନ ଉତ୍ପାଦ

ଭୁବନେଶ୍ୱର,୪।୧୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ନୂତନ ଉତ୍ପାଦ 'ବିଓବି ପରିବାର ଆକାଉଣ୍ଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ବିଓବିର ସେଭିଙ୍ଗ୍‌ସ ଓ କରେଣ୍ଟ ଆକାଉଣ୍ଟ ପାଇଁ ଉକ୍ତ ଆକାଉଣ୍ଟ ଆରମ୍ଭ ହୋଇଛି। ଏପରିକି ବ୍ୟାଙ୍କର 'ମାଇଁ ଫ୍ୟାମିଲି, ମାଇଁ ବ୍ୟାଙ୍କ' ସେଗମେଣ୍ଟ, ଯାହାକି ବ୍ୟାଙ୍କର 'ବିଓବି କେ ସଙ୍ଗ ତ୍ୟୋହାର କା ଉମଙ୍ଗ' ଫେଷ୍ଟିଭ୍ ଅଭିଯାନର ଅଂଶ ଭାବେ ଉକ୍ତ ଆକାଉଣ୍ଟର ଶୁଭାରମ୍ଭ କରାଯାଇଛି। ସେହିଭଳି ଗୋଟିଏ ପରିବାରରେ ଥିବା ସମସ୍ତ ସଦସ୍ୟଙ୍କର ଆକାଉଣ୍ଟକୁ ଏଥିରେ ଗୋଟିଏ ଗ୍ରୁପ୍ କରାଯାଇଥାଏ। ବିଶେଷକରି ବିଓବି ପରିବାର ଆକାଉଣ୍ଟରେ ସର୍ବନିମ୍ନ ଦୁଇ ଓ ସର୍ବାଧିକ ଛଅ ସଦସ୍ୟ ରହିପାରିବେ। ଅପରପକ୍ଷରେ ବିଓବି ପରିବାର କରେଣ୍ଟ ଆକାଉଣ୍ଟ ସେଗମେଣ୍ଟ ପ୍ରୋପ୍ରାଇଟରଶିପ୍, ପାର୍ଟନରଶିପ୍, ଏଲଏଲପି ଓ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ପାଇଁ ଉନ୍ମୁକ୍ତ ରହିଛି, ଯାହାକି ଗ୍ରୁପ୍ କମ୍ପାନୀ ବା ସହାୟକ କମ୍ପାନୀ ଅଟେ। ଉଭୟ ବିଓବି ପରିବାର ସେଭିଙ୍ଗସ୍ ଆକାଉଣ୍ଟ ଓ ବିଓବି ପରିବାର କରେଣ୍ଟ ଆକାଉଣ୍ଟ ସେଗମେଣ୍ଟ ତିନିଟି ପୃଥକ ଭାରିଆଣ୍ଟ ଡାଏମଣ୍ଡ, ଗୋଲ୍ଡ ଏବଂ ସିଲଭରରେ ଆସିଥାଏ। ଏ ସମ୍ପର୍କରେ ବିଓବିର ଚିଫ୍ ଜେନେରାଲ୍ ମ୍ୟାନେଜର (ରିଟେଲ୍ ଲାଏବିଲିଟିଜ୍ ଆଣ୍ଡ ଏନଆରଆଇ ବିଜନେସ୍) ରବୀନ୍ଦ୍ର ସିଂ ନେଗି କହିଛନ୍ତି, ସେଭିଙ୍ଗସ୍ ଓ କରେଣ୍ଟ ଆକାଉଣ୍ଟଧାରୀମାନଙ୍କ ପାଇଁ ଆମେ ବିଓବି ପରିବାର ଆକାଉଣ୍ଟର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଗୋଟିଏ ପରିବାର ବା ଆସୋସିଏଟ୍ କମ୍ପାନୀଗୁଡ଼ିକର ଭିନ୍ନ ଭିନ୍ନ ଆକାଉଣ୍ଟ ଗୁଡ଼ିକୁ ଏକତ୍ର କରି ଆମର ଗ୍ରାହକମାନେ ଅନେକ ଆକର୍ଷଣୀୟ ଲାଭ ପାଇପାରିବେ।

# କର୍ମକ୍ଷେତ୍ର ଗଠନକୁ ବେଦାନ୍ତର ଗୁରୁତ୍ୱ

ଭୁବନେଶ୍ୱର,୪।୧୨ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଉଭୟ ଓଡ଼ିଶା ଓ ଛତିଶଗଡ଼ ୟୁନିଟ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷକରି ବେଦାନ୍ତ ଆଲୁମିନିୟମର ଉତ୍ପାଦନ ପରିସରରେ ବିବିଧତା, ସମାନତା ଓ ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବା ଲାଗି କମ୍ପାନୀର ପ୍ରତିବଦ୍ଧତାକୁ ଏହା ନିଶ୍ଚିତ କରିଛି। ଏପରିକି କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି କୌଣସି ପାର୍ଥକ୍ୟ ରଖାଯାଇନାହିଁ। ଫଳରେ କମ୍ପାନୀ ବିଭିନ୍ନ ପଦକ୍ଷେପକୁ ଏକତ୍ର କରି ଭିନ୍ନ ଭିନ୍ନ ସାମର୍ଥ୍ୟର ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଉପରେ ଅଧିକ ସଚେତନତା ସୃଷ୍ଟି କରିବା ସହ ଭିନ୍ନକ୍ଷମଙ୍କ ପ୍ରତିସହାନୁଭୂତିଶୀଳ ଭାବେ କାର୍ଯ୍ୟ କରୁଛି।



ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆମେମାନେ ବିବିଧତାକୁ ଗ୍ରହଣ କରିବା କେବଳ ଏକ ନୈତିକ ଆବଶ୍ୟକତା ନୁହେଁ ବରଂ ଏକ ରଣନୈତିକ ଲାଭ ମଧ୍ୟ ହୋଇଥାଏ। ଏପରିକି ଆମେ ଏକ କର୍ମକ୍ଷେତ୍ର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁଠାରେ ଅନନ୍ୟ ଦୃଷ୍ଟିକୋଣଗୁଡିକ ଆମର ସାମୂହିକ ସଫଳତା ପାଇଁ ସହାୟକ ହୋଇଥାଏ। ବିଶେଷ କରି ଆମର ପ୍ରୟାସ ଏକ ପ୍ରକୃତ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ର ଗଠନ ଉପରେ ଧ୍ୟାନ ଦେଇଥାଏ।

# ଏଆଇଇଟିର ଦିନିକିଆ କର୍ମଶାଳା

ଭୁବନେଶ୍ୱର,୪।୧୨

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଆରିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଏଆଇଇଟି) ଭୁବନେଶ୍ୱର ପକ୍ଷରୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ଦିନିକିଆ କର୍ମଶାଳା (ଆଲୋଚନା ଚକ୍ର)ର ଆୟୋଜନ କରାଯାଇଥିଲା। ଉକ୍ତ ଆଲୋଚନାଚକ୍ରରେ ଓଡ଼ିଶା ପରିବେଶ ସମିତିର ଅଧ୍ୟକ୍ଷ ଡ.ସୁନ୍ଦର ନାରାୟଣ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ଓ ଏହାର ସମାଧାନର ସୂତ୍ର ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଏଆଇଇଟିର ଚେୟାରମ୍ୟାନ ଡ. ମଧୁମିତା ପରିଡ଼ା ଓ ନିର୍ଦ୍ଦେଶିକା ପ୍ରଫେସର ସସ୍ମିତା ପରିଡ଼ା ପ୍ରଦୂଷଣମୁକ୍ତ ସମାଜ ଗଠନ ନିମିତ୍ତ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଅପରପକ୍ଷରେ ଏଆଇଇଟିର ଅଧ୍ୟକ୍ଷ ପ୍ରଫେସର ଡ. ବିମଳ ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ସହ ପ୍ରଦୂଷଣ ନିୟନ୍ତ୍ରଣ ନିମିତ୍ତ ଇଞ୍ଜିନିୟରିଂ କୌଶଳର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ଡ. ଅମୀୟ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପହିଲାରୁ ବଢ଼ିବ ୪ ଚକିଆ ଯାନ ଦର

ଭୁବନେଶ୍ୱର,୪।୧୨

ଦେଶର ପ୍ରମୁଖ ୪ଚକିଆ ଯାନ ନିର୍ମାତା ଓ ଅଟୋମୋବାଇଲ୍ସ କମ୍ପାନୀଗୁଡିକ ୨୦୨୪ ଜାନୁୟାରୀରୁ ନୂଆ ଦର ଲାଗୁ କରିବେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ବିଶେଷ କରି ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଘରୋଇ ବଜାରରେ କଞ୍ଚାମାଲର ଅଭାବ କାରଣରୁ ଯାନ ଦର ବୃଦ୍ଧି କରାଯାଉଛି ବୋଲି ଅଟୋମେକରଙ୍କ ପକ୍ଷରୁ କୁହାଯାଇଛି।
















# ସୁଖରାମ ଅଧିନାୟକ

## ନଗେଶ ଟ୍ରଫି ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟ ନଗେଶ ଟ୍ରଫି ପାଇଁ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ସୁଖରାମ ମାଝି ଅଧିନାୟକ ଓ ଲିଙ୍ଗରାଜ ରାଉତରା ଉପ-ଅଧିନାୟକ ମନୋନୀତ ହୋଇଛନ୍ତି। ରାମଦାସ ମୁର୍ମୁ ପ୍ରଥମଥର ପାଇଁ ରାଜ୍ୟ ଦଳରେ ସାମିଲ ହୋଇଛନ୍ତି। ପ୍ରତିଯୋଗିତାରେ ମୋଟ ୨୮ଟି ଦଳ ଅଂଶଗ୍ରହଣ କରିବେ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ଏ, ବି, ସି ଓ ଡି' ଏଲିଟ ଏବଂ ଇ ଓ ଏଫ୍' ପେଟ୍ ଗ୍ରୁପ୍‌ରେ ଖେଳିବେ। ଏଲିଟ ଗ୍ରୁପ୍‌ରୁ ୮ ଓ ପ୍ଲେଟ୍ ଗ୍ରୁପ୍‌ରୁ ୨ଟି ଦଳ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବେ। ଏଲିଟ ଗ୍ରୁପ୍ 'ସି'ରେ ଓଡ଼ିଶା ସ୍ଥାନ ପାଇଛି। ଏହି ଗ୍ରୁପ୍‌ର ମ୍ୟାଚଗୁଡ଼ିକ କେରଳର କୋଚିଂରେ ଚଳିତ ମାସ ୧୮ରୁ ୨୨ ପର୍ଯ୍ୟନ୍ତ ଖେଳିବ। ଗ୍ରୁପ୍ ପର୍ଯ୍ୟାୟରେ ଓଡ଼ିଶା ୧୮ରେ ଝାଡ଼ଖଣ୍ଡ, ୧୯ରେ କେରଳ, ୨୦ରେ ବିହାର ଓ ୨୨ରେ ଉତ୍ତର ପ୍ରଦେଶକୁ ଭେଟିବ। ସୁପର ଏଇଟ୍, ସେମିଫାଇନାଲ ଓ ଫାଇନାଲ ଜାନୁୟାରୀ ଶେଷ ସପ୍ତାହରେ ଦିଲ୍ଲୀରେ ଅନୁଷ୍ଠିତ ହେବ। ଓଡ଼ିଶା ଦୃଷ୍ଟିବାଧିତ ଦଳ ପ୍ରଥମଥର ପାଇଁ ବିମାନ ଯୋଗେ କେରଳ ଯାଇ ଟୁର୍ନାମେଣ୍ଟ ଖେଳିବ। ଏଥିପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘର ସାଧାରଣ ସମ୍ପାଦକ ସନ୍ନ୍ୟାସ କୁମାର ବେହେରା ଧନ୍ୟବାଦ ଜଣାଇଛନ୍ତି।



ସୁଖରାମ ମାଝି

**ଓଡ଼ିଶା ଦଳ**

ମହମ୍ମଦ ଜାଫର ଇକବାଲ, କାଳିଆ ପ୍ରଧାନ, ହିକିମ ମୁର୍ମୁ, ଅନିଲ ମଲିକ, ଦେବରାଜ ବେହେରା, ଅଞ୍ଜନ ସିଂ, ରାମଦାସ ମୁର୍ମୁ, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଅର୍ଜ୍ଜୁନ ଭତ୍ରା, ସୁଖରାମ ମାଝି (ଅଧିନାୟକ), ଲିଙ୍ଗରାଜ ରାଉତରା (ଉପ-ଅଧିନାୟକ), ଧନପତି ଗୌଡ଼ା (ଉଇକେଟ କିପର), ସୁକଦେବ ସୋରେନ। କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ମ୍ୟାନେଜର: ସୁରେଶ ବେହେରା।

# ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ପାଇଁ କିଟ୍ ପୁରସ୍କୃତ

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋମବାର କିଟ୍‌କୁ ସମ୍ମାନଜନକ ସିଆଇଆଇ ସ୍ପୋର୍ଟ୍ସ ବିଜନେସ ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସିଆଇଆଇ କ୍ରୀଡ଼ା ଜାତୀୟ କମିଟିର ଅଧ୍ୟକ୍ଷ ଚାଣକ୍ୟ ଚୌଧୁରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଦେଶରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ବିଭାଗରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଶ୍ରେଷ୍ଠ କ୍ରୀଡ଼ା ଫ୍ରାଞ୍ଚାଇଜ ଭାବେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ ଭାବେ ତାମିଲନାଡୁକୁ ପୁରସ୍କୃତ କରାଯାଇଛି। ସେହିପରି


ପୁରସ୍କାର ଗ୍ରହଣ ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ (ବାମ)।

## ସିଆଇଆଇ ସ୍ପୋର୍ଟ୍ସ ବିଜ୍‌ନେସ୍ ପୁରସ୍କାର-୨୦୨୩

କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ନେତୃତ୍ୱ ନିମନ୍ତେ ବିସିସିଆଇ ସମ୍ପାଦକ ତଥା ଏସିଆନ୍ କ୍ରିକେଟ କାଉନ୍‌ସିଲ ଅଧ୍ୟକ୍ଷ ଜୟ ଶାହଙ୍କୁ ଶ୍ରେଷ୍ଠ କ୍ରୀଡ଼ା ବିଜ୍‌ନେସ୍ ଲିଡର ଭାବେ ସମ୍ମାନିତ କରାଯାଇଥିବା ବେଳେ ରିଲାଏନ୍ସ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଚେୟାରପର୍ସନ ନିତା ଅମ୍ବାନୀ ଏବଂ ଅଚ୍ୟୁତ ସାମନ୍ତଙ୍କୁ କ୍ରୀଡ଼ା ବିଜ୍‌ନେସ୍ ଲିଡର ଭାବେ ସମ୍ମାନିତ କରାଯାଇଛି। ପୁରସ୍କାର ଚୟନ କମିଟିରେ ଅଭିନବ ବିନ୍ଦ୍ରା, ମାଇକେଲ ୱାଡେ, ଅଭିଶେଷ ବିନୟକିୟା, ନିକି କାୱାର୍ଡ ଓ ଆହନା ମହୋତ୍ରା ପ୍ରମୁଖ ସଦସ୍ୟ ରହିଥିଲେ।

ପ୍ରକାଶ ଯୋଗ୍ୟ ଯେ, କିଟ୍ ଦୀର୍ଘ ୨୦ ବର୍ଷ ହେଲା କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ଯୋଗଦାନ ରଖି ଆସିଛି। ଏହା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ କିଟ୍ ଏହା ପୂର୍ବରୁ ଭାରତ ସରକାରଙ୍କଠାରୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର, ଫିକି ପୁରସ୍କାର, ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର, ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ପଟ୍ଟନାୟକ ଖେଳ ପୁରସ୍କାର ମଧ୍ୟ ହାସଲ କରିଛି। ଏହି ପୁରସ୍କାରକୁ ଅଚ୍ୟୁତ କିଟ୍ ଓ କିସ୍‌ର କର୍ମଚାରୀ, ଛାତ୍ରୀଛାତ୍ର ବିଶେଷ କରି କ୍ରୀଡ଼ା ବିଭାଗ ଓ କିଟ୍‌ର କ୍ରୀଡ଼ାବିତ୍‌ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହା ସହିତ କ୍ରୀଡ଼ା କ୍ଷେତ୍ରରେ ପ୍ରେରଣା ଓ ସହଯୋଗ ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପାଣ୍ଡିଆନଙ୍କୁ ଭେଟିଲେ ଓସିଏ ସମ୍ପାଦକ


କାର୍ତ୍ତିକ ପାଣ୍ଡିଆନ (ଡାହାଣ)ଙ୍କ ସହ ସଞ୍ଜୟ ବେହେରା।

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ନବୀନ ନିବାସଠାରେ ସୋମବାର ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟରେ କ୍ରୀଡ଼ାର ବିକାଶ ବିଶେଷକରି କଟକ ବାରବାଟୀ ଷ୍ଟାଡିୟମର ଉନ୍ନତୀକରଣ ସମ୍ପର୍କରେ ଫଳପ୍ରଦ ଆଲୋଚନା ହୋଇଥିବା ଓସିଏ ପକ୍ଷରୁ ଏକ ରିଲିଜରେ ପ୍ରକାଶ କରାଯାଇଛି।

# ରାଜ୍ୟ ଚେସ୍ ଏକାଡେମୀ ପାଇଁ ଚୟନ ଟ୍ରାଏଲ୍

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ପ୍ରଫେଶନାଲ ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟା)ରେ ଟ୍ରେନିଂ ନେବାପାଇଁ ଚୟନ ଟ୍ରାଏଲ ଚଳିତ ମାସ ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବ। ନୟାପଲ୍ଲୀରେ ଥିବା ଏକାଡେମୀରେ ୫ରୁ ୧୮ ବର୍ଷର ପିଲାମାନେ ଏହି ଟ୍ରାଏଲ୍‌ରେ ଅଂଶଗ୍ରହଣ କରିପାରିବେ। ଆଶାୟୀ ପିଲାମାନେ ବିଗ୍‌ନର୍ସ, ଇଣ୍ଟରମିଡିଏଟ୍ ଓ ଅପର ଇଣ୍ଟରମିଡିଏଟ୍ ବିଭାଗ ମଧ୍ୟରୁ ଯେ କୌଣସି ଗୋଟିକରେ ନିଜ ନାମ ପଞ୍ଜୀକରଣ କରିବେ। ରାଜ୍ୟରେ ଏହି ସର୍ବପ୍ରଥମ ଚେସ୍ ଏକାଡେମୀର ଶୁଭାରମ୍ଭ ବ୍ୟତୀତ ଏହି କ୍ରୀଡ଼ାକୁ ପ୍ରମୋଟ କରିବା ପାଇଁ ଓଡ଼ିଶା ସରକାର ସ୍କୁଲରେ ଚେସ୍ ଏବଂ ବିଭିନ୍ନ ଜିଲାରେ ୧୦୦ ଚେସ୍ ଟ୍ରେନିଂ ସେଣ୍ଟର ସ୍ଥାପନ କରିବାକୁ ଯାଉଛନ୍ତି।

# ବଭୁମା, ରାବାଡାଙ୍କୁ ବିଶ୍ରାମ

ଜୋହାନ୍ସବର୍ଗ, ୪।୧୨ (ପି.ଟି.)

ଚଳିତ ମାସରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଘରୋଇ ସିରିଜ୍ ଅନ୍ତର୍ଗତ ଦୁଇଟି ଟେଷ୍ଟ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ଓ ପ୍ରମୁଖ ପେସ୍ ବୋଲର କାଗିସୋ ରାବାଡାଙ୍କୁ ହ୍ୱାଇଟ ବଲ୍ ସିରିଜ୍‌ରୁ ବିଶ୍ରାମ ଦିଆଯାଇଛି। ଦକ୍ଷିଣ ଆଫ୍ରିକାରେ ଭାରତ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଟି୨୦ ସିରିଜ୍ ଡିସେମ୍ବର ୧୦ରୁ ଡର୍ବାନଠାରେ ଆରମ୍ଭ ହେବ। କ୍ରିକେଟ ସାଉଥ୍ ଆଫ୍ରିକା(ସିଏସ୍ଏ) କହିଛି, ସେମାନେ ବର୍ତ୍ତମାନ ରେଡ୍‌ବଲ ଅବା ଟେଷ୍ଟ ସିରିଜ୍‌କୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଅଧିନାୟକ ବଭୁମା ଓ ରାବାଡାଙ୍କ ସମେତ କେତେଜଣ ଖେଳାଳିଙ୍କୁ ବିଶ୍ରାମ ଦେବାକୁ ଚାହାନ୍ତି। ଡିସେମ୍ବର ୨୬ରେ ସେଞ୍ଚୁରିଅନଠାରେ ବକ୍ସିଂ ଡେ' ଟେଷ୍ଟ ସହ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ସେମାନଙ୍କ ନୂଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ସାଇକେଲ ଆରମ୍ଭ କରିବେ। ହ୍ୱାଇଟ୍‌ବଲ୍ କ୍ରିକେଟରେ ବଭୁମାଙ୍କ ଅନୁପସ୍ଥିତିରେ ଏଡେନ୍ ମାରକ୍ରାମ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ। ଉଇକେଟ୍‌କିପର ବ୍ୟାଟର ଟ୍ରିଷ୍ଟାନ ଷ୍ଟବ୍ସଙ୍କୁ ପ୍ରଥମଥର ଟେଷ୍ଟ ଦଳରେ ସ୍ଥାନ ଦିଆଯାଇଛି। ସେ ଏପର୍ଯ୍ୟନ୍ତ ଗୋଟିଏ ଅନ୍ତର୍ଜାତୀୟ ଦିନିକିଆ ଓ ୧୬ ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛନ୍ତି। ରେଡ୍‌ବଲ୍ ଦଳରୁ ହେନ୍‌ରୀ କ୍ଲାସେନଙ୍କୁ ବାଦ୍ ଦିଆଯାଇଛି। ପେସ୍ ବୋଲର ଜେରାଲ୍ଡ କୋଜି, ମାର୍କୋ ଜାନସେନ୍ ଏବଂ ଲୁନ୍‌ଗି ଏନ୍‌ଗିଡିଙ୍କୁ ଦିନିକିଆ ଦଳରୁ ବାଦ୍ ଦିଆଯାଇଛି। କାରଣ ନିକଟରେ ୫୦ ଓଭର ବିଶ୍ୱକପ୍ ଶେଷ ହୋଇଥିବାରୁ ଏହାକୁ କମ୍ ଅଗ୍ରାଧିକାର ଦିଆଯାଉଛି। ଏହି ୩ ଜଣଙ୍କୁ କିନ୍ତୁ ଦୁଇ ଓପନିଂ ଟି୨୦ ଏବଂ ପରେ ୨ ଟେଷ୍ଟ ମ୍ୟାଚ୍ ଲାଗି ଦଳରେ ସାମିଲ କରାଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମୂଲ୍ୟବାନ୍ ଡବ୍ଲ୍ୟୁଟିସି ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଏହାଛଡ଼ା ଆସନ୍ତା ବର୍ଷର ଟି୨୦ ବିଶ୍ୱକପ୍ ଉପରେ ସେମାନଙ୍କର ମଧ୍ୟ ନଜର ରହିଛି। ଫଳତଃ ସେମାନଙ୍କ ଅନ୍ତର୍ଜାତୀୟ ଦିନିକିଆ ଦଳରେ ଭାରତ ଭଳି ବହୁ ନୂଆ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ନୂଆ ଖେଳାଳି ଓଟନିଲ ବାର୍ଟମ୍ୟାନ ଏବଂ ଅଲ୍‌ରାଉଣ୍ଡର ମିହଲାଲି ଏମ୍‌ପଙ୍ଗୱାନା। ବ୍ୟାଟର ଡେଭିଡ୍ ବେଡିଙ୍ଗହାମ୍ (ଟେଷ୍ଟ) ଓ ପେସର ନାଣ୍ଡ୍ରେ ବର୍ଗର (ସମସ୍ତ ୩ ଫର୍ମାଟ) ପ୍ରଥମଥର ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି।


ଟେମ୍ବା ବଭୁମା

**▶ ଦକ୍ଷିଣ ଆଫ୍ରିକା ଟି୨୦ ଦଳ**

ଏଡେନ୍ ମାରାକ୍ରମ (ଅଧିନାୟକ), ଓଟନିଲ ବାର୍ଟମ୍ୟାନ, ମାଥ୍ୟୁ ବ୍ରିଜ୍‌କି, ନାଣ୍ଡ୍ରେ ବର୍ଗର, ଜେରାଲ୍ଡ କୋଜି( ୧ମ ଓ ୨ୟ ଟି୨୦), ଡୋନୋଭାନ ଫେରିରା, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନ୍‌ସେନ (୧ମ ଓ ୨ୟ ଟି୨୦) , କେଶବ ମହାରାଜ, ଡେଭିଡ ମିଲର, ଲୁନ୍‌ଗି ଏନ୍‌ଗିଡି (୧ମ ଓ ୨ୟ ଟି୨୦) ଆଣ୍ଡିଲ ଫେଲୁକ୍‌ୱାୟୋ, ଟାବ୍ରେଜ ଶାମ୍‌ସି, ଟ୍ରିଷ୍ଟାନ ଷ୍ଟବ୍ସ ଓ ଲିଜାର୍ଡ ୱିଲିୟମ୍ସ।

**▶ ଦିନିକିଆ ଦଳ**

ଏଡେନ ମାରକ୍ରମ (ଅଧିନାୟକ), ଓଟନିଲ ବାର୍ଟମ୍ୟାନ, ନାଣ୍ଡ୍ରେ ବର୍ଗର, ଟୋନି ଡି' ଜୋର୍ଜି, ରିଜା ହେଣ୍ଡ୍ରିକ୍ସ, ହେନରିଚ କ୍ଲାସେନ, କେଶବ ମହାରାଜ, ମିହଲାଲ୍ ଏମପଙ୍ଗୱାନା, ଡେଭିଡ ମିଲର, ୱିଆନ ମୁଲ୍‌ଡର, ଆଣ୍ଡିଲ ଫେଲୁକ୍‌ୱାୟୋ, ଟାବ୍ରେଜ୍ ଶାମ୍‌ସି, ରସି ଭାନ୍‌ଡର ଡୁସେନ୍, କାଇଲ ଭେରେନି ଓ ଲିଜାର୍ଡ ୱିଲିୟମ୍ସ।

**▶ ଟେଷ୍ଟ ଦଳ**

ଟେମ୍ବା ବଭୁମା (ଅଧିନାୟକ) ଡେଭିଡ ବେଡିଙ୍ଗହାମ୍, ନଣ୍ଡ୍ରେ ବର୍ଗର, ଜେରାଲ୍ଡ କୋଜି, ଟୋନି ଡି' ଜୋର୍ଜି, ଡିନ୍ ଏଲ୍‌ଗାର, ମାର୍କୋ ଜେନସେନ, କେଶବ ମହାରାଜ, ଏଡେନ ମାରକ୍ରାମ, ୱିଆନ ମୁଲ୍‌ଡର, ଲୁନ୍‌ଗି ଏନ୍‌ଗିଡି, କିଗାନ ପିଟରସନ, କାଗିସୋ ରାବାଡା, ଟ୍ରିଷ୍ଟାନ ଷ୍ଟବ୍ସ ଓ କାଇଲ ଭେରେନି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ